
୬୩ତମ ବର୍ଷ ୨୪ ନଭେମ୍ବର ୨୦୨୦ ଚତୁର୍ଥ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍‌ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨



1963

Let us prepare for the Hour of God

୬୩ତମ ବର୍ଷ ୨୪ ନଭେମ୍ବର ୨୦୨୦ ଚତୁର୍ଥ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ

ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି

ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ନଭେମ୍ବର, ୨୦୨୦]


**ଯୋଗ-ଦର୍ଶନ**

| | | | |
|---|---|---|---|
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ... | ୫ |
| ମାତୃବାଣୀ | ... | ... | ୬ |
| ଚିତ୍‌ଶକ୍ତି | ... | ଶ୍ରୀଅରବିନ୍ଦ | ୯ |
| ଅନ୍ତର୍ସତ୍ତାର ଉପଲବ୍ଧି | ... | ଶ୍ରୀମା | ୧୦ |
| ଶ୍ରୀଅରବିନ୍ଦ ଆଶ୍ରମର ସଂଗଠନ ଓ ତାହାର କାରଣ | ... | ଶ୍ରୀଅରବିନ୍ଦ | ୧୨ |
| ଯଥାର୍ଥ ଆଚରଣ | ... | ଶ୍ରୀମା | ୧୪ |
| ଆଶ୍ରମରେ ଓ ବାହାରେ ଚୈତ୍ୟ-ସମ୍ପର୍କ | ... | ଶ୍ରୀଅରବିନ୍ଦ | ୧୫ |
| ଶରୀର ଓ ଅବଚେତନା ଉପରେ ଇଚ୍ଛାଶକ୍ତିର କାର୍ଯ୍ୟ | ... | ... | ୧୭ |
| ଶିକ୍ଷାର୍ଥୀମାନଙ୍କ ସହ ଶ୍ରୀମା (ଏକ ପ୍ରଶ୍ନୋତ୍ତର) | ... | ... | ୨୦ |
| ମୃତ୍ୟୁ ଏକ ସମାପ୍ତି ନୁହେଁ | ... | ଶ୍ରୀଅରବିନ୍ଦ | ୨୪ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | |
|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ୨୭ |
| ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ତ୍ୱା... | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ୩୦ |
| ସୋମ, ଆନନ୍ଦ ଓ ଅମୃତତ୍ୱର ଅଧିଷ୍ଠିତ ଦେବ (ଋଗ୍‌ବେଦ : ମଣ୍ଡଳ - ୯, ସୂକ୍ତ : ୮୩ : ଋଷି : ପବିତ୍ର ଆଙ୍ଗିରସଃ) | ... | ଶ୍ରୀଅରବିନ୍ଦ | ୩୩ |
| ବହିର ଭବିଷ୍ୟତ୍ ଓ ସାହିତ୍ୟର ଭବିଷ୍ୟତ୍ : ଦୁଇ ଭିନ୍ନ ସମସ୍ୟା | ... | ଶ୍ରୀ ମନୋଜ ଦାସ | ୩୭ |
| ମନୁଷ୍ୟଜାତିର ନୂତନ ପରିଣାମ | ... | ଶ୍ରୀ ପ୍ରପତ୍ତି | ୪୧ |
| ଶ୍ରୀଅରବିନ୍ଦ ଓ ଦିଲୀପକୁମାର (୧୫) | ... | ... | ୪୩ |
| ଜଣେ ସାଧକର ଦାୟିତ୍ୱ | ... | ଶ୍ରୀ ମାଧବ ପଣ୍ଡିତ | ୪୬ |

**ସାଧନା-ପରମ୍ପରା**

| | | | |
|---|---|---|---|
| ଅଶ୍ୱଘୋଷଙ୍କ ବୁଦ୍ଧଚରିତ (୫) | ... | ... | ୫୦ |

**ଅନ୍ତରାଳ ଜଗତ୍**

| | | | |
|---|---|---|---|
| ମୃତ୍ୟୁର ଦେବତା ଓ ମୃତ୍ୟୁ ଦୂତମାନେ (ଶ୍ରୀମାଙ୍କ ସଙ୍ଗେ ଏକ କଥୋପକଥନ) | ... | ... | ୫୫ |

**ଶେଷ ପୃଷ୍ଠା**

| | | | |
|---|---|---|---|
| ଏକ ନୂତନ ଜଗତ୍ ଜନ୍ମ ନେଇଛି | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ୫୮ |


❖

# ଶ୍ରୀଅରବିନ୍ଦଙ୍କ ବାଣୀ

This Ashram has been created with another object than that ordinarily common to such institutions, not for the renunciation of the world but as a centre and a field of practice for the evolution of another kind and form of life which would in the final end be moved by a higher spiritual consciousness and embody a greater life of the spirit.

– Sri Aurobindo

ଏହି ପ୍ରକାର ଅନୁଷ୍ଠାନ(ଆଶ୍ରମ)ର ସାଧାରଣ ପ୍ରଚଳିତ ଉଦ୍ଦେଶ୍ୟଠାରୁ ଭିନ୍ନ ଏକ ଉଦ୍ଦେଶ୍ୟ ନେଇ ଏହି ଆଶ୍ରମ ଗଢ଼ାଯାଇଥିଲା । ଜଗତ୍-ତ୍ୟାଗ ଏହାର ଉଦ୍ଦେଶ୍ୟ ନୁହେଁ; କିନ୍ତୁ ଏହାର ଉଦ୍ଦେଶ୍ୟ ହେଉଛି ଏହି ଜଗତରେ ଜୀବନର ଅନ୍ୟ ଏକ ଧରଣ ଓ ସ୍ୱରୂପର ବିବର୍ତ୍ତନ ନିମନ୍ତେ ସାଧନାର ଏକ କେନ୍ଦ୍ର ତଥା କ୍ଷେତ୍ରରେ ପରିଣତ ହେବା, ଯାହାକି ଶେଷରେ ଆତ୍ମାର ଏକ ବୃହତ୍ତର ଜୀବନରେ ପରିଣତ ହୋଇ ଏଠାରେ ସେହି ଜୀବନକୁ ମୂର୍ତ୍ତ କରିବ ।

— ଶ୍ରୀଅରବିନ୍ଦ



# ମାତୃବାଣୀ

*Q. : Sweet Mother, when one sees an illness coming, how can one stop it ?*

A. : Ah ! First of all, you must not want it, and nothing in the body must want it. You must have a very strong will not to be ill. This is the first condition.

(MCW : Vol. 7, p. 144) – The Mother

*ପ୍ରଶ୍ନ : ସ୍ନେହମୟି ମା, ଯେତେବେଳେ ବ୍ୟକ୍ତି ଦେଖେ ଯେ ଏକ ଅସୁସ୍ଥତା ଆସୁଛି, ତାକୁ ସେ ଅଟକାଇବ କିପରି ?*

ଉତ୍ତର : ଆଃ, ସର୍ବପ୍ରଥମେ ତୁମେ ତାକୁ ଚାହିଁବ ନାହିଁ, ଶରୀର ମଧ୍ୟରେ କୌଣସି ଅଂଶ ବି ତାକୁ ଚାହିଁବ ନାହିଁ । ତୁମେ ଅସୁସ୍ଥ ହେବ ନାହିଁ ବୋଲି ତୁମର ଏକ ଶକ୍ତିଶାଳୀ ସଂକଳ୍ପ ଥିବା ଦରକାର । ଏହା ହେଉଛି ପ୍ରଥମ ସର୍ତ୍ତ ।

— ଶ୍ରୀମା



# ଚିତ୍‌ଶକ୍ତି*

## ଶ୍ରୀଅରବିନ୍ଦ

ସେହି ଏକ ଦିବ୍ୟ ପରମଙ୍କଠାରୁ ହିଁ ସମସ୍ତ ଅସ୍ତିତ୍ୱ, ସମସ୍ତ ଶକ୍ତି ଉତ୍ସାରିତ ହେଉଛି ଏବଂ ସମସ୍ତ କର୍ମ, ତାହା ଯେକୌଣସି ସତ୍ତାଙ୍କ ଦ୍ୱାରା ହେଉ ବା ଯେକୌଣସି ଶକ୍ତି ଦ୍ୱାରା ହେଉ, ସେସବୁଗୁଡ଼ିକ ହେଉଛି ବିଶ୍ୱମୟଙ୍କର ହିଁ ଗତିବୃତ୍ତି ଏବଂ ଶାଶ୍ୱତ ଓ ଅନନ୍ତଙ୍କ ଭିତରେ ହିଁ ତାହା ସଂଘଟିତ ହୋଇଥାଏ । ଜଡ଼ ଭିତରେ ଆବଦ୍ଧ ହୋଇ ରହିଥିବା ଆମ ମନ ଆଗରେ ସେହି ଦିବ୍ୟ ପରମ ପ୍ରକଟିତ ହୋଇ ନାହାନ୍ତି; ଅସଂଖ୍ୟ, ଅଗଣିତ ବହୁ ଅତିଭୌତିକ ସ୍ତର ଆମର ଜାଗତିକ ଚେତନାକୁ ଆମ ଦିବ୍ୟ ଉତ୍ସଙ୍କ ପ୍ରତ୍ୟକ୍ଷ ସ୍ପର୍ଶରୁ ବିଚ୍ଛିନ୍ନ କରି ରଖିଛି । ଏବଂ ଏପରି କୌଣସି ପ୍ରଶ୍ନ ଉଠୁ ନାହିଁ ଯେ ସମସ୍ତ ପରଦା ଉଠିଯାଇ ଆମେ ସଙ୍ଗେ ସଙ୍ଗେ ସେହି ଅନିର୍ବଚନୀୟଙ୍କର ଅନ୍ତରଙ୍ଗ ଦିବ୍ୟ ଉପସ୍ଥିତି ଓ ଚାଳନାକୁ ପ୍ରତ୍ୟକ୍ଷଭାବେ ଲାଭ କରିପାରିବୁ । କିନ୍ତୁ ତଥାପି ଭଗବତ୍ ଚେତନା ଓ ଶକ୍ତି, ସେହି ଚିରନ୍ତନୀ ଚିତ୍ ଶକ୍ତି, ସେହି ମୂଳ ଆଦ୍ୟାଶକ୍ତି, ବିଶ୍ୱାତୀତା ସେହି ଶାଶ୍ୱତ ଦିବ୍ୟଜନନୀ, ଆମ ପାଇଁ ସେହି ଅନିର୍ବଚନୀୟ ମହିମାର କିଛିଟା ସ୍ପର୍ଶ ଆଣି ଦେଇ ପାରନ୍ତି ଏବଂ ଏକ ସର୍ବୋଚ୍ଚ ଦିବ୍ୟ ସଂକଳ୍ପ ଓ ତା'ର ପରିଣତିସବୁ ସହ ଆମର ଯୋଗାଯୋଗ ସ୍ଥାପନ କରି ଆମକୁ ତାହାର କିଛିଟା ସ୍ପର୍ଶ ପ୍ରଦାନ କରି ପାରନ୍ତି, କାରଣ ସେ ନିଜ ମଧ୍ୟରେ ପ୍ରଚ୍ଛନ୍ନ ଭାବରେ ସେହି ପରମଙ୍କୁ ଧାରଣ କରି ରହିଛନ୍ତି ।

ଏହା ଅବଶ୍ୟ ମନର ଜରିଆରେ ସମ୍ଭବ ହୋଇ ପାରିବ ନାହିଁ । କାରଣ ଚିନ୍ତାଶୀଳ ମନ ସେହି ଅଖଣ୍ଡ ପରମଙ୍କ ସଂପର୍କରେ ବା ସେହି ପରମ ପୁରୁଷଙ୍କ ସଂପର୍କରେ ବା ଏକ ନୈର୍ବ୍ୟକ୍ତିକ ଦିବ୍ୟତତ୍ତ୍ୱ ଓ ଦିବ୍ୟ ଉପସ୍ଥିତି ସଂପର୍କରେ କେବଳ ଖଣ୍ଡିତ, ଅନିର୍ଦ୍ଦିଷ୍ଟ ଓ ପୃଥକୀଭୂତ ଧାରଣା କରିପାରେ । ଏବଂ ଏପରିକି କିଛିଟା ଅନୁଭୂତି ଲାଭ କରିଥିବା ଉଚ୍ଚତର ମନ ମଧ୍ୟ ସଚ୍ଚିଦାନନ୍ଦଙ୍କର ଏକ ମ୍ଳାନ ପ୍ରତିଫଳନକୁ ହିଁ ଗ୍ରହଣ କରିନିଏ ସେହି ଦିବ୍ୟ ଅନିର୍ବଚନୀୟ ବୋଲି; ଶାଶ୍ୱତ ଓ ଅନନ୍ତଙ୍କ ସଂପର୍କରେ ତାହାର ରହିଥାଏ ମାତ୍ର ଏକ ଅପୂର୍ଣ୍ଣ ଅନିଶ୍ଚିତବୋଧ । ତାହା ସେହି ପରମ ଚିତ୍‌ଙ୍କୁ କେବେହେଲେ ଧରି ଅଧିଗତ କରିପାରିବ ନାହିଁ ଏବଂ ତାହାଙ୍କ ଭିତରେ ମଧ୍ୟ ପ୍ରବେଶ କରି ପାରିବ ନାହିଁ । କାରଣ ଯଦି ସେ ଏଥିପାଇଁ ଚେଷ୍ଟା କରେ ତାହେଲେ ହୁଏତ ସେ ଏହା ପାଖରୁ ଅନ୍ତର୍ଦ୍ଧାନ ହୋଇଯିବେ କିଂବା ଏହା ନିଜେ ଏକ ନିର୍ବିକଳ୍ପ ସମାଧି, ନିର୍ବାଣ, ବିନାଶ, ଶୂନ୍ୟ ଓ ଲୟ ଭିତରେ ବିଲୀନ ହୋଇଯିବ । କିନ୍ତୁ ମନ ଯାହା କରିପାରିବ ନାହିଁ, ଆତ୍ମା ଓ ଗୋପନ ମହାନ୍ ଅଧିମାନସ ତାହା ସଂପନ୍ନ କରିପାରେ ।

*

ମନ ନୁହେଁ ଚିତ୍ ଶକ୍ତି ହିଁ ବିଶ୍ୱକୁ ଗଢ଼ିଛି । ଚିତ୍‌ଶକ୍ତି ହେଉଛି ସେହି ବସ୍ତୁ ଯାହାକୁ ବୈଜ୍ଞାନିକମାନେ ତାହାର ନାନା ବିଭାବ ସହ ଶକ୍ତି (Power or Energy) ବୋଲି କହି ଥାଆନ୍ତି, କିନ୍ତୁ ଏହା ଏକ ଜଡ଼ଶକ୍ତି ନୁହେଁ । ଏହି ଚିତ୍‌ଶକ୍ତି ହେଉଛି ଆତ୍ମ-ସଚେତ ଭଗବତ୍ ସତ୍ତାଙ୍କର ଦିବ୍ୟଶକ୍ତି, ଏହା ନିଜକୁ ଜଡ଼ ଭୌତିକ ରୂପେ ଗଠିତ କରି ନାହିଁ; ଜଡ଼ର ଉପାଦାନରେ ଏହା ଗଠିତ ନୁହେଁ; ଏହା ଗଠିତ ହୋଇଛି ସେହି ଆତ୍ମ-ସଚେତନତାର ଉପାଦାନରେ ଯାହା ପୃଥିବୀକୁ ଗଠନ କରିଥିବା ନାନା ଆକାର ଓ ଶକ୍ତି ଭିତରେ ପ୍ରକାଶିତ ହୋଇଥାଏ । ଆମେ ଯାହାକୁ ପୃଥିବୀ ବୋଲି କହୁ ତାହା ହେଉଛି ବସ୍ତୁସବୁର ଏକ ସୌଷମ୍ୟ ଓ ସୁସମଞ୍ଜସତା; ତାହାକୁ ବ୍ୟକ୍ତିମନ ବା ଏପରିକି ବିଶ୍ୱମନ ମଧ୍ୟ ଦେଖିପାରେ ନାହିଁ ବରଂ ପ୍ରତିଫଳନର ଏକ ମାଧ୍ୟମ ରୂପେ କାମ କରୁଥିବା ବିଶ୍ୱମନର ଭିତର ଦେଇ ଏହା ଦେଖାଯାଏ ଦିବ୍ୟସତ୍ତାର ଦୃଷ୍ଟି ଆଗରେ । କେଉଁ ଦୃଷ୍ଟି ଏହାକୁ ଦେଖୁଛି ବା କେଉଁ ବସ୍ତୁସବୁ ଦେଖା ଯାଉଛନ୍ତି ତହିଁରେ ବିଶେଷ କିଛି ଯାଏ ଆସେ ନାହିଁ, କାରଣ ସ୍ୱୟଂ ଜଡ଼ ହେଉଛି ଶାଶ୍ୱତ ବ୍ରହ୍ମଙ୍କର ହିଁ ଏକ ଆକାର, ପ୍ରତିକୃତି ଓ ବାହ୍ୟରୂପ । ❖

* ଶ୍ରୀଅରବିନ୍ଦଙ୍କ ନୋଟ୍ ଖାତାରୁ ସଂଗୃହୀତ । ସମ୍ଭବତଃ ୧୯୨୭ରେ ଲିଖିତ ।

# ଅନ୍ତର୍ସତ୍ତାର ଉପଲବ୍ଧି

## ଶ୍ରୀମା

*ମା, ଜଣେ ନିଜର ଚେତନାକୁ କିପରି ପରିବର୍ତ୍ତନ କରିପାରିବ ?*

**ଶ୍ରୀମା :** ସ୍ୱାଭାବିକଭାବେ ଅନେକ ଉପାୟ ରହିଛି, କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ନିଜର ସହଜଗମ୍ୟ ପ୍ରାରମ୍ଭିକ ସ୍ଥାନରୁ ଏହା ଆରମ୍ଭ କରିବା ଉଚିତ; ଏବଂ ମାର୍ଗର ସୂଚନା ସାଧାରଣତଃ ସ୍ୱତଃସ୍ଫୂର୍ତ୍ତ ଭାବେ ଆସିଥାଏ, ଯଦିଓ ଏହା ଏକ ଅପ୍ରତ୍ୟାଶିତ ଅଭିଜ୍ଞତା ଭଳି କିଛି ମାଧ୍ୟମରେ ଆସିଥାଏ । ଏବଂ ପ୍ରତ୍ୟେକଙ୍କ ଲାଗି ଏହା (ମାର୍ଗ) ସାମାନ୍ୟ ଭିନ୍ନ ଭାବେ ନିଜକୁ ଉପସ୍ଥାପିତ କରିଥାଏ ।

ଉଦାହରଣ ସ୍ୱରୂପ, ତୁମେ ହୁଏତ ସାଧାରଣ ଚେତନା ଯାହାକି ଆନୁଭୂମିକ (Horizontally) ଭାବେ ବିସ୍ତୃତ ହୋଇଛି ଏବଂ ଏକ ସ୍ତର ଯାହା ଜିନିଷଗୁଡ଼ିକର ଉପରିଭାଗରେ ଅଛି, ସେଗୁଡ଼ିକର ବହିର୍ଦେଶରେ ଥିବା ମନୁଷ୍ୟ ଓ ପରିସ୍ଥିତି ସହିତ ଯାହା ସଂଯୁକ୍ତ ହୋଇ ରହିଛି ତାହା ବିଷୟରେ ଅବଗତ; ତା'ପରେ ହଠାତ୍ କୌଣସି କାରଣବଶତଃ – ମୁଁ ଯାହା କହୁଛି ପ୍ରତ୍ୟେକଙ୍କ ଲାଗି ତାହା ଭିନ୍ନ ଭିନ୍ନ – ଊର୍ଦ୍ଧ୍ୱଗମନ ହୁଏ ଏବଂ ଜିନିଷଗୁଡ଼ିକୁ ଆନୁଭୂମିକ ଭାବେ ଦେଖିବା ତଥା ସେଗୁଡ଼ିକ ଯେଉଁ ସ୍ତରରେ ରହିଛି ସେହି ସ୍ତରରେ ରଖିବା ପରିବର୍ତ୍ତେ ତୁମେ ଊର୍ଦ୍ଧ୍ୱକୁ ଉଠିଯାଅ ଏବଂ ତୁମ ନିକଟରେ ଥିବା ସାମାନ୍ୟ କେତେକ ଜିନିଷକୁ ନ ଦେଖି ସମସ୍ତ ଜିନିଷକୁ ଉପରୁ ଦେଖ; ମନେହୁଏ ଯେପରି କୌଣସି ଜିନିଷ ତୁମକୁ ଉପରୁ ଟାଣୁଛି ଏବଂ ପର୍ବତର ଶିଖର ଉପରୁ କିଂବା ବ୍ୟୋମଯାନରୁ ତୁମକୁ ଜିନିଷଗୁଡ଼ିକୁ ଦେଖାଉଛି । ଏବଂ ଜିନିଷଗୁଡ଼ିକୁ ଟିକିନିଖି କରି ସମାନ ସ୍ତରରୁ ଦେଖିବା ପରିବର୍ତ୍ତେ ତୁମେ ସମଗ୍ରଟାକୁ ଏକକଭାବେ ବହୁ ଊର୍ଦ୍ଧ୍ୱରୁ ଦେଖ ।

ଏହି ଅନୁଭୂତି ହେବା ଲାଗି ଅନେକ ଉପାୟ ଅଛି । କିନ୍ତୁ ସାଧାରଣତଃ ଏହା ତୁମ ନିକଟକୁ ଆକସ୍ମିକ ଭାବେ, ଏକଦା ଆସିଥାଏ ।

କିଂବା ଏହା ପରିବର୍ତ୍ତେ ତୁମର ଏକ ଅନୁଭୂତି ହୁଏ ଯାହାକି ଏହାର ପ୍ରାୟ ବିପରୀତ, କିନ୍ତୁ ସମତୁଲ୍ୟ । ଅଚାନକଭାବେ ତୁମେ ଏକ ଗଭୀରତା ମଧ୍ୟରେ ବୁଡ଼ିଯାଅ । ତୁମେ ଯାହା ବୁଝିପାରୁଥିଲ ତାହାଠାରୁ ଦୂରେଇ ଯାଅ । ସେଗୁଡ଼ିକ ସୁଦୂର, ଉପରଠାଉରିଆ, ତୁଚ୍ଛ ଗୁରୁତ୍ୱହୀନ ମନେ ହୁଅନ୍ତି; ତୁମେ ଏକ ଆନ୍ତର ନୀରବତା କିଂବା ଆନ୍ତର ନିସ୍ତବ୍ଧତା ମଧ୍ୟରେ ଅଥବା ଜିନିଷଗୁଡ଼ିକର ଅନ୍ତର୍ଦୃଷ୍ଟି ମଧ୍ୟରେ ପ୍ରବେଶ କର ଯେଉଁଠାରେ ତୁମର ଏକ ଗଭୀର ଅନୁଭୂତି ହୋଇଥାଏ ତଥା ପରିସ୍ଥିତି ଓ ଜିନିଷଗୁଡ଼ିକର ନିବିଡ଼ତର ପ୍ରତ୍ୟକ୍ଷଜ୍ଞାନ ଆସିଥାଏ ଯାହା ଦ୍ୱାରା କି ସକଳ ମୂଲ୍ୟବୋଧ ପରିବର୍ତ୍ତିତ ହୋଇଯାଏ । ଏବଂ ତୁମେ ଏକ ପ୍ରକାର ସଂଗତି, ଏକ ଗଭୀର ଅଭିନ୍ନତା ଯାହାକି ବିବିଧ ବାହ୍ୟରୂପ ସତ୍ତ୍ୱେ ବି ଏକ, ତାହା ବିଷୟରେ ଅବଗତ ହୁଅ ।

ଅଥବା ଅଚାନକ ଭାବେ ସୀମିତତାର ଜ୍ଞାନ ଲୁପ୍ତ ହୁଏ ଏବଂ ତୁମେ ଏକପ୍ରକାର ଅନିର୍ଦ୍ଦିଷ୍ଟ କାଳ, ଯାହାର ଆରମ୍ଭ ନାହିଁ କିଂବା ଶେଷ ନାହିଁ ଯାହା ସର୍ବଦା ରହିଛି ଓ ରହିବ, ସେହି ଉପଲବ୍ଧି ମଧ୍ୟରେ ପ୍ରବେଶ କର ।

ଏହି ଅନୁଭୂତିଗୁଡ଼ିକ ହଠାତ୍ ଆଲୋକର ଏକ ଝଲକରେ ମୁହୂର୍ତ୍ତକ ଲାଗି, ତୁମ ଜୀବନରେ ଏକ ମୁହୂର୍ତ୍ତ ସକାଶେ ତୁମ ନିକଟକୁ ଆସେ, ତୁମେ ଜାଣ ନାହିଁ କାହିଁକି ଓ କିପରି ... ଅନ୍ୟାନ୍ୟ ଉପାୟ, ଅନ୍ୟାନ୍ୟ ଅନୁଭୂତିସବୁ ଅଛି – ସେଗୁଡ଼ିକ ଅଗଣିତ; ତାହା ବ୍ୟକ୍ତିବିଶେଷ ଲାଗି ଭିନ୍ନ ଭିନ୍ନ ହୁଏ; କିନ୍ତୁ ସେହିଭାବେ ଏହା ସହିତ ଏକ ମିନିଟ, ଏକ ସେକେଣ୍ଡ ରହିଲେ ତୁମେ ତାହାର ଶେଷଭାଗକୁ ଧରିପାର । ତା'ପରେ ତୁମକୁ ଏହା ମନେ ରଖିବାକୁ ହେବ, ଏହା ମଧ୍ୟରେ ପୁନଶ୍ଚ ବାସ କରିବା ଲାଗି ଚେଷ୍ଟା କରିବାକୁ ହେବ, ଅନୁଭୂତିର ଗଭୀରତା ମଧ୍ୟକୁ ପ୍ରବେଶ କରିବାକୁ ହେବ, ଏହାକୁ ପୁନଶ୍ଚ ଆହ୍ୱାନ କରିବାକୁ ହେବ, ଆସ୍ପୃହା କରିବାକୁ ଓ ଏହା ଉପରେ ଏକାଗ୍ର ରହିବାକୁ ହେବ । ଏହାହିଁ ଆରମ୍ଭ ସ୍ଥଳ, ମାର୍ଗ-ଦର୍ଶନକାରୀ ସୂତ୍ରର ଶେଷ ଅଂଶ । କାରଣ ଯେଉଁମାନେ ସେମାନଙ୍କ ଆନ୍ତର ସତ୍ତାକୁ ପାଇବା ଲାଗି, ସେମାନଙ୍କ ସତ୍ତାର ସତ୍ୟକୁ ପାଇବା ଲାଗି ଉଦ୍ଦିଷ୍ଟ, ସେମାନଙ୍କ ଜୀବନରେ ସର୍ବଦା ଅନ୍ତତଃ ଏକ ମୁହୂର୍ତ୍ତ ଆସିଥାଏ ଯେତେବେଳେ ସେମାନେ ଆଉ ଆଗ ଭଳି ରହନ୍ତି ନାହିଁ । ହୁଏତ ଠିକ୍ ବିଦ୍ୟୁତ୍ ଚମକ ଭଳି – କିନ୍ତୁ ତାହା ଯଥେଷ୍ଟ ।

ତୁମେ ଯେଉଁ ରାସ୍ତା ଧରିବା ଉଚିତ, ଏହା ତୁମକୁ ତାହା ଦେଖାଇ ଦିଏ । ଏହା ହେଉଛି ସେହି ଦ୍ୱାର ଯାହା ସେହି ରାସ୍ତାରେ ହିଁ ଖୋଲିଯାଏ । ତେଣୁ ତୁମକୁ ଏହି ଦ୍ୱାର ଦେଇ ଯିବାକୁ ହେବ ଏବଂ ଅଧ୍ୟବସାୟ ଓ ଅଟଳ ଦୃଢ଼ତା ସହିତ ଖୋଜିବାକୁ ହେବ ସେହି ଅବସ୍ଥାର ନବୀକରଣକୁ ଯାହାକି ତୁମକୁ କୌଣସି ଏକ ଅଧିକତର ସତ୍ୟ ଓ ଅଧିକତର ସମଗ୍ରତା ଦିଗରେ ଆଗେଇ ନେବ ।

ଯୁଗ ଯୁଗ ଧରି ଅନେକ ପଦ୍ଧତି ବିଷୟରେ କୁହାଯାଇଛି; କିନ୍ତୁ ତୁମକୁ ଯେଉଁ ପ୍ରଣାଳୀ ଶିକ୍ଷା ଦିଆଯାଇଛି, ଯାହାକୁ ତୁମେ ବହିରେ ପଢ଼ିଛ କିଂବା ଶିକ୍ଷକଙ୍କଠାରୁ ଶୁଣିଛ ତାହା ଏକ ସ୍ୱତଃସ୍ଫୂର୍ତ୍ତ ଅନୁଭୂତି ଭଳି ଫଳପ୍ରଦ ନୁହେଁ । ଏହି ଅନୁଭୂତି କୌଣସି ଦୃଶ୍ୟମାନ କାରଣରୁ ଆସି ନଥାଏ; ଏବଂ ଏହା ହେଉଛି କେବଳ ଆତ୍ମଜାଗୃତିର ଏକ ପ୍ରସ୍ଫୁଟନ ମାତ୍ର, ତୁମ ଚୈତ୍ୟସତ୍ତା ସହିତ ସଂଯୋଗର ଏକ ମୁହୂର୍ତ୍ତ ହିଁ ତୁମକୁ ସବୁଠାରୁ ଭଲଭାବେ ତୁମର ସହଜଲବ୍ଧ ସର୍ବୋତ୍କୃଷ୍ଟ ରାସ୍ତା ଦେଖାଇଦିଏ, ଏବଂ ସେହି ରାସ୍ତା ଯାହାକୁ ତୁମେ ଅଧ୍ୟବସାୟ ସହ ଲକ୍ଷ୍ୟରେ ପହଞ୍ଚିବା ଲାଗି ଅନୁସରଣ କର – ଗୋଟିଏ ମାତ୍ର ମୁହୂର୍ତ୍ତ ଯାହା ତୁମକୁ ବାଟ ଦେଖାଏ କିପରି ଆରମ୍ଭ କରିବାକୁ ହେବ, ପ୍ରାରମ୍ଭଟିକୁ ଦର୍ଶାଇ ଦିଏ... କେହି କେହି ରାତ୍ରିରେ ଏହାକୁ ସ୍ୱପ୍ନ ମାଧ୍ୟମରେ ପାଇଥାଆନ୍ତି, କେହି କେହି ଏକ ଅପ୍ରସ୍ତୁତ ମୁହୂର୍ତ୍ତରେ ଏହାକୁ ପାଇଥାଆନ୍ତି : କିଛି ଜିନିଷ ତୁମେ ଦେଖ, ଯାହା ତୁମ ମଧ୍ୟରେ ଏକ ନୂତନ ଚେତନା ଜାଗ୍ରତ୍ କରାଏ, କିଛି ଜିନିଷ ଶୁଣ, ଏକ ସୁନ୍ଦର ପ୍ରାକୃତିକ ଦୃଶ୍ୟ, ଏକ ସୁନ୍ଦର ସଂଗୀତ, ଅନ୍ୟଥା ଅଳ୍ପ କିଛି ଶବ୍ଦ ଖାଲି ପଢ଼ କିଂବା ଏକ ପ୍ରଚେଷ୍ଟା ମଧ୍ୟରେ ଥିବା ଏକାଗ୍ରତାର ପ୍ରଗାଢ଼ତା – ଯାହାକିଛି ବି ହେଉ ନା କାହିଁକି, ଏହାର ହଜାର ହଜାର କାରଣ ଅଛି ଏବଂ ଏହାକୁ ପାଇବାର ମାର୍ଗ ବି ହଜାର କିନ୍ତୁ ମୁଁ ପୁନଶ୍ଚ କହୁଛି ଯେଉଁମାନେ ଏହାକୁ ଉପଲବ୍ଧି କରିବା ପାଇଁ ଉଦ୍ଦିଷ୍ଟ, ସେମାନଙ୍କ ଜୀବନରେ ଅନ୍ତତଃ ଥରେ ହେଲେ ଏହି ଉପଲବ୍ଧି ହୋଇଥାଏ । ଏହା ହୁଏତ ଖୁବ୍ କ୍ଷଣସ୍ଥାୟୀ, ହୁଏତ ଏହା ସେମାନଙ୍କର ଅତି ଅଳ୍ପ ବୟସରେ ହୋଇଥାଏ, କିନ୍ତୁ ସବୁବେଳେ ଏହା ହୋଇଥାଏ, ଅନ୍ତତଃପକ୍ଷେ ସତ୍ୟ-ଚେତନା କ'ଣ ତାହାର ଅନୁଭୂତି ଜୀବନରେ ଥରକ ପାଇଁ ହେଉପଛେ ହୋଇଥାଏ । ଆଚ୍ଛା, କେଉଁ ମାର୍ଗ ଅନୁସରଣ କରିବାକୁ ହେବ ଏହା ତାହାର ସର୍ବଶ୍ରେଷ୍ଠ ଇଙ୍ଗିତ । (CWM, Vol. 8, p.402 - 404)

*

ପ୍ରଥମ ଉପଲବ୍ଧିଟି ଯେତେବେଳେ ଆସେ, ଯାହାକି ଜଣେ ଖୁବ୍ ଛୋଟ ଥିବାବେଳେ ସମୟ ସମୟରେ ଆରମ୍ଭ ହୁଏ; ଆନ୍ତର ଆନନ୍ଦ, ଆନ୍ତର ସୌନ୍ଦର୍ଯ୍ୟ, ଆନ୍ତର ଆଲୋକ ସହିତ ପ୍ରଥମ ସଂଯୋଗ ଯେତେବେଳେ ହୁଏ, **ତାହା** ସହିତ ପ୍ରଥମ ସଂସ୍ପର୍ଶ, ଯାହା ହଠାତ୍ କରି ବୋଧ ଆଣିଦିଏ । ''ଓଃ ! ଏହାକୁ ହିଁ ମୁଁ ଚାହୁଁଛି'', ତୁମକୁ ଏହାର ବିକାଶ କରିବାକୁ ହେବ, ଏହାକୁ କେବେ ବି ଭୁଲିଯିବ ନାହିଁ, ତୁମ ସମ୍ମୁଖରେ ଏହାକୁ ଅବିରତ ଭାବେ ଧରି ରଖିବ, ନିଜକୁ କହିବ, ''ମୁଁ ଏହାକୁ ଥରେ ଅନୁଭବ କରିଛି, ତେଣୁ ପୁନଶ୍ଚ ଅନୁଭବ କରିପାରିବି । ଯଦିଓ ମୁହୂର୍ତ୍ତକ ଲାଗି ହୋଇଛି, ତଥାପି ମୋ ପାଇଁ ଏହା ବାସ୍ତବ, ଏହାହିଁ ତାହା ଯାହାକୁ ମୁଁ ମୋ ଜୀବନରେ ପୁନରୁଜ୍ଜୀବିତ କରିବାକୁ ଯାଉଛି'' ।...

ପ୍ରତ୍ୟେକ ଥର ଯେତେବେଳେ ନିଜକୁ ଏକତ୍ରିତ କରିବାର ସୁଯୋଗ ଆସେ, ସେତେବେଳେ ନିଜ ସହିତ ସଂଯୋଗ ସ୍ଥାପନ କର, ନିଜକୁ ଖୋଜ । (CWM, Vol. 9, p. 163 - 164)

*

କୌଣସି ଜିନିଷ ବିଷୟରେ ସଚେତନ ହେବାକୁ ହେଲେ ତୁମକୁ ଏହା ଲାଗି ଇଚ୍ଛା କରିବାକୁ ହେବ । ଏବଂ ମୁଁ ଯେତେବେଳେ କହେ ''ଇଚ୍ଛା କର'', ଏହାର ଅର୍ଥ ନୁହେଁ ଯେ ଦିନେ ତୁମେ କହୁଛ, ''ଓଃ ! ଏହାକୁ ମୁଁ ଖୁବ୍ ଚାହେଁ'', ତା'ପରେ ଦୁଇଦିନ ପରେ ଏହାକୁ ପୂରାପୂରି ଭୁଲି ଯାଉଛ ।

ଏହା ପ୍ରତି ଇଚ୍ଛା କରିବା ହେଉଛି ଏକ ନିରବଚ୍ଛିନ୍ନ, ଅପରିବର୍ତ୍ତନୀୟ, ତୀବ୍ର ଆସ୍ପୃହା; ଅନ୍ୟ ସମସ୍ତ କିଛିକୁ ଆଡ଼େଇ ଦେଇ ଚେତନାର ପ୍ରାୟ ଏକାନ୍ତ ବୃତ୍ତି । ଏହା ହେଉଛି ପ୍ରଥମ ପଦକ୍ଷେପ । ଆହୁରି ଅନେକ କିଛି ରହିଛି : ଅତ୍ୟନ୍ତ ଏକ ସତର୍କ ପର୍ଯ୍ୟବେକ୍ଷଣ, କ୍ରମାଗତ ବିଶ୍ଳେଷଣ, ଏକ ତୀକ୍ଷ୍ଣ ଅନ୍ତର୍ଦୃଷ୍ଟିସମ୍ପନ୍ନ ବିଚାର ଦେଇ ଗତିବୃତ୍ତି ମଧ୍ୟରେ ଯାହା ପବିତ୍ର ଓ ଯାହା ପବିତ୍ର ନୁହେଁ, ତାହାକୁ ଜାଣିବା ।...

ତୁମେ ପ୍ରତ୍ୟେକେ ନିଜ ନିଜର ଚୈତ୍ୟସତ୍ତା ସହିତ ସଂଯୋଗ ସ୍ଥାପନ କରିବା ଲାଗି ସକ୍ଷମ ହେବା ଉଚିତ । ଏହା ଏକ ଦୁଷ୍ପ୍ରାପ୍ୟ ଜିନିଷ ନୁହେଁ । ନିର୍ଭୁଲଭାବେ ତୁମର ଚୈତ୍ୟସତ୍ତା ତୁମକୁ ଭଗବତ୍ ଶକ୍ତିରାଜିର ସଂସ୍ପର୍ଶରେ ରଖିବା ଲାଗି ବିଦ୍ୟମାନ ।

(CWM, Vol. 4, p. 244)

# ଶ୍ରୀଅରବିନ୍ଦ ଆଶ୍ରମର ସଂଗଠନ ଓ ତାହାର କାରଣ

## ଶ୍ରୀଅରବିନ୍ଦ

### ଆଶ୍ରମର ସଂଗଠନ

ସେହିଦିନଠାରୁହିଁ (ନଭେମ୍ବର ୨୪, ୧୯୨୬) ଶ୍ରୀଅରବିନ୍ଦ ତାଙ୍କର ଆଶ୍ରମ ଆରମ୍ଭ କଲେ । ସେତେବେଳେ ସେ ନିଶ୍ଚିତ ହେଲେ ଯେ ଦେବତାମାନଙ୍କ ସହଯୋଗରେ ପୃଥିବୀପୃଷ୍ଠରେ ଅତିମାନସର ଅବତରଣ ସମ୍ଭବ ହେବ ।

ନଭେମ୍ବର ଚବିଶରେ ଯାହା ଘଟିଲା ତାହା ଅତିମାନସ ଅବତରଣର ସମ୍ଭାବନାକୁ ପ୍ରସ୍ତୁତ କଲା ଏବଂ ସେହି ଦିନରେ ଶ୍ରୀଅରବିନ୍ଦ ସମସ୍ତ ବାହ୍ୟ କ୍ରିୟାକଳାପରୁ ଅବସର ନେଇ ଏକାନ୍ତବାସ ଆରମ୍ଭ କଲେ । ସେଇଦିନଠାରୁ ସେ ଏକ ଗଭୀର ସକ୍ରିୟ ଧ୍ୟାନ ମଧ୍ୟରେ ପ୍ରବେଶ କଲେ ଯଦ୍ଦ୍ୱାରା ତତ୍‌ସଂପୃକ୍ତ ସମସ୍ତ ସମ୍ଭାବନା ଉପଲବ୍ଧ ହୋଇ ପାରିବ ।*

(ଶ୍ରୀଅରବିନ୍ଦଙ୍କ ଏକ ପତ୍ର : Mother India : Nov, 1975 ସଂଖ୍ୟାରୁ ଅନୂଦିତ)

### ଆଶ୍ରମ-ସଂଗଠନର କାରଣ

ପ୍ରଥମେ ଏଠାରେ କୌଣସି ଆଶ୍ରମ ନଥିଲା; କେବଳ କେତେକ ବ୍ୟକ୍ତି ଯୋଗାଭ୍ୟାସ କରିବା ପାଇଁ ଶ୍ରୀଅରବିନ୍ଦଙ୍କ ନିକଟରେ ବାସ କରିବାକୁ ଆସିଲେ । ମା ଜାପାନରୁ ଆସିବାର କିଛି ସମୟ ପରେହିଁ ଏହା ଆଶ୍ରମର ରୂପ ନେଲା । ଏହା ମା'ଙ୍କର ବା ଶ୍ରୀଅରବିନ୍ଦଙ୍କର କୌଣସି ଇଚ୍ଛା ବା ଯୋଜନା ଅପେକ୍ଷା ବରଂ ସାଧକମାନଙ୍କ ଇଚ୍ଛା ଯୋଗୁଁ ହୋଇଥିଲା, ଯେଉଁମାନେ କି ମା'ଙ୍କ ଉପରେ ନିଜ ନିଜର ଆନ୍ତର ଓ ବାହ୍ୟ ଜୀବନ ସମର୍ପଣ କରିବାକୁ ଚାହିଁଥିଲେ ।

*

ବାସ୍ତବତଃ ଘଟଣାଟି ହେଉଛି ଏହିପରି – ଇତିମଧ୍ୟରେ ମା ଫ୍ରାନ୍‌ସ ଓ ଜାପାନରେ ଦୀର୍ଘକାଳ ଅବସ୍ଥାନ କରିବା ପରେ ପଣ୍ଡିଚେରୀକୁ ୧୯୨୦ଖ୍ରୀଷ୍ଟାବ୍ଦ ଏପ୍ରିଲ ୨୪ ତାରିଖରେ ପ୍ରତ୍ୟାବର୍ତ୍ତନ କଲେ । ସେତେବେଳେ ଶିଷ୍ୟମାନଙ୍କର ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇବାର ଲକ୍ଷଣ ଦେଖାଗଲା । ଯେତେବେଳେ ଆଶ୍ରମର ବିକାଶ ହେବାକୁ ଆରମ୍ଭ ହେଲା ସେତେବେଳେ ସଂଗଠନର ସମସ୍ତ ଦାୟିତ୍ୱ ମା'ଙ୍କ ଉପରେ ପଡ଼ିଲା । ଶ୍ରୀଅରବିନ୍ଦ ଶୀଘ୍ର ଏକାନ୍ତବାସରେ ରହିଲେ ଏବଂ ଏହି ଆଶ୍ରମର ସମସ୍ତ ଭୌତିକ ଓ ଆଧ୍ୟାତ୍ମିକ କାର୍ଯ୍ୟର ଭାର ମା'ଙ୍କ ଉପରେ ପଡ଼ିଲା ।

*

* ଶ୍ରୀଅରବିନ୍ଦଙ୍କ ଯୋଗସାଧନାରେ ନଭେମ୍ବର ୨୪, ୧୯୨୬ ତାରିଖ ହେଉଛି ଅଧିମାନସର ସିଦ୍ଧି ଦିବସ – ଯାହାକି ଅତିମାନସଠାରୁ ଭିନ୍ନ – ପାର୍ଥିବ ସତ୍ତାରେ ଅବତରଣର ନିର୍ଦ୍ଦିଷ୍ଟ ଦିନ । ଶ୍ରୀଅରବିନ୍ଦଙ୍କ ପ୍ରଦତ୍ତ ଏହି ଉକ୍ତିଟିର ଏକ ସ୍ୱତନ୍ତ୍ର ଆକର୍ଷଣ ଓ ବୈଶିଷ୍ଟ୍ୟ ରହିଛି, କାରଣ ହୁଏତ ଏହାହିଁ ତାଙ୍କ ଯୋଗ ସମ୍ବନ୍ଧରେ ତାଙ୍କୁ ପଚରା ଯାଇଥିବା ଶେଷ ପ୍ରଶ୍ନଗୁଡ଼ିକର ଏକ ଉତ୍ତର, ଯେହେତୁ ତାଙ୍କର ଶରୀରତ୍ୟାଗ(ଡିସେମ୍ବର ୫, ୧୯୫୦)ର ଅଳ୍ପ କେତେଦିନ ପୂର୍ବରୁ ସେ ଏହା କହିଥିଲେ । ନଭେମ୍ବର ୨୪ର ସାର୍ଥକତା ଓ ପରିଣାମ ସମ୍ବନ୍ଧରେ ଏହି ଉକ୍ତିଟି ଶ୍ରୀଅରବିନ୍ଦଙ୍କର ଜନୈକ ଶିଷ୍ୟଙ୍କ ଟିପାଖାତାରୁ ଉଦ୍ଧୃତ ।

*ପ୍ରଶ୍ନ : ୧୯୨୬ ଖ୍ରୀଷ୍ଟାବ୍ଦର କେଉଁ ତାରିଖରେ ମା ଆଶ୍ରମର ପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କଲେ ?*

ଉତ୍ତର : ମା ପ୍ରକୃତରେ ନିର୍ଦ୍ଦିଷ୍ଟ ତାରିଖ ମନେ ରଖି ନାହାନ୍ତି । ଏହା ବୋଧହୁଏ ଅଗଷ୍ଟ ୧୫ର ଅଳ୍ପ ଦିନ ପରେ । ମୁଁ ଯେତେବେଳେ ଏକାନ୍ତବାସ ଆରମ୍ଭ କଲି ସେତେବେଳେ ସେ ସମ୍ପୂର୍ଣ୍ଣଭାବରେ କାର୍ଯ୍ୟଭାର ଗ୍ରହଣ କଲେ ।

୧୬.୫.୧୯୩୬ (ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ : ପୃ.୨୮୪-୨୮୫)

*

## ମା'ଙ୍କ ଆସିବା ପୂର୍ବର ସାଧନା

*ପ୍ରଶ୍ନ : ଶୁଣାଯାଏ 'ଖ'ଙ୍କୁ 'କ' ଏ କଥା କହିଛନ୍ତି ଯେ ୧୯୨୬ରେ ମା କାର୍ଯ୍ୟଭାର ଗ୍ରହଣ କରିବା ପୂର୍ବରୁ ଯେଉଁମାନେ ଏଠାରେ ଅଛନ୍ତି, ସେହି ପୁରୁଣା ସାଧକମାନଙ୍କର ମହାଜାଗତିକ (Cosmic) ଚେତନା ବିଷୟରେ ବହୁ ଅନୁଭୂତି ହୋଇଥିଲା ଏବଂ ବର୍ତ୍ତମାନ ଅପେକ୍ଷା ଅଧିକ ଉତ୍ତମ ସାଧନା ହେଉଥିଲା – ଏହା କେତେଦୂର ସତ୍ୟ ?*

ଉତ୍ତର : ମା'ଙ୍କର ଆଗମନ ପୂର୍ବରୁ ସମସ୍ତେ କେବଳ କେତେକ ମାନସିକ ଉପଲବ୍ଧି ଓ ଅନୁଭୂତି ସହିତ ମନ ମଧ୍ୟରେ ହିଁ ବାସ କରୁଥିଲେ । ପ୍ରାଣ ଓ ଅନ୍ୟ ସମସ୍ତ ଅଂଶ ଅସଂସ୍କୃତ ତଥା ଅଶିକ୍ଷିତ ଥିଲା ଓ ଚୈତ୍ୟସତ୍ତା ପରଦାର ଅନ୍ତରାଳରେ ଥିଲା । ସେମାନଙ୍କ ମଧ୍ୟରୁ କେହି ହେଲେ ମହାଜାଗତିକ ଚେତନା ମଧ୍ୟରେ ପ୍ରବିଷ୍ଟ ହେବାର ମୁଁ ଜାଣି ନାହିଁ । ସେହି ସମୟ ପର୍ଯ୍ୟନ୍ତ ମୁଁ ମଧ୍ୟ ରୂପାନ୍ତର ପାଇଁ ଏବଂ ଅତିମାନସ (ବେଦାନ୍ତକୁ ଅତିକ୍ରମ କରିଥିବା ଯୋଗର ସେହିସବୁ ଅଂଶ)ରେ ପ୍ରବେଶ କରିବା ପାଇଁ ମୋର ପଥ ଖୋଜୁଥିଲି । ସେତେବେଳେ ଏଠାରେ ଥିବା ଅତ୍ୟଳ୍ପ ସାଧକମାନଙ୍କ ସହିତ ''ହସ୍ତକ୍ଷେପ ନ କରିବା''ର ନୀତି ନେଇ ବ୍ୟବହାର କରାଯାଉଥିଲା । 'କ' ହେଲେ ସେହିମାନଙ୍କ ମଧ୍ୟରୁ ଜଣେ ଯେ ସେହି ନୀତିକୁ ମନେ ପକାଉଛନ୍ତି । ସେତେବେଳେ ସେମାନଙ୍କର ପ୍ରାଣଗତ ସ୍ୱାଧୀନତା ଥିଲା ଏବଂ କୌଣସି ଶୃଙ୍ଖଳା ନଥିଲା – ସେଥିପାଇଁ ସେ ଦୁଃଖ କରୁଛନ୍ତି ।

୨୭.୭.୧୯୩୪ (ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ : ପୃ. ୨୬୫)

*

ଆଶ୍ରମ (ଶ୍ରୀଅରବିନ୍ଦ ଆଶ୍ରମ) ହେଉଛି ଶ୍ରୀମା'ଙ୍କର ସୃଷ୍ଟି ଏବଂ ତାଙ୍କ ବ୍ୟତୀତ ଏହାର କୌଣସି ଅସ୍ତିତ୍ୱ ନ ଥା'ନ୍ତା, ତାଙ୍କରି ଯୋଗୁଁ ହିଁ ଏହା ତିଷ୍ଠି ରହିଛି । ❖

ଦିବ୍ୟ ପରମସତ୍ତାଙ୍କ ଲାଗି ଯେଉଁମାନେ ନିଜର ଜୀବନକୁ ଉତ୍ସର୍ଗ କରି ଦେବା ଲାଗି ଇଚ୍ଛା କରୁଛନ୍ତି, ଏହି ଆଶ୍ରମ ସେହିମାନଙ୍କ ଲାଗି ଉଦ୍ଦିଷ୍ଟ ।

(ଜୁନ୍ ୧୯୭୧) – ଶ୍ରୀମା

# ଯଥାର୍ଥ ଆଚରଣ

## ଶ୍ରୀମା

ଏଠାରେ ଲୋକମାନେ ରହିଛନ୍ତି ସେମାନଙ୍କ ଚେତନାର ପରିବର୍ତ୍ତନ ପାଇଁ, ଯଦି ସେମାନେ ପ୍ରତ୍ୟେକେ ସେମାନଙ୍କ ଲକ୍ଷ୍ୟ ପ୍ରତି ବିଶ୍ୱସ୍ତ ନ ରହନ୍ତି, ଯଥାର୍ଥ ମନୋଭାବ ନେଇ ନ ରୁହନ୍ତି ତା'ହେଲେ ଯଥାର୍ଥ କିଛି ସମ୍ପନ୍ନ ହୋଇପାରିବ ନାହିଁ ।

*

ଏହା ସ୍ପଷ୍ଟ ଯେ ଏଠାରେ ଯେଉଁମାନେ ବାସ କରନ୍ତି, ସେମାନଙ୍କ ଜୀବନଧାରା ଅପେକ୍ଷା ସତ୍ତାର ଧାରାକୁ ପରିବର୍ତ୍ତନ କରିବା ହିଁ ସର୍ବାଦୌ ଆବଶ୍ୟକ ।

ଆମେ ଏକ ଅଧିକତର ଗଭୀର, ଅଧିକତର ସମଗ୍ର ଓ ଅଧିକତର ସତ୍ୟର ଚେତନା ଲାଭ କରିବା ପାଇଁ ଉଦ୍ୟମ କରୁଛୁ ଏଇଥିପାଇଁ ଯେ ଆମର ଏଠାରେ ରହିବାର ମୁଖ୍ୟ କାରଣ ହେଉଛି ଏହି ଚେତନାକୁ ଅଭିବ୍ୟକ୍ତ କରିବା ।

*

ଜଣେ ସାଧକ ହେବାରେ ଲାଭ କ'ଣ ଯଦି କିଛି କର୍ମ କରିବା ସଙ୍ଗେ ସଙ୍ଗେ ଆମେ ଏକ ସାଧାରଣ, ଅଜ୍ଞାନ ଲୋକ ପରି କାମ କରୁ ?

*

ଆଶା କରାଯାଏ ଯେ ଲୋକମାନଙ୍କୁ ଏକ ଉଚ୍ଚତର ଜୀବନର ଦୃଷ୍ଟାନ୍ତ ଦେବାପାଇଁ ଆମେ ଏଠାରେ ରହିଛୁ, ନିଶ୍ଚିତରୂପେ, ଭୁଲ୍ ଆଚରଣର ଦୃଷ୍ଟାନ୍ତ ଦେବା ପାଇଁ ନୁହେଁ ।

*

ଯେଉଁ ମୁହୂର୍ତ୍ତରେ ଜଣେ ବ୍ୟକ୍ତି ଆଶ୍ରମ ଜୀବନରେ ପ୍ରବେଶ କରେ ଓ ଯୋଗର ଲକ୍ଷ୍ୟ ଗ୍ରହଣ କରେ ସେତେବେଳେ ସେ ଆଉ କୌଣସି ସମ୍ପ୍ରଦାୟ, ଜାତି ବା ଧର୍ମର ଅନ୍ତର୍ଗତ ହୋଇ ରହେ ନାହିଁ । ସେ ହୋଇଉଠେ ଶ୍ରୀଅରବିନ୍ଦଙ୍କର ଜଣେ ଶିଷ୍ୟ, ଅନ୍ୟ କିଛି ନୁହେଁ । ସେ ଅତୀତରେ କ'ଣ ଥିଲା, ସେଥିସକାଶେ ଥଟ୍ଟା ପରିହାସ କରିବା ଅତ୍ୟନ୍ତ ଅସମୀଚୀନ ଏବଂ ରୁଚି ବିରହିତ, ଏବଂ ତାହା କେବଳ ତା' ଭିତରେ ଏବଂ କହୁଥିବା ଲୋକ ଭିତରେ ଏକ ପୁରୁଣା ଓ ଭୁଲ୍ ମନୋଭାବକୁ ବଜାୟ ରଖିବା ପାଇଁ ସାହାଯ୍ୟ କରେ ।

*

ଆଶ୍ରମରେ ଜଣେ କେବଳ ତାହାହିଁ କରିପାରେ ଯାହା ସେ ସର୍ବସାଧାରଣରେ କରିବାରେ କିଛି ଅସୁବିଧା ନାହିଁ । କାରଣ ଏଠାରେ ଗୋପନ କରି ରଖିବାର କିଛି ନାହିଁ । ମୋର ସୁରକ୍ଷା ସମସ୍ତଙ୍କ ପାଇଁ ସମାନ ଭାବରେ ରହିଛି, କେବଳ କେତେକଙ୍କ ପାଇଁ ବା ଅନ୍ୟ କେତେକଙ୍କ ବିରୋଧରେ ତାହା ନୁହେଁ ।

*

ସମସ୍ତ କ୍ଷେତ୍ରରେ ଗୋଟିଏ ମାତ୍ର ଉତ୍ତର ଦେବା ସମ୍ଭବପର ନୁହେଁ । ପ୍ରତ୍ୟେକ ଲୋକର କ୍ଷେତ୍ରରେ ଓ ପ୍ରତ୍ୟେକ ଘଟଣାରେ ଏହା ଭିନ୍ନ ଭିନ୍ନ ହେବ । କିନ୍ତୁ ଯାହାହେଲେ ବି ଏହା କୁହାଯାଇପାରେ ଯେ ଜଣେ ଯେତେବେଳେ ଏକ ଗୋଷ୍ଠୀ ଭିତରେ ରହେ ତାହାକୁ ସେ ଗୋଷ୍ଠୀର ନିୟମକୁ ଯଥାସମ୍ଭବ ମାନି ଚଳିବାକୁ ପଡ଼ିବ । ଅଧିକନ୍ତୁ, ସମଷ୍ଟିଗତ ନିୟମ ବିରୋଧରେ ଯିବାର ଅଧିକାର କେବଳ ସେତିକିବେଳେ ଯଥାର୍ଥ, ଯେତେବେଳେ ସେମାନଙ୍କ ଭିତରେ ଭଗବାନଙ୍କ ଦ୍ୱାରା ଏହା ନିର୍ଦ୍ଦେଶିତ ହୋଇଥିବ । କେବଳ ଯେତେବେଳେ ସେମାନେ ଯାହା କହନ୍ତି ଓ ଯାହା କରନ୍ତି, ଭଗବାନଙ୍କ ଉପସ୍ଥିତିରେ ହିଁ ତାହା କରିପାରନ୍ତେ, କେବଳ ସେତିକିବେଳେ ହିଁ ସେମାନଙ୍କର ଏହା କହିବାର ଅଧିକାର ଆସେ, ''ମୁଁ ମୋର ନିଜର ନିୟମ ଅନୁସରଣ କରେ ଆଉ ଅନ୍ୟ କାହାର ନିୟମ ନୁହେଁ ।''

*(୨୮ ଜାନୁଆରୀ ୧୯୬୦)* (CWM. Vol. 13. p. 117)

*

ବ୍ୟକ୍ତିଗତ ବିଚାର ଅନୁଭବ ଦ୍ୱାରା ଏଠାରେ ଆଶ୍ରମରେ କିଛି ହୁଏ ନାହିଁ । ବ୍ୟକ୍ତିଗତ ବିଚାର ଅନୁଭବର ଉପରକୁ ଉଠିଯାଅ, ଉପଲବ୍ଧିର ଦ୍ୱାର ଖୋଲିଯିବ ।

*(୩ ଫେବ୍ରୁଆରୀ ୧୯୬୫)*

# ଆଶ୍ରମରେ ଓ ବାହାରେ ଚୈତ୍ୟ-ସମ୍ପର୍କ

## ଶ୍ରୀଅରବିନ୍ଦ

ଏକଥା ନିଶ୍ଚୟ ସତ୍ୟ ଯେ ମା'ଙ୍କ ସହିତ ସଂସ୍ପର୍ଶ, ଦୂରରେ ରହି ବି ହୋଇପାରେ ଏବଂ ଦିବ୍ୟସତ୍ତା ସର୍ବବ୍ୟାପୀ, ଦେଶର ସୀମାରେ ସେ ଆବଦ୍ଧ ନୁହଁନ୍ତି । ପ୍ରତ୍ୟେକ ଲୋକ ପକ୍ଷରେ ଆଧ୍ୟାତ୍ମିକ ଜୀବନଯାପନ କରିବା ନିମିତ୍ତ ବା ଯୋଗାଭ୍ୟାସ ନିମିତ୍ତ ଆଶ୍ରମରେ ବା ସ୍ଥୂଳ ଦେହରେ ମା'ଙ୍କ ସାନ୍ନିଧ୍ୟରେ ରହିବା ଅପରିହାର୍ଯ୍ୟ ନୁହେଁ, ବିଶେଷତଃ ଆରମ୍ଭରେ, କିନ୍ତୁ ସତ୍ୟର ଏହା କେବଳ ଗୋଟିଏ ଦିଗ । ଆହୁରି ଗୋଟିଏ ଦିଗ ବି ଅଛି, ନ ହେଲେ ଯୁକ୍ତିଶାସ୍ତ୍ରାନୁସାରେ ସାବ୍ୟସ୍ତ ହୋଇପାରି ଥାଆନ୍ତା ଯେ ମା'ଙ୍କର ଏଠାରେ ରହିବାର କୌଣସି ପ୍ରୟୋଜନ ହିଁ ନ ଥିଲା, ଅଥବା ଆଶ୍ରମର କୌଣସି ଆବଶ୍ୟକତା ନ ଥିଲା ଅଥବା କାହାର ଏଠାକୁ ଆସିବାର ପ୍ରୟୋଜନ ନ ଥିଲା ।

ସମସ୍ତଙ୍କ ଭିତରେ ଚୈତ୍ୟପୁରୁଷ ରହିଛି କିନ୍ତୁ ଖୁବ୍ ଅଳ୍ପ କେଇଜଣଙ୍କ ମଧ୍ୟରେ ଏହା ସୁବିକଶିତ, ଚେତନାରେ ସୁଗଠିତ ବା ସମ୍ମୁଖରେ ପ୍ରକଟିତ ଅଧିକାଂଶଙ୍କ ଭିତରେ ଏହା ଆବୃତ ହୋଇ ରହିଥାଏ, ଅନେକ ସମୟରେ ଫଳପ୍ରଦ ଭାବରେ କାର୍ଯ୍ୟ କରିପାରେ ନାହିଁ, କିଂବା ପ୍ରଭାବ ମାତ୍ର ହୋଇ ରହିଥାଏ, ଆଧ୍ୟାତ୍ମିକ ଜୀବନରେ ଅବଲମ୍ବନ ହେଲା ଭଳି ଯଥେଷ୍ଟ ରୂପେ ସଚେତ ବା ସୁଦୃଢ଼ ହୋଇ ନ ଥାଏ ।

ଏହି କାରଣରୁ, ଏହି ସତ୍ୟ ପ୍ରତି ଯେଉଁମାନେ ଆକର୍ଷିତ ସେମାନଙ୍କର ଏଠାକୁ ଆସିବା ଆବଶ୍ୟକ । ଏଇଥିପାଇଁ ଯେ ସେମାନେ ଯଥାର୍ଥ ସ୍ପର୍ଶ ପାଇପାରିବେ । ଏହି ସ୍ପର୍ଶ ହିଁ ସେମାନଙ୍କ ଭିତରେ ଚୈତ୍ୟପୁରୁଷଙ୍କ ଜାଗରଣ ଆଣିଦେବ ବା ସେଥିପାଇଁ ପଥ ପ୍ରସ୍ତୁତ କରିବ – ତାହାହିଁ ହେଲା ସେମାନଙ୍କ ପାଇଁ ସଫଳ ଚୈତ୍ୟ ସମ୍ପର୍କର ଆରମ୍ଭ ।

ଏହି କାରଣରୁ ମଧ୍ୟ ଅନେକଙ୍କର ଏଠାରେ ରହିବା ଆବଶ୍ୟକ – ଯଦି ସେମାନେ ପ୍ରସ୍ତୁତ ଥାଆନ୍ତି – ଏଇଥିପାଇଁ ଯେ ପ୍ରତ୍ୟକ୍ଷ ପ୍ରଭାବ ଓ ସାନ୍ନିଧ୍ୟରେ ରହିବା ଯୋଗୁଁ ସେମାନଙ୍କ ଚେତନାରେ ଚୈତ୍ୟପୁରୁଷର ବିକାଶ ଓ ଗଠନ ବା ଏହାର ସମ୍ମୁଖକୁ ଆସିବା ସମ୍ଭବ ହେବ । ଯେତେବେଳେ ସ୍ପର୍ଶ ଦିଆଯାଇଥାଏ ଓ ସାଧକର ତତ୍କାଳୀନ ସାମର୍ଥ୍ୟ ଅନୁସାରେ ତାହାର ବିକାଶ ହୋଇ ସାରିଥାଏ ସେତେବେଳେ ସେ ବାହାର ଜଗତକୁ ଫେରିଗଲେ ସଂରକ୍ଷଣ ଓ ଦିବ୍ୟ ଚାଳନା ଅଧୀନରେ ଦୂରରେ ରହି ମଧ୍ୟ ସମ୍ପର୍କ ରଖିବାକୁ ସମର୍ଥ ହୁଏ ଓ ନିଜର ଆଧ୍ୟାତ୍ମିକ ଜୀବନ ବଜାୟ ରଖେ । କିନ୍ତୁ ବାହାର ଜଗତର ପ୍ରଭାବ ଚୈତ୍ୟ ସମ୍ପର୍କ ବା ଚୈତ୍ୟ ବିକାଶ ପାଇଁ ଅନୁକୂଳ ନୁହେଁ, ଯଦି ସାଧକ ଯଥେଷ୍ଟ ସତର୍କ ଓ ଏକାଗ୍ର ନ ରହେ ତେବେ କିଛି ସମୟ ପରେ ସେ ଚୈତ୍ୟସମ୍ପର୍କକୁ ସହଜରେ ହରାଇପାରେ ବା ତାହା ଆବୃତ ହୋଇ ଯାଇପାରେ ଏବଂ ବିରୋଧୀ ଶକ୍ତିସବୁର କ୍ରିୟା ଓ ପ୍ରଭାବ ଫଳରେ ତାହାର ବିକାଶ ବ୍ୟାହତ, ଗତିହୀନ ଓ ହ୍ରାସପ୍ରାପ୍ତ ହୁଏ । ତେଣୁ ସମ୍ପର୍କକୁ ଦୃଢ଼ ଓ ପୁନଃ ପ୍ରତିଷ୍ଠିତ କରିବା ପାଇଁ କିଂବା ବିକାଶକୁ ପୁନରୁଜ୍ଜୀବିତ କରିବା ପାଇଁ ବା ଏକ ସଦ୍ୟ ଗତିବେଗ ଦେବା ପାଇଁ କେନ୍ଦ୍ରୀୟ ପ୍ରଭାବର ସ୍ଥାନକୁ ଫେରି ଆସିବାର ଆବଶ୍ୟକତା ଅନୁଭୂତ ହୁଏ ଏବଂ ଏହାର ଆବଶ୍ୟକତା ମଧ୍ୟ ରହିଛି । ମଝିରେ ମଝିରେ ଏହି ସାନ୍ନିଧ୍ୟ ପାଇଁ ଅଭୀପ୍ସା ପ୍ରାଣିକ କାମନା ନୁହେଁ, ଯେତେବେଳେ ଏହା ସହିତ ଅହଂଭାବାପନ୍ନ ଜିଦ୍ ବା ପ୍ରାଣିକ ଉଦ୍ଦେଶ୍ୟ ମିଶି ଯାଇଥାଏ ସେତେବେଳେ କେବଳ ଏହାକୁ ପ୍ରାଣିକ ବାସନା କୁହାଯାଇ ପାରେ । କିନ୍ତୁ ଯଦି ଏହା ଚୈତ୍ୟପୁରୁଷର ଅଭୀପ୍ସାରୂପେ ଶାନ୍ତ ଓ ଗଭୀର ହୋଇଥାଏ ଏବଂ ଏଥିରେ କୌଣସି ପ୍ରକାର ହଟ୍ଟଗୋଳ ବା ବିକ୍ଷୋଭକାରୀ ଜିଦ୍ ନ ଥାଏ ତେବେ ଏହାକୁ ପ୍ରାଣିକ କାମନା ବୋଲି କୁହାଯାଇ ପାରିବ ନାହିଁ ।

ଏହା ସେମାନଙ୍କ ପାଇଁ ପ୍ରଯୁଜ୍ୟ ଯେଉଁମାନଙ୍କୁ କେନ୍ଦ୍ରୀୟ ଶକ୍ତି ଓ ଦିବ୍ୟ ଉପସ୍ଥିତିର ପ୍ରତ୍ୟକ୍ଷ ଚାପ ତଳେ ଆଶ୍ରମରେ ବାସ କରିବା ପାଇଁ ଡକାଯିବ ନାହିଁ ବା ଏପର୍ଯ୍ୟନ୍ତ ଡକାଯାଇ ନାହିଁ । ସେଇମାନେ ହିଁ ଏଠାରେ ବାସ କରିବେ ଯେଉଁମାନଙ୍କୁ ଆରମ୍ଭରୁ ହିଁ ଡକାଯାଇ ଥାଏ କିଂବା ଯେଉଁମାନେ ପ୍ରସ୍ତୁତ ହୋଇଛନ୍ତି କିଂବା ଏହି ଯୋଗଦ୍ୱାରା ପ୍ରସ୍ତୁତ ହେଉଥିବା ସୃଷ୍ଟି ବା କାର୍ଯ୍ୟରେ ଅଂଶ ଗ୍ରହଣକରିବା ପାଇଁ ଯେଉଁମାନଙ୍କୁ କୌଣସି ନା କୌଣସି କାରଣରୁ ସୁଯୋଗ ଦିଆଯାଇଛି । ସେମାନଙ୍କ ପାଇଁ ଏଠାକାର ବାତାବରଣ ଓ ସାମୀପ୍ୟରେ

ରହିବା ଅପରିହାର୍ଯ୍ୟ, ଏଠାରୁ ଚାଲିଯିବା ସେମାନଙ୍କ ପାଇଁ ହେବ ମିଳିଥିବା ଏକ ସୁଯୋଗର ପ୍ରତ୍ୟାଖ୍ୟାନ ଓ ଆଧ୍ୟାତ୍ମିକ ନିୟତି ପ୍ରତି ପୃଷ୍ଠପ୍ରଦର୍ଶନ । ଅନେକ ସମୟରେ ଏମାନଙ୍କର ବାଧାବିଘ୍ନ ବାହାରେ ରହିଥିବା ସାଧକମାନଙ୍କ ସଂଗ୍ରାମ ଅପେକ୍ଷା ବହୁତ ଅଧିକ ବୋଲି ଦେଖାଯାଏ କାରଣ ଏମାନଙ୍କ କ୍ଷେତ୍ରରେ ଦାବି ତଥା ଚାପ ଅପେକ୍ଷାକୃତ ଅଧିକ । କିନ୍ତୁ ତହିଁ ସଙ୍ଗେ ସଙ୍ଗେ ଏମାନଙ୍କର ସୁଯୋଗ ମଧ୍ୟ ଅଧିକ ଏବଂ ଏମାନଙ୍କର ବିକାଶ ପାଇଁ ଅଧିକତର ଶକ୍ତି ଓ ପ୍ରଭାବ ଢାଳି ଦିଆଯାଏ ଏବଂ ଆଧ୍ୟାତ୍ମିକ ଭାବରେ ଏମାନେ ଯାହା ହୋଇ ଉଠିପାରନ୍ତି ବା ହୋଇ ଉଠିବେ ତାହା ମଧ୍ୟ ବହୁ ଗୁଣରେ ଅଧିକ ଯଦି ଏମାନେ ନିଜର ପଥ ନିର୍ବାଚନ ବା ଆଧ୍ୟାତ୍ମିକ ଆହ୍ୱାନ ପ୍ରତି ବିଶ୍ୱସ୍ତ ରହନ୍ତି ।

(୦୭.୧୦.୧୯୩୧)

(ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ, ପୃ.୪୦୫ - ୪୦୭)

## କର୍ମର ସୁପରିଚାଳନା ସମ୍ପର୍କରେ ଶ୍ରୀମା

...ସମସ୍ତ ସାମୂହିକ କର୍ମରେ ଆନୁଗତ୍ୟ ବା ଅଧସ୍ତନତା ଓ ସହଯୋଗିତାର ଶିକ୍ଷା ଏକାନ୍ତ ପ୍ରୟୋଜନୀୟ । ତାହା ନ ହେଲେ ସବୁକିଛି ଅରାଜକତାରେ ପରିଣତ ହେବ । ଯେକୌଣସି କର୍ମଟିଏ କରାଯାଉ ନା କାହିଁକି ତୁମକୁ ପ୍ରଥମେ ନିଜର ଧାରଣା ଓ ପସନ୍ଦ-ଅପସନ୍ଦଗୁଡ଼ିକୁ ଆଧିନ୍ୟ ବା ଆନୁଗତ୍ୟର ବଶବର୍ତ୍ତୀ କରି ରଖିବାକୁ ପଡ଼ିବ ବା ସେଗୁଡ଼ିକୁ ଅଲଗା କରି ଗୋଟିଏ ପାଖରେ ରଖି ଦେବାକୁ ପଡ଼ିବ । ଯେଉଁସବୁ ସର୍ତ୍ତ ରଖାଯାଇଥାଏ ବା ନିଷ୍ପତ୍ତି ନିଆଯାଇଥାଏ ସେଗୁଡ଼ିକୁ ମାନି, ସେହି ଅନୁଯାୟୀ ସବୁଠାରୁ ଉତ୍ତମ ଫଳଲାଭ ପାଇଁ କାମ କରିବାକୁ ହେବ । ବରାବର ସବୁଠୁ ଯେଉଁ ପ୍ରଧାନ ଅସୁବିଧାଟି ସୃଷ୍ଟି ହୁଏ ତା' ହେଉଛି ପ୍ରତ୍ୟେକଟି କର୍ମୀ ନିଜ ନିଜର ଧାରଣା ଅନୁଯାୟୀ ନିଜ ନିଜ ଧାରାରେ, ନିଜେ ଯାହା ଉଚିତ ବା ଉପଯୋଗୀ ବୋଲି ମନେକରେ ସେହି ଅନୁସାରେ ହିଁ କାମ କରିବାକୁ ଚାହେଁ ଏବଂ ଆଶା କରେ ଯେ କେବଳ ସେହିଗୁଡ଼ିକୁ ହିଁ ଅନୁମୋଦନ ମିଳୁ । କାମ ଭିତରେ ଦେଖାଦେଉଥିବା ନାନା ବାଧାବିଘ୍ନ, ବିବାଦ ଓ ବିଶୃଙ୍ଖଳାର ଏହାହିଁ ଅନ୍ୟତମ ମୁଖ୍ୟ କାରଣ । ଏହା ଫଳରେ ହିଁ କର୍ମୀ ଓ ପରିଚାଳକମାନଙ୍କ ଭିତରେ, କର୍ମ ସମ୍ପର୍କୀୟ ଧାରଣା ଓ ବାସ୍ତବ କର୍ମ ଭିତରେ ନାନା ସଂଘର୍ଷ ସୃଷ୍ଟି ହୁଏ । ସୁସଙ୍ଗତି ଓ ସୌଷମ୍ୟ କେବଳ ସେତିକିବେଳେ ହିଁ ସମ୍ଭବ ଯେତେବେଳେ କୌଣସି ଅସନ୍ତୋଷ ବା ଅଭିଯୋଗର ମନୋଭାବ ନ ରଖି ସମସ୍ତେ କାମଟିକୁ ଗ୍ରହଣ କରି ନିଅନ୍ତି ।

ଶୃଙ୍ଖଳା ଓ ସୁବ୍ୟବସ୍ଥା ପ୍ରତ୍ୟେକଟି ଜିନିଷ ଭିତରେ ରହିଥିବା ଶକ୍ତିକୁ କେତେ ଗୁଣରେ ବଢ଼ାଇ ନ ଦିଏ ! ଯେଉଁ ଯନ୍ତ୍ରଟିର ସମସ୍ତ କଳକବ୍‌ଜା, ତାହାର ପ୍ରତ୍ୟେକଟି ଅଂଶ, ପ୍ରତ୍ୟେକଟି ଚକ ଓ ଦାନ୍ତ, ପ୍ରତ୍ୟେକଟି ଉତ୍ତୋଳକ ଯନ୍ତ୍ର ସୁବ୍ୟବସ୍ଥିତ ଓ ସୁନିର୍ଦ୍ଦିଷ୍ଟ ଭାବରେ କାମ କରୁଥାଏ, ସେହି ଯନ୍ତ୍ରଟି ସବୁଠୁ ଶକ୍ତିଶାଳୀ ନୁହେଁ କି ? ସେହିଭଳି ଏକ ଯନ୍ତ୍ରରେ ସବୁଠାରୁ ଛୋଟ ପେଚଟିକୁ ମଧ୍ୟ ଯେତେବେଳେ ତା'ର ଯଥା ସ୍ଥାନରେ ଖଞ୍ଜି ରଖାଯାଏ ସେତେବେଳେ ତାହା ବିରାଟ ବିରାଟ ଚକ ସଙ୍ଗେ ସମାନ ଉପଯୋଗୀ ବୋଲି ଦାବି କରିପାରେ ।

# ଶରୀର ଓ ଅବଚେତନା ଉପରେ ଇଚ୍ଛାଶକ୍ତିର କାର୍ଯ୍ୟ

**ଶ୍ରୀଅରବିନ୍ଦ :** ରୋଗ ପ୍ରତି ଇଚ୍ଛା ପୋଷଣ କରିବାର ଅର୍ଥ ମୁଁ ବୁଝେ ଯେ ଶରୀର ଭିତରେ ଏପରି କିଛି ଅଛି ଯାହା ରୋଗକୁ ସାଦରେ ଗ୍ରହଣ କରେ ଏବଂ କେତେକ ପ୍ରତିକ୍ରିୟା ରଖେ ଯାହାକି ଏହି ସ୍ୱୀକୃତିକୁ କାର୍ଯ୍ୟକାରୀ କରେ – ତେଣୁ ସର୍ବଦା ସତ୍ତାର ଜାଗ୍ରତ୍ ଅଂଶ ମଧ୍ୟରେ ଏପରି ବିପରୀତ ଇଚ୍ଛା ରଖିବାକୁ ହେବ ଯାହାକି ଏହି ଭୌତିକତମ ସ୍ୱୀକୃତିରୁ ନିଜକୁ ମୁକ୍ତ କରିବ ।

*

*ଏପରିକି ଅବଚେତନାରେ ମଧ୍ୟ କିପରିଭାବେ ଏକ ଇଚ୍ଛାଶକ୍ତି ଅଣାଯାଇ ପାରିବ ?*

ଅନ୍ୟ କୌଣସି ସ୍ଥାନରେ ତୁମେ ଯେପରି ଭାବେ ସଂକଳ୍ପ ପ୍ରୟୋଗ କର – ପ୍ରାଣରେ, ଦେହରେ – ଏହାକୁ କେବଳ ଚେତନା ଉପରେ ଆରୋପ କରିବାକୁ ହେବ ଏବଂ ଚେତନା ମାଧ୍ୟମରେ ସତ୍ତାର ଅବଚେତନ ଅଂଶକୁ ନିର୍ଦ୍ଦେଶ ଦେବାକୁ ହେବ ।

*

ଶୟନ କରିବା ଆଗରୁ ତୁମକୁ ଏକ ସଚେତନ ଇଚ୍ଛା ରଖିବାକୁ ହେବ । ... ଅବଚେତନା ଉପରେ ସେହି ପ୍ରକାର ପ୍ରସ୍ତାବ ଅନେକ ସମୟରେ ସଫଳ ହୁଏ, ଯଦିଓ ତତ୍କ୍ଷଣାତ୍ ନୁହେଁ, କିଛି କାଳ ପରେ; କାରଣ ଜାଗ୍ରତ୍ ଅବସ୍ଥାରେ ଅବଚେତନା ଉପରେ ନ୍ୟସ୍ତ କରାଯାଇଥିବା ଇଚ୍ଛାର ଆଦେଶ ପାଳନ କରିବା ଲାଗି ଅବଚେତନା ଶିକ୍ଷା କରେ ।

*

**ଶ୍ରୀମା :** ବିଜୟ ପ୍ରାପ୍ତି ଲାଗି ନିଜ ଭିତରେ ଏକ ସଂକଳ୍ପ ଶକ୍ତିକୁ ଜାଗ୍ରତ୍ କର । ଖାଲି ମନରେ ନୁହେଁ, ଶରୀରର ପ୍ରତିକୋଷରେ । ତାହା ବ୍ୟତୀତ ତୁମେ କିଛି କରିପାରିବ ନାହିଁ; ତୁମେ ଶହ ଶହ ଔଷଧ ଖାଇପାର କିନ୍ତୁ ସେଗୁଡ଼ିକ ତୁମକୁ ଆରୋଗ୍ୟ କରିବ ନାହିଁ ।

*

ତୁମେ ଯଦି ପ୍ରକୃତ ପକ୍ଷେ ସ୍ଥିର ରହିବ (ପ୍ରକୃତରେ ଓ ଯଥାର୍ଥଭାବେ ଶାନ୍ତ ରହିବା କଷ୍ଟକର – ପ୍ରାଣରେ ତଥା ମନରେ ଏହା ଖୁବ୍ ସହଜ, କିନ୍ତୁ ଶରୀରର କୋଷରେ, **ତାମସିକ ନ ହୋଇ**, ସମ୍ପୂର୍ଣ୍ଣରୂପେ ଶାନ୍ତ ରହିବା କିଞ୍ଚିତ୍ କଷ୍ଟକର, ଏହାକୁ ଶିଖିବାକୁ ହେବ), କିନ୍ତୁ ତୁମେ ଯେତେବେଳେ ପ୍ରକୃତରେ ଶାନ୍ତ ରହିବାକୁ ସକ୍ଷମ ହୁଅ, ସେତେବେଳେ **ସର୍ବଦା** ଛୋଟିଆ ଆଲୋକଟିଏ ରହିଥାଏ – ସାମାନ୍ୟ ଉଷ୍ମ ଆଲୋକ, ଖୁବ୍ ଉଜ୍ଜ୍ୱଳ ଏବଂ ଆଶ୍ଚର୍ଯ୍ୟଜନକ ଭାବେ ସ୍ଥିର, ପଶ୍ଚାତ୍‌ରେ ହିଁ ଥାଏ; ଯେପରି ଏହା କହୁଥାଏ, ''ତୁମକୁ ଖାଲି ଇଚ୍ଛା କରିବାକୁ ହେବ'' । ତା'ପରେ ଦେହର କୋଷଗୁଡ଼ିକ ଆତଙ୍କିତ ହୋଇ ଯାଆନ୍ତି : ''ଇଚ୍ଛା କରିବାକୁ ହେବ, କିପରି ? କିପରି କରିବି ? ମୋର ତ ରୋଗ ହୋଇଛି, ମୁଁ ତା'ର ଆୟତ୍ତାଧୀନ । ମୁଁ କିପରି କରି ପାରିବି ? ଏହା **ଏକ ରୋଗ**''– ଏମିତି ସମ୍ପୂର୍ଣ୍ଣ ନାଟକଟି ରୂପ ନେଇଥାଏ ... ତା'ପରେ ସାଧାରଣ ଜ୍ଞାନ ଥିବା କୌଣସି ଜିନିଷ କହେ,''ଶାନ୍ତ ହୁଅ, ଶାନ୍ତ ହୁଅ (ହସିକରି) ତୁମେ ନିଜର ରୋଗ ପ୍ରତି ଆସକ୍ତ ହୁଅ ନାହିଁ ! ଶାନ୍ତ ହୁଅ । ଯେପରିକି ତୁମେ ଅସୁସ୍ଥ ହେବା ଲାଗି ଇଚ୍ଛା କରିଥିଲ ! ଶାନ୍ତ ହୁଅ'' । ତା'ହେଲେ ସେମାନେ ସମ୍ମତ ହୁଅନ୍ତି –''ସମ୍ମତ ହୁଅନ୍ତି'', ତୁମେ ଜାଣ, ଏହା ହେଉଛି ଗାଳି ଖାଇଥିବା ଏକ ଛୁଆ ଭଳି, ''ଆଚ୍ଛା, ବେଶ୍ ଭଲ, ମୁଁ ଚେଷ୍ଟା କରିବି'' । ସେମାନେ ଚେଷ୍ଟା କରନ୍ତି – ତତ୍କ୍ଷଣାତ୍, ପୁନର୍ବାର ସେହି ଛୋଟିଆ ଆଲୋକଟି ଆସିଯାଏ : ''ତୁମକୁ ଖାଲି ଇଚ୍ଛା କରିବାକୁ ହେବ'' ।

## ଇଚ୍ଛାଶକ୍ତିର ଅନୁଶୀଳନ

**ଶ୍ରୀଅରବିନ୍ଦ :** ଇଚ୍ଛାଶକ୍ତି ମାନସିକ ପ୍ରଚେଷ୍ଟା ନୁହେଁ, ଏହା ପ୍ରାଣିକ ଉଦ୍ୟମ ନୁହେଁ, ଯାହାକୁ ମନୁଷ୍ୟମାନେ ସାଧାରଣତଃ ସେମାନଙ୍କର କାମନା ବାସନାର ପରିତୃପ୍ତିରେ ଉପଯୋଗ କରିଥା'ନ୍ତି । ଏହା ଏକ ପ୍ରବଳ ଆକାଙ୍କ୍ଷା ମଧ୍ୟ ନୁହେଁ । ଇଚ୍ଛାଶକ୍ତି ଏକ ସଂଘର୍ଷପୂର୍ଣ୍ଣ, ଉଦ୍ୟମକାରୀ, ଅଶାନ୍ତ ଜିନିଷ ନୁହେଁ । ଏହା ଶାନ୍ତ । ଯେତେବେଳେ ଏହା ଶାନ୍ତ ଥାଏ ପ୍ରକୃତରେ ଏହା ହେଉଛି ଉଚ୍ଚତର ଶକ୍ତିକୁ ନିମ୍ନକୁ ଅବତରଣ

କରାଇ କାର୍ଯ୍ୟ କରିବା ଲାଗି ଆହ୍ୱାନ କରିବା । ଏକ ପ୍ରକାର ଇଚ୍ଛାଶକ୍ତି ଅଛି ଯାହା ମହାପ୍ରକୃତି ଉପରେ ଆଧିପତ୍ୟ ବିସ୍ତାର କରି କାର୍ଯ୍ୟ କରେ । ଅନ୍ୟ ଏକ ପ୍ରକାରର ଇଚ୍ଛାଶକ୍ତି ଅଛି ଯାହାକି ଏତେଟା ଆଧିପତ୍ୟ ବିସ୍ତାର କରେ ନାହିଁ, ଯେତେଟା ଆସ୍ପୃହା କରେ ପ୍ରାର୍ଥନାପୂର୍ଣ୍ଣ ମନୋଭାବରେ ଉଚ୍ଚତର ଶକ୍ତିର ଅବତରଣ ଲାଗି । ଉଚ୍ଚତମ ଇଚ୍ଛା ହେଉଛି ଭଗବତ୍ ଇଚ୍ଛା । ଏହି ଇଚ୍ଛାହିଁ ହେଉଛି ତାହା ଯାହାକି ସମସ୍ତ ସଫଳତା ଲାଗି ଅପରିହାର୍ଯ୍ୟ, ଏହା ସ୍ୱତଃସ୍ଫୂର୍ତ୍ତଭାବେ କାର୍ଯ୍ୟକରେ ।

*

ତୁମେ ବିରକ୍ତ ହେବ ନାହିଁ, ଥରି ଉଠିବ ନାହିଁ କିଂବା ଅସ୍ଥିର ହେବ ନାହିଁ, କିନ୍ତୁ ରୋଗକୁ ଭଗବତ୍ ଇଚ୍ଛା ଭାବି ଗ୍ରହଣ କରିବ ନାହିଁ, ବରଂ ଏହାକୁ ଶରୀରର ଏକ ଅପୂର୍ଣ୍ଣତା ବୋଲି ଭାବିବ; ଯେପରି ପ୍ରାଣିକ ଅପୂର୍ଣ୍ଣତା ଓ ମାନସିକ ତ୍ରୁଟିଗୁଡ଼ିକରୁ ମୁକ୍ତହେବା ଲାଗି ଚେଷ୍ଟାକର ସେହିପରି ଏଥିରୁ ମୁକ୍ତ ହେବାକୁ ପଡ଼ିବ ।

*

**ଶ୍ରୀମା :** ତୁମେ ରୋଗରୁ ମୁକ୍ତ ହେବା ଲାଗି ଏକ ଦୃଢ଼ ଇଚ୍ଛାଶକ୍ତି ପ୍ରୟୋଗ କରିବ ଏବଂ ତୁମକୁ ଏହାର ପରିଣାମ ବିଷୟରେ ଶାନ୍ତ ଓ ସ୍ଥିର ରହିବାକୁ ହେବ । ଏହି ଦୁଇଟି ଜିନିଷ ପରସ୍ପରର ବିପରୀତ ନୁହନ୍ତି । ଗୋଟିଏ ଅନ୍ୟଟିର ସଙ୍ଗରେ ଏକାଠି ରହିବା ଉଚିତ ।

*

ସୁଶୃଙ୍ଖଳ ଓ ପ୍ରଗତିଶୀଳ ବ୍ୟାୟାମ ଦ୍ୱାରା ମାଂସପେଶୀ-ଗୁଡ଼ିକର ଅନୁଶୀଳନ ଓ ବିକାଶ ହେବା ଭଳି ଇଚ୍ଛାଶକ୍ତିର ଅନୁଶୀଳନ ଓ ବିକାଶ କରାଯାଇ ପାରିବ । ଏପରିକି ଯେଉଁ ଜିନିଷର କୌଣସି ପ୍ରାଧାନ୍ୟ ନାହିଁ ବୋଲି ମନେହୁଏ, ସେଥିଲାଗି ମଧ୍ୟ ତୁମେ ତୁମର ଇଚ୍ଛାଶକ୍ତିଠାରୁ ସର୍ବାଧିକ ପ୍ରଚେଷ୍ଟା କରିବାର ଯେଉଁ ଦାବି ରହିଛି ତହିଁରୁ କୌଣସିମତେ ହଟିଯିବ ନାହିଁ । କାରଣ ଉଦ୍ୟମ ଦ୍ୱାରା ହିଁ ଏହାର ସାମର୍ଥ୍ୟ ବୃଦ୍ଧିପାଏ, ଏହା ଧୀରେ ଧୀରେ ସର୍ବାପେକ୍ଷା ଅଧିକ କଷ୍ଟ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ଲାଗି ଶକ୍ତି ଅର୍ଜନ କରେ । ତୁମେ ଯାହା କରିବାକୁ ସ୍ଥିର କରିଛ, ତୁମକୁ ଯେତେ ମୂଲ୍ୟ ଦେବାକୁ ପଡୁ ପଛେ, ତାହାକୁ ନିଶ୍ଚିତଭାବେ କରିବ, ଏପରିକି ଏହା କରିବା ଲାଗି ଯଦି ବାରଂବାର, ଅନେକ ଥର ତୁମକୁ ତୁମ ଉଦ୍ୟମର ନବୀକରଣ କରିବାକୁ ପଡ଼େ । ତୁମର ଇଚ୍ଛାଶକ୍ତି ଚେଷ୍ଟା ଦ୍ୱାରା ବଳଶାଳୀ ହେବ ଏବଂ କେଉଁ ଲକ୍ଷ୍ୟ ଲାଗି ଏହାକୁ ତୁମେ ପ୍ରୟୋଗ କରିବ ସେଥିଲାଗି ଉଚିତ ବିଚାର କରି ତୁମକୁ କେବଳ ନିର୍ବାଚନ କରିବାକୁ ହେବ ।

## ଆନ୍ତରିକତାର ଶକ୍ତି

**ଶ୍ରୀମା :** ତୁମେ କୁହ, ''ମୁଁ ଏଥିରୁ ଆରୋଗ୍ୟ ହେବାକୁ ଚାହେଁ;'' ଦୁର୍ଭାଗ୍ୟବଶତଃ ଖାଲି ''ମୁଁ ଚାହେଁ'' କହିବା ଯଥେଷ୍ଟ ନୁହେଁ, ଚେତନାର ଅନ୍ୟାନ୍ୟ ଅଂଶ ଯେଉଁଗୁଡ଼ିକ ଏପରି ଲୁଚି ରହିଥା'ନ୍ତି ଯେ ତୁମେ ଯେପରି ସେଗୁଡ଼ିକୁ ଦେଖିପାରିବ ନାହିଁ, ଏବଂ ଯେତେବେଳେ ତୁମର ଦୃଷ୍ଟି ସେମାନଙ୍କଠାରୁ ଦୂରେଇ ଯାଏ ସେତେବେଳେ ସେମାନେ ନିଜ ନିଜ ଅଧିକାର ସାବ୍ୟସ୍ତ କରିବାକୁ ଚେଷ୍ଟା କରନ୍ତି । ସେଥିପାଇଁ ମୁଁ କହେ ଏବଂ ସର୍ବଦା ଏହାର ପୁନରାବୃତ୍ତି କରିବି : ସଂପୂର୍ଣ୍ଣଭାବେ ଆନ୍ତରିକ ହୁଅ : ନିଜକୁ ପ୍ରତାରଣା କରିବା ଲାଗି ଚେଷ୍ଟା କର ନାହିଁ, କୁହ ନାହିଁ, ''ମୁଁ ଯାହା କରିପାରିବି ତାହା କରି ଦେଇଛି'' । ଯଦି ତୁମେ ସଫଳ ହେଉ ନାହଁ, ତାହାର ଅର୍ଥ ହେଉଛି ଯାହା ତୁମେ କରିପାରିବ ତାହା କରୁ ନାହଁ । କାରଣ ପ୍ରକୃତରେ ଯଦି ତୁମେ ଯାହା କରିପାରିବ, ସେସବୁକୁ କର ତେବେ ନିଶ୍ଚୟ ସଫଳ ହେବ ।... ଏପରିକି ବାହାରୁ ଆସୁଥିବା ଜିନିଷ ଓ ପ୍ରସ୍ତାବଗୁଡ଼ିକ ତୁମ ଚେତନାର ସମ୍ମତି ଅନୁପାତରେ ତୁମକୁ ସ୍ପର୍ଶ କରେ, ଏବଂ ତୁମେ ତୁମ ଚେତନାର ପ୍ରଭୁ ହେବା ଲାଗି ଉଦ୍ଦିଷ୍ଟ । ଯଦି ତୁମେ କୁହ, ''ଯାହା କରାଯାଇ ପାରେ ସେସବୁ ମୁଁ କରିଛି, ଏବଂ ତା' ସତ୍ତ୍ୱେ ବି ଏହା ତଥାପି ଲାଗି ରହିଛି, ତେଣୁ ମୁଁ ଏହାକୁ ଛାଡ଼ି ଦେଉଛି'' । ତୁମେ ଆଗରୁ ନିଶ୍ଚିତ ହୋଇଯାଅ ଯେ ଯାହା ତୁମେ କରି ପାରିଥା'ନ୍ତ ତାହା କରି ନାହଁ । ଯେତେବେଳେ ଏକ ଭୁଲ୍ ''ସବୁକିଛି ସତ୍ତ୍ୱେ'' ଲାଗି ରହେ, ଏହାର ଅର୍ଥ ହେଉଛି ତୁମ ସତ୍ତାରେ ଲୁଚି ରହିଥିବା କୌଣସି ଜିନିଷ ହଠାତ୍ କରି ଢାଙ୍କୁଣୀ ଉଠାଇଲେ ବାକ୍ସରୁ ଡେଇଁ ପଡୁଥିବା କଣ୍ଢେଇ (Jack-in-the-box) ଭଳି ଲମ୍ଫ ଦିଏ

ଏବଂ ତୁମ ଜୀବନତରୀର ମଙ୍ଗକୁ ଧରିନିଏ । ତେବେ, ଖାଲି ଗୋଟିଏ ଜିନିଷ କରିବାକୁ ହେବ : ଏହା ହେଉଛି ତୁମ ଭିତରେ ଲୁଚି ରହିଥିବା ଛୋଟ ଛୋଟ ଅନ୍ଧାରିଆ କୋଣଗୁଡ଼ିକୁ ଖୋଜିବାରେ ଲାଗିଯିବା, ଏବଂ ଯଦି ତୁମେ ସଦିଚ୍ଛାର ଏକ କ୍ଷୁଦ୍ର ସ୍ଫୁଲିଙ୍ଗକୁ ଏହି ଅନ୍ଧକାର ଉପରେ ପକାଅ ତେବେ ଏହା ତା'ର ବଶ୍ୟତାସ୍ୱୀକାର କରିବ, ଉଭେଇ ଯିବ ଏବଂ ଯାହା ତୁମକୁ ଅସମ୍ଭବ ମନେ ହେଉଥିଲା ତାହା ତ ଖାଲି ସମ୍ଭବ ଓ ସାଧ୍ୟ ହେବ ନାହିଁ, ବରଂ **ଏହା ନିଶ୍ଚିତଭାବେ କରା ହୋଇଯିବ** । ଏହିପରି ଭାବେ ଯେଉଁ ସମସ୍ୟା ତୁମକୁ ବର୍ଷ ବର୍ଷ ଧରି ହଇରାଣ କରିଥାଆନ୍ତା ତାହାଠାରୁ ତୁମେ ଏକ ମିନିଟରେ ମୁକ୍ତ ହୋଇପାରିବ । ମୁଁ ତୁମକୁ ଏହି ବିଷୟରେ ନିର୍ଭର ପ୍ରତିଶ୍ରୁତି ଦେଉଛି । ଏହା କେବଳ ଗୋଟିଏ ଜିନିଷ ଉପରେ ନିର୍ଭର କରେ : ତାହା ହେଉଛି, ତୁମକୁ ପ୍ରକୃତରେ, ଆନ୍ତରିକଭାବେ ଏଥିରୁ ମୁକ୍ତ ହେବା ଲାଗି ଇଚ୍ଛା କରିବାକୁ ହେବ । ଏବଂ ଏହା ସବୁ ଜିନିଷ ଲାଗି ସମାନ – ଶାରୀରିକ ଅସୁସ୍ଥତାରୁ ଆରମ୍ଭ କରି ସର୍ବୋଚ୍ଚ ମାନସିକ ସମସ୍ୟା ପର୍ଯ୍ୟନ୍ତ ।

(Integral Healing, pp. 75 - 79) ✤

*ଅସୁସ୍ଥତା କିନ୍ତୁ କେତେକ ସମୟରେ ଯୋଗର ଆଂଶିକ ଗତିବିଧି ନ ହୋଇ ସୂକ୍ଷ୍ମାଣୁଗୁଡ଼ିକର ପରିଣାମ ହୋଇ ନ ଥାଏ କି ?*

**ଶ୍ରୀମା** : ଯୋଗ କେଉଁଠାରୁ ଆରମ୍ଭ ହୁଏ ଓ କେଉଁଠାରେ ଶେଷ ହୁଏ ? ତୁମର ସମଗ୍ର ଜୀବନଟି ଯୋଗ ନୁହେଁ କି ? ଅସୁସ୍ଥତାର ଯାବତ୍ ସମ୍ଭାବନା ସବୁ ସମୟରେ ତୁମ ଶରୀର ଭିତରେ ଓ ବାହାରେ ଘେରି ରହିଛି; ତୁମେ ତୁମ ଭିତରେ ଏହାକୁ ବହନ କର କିଂବା ପ୍ରତ୍ୟେକ ରୋଗର ସୂକ୍ଷ୍ମାଣୁ ଓ ଜୀବାଣୁ ତୁମ ଚାରିଦିଗରେ ପଲ ପଲ ହୋଇ ଘୂରି ବୁଲନ୍ତି । ଯେଉଁ ରୋଗ ବର୍ଷ ବର୍ଷ ଧରି ହୋଇ ନାହିଁ ହଠାତ୍ କିପରି ଭାବେ ତାହା ଦ୍ୱାରା ତୁମେ ଆକ୍ରାନ୍ତ ହୁଅ ? ତୁମେ କହିବ ଏହା ''ପ୍ରାଣ ଶକ୍ତିର ଅବସାଦ ।'' କିନ୍ତୁ ଏହି ଅବସାଦ କେଉଁଠାରୁ ଆସୁଛି ? ସତ୍ତା ମଧ୍ୟରେ କିଛି ଅସଂଗତି ଏବଂ ଭଗବତ୍ ଶକ୍ତି ପ୍ରତି ଗ୍ରହଣଶୀଳତାର ଅଭାବରୁ ଏହା ଆସେ । ତୁମକୁ ଧରି ରଖିଥିବା ଶକ୍ତି ଓ ଆଲୋକଠାରୁ ଯେତେବେଳେ ତୁମେ ନିଜକୁ ବିଚ୍ଛିନ୍ନ କରିଦିଅ, ଏହି ଅବସାଦ ସେତେବେଳେ ଆସେ । ଚିକିତ୍ସା ବିଜ୍ଞାନ ଯାହାକୁ, ''ଅନୁକୂଳ କ୍ଷେତ୍ର'' ବୋଲି କହେ ତାହା ସେଠାରେ ସୃଷ୍ଟି ହୋଇଯାଏ ଏବଂ କିଛି ଜିନିଷ ଏହାର ସୁଯୋଗ ନିଏ । ଏହା ହେଉଛି ସନ୍ଦେହ, ବିଷଣ୍ଣତା, ଭରସାର ଅଭାବ, ସ୍ୱାର୍ଥପର ଭାବେ ନିଜକୁ ନେଇ ଭାବିହେବା । ଏହା ତୁମକୁ ଆଲୋକ ଓ ଭଗବତ୍ ଶକ୍ତିଠାରୁ ବିଚ୍ଛିନ୍ନ କରେ ଏବଂ ଆକ୍ରମଣକୁ ଏହି ସୁବିଧା ଦିଏ । ସୂକ୍ଷ୍ମାଣୁ ନୁହେଁ, ଏହାହିଁ ହେଉଛି ତୁମ ଅସୁସ୍ଥତାର କାରଣ ।

(CWM : Vol. 3, pp. 55 - 56) ✤

**ଆଶ୍ରମ ଶିକ୍ଷାକେନ୍ଦ୍ର :**

# ଶିକ୍ଷାର୍ଥୀମାନଙ୍କ ସହ ଶ୍ରୀମା

## (ଏକ ପ୍ରଶ୍ନୋତ୍ତର)

[୧୯୬୮ରେ ଆଶ୍ରମ ସ୍କୁଲର ପୁନର୍ସଂଗଠନ ପାଇଁ କିଛି ଉଦ୍ୟମ ହେଲା ବେଳେ ମା କହିଥିଲେ ଯେ ଛାତ୍ରମାନେ ତାଙ୍କୁ ଆଗ୍ରହଜନକ ଯେକୌଣସି ପ୍ରଶ୍ନ ପଚାରିଲେ ସେ ତା'ର ଉତ୍ତର ଦେବେ । ମା ଏଥିପାଇଁ ଏକ ବିଷୟବସ୍ତୁ ବାଛିଥିଲେ 'ମୃତ୍ୟୁ' । ବ୍ୟକ୍ତିଗତ ଭାବେ ଜଣେ ଜଣେ ଛାତ୍ର ଏ ସଂପର୍କରେ ପଚାରିଥିବା ପ୍ରଶ୍ନକୁ ଏକାଠି କରି ମା'ଙ୍କୁ ଦିଆଯାଉଥିଲା । ମା'ଙ୍କ ସଙ୍ଗରେ 'ମୃତ୍ୟୁ' ଉପରେ ଏକ ଅଧ୍ୟୟନରେ ଭାଗ ନେବା ପାଇଁ ଅନୁମତି ପ୍ରାର୍ଥନା କରି ଛାତ୍ରମାନେ ମା'ଙ୍କୁ ତାହା ଲେଖି ଜଣାଇଥିଲେ । ଜଣେ ଶିକ୍ଷକଙ୍କୁ ମୌଖିକ ଭାବରେ ମା ଦେଇଥିବା ଉତ୍ତର ନିମ୍ନରେ ପ୍ରଦତ୍ତ ହେଲା ।]

ଶ୍ରୀମା : ବିଷୟ ବସ୍ତୁ ହେଉଛି : 'ମୃତ୍ୟୁ' କ'ଣ ?

କେଉଁ ଭାବରେ ଆରମ୍ଭ କରାଯିବ ? ତୁମେ ନିଜ ଭିତରକୁ ଦେଖ, ନିଜ ଭିତରେ ଏହାର ଉତ୍ତର ଖୋଜ; ବହି ପଢ଼ି ଏ ସଂପର୍କରେ ଜାଣିବାକୁ ବା ମନ ଓ ପ୍ରାଣରେ କ'ଣ ଘଟୁଛି ତା' ଜାଣିବାକୁ ଚେଷ୍ଟା କର ନାହିଁ : ମୃତ୍ୟୁ ସଂପର୍କରେ ତୁମେ ନିଜେ କ'ଣ ଭାବୁଛ, ନିଜେ କ'ଣ ଅନୁଭବ କରୁଛ, ତାହା ହିଁ ପ୍ରଧାନ କଥା ।

ଏ ସଂପର୍କରେ ସମସ୍ତ ଗବେଷଣା ପୂରାପୂରି ଭୌତିକ ସ୍ତରରେ ହିଁ ହେବା ଉଚିତ : ଦୈହିକ ଦୃଷ୍ଟିକୋଣରୁ ମୃତ୍ୟୁ କ'ଣ ?

ତୁମକୁ ଏକାଗ୍ର ହେବାକୁ ହେବ ଏବଂ ନିଜ ଭିତରେ ହିଁ ତାହାର ଉତ୍ତର ପାଇବାକୁ ହେବ । ଏ ସମ୍ପର୍କରେ କୌଣସି ଭାଷଣ ଦିଅ ନାହିଁ, କେବଳ ଗୋଟିଏ ବାକ୍ୟ କୁହ । ତୁମେ ଯେତେ ଅଧିକ ବୁଦ୍ଧିମାନ୍ ହେବ, ନିଜକୁ ପ୍ରକାଶ କରିବା ପାଇଁ ତୁମର ସେତିକି କମ୍ ଶବ୍ଦର ଆବଶ୍ୟକତା ରହିବ ।

(୨୭ ଅପ୍ରେଲ ୧୯୬୮)

(*'ସ୍ଥୂଳ, ଦୈହିକ ଦୃଷ୍ଟିକୋଣରୁ ମୃତ୍ୟୁ କ'ଣ ?'* ଏହି ପ୍ରଶ୍ନ ଉପରେ ଛାତ୍ରମାନେ ନିମ୍ନୋକ୍ତ ଉତ୍ତରଗୁଡ଼ିକ ଦେଇଥିଲେ) :

*''ମସ୍ତିଷ୍କର କୋଷାଣୁଗୁଡ଼ିକରେ ରକ୍ତ ସଂଚାଳନ ପୂରାପୂରି ବନ୍ଦ ହୋଇଯାଏ ।''*

*''ଯେତେବେଳେ ମସ୍ତିଷ୍କର କ୍ରିୟା ବନ୍ଦ ହୋଇଯାଏ ଏବଂ ଶରୀର ପଚିବାକୁ ଆରମ୍ଭ କରେ, ତାହାହିଁ ମୃତ୍ୟୁ ।''*

*''ଶକ୍ତିର ମୂଳ ଉତ୍ସ ବା ଅନ୍ତରାତ୍ମାର ଅନୁପସ୍ଥିତି ହେତୁ ଯେତେବେଳେ ଶରୀରର ସମସ୍ତ କ୍ରିୟା ବନ୍ଦ ହୋଇଯାଏ ।''*

*''ମୃତ୍ୟୁର ବାସ୍ତବ ଘଟଣା କଥା ଭାବିଲେ ମୋର ମନକୁ ଯେଉଁ ଅନୁଭୂତିର ବିଚାର ଆସେ ତା'ହେଉଛି ବୃଦ୍ଧି ପାଇଥିବା ଅଧିକ ଶକ୍ତି ସହ ବ୍ୟକ୍ତି ମହାଶୂନ୍ୟକୁ ପ୍ରକ୍ଷେପିତ ହୋଇଯାଏ ।''*

*(ମା' ଏହି ଶ୍ରେଣୀର ଛାତ୍ରମାନଙ୍କୁ ଲେଖିଲେ :)*

ମୁଁ ଆଗ୍ରହର ସହିତ ତୁମେ ପଠାଇଥିବା ଉତ୍ତରଗୁଡ଼ିକ ପଢ଼ିଲି, ଏବଂ ମୋର ଉତ୍ତର ହେଉଛି :

''ସ୍ଥୂଳ ଦେହକୁ ଗଠନ କରିଥିବା କୋଷାଣୁଗୁଡ଼ିକର ବିକେନ୍ଦ୍ରୀକରଣ ଓ ଛିନ୍ନଭିନ୍ନ ହୋଇଯିବା ହିଁ ମୃତ୍ୟୁ ।

ଚେତନା, ତା'ର ନିଜ ସ୍ୱଭାବରେ ହେଉଛି ଅମର, ଏବଂ ଭୌତିକ ଜଗତରେ ଅଭିବ୍ୟକ୍ତ ହେବା ପାଇଁ ଏହା ଊଣାଧିକେ ତିଷ୍ଠି ରହିବା ଭଳି ଏକ ଭୌତିକ ରୂପ ଧାରଣ କରିଥାଏ ।

ଭୌତିକ ଉପାଦାନ ରୂପାନ୍ତରର ମାର୍ଗରେ ହିଁ ରହିଥାଏ, ଯେପରିକି ଏହା ଏକ ବହୁ ରୂପ ସଂପନ୍ନ ତଥା ଅଧିକରୁ ଅଧିକ ପୂର୍ଣ୍ଣ ଏବଂ ସ୍ଥାୟୀ ଆକାର ଗ୍ରହଣ କରିପାରିବ ।

(୧୮ ମେ ୧୯୬୮)

*

*(ଏଥରକ ମା ପ୍ରଶ୍ନଗୁଡ଼ିକର ଅଲଗା ଉତ୍ତର ଦେଇ ଶିକ୍ଷକଙ୍କ ପାଖକୁ ପଠାଇଥିଲେ ।)*

ଏହିଗୁଡ଼ିକ ହିଁ ତୁମ ଛାତ୍ରମାନଙ୍କ ପ୍ରଶ୍ନର ଉତ୍ତର । ମୁଁ ଆଶା କରୁଛି ସେମାନେ ଏହା ବୁଝି ପାରିବେ ।

*ପ୍ରଶ୍ନ : ଯଦି ଏକ କୋଷାଣୁ ନିଜର ବ୍ୟକ୍ତିତ୍ୱ ସଂପର୍କରେ ସଚେତ ହୁଏ, ତେବେ ସାମୂହିକ ହିତ ପ୍ରତି ଦୃଷ୍ଟି ନଦେଇ ଏହା କେବଳ ନିଜର ଆତ୍ମ-ସ୍ୱାର୍ଥ ପାଇଁ କାମ କରିବାର ଆଶଙ୍କା ନାହିଁ କି ?*

ଶ୍ରୀମା : ଏକ କୋଷାଣୁର ଆତ୍ମ-ସ୍ୱାର୍ଥ କ'ଣ !

*

*ପ୍ରଶ୍ନ : ବିକେନ୍ଦ୍ରୀକରଣ କ'ଣ ଗୋଟିଏ ଥରରେ ହୋଇଯାଏ ନା ଧାପ ଧାପ ମାତ୍ରାରେ ହୋଇଥାଏ ?*

ଶ୍ରୀମା : ସବୁକିଛି ହଠାତ୍ ଗୋଟିଏ ସମୟରେ ଛିନ୍ନଛତ୍ର ହୋଇଯାଏ ନାହିଁ, ଏଥିପାଇଁ ଦୀର୍ଘ ସମୟ ଲାଗେ ।

ଦୈହିକ ସତ୍ତାର କେନ୍ଦ୍ରୀୟ ସଂକଳ୍ପ ସବୁଗୁଡ଼ିକ କୋଷାଣୁକୁ ଏକତ୍ରିତ କରି ଧରିରଖିବା ପାଇଁ ନିଜର ଇଚ୍ଛାକୁ ପରିତ୍ୟାଗ କରି ଦେଇଥାଏ । ତାହାହିଁ ପ୍ରଥମେ ଘଟେ । କୌଣସି ନା କୌଣସି କାରଣରୁ ଏହା ବିଲୁପ୍ତିଟିକୁ ଗ୍ରହଣ କରିନିଏ । ଏଥିପାଇଁ ସବୁଠୁ ଶକ୍ତିଶାଳୀ କାରଣ ହେଉଛି ଏପରି ଏକ ଅସମଞ୍ଜସତାର ଭାବ ଯାହାକୁ ଆଉ ସୁଧାରି ହେବ ନାହିଁ, ଅନ୍ୟ କାରଣଟି ହେଉଛି ସମନ୍ୱୟ ଓ ସୁସମଞ୍ଜସତା ରକ୍ଷା କରିବା ଦିଗରେ ଉଦ୍ୟମକୁ ଚଳାଇ ରଖିବା ପାଇଁ ଏକ ଧରଣର ବିତୃଷ୍ଣା ବା ବିରକ୍ତି । ପ୍ରକୃତରେ ଏଥିପାଇଁ ଅସଂଖ୍ୟ କାରଣମାନ ରହିଛି କିନ୍ତୁ ଏକ ଭୟଙ୍କର ଦୁର୍ଘଟଣା ନ ଘଟିଲେ ସର୍ବୋପରି ଏହି ସଂଗତି ରକ୍ଷା କରିବାର ଇଚ୍ଛା କୌଣସି ନା କୌଣସି କାରଣରୁ ବା କୌଣସି କାରଣ ନ ଥାଇ ଚାଲିଯାଏ । ମୃତ୍ୟୁ ପୂର୍ବରୁ ଏହା ହିଁ ଅନିବାର୍ଯ୍ୟ ଭାବରେ ଘଟିଥାଏ ।

*ପ୍ରଶ୍ନ : କ'ଣ ପ୍ରତ୍ୟେକଟି କୋଷାଣୁକୁ କେନ୍ଦ୍ର ସହିତ ନିଜର ଐକ୍ୟ ସଂପର୍କରେ ସଚେତ ହୋଇ ରହିବାକୁ ହେବ ?*

ଶ୍ରୀମା : କଥାଟି ସେପରି ନୁହେଁ, ତଥାପି ଏହା ଏକ ଅର୍ଦ୍ଧ-ସାମୂହିକ ଚେତନା ହୋଇ ରହିଛି, ଏହା କୋଷାଣୁଗୁଡ଼ିକର ବ୍ୟକ୍ତିଗତ ଚେତନା ନୁହେଁ ।

*

*ପ୍ରଶ୍ନ : ଏହି ବିକେନ୍ଦ୍ରୀକରଣଟି କ'ଣ ମୃତ୍ୟୁ ପରେ ଘଟିଥାଏ ନା ତା' ପୂର୍ବରୁ ଆରମ୍ଭ ହୋଇ ଯାଇଥାଏ ?*

ଶ୍ରୀମା : ଅନେକ ସମୟରେ ତାହା ମୃତ୍ୟୁ ପୂର୍ବରୁ ଆରମ୍ଭ ହୋଇଥାଏ ।

*ପ୍ରଶ୍ନ : ଦେହର କୋଷାଣୁଗୁଡ଼ିକ କ'ଣ ଦେହ ବାହାରେ ଶୂନ୍ୟରେ ଛିନ୍ନଛତ୍ର ହୋଇଯାଆନ୍ତି ନା ତାହା ଶରୀର ଭିତରେ ହିଁ ହୋଇଥାଏ ? ଯଦି ସେଗୁଡ଼ିକ ଶୂନ୍ୟରେ ହିଁ ଛିନ୍ନଛତ୍ର ହୋଇ ଯାଆନ୍ତି ତେବେ ସେହି କୋଷାଣୁଗୁଡ଼ିକ ସହିତ ଶରୀର ମଧ୍ୟ ଅନ୍ତର୍ଦ୍ଧାନ ହୋଇ ଯାଆନ୍ତା ?*

ଶ୍ରୀମା : ସ୍ୱାଭାବିକ ଭାବରେ ଶରୀର ମଧ୍ୟ ବିଲୁପ୍ତ ହୋଇଯାଏ, କିନ୍ତୁ ସେଥିପାଇଁ ଦୀର୍ଘ ସମୟ ଲାଗେ ।

*

*ପ୍ରଶ୍ନ : ଏହି ଯେଉଁ ଦେହକୋଷାଣୁଗୁଡ଼ିକ ଛିନ୍ନଛତ୍ର ହୋଇଯିବା କଥା କୁହାଯାଇଛି, ଏହି ଛିନ୍ନଛତ୍ର ଶବ୍ଦର ଏକ ବିଶେଷ ଅର୍ଥ ନାହିଁ କି ? ଯଦି ଥାଏ ତେବେ ତାହା କ'ଣ ?*

ଶ୍ରୀମା : ମୁଁ ଖୁବ୍ ନିର୍ଦ୍ଦିଷ୍ଟ ଅର୍ଥରେ କୋଷାଣୁର ଛିନ୍ନଛତ୍ର ହୋଇଯିବା ଶବ୍ଦଟି ବ୍ୟବହାର କରିଥିଲି ।

ଯେତେବେଳେ ଶରୀରକୁ ଗଠନ କରି ଧରି ରଖୁଥିବା ଚେତନାର ଏକାଗ୍ରତାରେ ସମାପ୍ତି ଘଟେ ଓ ଶରୀରର ବିଲୋପ ଘଟେ, ଦେହର ଯେଉଁସବୁ କୋଷାଣୁଗୁଡ଼ିକ ବିଶେଷ ଭାବରେ ବିକଶିତ ହୋଇ ଥାଆନ୍ତି ଏବଂ ସେମାନଙ୍କ ଭିତରେ ରହିଥିବା ଦିବ୍ୟ-ଉପସ୍ଥିତି ସଂପର୍କରେ ସଚେତ ହୋଇଥାଆନ୍ତି ସେଗୁଡ଼ିକ ଇତସ୍ତତଃ ଖେଳାଇ ହୋଇ ଯାଆନ୍ତି ଓ ଅନ୍ୟାନ୍ୟ ସଂଗଠନରେ ପ୍ରବେଶ କରନ୍ତି ଯେଉଁଥିରେ ସେମାନେ ନିଜ ସଂସର୍ଗ ଦ୍ୱାରା, ସେହି ଦିବ୍ୟ-ଉପସ୍ଥିତିକୁ ଜାଗ୍ରତ୍ କରନ୍ତି ଯାହା ସେମାନଙ୍କର ପ୍ରତ୍ୟେକଙ୍କର ରହିଥିଲା । ଏବଂ ଏହିପରି ଭାବରେ ଏକାଗ୍ର ସଂଗଠନ, ବିକାଶ ଓ ଛିନ୍ନଭିନ୍ନ ହୋଇ ଯିବାର ପ୍ରକ୍ରିୟା ଦ୍ୱାରା ହିଁ ସମସ୍ତ ଜଡ଼ର ବିବର୍ତ୍ତନ ହୁଏ ଏବଂ ସଂସର୍ଗ ଲାଭ ଫଳରେ ତାହା ବିକଶିତ ହୁଏ ଓ ସେହି ସଂସର୍ଗ ଦ୍ୱାରା ହିଁ ଅନୁଭୂତି ଲାଭ କରେ ।

ସ୍ୱାଭାବିକ ଭାବରେ ଶରୀର ସଙ୍ଗରେ ହିଁ କୋଷାଣୁ-ଗୁଡ଼ିକର ବିଲୁପ୍ତି ହୁଏ । କୋଷାଣୁଗୁଡ଼ିକର ଚେତନା ହିଁ ଅନ୍ୟାନ୍ୟ ସଂଗଠନ-ସମଷ୍ଟିରେ ପ୍ରବେଶ କରନ୍ତି ।

(୫ ଜୁନ୍ ୧୯୬୮)

*

*ପ୍ରଶ୍ନ : ଯେତେବେଳେ ଦୈହିକ ସତ୍ତାର ସଂକଳ୍ପ ବା ଇଚ୍ଛାଶକ୍ତି ବିନା କାରଣରେ ନିଜର ସେହି ବଞ୍ଚିବାର ସଂକଳ୍ପକୁ ଛାଡ଼ିଦିଏ ସେତେବେଳେ ତାହା କ'ଣ କୌଣସି ଦୈହିକ କାରଣରୁ ହୋଇଥାଏ ନା ଆଦୌ କୌଣସି କାରଣ ନଥାଇ ସେପରି ହୋଇଥାଏ ?*

ଶ୍ରୀମା : ଦୈହିକ ଚେତନା କେବଳ ସ୍ଥୂଳ ଦୈହିକ ଭାବରେ ହିଁ ସଚେତ ହୋଇଥାଏ । ଦୈହିକ ସତ୍ତାର ଇଚ୍ଛାଶକ୍ତି

ନିଜେ ସଚେତ ଥିବା କୌଣସି କାରଣ ବିନା ବି ନିଜର ବଞ୍ଚିବାର ସଂକଳ୍ପ ପରିତ୍ୟାଗ କରି ଦେଇପାରେ ।

*ପ୍ରଶ୍ନ : ସମନ୍ୱୟ ବା ସୁସଂଗତି ଓ ସୁସମଞ୍ଜସ ସ୍ଥାପନ ପାଇଁ ପ୍ରଚେଷ୍ଟାକୁ ଚଳାଇ ରଖିବା ଲାଗି ଦୈହିକ ସତ୍ତାର ବିରକ୍ତି ଆସିବାର କାରଣ କ'ଣ ?*

ଶ୍ରୀମା : ସାଧାରଣତଃ ଏହି ବିରକ୍ତି ଆସିଥାଏ ଯେତେବେଳେ ସତ୍ତାର ଗୋଟିଏ ଅଂଶ (ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ପ୍ରାଣିକ ବା ମାନସିକ) ଅଗ୍ରଗତି କରିବା ପାଇଁ ପୂରାପୂରି ଅସ୍ୱୀକାର କରେ । ଏବଂ ଦୈହିକ ଭାବରେ ଏହା ପ୍ରକାଶ ପାଏ ସମୟ ସହିତ ଆସୁଥିବା କ୍ଷୟ ଓ ଅବନତି ବିରୋଧରେ ଉଦ୍ୟମ କରିବା ପାଇଁ ଅସ୍ୱୀକାର ରୂପରେ ।

*ପ୍ରଶ୍ନ : ଦୈହିକ ସତ୍ତାର କେନ୍ଦ୍ରୀୟ ସଂକଳ୍ପ ଏବଂ ଦେହର କୋଷାଣୁଗୁଡ଼ିକ ଭିତରେ ସଂଯୋଗ କେଉଁଠି ହୁଏ ? ଏବଂ କିପରି ?*

ଶ୍ରୀମା : ଦେହରେ ଥିବା କୋଷାଣୁଗୁଡ଼ିକର ଏକ ଆନ୍ତର ଗଠନ ବା ନିର୍ମାଣ ରହିଛି ଯାହା ବିଶ୍ୱର ଗଠନ ସହିତ ମେଳ ଖାଏ । ସେଇଥିପାଇଁ ସମରୂପ ବାହ୍ୟ ଓ ଆନ୍ତର ଅବସ୍ଥା ଭିତରେ ଏକ ସଂଯୋଗ ସ୍ଥାପିତ ହୁଏ ... ଏହା ଠିକ୍ 'ବାହ୍ୟ' ନୁହେଁ କିନ୍ତୁ ବ୍ୟକ୍ତି ପାଇଁ ଏହା ବାହ୍ୟ । ଅର୍ଥାତ୍ ଦେହର କୋଷାଣୁଗୁଡ଼ିକ ସେମାନଙ୍କର ଆଭ୍ୟନ୍ତରୀଣ ଗଠନରେ ସମଗ୍ରର ଅନୁରୂପ ଗଠନର ଅବସ୍ଥାରୁ ସ୍ପନ୍ଦନ ଗ୍ରହଣ କରନ୍ତି । ପ୍ରତ୍ୟେକଟି କୋଷାଣୁ ଭିନ୍ନ ଭିନ୍ନ ଦୀପ୍ତି ନେଇ ଗଠିତ ହୋଇଥାଏ ଯାହାର ରହିଥାଏ ଏକ ପୂର୍ଣ୍ଣ ଜ୍ୟୋତିର୍ମୟ କେନ୍ଦ୍ର; ଏବଂ ଜ୍ୟୋତିଃ ସହିତ ଜ୍ୟୋତିଃର ସଂଯୋଗ ସ୍ଥାପିତ ହୋଇଥାଏ । ଅର୍ଥାତ୍ ସଂକଳ୍ପ-ଶକ୍ତି ସେହି କେନ୍ଦ୍ରୀୟ ଜ୍ୟୋତିଃ ତାହାର ଅନୁରୂପ ବା ତାହା ସହ ମେଳ ଥିବା ଜ୍ୟୋତିଃକୁ ସ୍ପର୍ଶ କରି ସତ୍ତା ସହିତ ଆନ୍ତର ସଂଯୋଗ ଦ୍ୱାରା ଦେହର କୋଷାଣୁଗୁଡ଼ିକ ଉପରେ କ୍ରିୟା କରେ । ପିଣ୍ଡର ପ୍ରତ୍ୟେକଟି କୋଷାଣୁ ହେଉଛି ବ୍ରହ୍ମାଣ୍ଡ ବା ସମଗ୍ର ସହ ମେଳ ଖାଉଥିବା ଗୋଟିଏ ଗୋଟିଏ କ୍ଷୁଦ୍ର ଜଗତ୍ ।

(୧୫ ଜୁଲାଇ ୧୯୬୮)

*

*ପ୍ରଶ୍ନ : ସମୟ ସହିତ ଆସୁଥିବା ଅବକ୍ଷୟକୁ ରୋକିବା ପାଇଁ ଅଗ୍ରଗତିର ସଂକଳ୍ପ କ'ଣ ଯଥେଷ୍ଟ ?*

ଶ୍ରୀମା : ଠିକ୍ ତାହାହିଁ ହେଉଛି ଶରୀରର ରୂପାନ୍ତର : ଦେହର କୋଷାଣୁଗୁଡ଼ିକ କେବଳ ଯେ ସଚେତ ହେବେ ଖାଲି ସେତିକି ନୁହେଁ, ଯଥାର୍ଥ ଚେତନା-ଶକ୍ତି ପ୍ରତି ସେମାନଙ୍କୁ ଗ୍ରହଣଶୀଳ ହେବାକୁ ହେବ । ଅର୍ଥାତ୍, ଏହି ଉଚ୍ଚତର ଚେତନାକୁ କ୍ରିୟା କରିବା ପାଇଁ ସେମାନଙ୍କୁ ସମ୍ମତି ଦେବାକୁ ହେବ । ତାହା ହିଁ ହେଉଛି ରୂପାନ୍ତରର କ୍ରିୟା ।

*ପ୍ରଶ୍ନ : ଏହି ସଂକଳ୍ପଶକ୍ତି, ଏହି କେନ୍ଦ୍ରୀୟ ଜ୍ୟୋତିଃ, ଯାହା ଜଡ଼ ଭୌତିକ ନୁହେଁ, ତାହା କିପରି ଦେହର କୋଷାଣୁଗୁଡ଼ିକର ସ୍ଥୂଳ ଜଡ଼ ଉପରେ କ୍ରିୟା କରିବ ?*

ଶ୍ରୀମା : ଏହା ଯେପରି ଏକ ପ୍ରଶ୍ନ ପଚାରିବା ଭଳି ଯେ ''ସଂକଳ୍ପଶକ୍ତି ଜଡ଼ ପଦାର୍ଥ ଉପରେ କିପରି କ୍ରିୟା କରିବ ?'' ସମସ୍ତ ଜୀବନ ଏହିପରି ହିଁ ହୋଇଥାଏ । ତୁମେ ଏହି ପିଲାମାନଙ୍କୁ ଏହା ବ୍ୟାଖ୍ୟା କରି ବୁଝାଇ ଦେବା ଉଚିତ ଯେ ସେମାନଙ୍କର ସମସ୍ତ ଜୀବନ ଓ ଅସ୍ତିତ୍ୱ ହେଉଛି ସଂକଳ୍ପ-ଶକ୍ତିର କ୍ରିୟାର ଫଳ, ଏହି ସଂକଳ୍ପ-ଶକ୍ତି ବିନା ଜଡ଼ ପୂରା ନିଷ୍କ୍ରିୟ ଓ ଅଚଳ ହୋଇ ରହି ଥାଆନ୍ତା, ଏବଂ ନିର୍ଦ୍ଦିଷ୍ଟ ଭାବରେ ସତ୍ୟଟି ହେଉଛି ସଂକଳ୍ପ-ଶକ୍ତିର ସ୍ପନ୍ଦନ ଜଡ଼ ଉପରେ କ୍ରିୟା କରିବା ଫଳରେ ହିଁ ଜୀବନ ସମ୍ଭବ ହୋଇଛି । ତା' ନହେଲେ ଆଦୌ କୌଣସି ଜୀବନ ରହି ନ ଥା'ନ୍ତା । ସେମାନେ ଯଦି ଏକ ବୈଜ୍ଞାନିକ ଉତ୍ତର ଚାହାନ୍ତି ଓ ଜାଣିବାକୁ ଚାହାନ୍ତି କିପରି ଭାବରେ ଏହା କ୍ରିୟା କରେ ତେବେ ତାହା ବୁଝାଇବା ଅଧିକ କଷ୍ଟକର, କିନ୍ତୁ ଏହା ହିଁ ହେଉଛି ତଥ୍ୟ ଏବଂ ଏହାର ସତ୍ୟ ପ୍ରତି ମୁହୂର୍ତ୍ତରେ ଦେଖିବାକୁ ମିଳେ ।

(୨୦ ଜୁଲାଇ ୧୯୬୮)

*

*ପ୍ରଶ୍ନ : ଦୈହିକ ସତ୍ତା ସଂପର୍କରେ ଆମେ କିପରି ସଚେତ ହେଉ ?*

ଶ୍ରୀମା : ମାନବସମାଜ, ପ୍ରାୟ ସମଗ୍ର ମାନବସମାଜ କେବଳ ଏହି ଦୈହିକ ସତ୍ତା ସଂପର୍କରେ ହିଁ ସଚେତ । ଶିକ୍ଷା ଫଳରେ ଯେଉଁ ଲୋକମାନେ ନିଜର ପ୍ରାଣିକ ଓ ମାନସିକ ସତ୍ତା ସଂପର୍କରେ ସଚେତ, ସେମାନଙ୍କର ସଂଖ୍ୟା ବୃଦ୍ଧି ପାଉଛି । ଆଉ ଯେଉଁ ବ୍ୟକ୍ତିମାନେ ନିଜର ଚୈତ୍ୟସତ୍ତା ସଂପର୍କରେ ସଚେତ ସେମାନଙ୍କର ସଂଖ୍ୟା ଅପେକ୍ଷାକୃତ ଅତି କମ୍ ।

ତୁମେ ଯଦି ଏହି ଅର୍ଥରେ ପଚାରୁଥାଅ ଯେ ''ଜଣେ କିପରି ଦୈହିକ ସତ୍ତାର ଚେତନାକୁ ଜାଗ୍ରତ କରେ ?'' ତେବେ ତାହା ହିଁ ହେଉଛି ନିର୍ଦ୍ଦିଷ୍ଟ ଭାବରେ ଶାରୀରିକ ଶିକ୍ଷାର ଲକ୍ଷ୍ୟ । ଶାରୀରିକ ଶିକ୍ଷା ହିଁ ଦେହର କୋଷାଣୁଗୁଡ଼ିକୁ ସଚେତ ହେବା ପାଇଁ ଶିକ୍ଷା ଦିଏ । କିନ୍ତୁ ମସ୍ତିଷ୍କର ବିକାଶ ପାଇଁ ଆବଶ୍ୟକ ହେଉଛି ଅଧ୍ୟୟନ, ପର୍ଯ୍ୟବେକ୍ଷଣ, ବୁଦ୍ଧିମତ୍ତା ଶିକ୍ଷା, ସର୍ବୋପରି ପର୍ଯ୍ୟବେକ୍ଷଣ ଓ ଯୁକ୍ତିବୁଦ୍ଧି । ଏବଂ ସ୍ୱାଭାବିକ ଭାବରେ ସ୍ୱଭାବ ଓ ଚରିତ୍ରର ଦୃଷ୍ଟିକୋଣରୁ ଚେତନାର ସମଗ୍ର ଶିକ୍ଷା ପାଇଁ ଆବଶ୍ୟକ ହେଉଛି ଯୋଗ ।

*ପ୍ରଶ୍ନ : ଦୈହିକ ସତ୍ତାର କେନ୍ଦ୍ରୀୟ ସଂକଳ୍ପ ପାଇଁ ଶରୀରରେ କୌଣସି ଏକ ବିଶେଷ ସ୍ଥାନ ଅଛି କି ?*

ଶ୍ରୀମା : ଏହା ହେଉଛି ମସ୍ତିଷ୍କ ।

*ପ୍ରଶ୍ନ : ମରିବା ବିନା ଜଣେ କ'ଣ ମୃତ୍ୟୁର ଅନୁଭୂତି ପାଇ ପାରିବ ?*

ଶ୍ରୀମା : ନିଶ୍ଚୟ । ଜଣେ ଯୋଗ ଦ୍ୱାରା ମୃତ୍ୟୁର ଅନୁଭୂତି ପାଇପାରେ; ଏପରିକି ଜଣେ ଏହା ପୂରା ସ୍ଥୂଳ ଭୌତିକ ଭାବରେ ପାଇପାରେ ଯଦି ସେହି ସମୟ ଯଥେଷ୍ଟ ସଂକ୍ଷିପ୍ତ ହୋଇଥାଏ, ଯାହା ଫଳରେ ଡାକ୍ତରମାନେ ତୁମକୁ ମୃତ ବୋଲି ଘୋଷଣା କରିବାକୁ ସମୟ ପାଇବେ ନାହିଁ ।

*ପ୍ରଶ୍ନ : ମୃତ୍ୟୁ ପରେ ସତ୍ତାର କେଉଁ ଅଂଶଟି ସଚେତ ହୁଏ ସେ ମୃତ ବୋଲି ?*

ଶ୍ରୀମା : ସତ୍ତାର ଯେକୌଣସି ଅଂଶ ଯାହାର ମୃତ୍ୟୁ ହୋଇ ନଥାଏ ତାହା ସଚେତ ହୋଇପାରେ ଯେ ଶରୀର ଆଉ ଜୀବିତ ହୋଇ ରହି ନାହିଁ । ଏହା ନିର୍ଭର କରେ ।

*ପ୍ରଶ୍ନ : ଜଣେ କିପରି ନିଶ୍ଚିତ ଭାବରେ କହିପାରେ ଯେ ଦୈହିକ ଶରୀରର ମୃତ୍ୟୁ ଘଟିଛି ?*

ଶ୍ରୀମା : ଯେତେବେଳେ କେବଳ ଏହା ପଚିବାକୁ ଆରମ୍ଭ କରେ ।

*ପ୍ରଶ୍ନ : ଜଣେ କିପରି କ୍ଷୟର ପ୍ରକ୍ରିୟାକୁ ରୋକି ପାରିବ ବା ଆୟତ୍ତ କରିପାରିବ ?*

ଶ୍ରୀମା : ଯତ୍ନର ସହିତ ଶାରୀରିକ ଭାରସାମ୍ୟକୁ ବଜାୟ ରଖିବା ଦ୍ୱାରା ।

*ପ୍ରଶ୍ନ : ଜଣେ ଯେତେବେଳେ ମୃତ୍ୟୁ ଭୋଗ କରେ ସେତେବେଳେ ସେ କ'ଣ ନିଶ୍ଚିତ ଭାବରେ ଦୈହିକ ଯନ୍ତ୍ରଣା ଭୋଗ କରେ ?*

ଶ୍ରୀମା : ତାହା ଅପରିହାର୍ଯ୍ୟ ନୁହେଁ ।

(୨୮ ସେପ୍‌ଟେମ୍ବର ୧୯୬୮)

*

*ପ୍ରଶ୍ନ : ମୃତ୍ୟୁର ପ୍ରକ୍ରିୟାକୁ ରୋକିବା ପାଇଁ ଆମ ଦୈନନ୍ଦିନ ଜୀବନରେ କ'ଣ କରିବା ଉଚିତ ?*

ଶ୍ରୀମା : ପଦ୍ଧତିଟି ହେଉଛି ଶରୀରରୁ ନିଜର ଚେତନାକୁ ପୃଥକ୍ କରିବା ଏବଂ ଗଭୀରତର ଜୀବନ ଉପରେ ଏହାକୁ ଏକାଗ୍ର କରିବା, ଯାହାଫଳରେ ଏହି ଗଭୀର ଚେତନାକୁ ଶରୀର ଭିତରକୁ ନେଇଆଣି ହେବ ।

*ପ୍ରଶ୍ନ : ଯଦି 'ମୁଁ'ବୋଧଟି ନିଜକୁ ଜୀବନରେ ମନ ସହିତ ଅଧିକ ଏକାତ୍ମ କରିଥାଏ, ଏହା କ'ଣ ସେହି 'ମୁଁ' ବୋଧ ଯାହାର କି ମୃତ୍ୟୁ ପର ସମସ୍ତ ଅନୁଭୂତି ହୋଇଥାଏ, ଅର୍ଥାତ୍, ତାହା ସେହି ଏକ ସମୟରେ ଜୀବନର ସ୍ମୃତିକୁ ବଜାୟ ରଖିଥାଏ ? ମୁଁ ମନ ସଂପର୍କରେ ଏହି ପ୍ରଶ୍ନଟି ପଚାରୁଛି, କାରଣ ମୃତ୍ୟୁ ପରେ ଅନ୍ୟାନ୍ୟ ଅଂଶ ଅପେକ୍ଷା ଏହା ଆଉ ଟିକେ ଅଧିକ କାଳ ପାଇଁ ସଂଗଠିତ ହୋଇ ରହିଥାଏ ।*

ଶ୍ରୀମା : ମନ ଯେ ଅଧିକ କାଳ ସ୍ଥାୟୀ ରୁହେ, ଏହା ସତ୍ୟ ନୁହେଁ । ଚୈତ୍ୟ-ଚେତନା ଯାହା ଶରୀରର କ୍ଷୁଦ୍ର ଅଂଶ ସହ ନିଜକୁ ଏକ କରିଥାଏ, ମୃତ୍ୟୁ କାଳରେ ତାହା ଏହି କ୍ଷୁଦ୍ର ଦୈହିକ ବ୍ୟକ୍ତିସତ୍ତାଟିକୁ ତ୍ୟାଗ କରିଦିଏ । ଏହି ଚେତନା ଯେଭଳି ଭାବରେ ଜୀବନକୁ ଯେତେଦୂର ଗଠିତ କରିଥାଏ, ସେହି ଅନୁପାତରେ ତାହା ସ୍ମରଣ ରଖିଥାଏ ଯେ ସେ କ'ଣ ଓ କିପରି ଭାବରେ ତାହାକୁ ଗଠନ କରିଛି ଏବଂ ଘଟଣାଗୁଡ଼ିକରେ ସେହି ସ୍ମୃତି ଚୈତ୍ୟ-ଚେତନା ସହ ଘନିଷ୍ଠ ଭାବରେ ଯୁକ୍ତହୋଇ ରହିଥାଏ । ଯେଉଁସବୁ ଘଟଣାରେ ଚୈତ୍ୟ-ଚେତନା ଭାଗ ନେଇ ନଥାଏ, ସେଗୁଡ଼ିକ ସଂପର୍କରେ କୌଣସି ସ୍ମରଣ ରହେ ନାହିଁ । କେବଳ ଚୈତ୍ୟ-ଚେତନା ହିଁ ବଜାୟ ରହିଚାଲେ; ସ୍ମୃତିଗୁଡ଼ିକୁ ମନ ଧରି ରଖିପାରେ ନାହିଁ, ଏହି ଧାରଣା ପୂରାପୂରି ଭୁଲ୍ ।

(୧ ଫେବ୍ରୁଆରୀ ୧୯୬୯)

(*କିଛିଦିନ ପରେ ଏହି ଛାତ୍ରଟି ସଂପର୍କରେ ଶିକ୍ଷକଙ୍କ ସହ କଥାବାର୍ତ୍ତା ବେଳେ ମା'ଏହି ଆଲୋଚନାର ଉପସଂହାର ରୂପେ କହିଥିଲେ :*)

**ବାସ୍ତବରେ ମୃତ୍ୟୁ ବୋଲି କିଛି ନାହିଁ ।**

(MCW, Vol. 12, pp. 340 - 346)

# ମୃତ୍ୟୁ ଏକ ସମାପ୍ତି ନୁହେଁ

## ଶ୍ରୀଅରବିନ୍ଦ

ସଂସାରରେ ପ୍ରତ୍ୟେକ ଲୋକ ତା'ର ନିଜର ନିୟତିର ଧାରାକୁ ଅନୁସରଣ କରୁଥାଏ ଏବଂ ତାହା ନିର୍ଦ୍ଧାରିତ ହୋଇଥାଏ ନିଜ ନିଜର ପ୍ରକୃତି ଓ କର୍ମ ଅନୁଯାୟୀ – କୌଣସି ଏକ ନିର୍ଦ୍ଦିଷ୍ଟ ଜୀବନରେ ଯାହା ଘଟିଥାଏ ତାହାର ଅର୍ଥ ଓ ଆବଶ୍ୟକତାକୁ କେବେହେଲେ ବୁଝି ହେବ ନାହିଁ ଯଦି ବହୁ ଜୀବନର ସମଗ୍ର ଗତିଧାରାର ଆଲୋକରେ ସେଗୁଡ଼ିକୁ ଦେଖିବା ପାଇଁ ଆମେ ସମର୍ଥ ନହେଉ । ସେହିମାନେ ଏହା ଦେଖିପାରନ୍ତି ଯେଉଁମାନେ ସାଧାରଣ ମନ ଓ ଭାବାନୁଭବକୁ ଅତିକ୍ରମ କରି ଜିନିଷଗୁଡ଼ିକୁ ଏକ ସମଗ୍ର ରୂପରେ ଦେଖନ୍ତି । ଏବଂ ସେମାନେ ଏହା ମଧ ଦେଖିପାରନ୍ତି ଯେ ଏପରିକି ଭୁଲ୍-ତ୍ରୁଟି, ଦୁର୍ଭାଗ୍ୟ ଓ ବିପଦ-ବିପର୍ଯ୍ୟୟ ମଧ ଏହି ଯାତ୍ରାପଥରେ କେତେକ ସୋପାନ ମାତ୍ର, ଏବଂ ଏହିଗୁଡ଼ିକ ଭିତର ଦେଇ ଓ ଏଗୁଡ଼ିକୁ ଅତିକ୍ରମ କରି ନିଜ ଗତିପଥରେ ଆଗେଇଯିବା ବେଳେ ଆତ୍ମା ତା'ର ଅନୁଭୂତି ସଂଚୟ କରିଚାଲିଥାଏ, ଯେତେବେଳେ କି ଶେଷରେ ଏହା ସେହି ପରିବର୍ତ୍ତନ ବା ଅବସ୍ଥାନ୍ତରରେ ପହଞ୍ଚିବା ପାଇଁ ପ୍ରସ୍ତୁତ ହୋଇଯାଏ ଯାହା ଏଗୁଡ଼ିକୁ ଅତିକ୍ରମ କରାଇ ତାହାକୁ ନେଇଯିବ ଏକ ଉଚ୍ଚତର ଚେତନା ଓ ଉଚ୍ଚତର ଜୀବନ ଭିତରକୁ । ଯେତେବେଳେ ଜଣେ ସେହି ସୀମାନ୍ତ ରେଖାରେ ଆସି ପହଞ୍ଚିଯାଏ ସେତେବେଳେ ତାହାକୁ ସେହି ସମସ୍ତ ପୁରାତନ ମନ ଓ ଭାବାନୁଭବଗୁଡ଼ିକୁ ପଛରେ ଛାଡ଼ି ଆସିବାକୁ ହୋଇଥାଏ । ଯେଉଁମାନେ ତଥାପି ସାଧାରଣ ସଂସାରର ସୁଖ-ଦୁଃଖରେ ଲିପ୍ତ ଓ ଜଡ଼ିତ ହୋଇ ରହିଥା'ନ୍ତି, ସେମାନଙ୍କୁ ସେ ଏକ ସହାନୁଭୂତି-ସଂପନ୍ନ ଦୃଷ୍ଟିରେ, ଏବଂ ଯେଉଁଠି ସମ୍ଭବ ହୁଏ ଏକ ଆଧାତ୍ମିକ ସହାୟତାର ଭାବ ନେଇ ଦେଖିଥାଏ, କିନ୍ତୁ ସେଥିପ୍ରତି ତା'ର କୌଣସି ଆସକ୍ତିର ଭାବ ନଥାଏ । ସେତେବେଳେ ସେ ଏହି ଶିକ୍ଷା ଲାଭ କରିଥାଏ ଯେ ସେମାନଙ୍କର ସମସ୍ତ ଭୁଲ୍, ଭ୍ରାନ୍ତି ଓ ଝୁଣ୍ଟିପଡ଼ିବା ଭିତର ଦେଇ ସେମାନଙ୍କୁ ବାଟ କଢ଼ାଇ ଆଗେଇ ନିଆଯାଉଛି ଓ ସେମାନଙ୍କ ପାଇଁ ଯାହା ସର୍ବୋତ୍ତମ ତାହା କରିବାର ଭାର ପୂର୍ଣ୍ଣ ଭରସାର ସହ ସେ ସେହି ବିଶ୍ୱଶକ୍ତି ଉପରେ ଛାଡ଼ି ଦେଇଥାଏ ଯେକି ସେମାନଙ୍କ ଜୀବନ ଓ ଅସ୍ତିତ୍ୱ ଉପରେ ଦୃଷ୍ଟି ରଖିଛନ୍ତି ଓ ସହାୟତା କରୁଛନ୍ତି । କିନ୍ତୁ ଯେଉଁ ଗୋଟିଏ ଜିନିଷ ଆମ ପାଇଁ ପ୍ରକୃତରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ତାହା ହେଉଛି ମହତ୍ତର ଦିବ୍ୟ-ଆଲୋକ ଭିତରେ ପ୍ରବେଶ କରିବା ଓ ଭଗବାନଙ୍କ ସଙ୍ଗେ ମିଳିତ ହେବା – କେବଳ ଭଗବାନଙ୍କ ଅଭିମୁଖୀ ହୋଇ ରହିବା ଓ ତାଙ୍କରି ଉପରେ ହିଁ ସମସ୍ତ ଆସ୍ଥା ଓ ଭରସା ରଖିବା, ତାହା ଆମ ପାଇଁ ହେଉ ବା ଅନ୍ୟମାନଙ୍କ ପାଇଁ ହେଉ ।

*

ଏହା ଅତ୍ୟନ୍ତ ଜଟିଳ ଓ କଠିନ ଏକ ପ୍ରଶ୍ନ ଏବଂ ଅଳ୍ପ କେଇଟି ଶବ୍ଦରେ ଏହାର ଉତ୍ତର ଦେବା ସହଜସାଧ୍ୟ ନୁହେଁ । ଅଧିକନ୍ତୁ, କାହିଁକି ପ୍ରଥମେ ଏହିସବୁ ଘନିଷ୍ଠ ଆନ୍ତରିକ ସଂପର୍କ ସ୍ଥାପିତ ହୁଏ ଓ ତା'ପରେ ମୃତ୍ୟୁ ଦ୍ୱାରା ଶାରୀରିକ ବିଚ୍ଛେଦ ଘଟେ, ସେ ସଂପର୍କରେ କୌଣସି ସାଧାରଣ ନିୟମ ଦେବା ସଂପୂର୍ଣ୍ଣ ଅସମ୍ଭବ – ପ୍ରତ୍ୟେକଟି ଦୃଷ୍ଟାନ୍ତରେ ଭିନ୍ନତା ରହିଛି ଏବଂ ସେମାନଙ୍କ ମିଳନ ଓ ବିଚ୍ଛେଦ ପଛରେ କ'ଣ ରହିଥିଲା ତାହା କହିବାକୁ ହେଲେ ସେହି ବ୍ୟକ୍ତିମାନଙ୍କୁ ଜାଣିବା ଓ ସେମାନଙ୍କ ଅନ୍ତରାତ୍ମାର ଇତିହାସ ସଂପର୍କରେ ପରିଚିତ ହେବା ଆବଶ୍ୟକ । ସାଧାରଣ ଭାବରେ ଏକ ପାର୍ଥିବ ଜୀବନ ହେଉଛି ଆଧାତ୍ମିକ ବିବର୍ତ୍ତନର ଦୀର୍ଘ ଇତିହାସରେ ଏକ ସଂକ୍ଷିପ୍ତ କାହାଣୀ ମାତ୍ର, ଏବଂ ସେହି ବିବର୍ତ୍ତନରେ ଅନ୍ତରାତ୍ମା ପୃଥିବୀ ପାଇଁ ନିର୍ଦ୍ଧାରିତ ରେଖାଚକ୍ରକୁ ଅନୁସରଣ କରିଚାଲିଥାଏ ଏବଂ ତାହାକୁ ପୂରା କରିବା ପାଇଁ ତାହାକୁ ଅନେକଗୁଡ଼ିଏ ଜୀବନ ଭିତର ଦେଇ ଗତି କରିବାକୁ ହୋଇଥାଏ । ଏହା ହେଉଛି ଜଡ଼ ନିଶ୍ଚେତନା ଭିତରୁ ଚେତନା ଭିତରକୁ ଓ ଦିବ୍ୟଚେତନା ଦିଗରେ ଏକ ବିବର୍ତ୍ତନ ଏବଂ ଅଜ୍ଞାନରୁ ଦିବ୍ୟଜ୍ଞାନ ଭିତରକୁ, ଅନ୍ଧକାର ଭିତରୁ ଅର୍ଦ୍ଧ-ଆଲୋକ ଭିତର ଦେଇ ଦିବ୍ୟ-ଆଲୋକ ଭିତରକୁ, ମୃତ୍ୟୁରୁ ଅମରତ୍ୱକୁ ଏବଂ ଦୁଃଖଶୋକ ଭିତରୁ ଦିବ୍ୟ-ଆନନ୍ଦ ଭିତରକୁ ଏକ ବିବର୍ତ୍ତନ । ଦୁଃଖ-ଯାତନା ଆସିଥାଏ ପ୍ରଥମତଃ ଅଜ୍ଞାନତା ଯୋଗୁଁ ଏବଂ ଦ୍ୱିତୀୟତଃ ଦିବ୍ୟଚେତନା ଓ ସତ୍ତାରୁ ବ୍ୟକ୍ତିଚେତନାର ବିଚ୍ଛେଦ ଯୋଗୁଁ, ଏହି ବିଚ୍ଛେଦଟି ସୃଷ୍ଟି ହୋଇଥାଏ ଅଜ୍ଞାନତାର ପ୍ରାଦୁର୍ଭାବ ହେତୁ ଯେତେବେଳେ

ଏହା ଦୂର ହୋଇଯାଏ ଓ ନିଜର ପୃଥକୀଭୂତ କ୍ଷୁଦ୍ର ସଂକୀର୍ଣ୍ଣ ସତ୍ତାରେ ଆଉ ବାସ ନକରି ଜଣେ ଯେତେବେଳେ ଭଗବାନଙ୍କ ଭିତରେ ବାସ କରେ କେବଳ ସେତେବେଳେ ହିଁ ସମସ୍ତ ଦୁଃଖଦୁର୍ଦଶା ସଂପୂର୍ଣ୍ଣ ରୂପେ ଲୋପ ପାଇଯିବ । ପ୍ରତ୍ୟେକଟି ଅନ୍ତରାତ୍ମା ତାହାର ନିଜର ଗତିରେଖା ଅନୁସରଣ କରୁଥାଏ ଏବଂ ଏହି ରେଖାଗୁଡ଼ିକ ପରସ୍ପରକୁ ଭେଟି ପରସ୍ପର ସହ ମିଳିତ ହୁଅନ୍ତି, କିଛି ଦୂର ପର୍ଯ୍ୟନ୍ତ ଏକତ୍ର ଯାତ୍ରା କରନ୍ତି, ଏବଂ ତା'ପରେ ପରସ୍ପରଠାରୁ ବିଛିନ୍ନ ହୋଇଯାଆନ୍ତି, ହୁଏତ ପରେ ପୁଣି ଥରେ ମିଳିତ ହେବା ପାଇଁ ଏବଂ ଯାତ୍ରାପଥରେ କୌଣସି ନା କୌଣସି ଭାବରେ ପରସ୍ପରକୁ ସାହାଯ୍ୟ କରିବା ପାଇଁ ପୁଣି ଆଉ ଥରେ ସେମାନେ ମିଳିତ ହୁଅନ୍ତି । ମୃତ୍ୟୁର ପରବର୍ତ୍ତୀ ସମୟ ସଂପର୍କରେ କୁହାଯାଇପାରେ ଯେ ଅନ୍ତରାତ୍ମା ଅସ୍ତିତ୍ୱର ଅନ୍ୟାନ୍ୟ ଭୂମିସବୁ ଭିତରକୁ ଗତି କରେ, ସେଠାରେ କିଛି ସମୟ ପାଇଁ ରୁହେ ଏବଂ ଶେଷରେ ନିଜର ବିଶ୍ରାମସ୍ଥଳୀରେ ପହଞ୍ଚି ଆଉ ଏକ ପାର୍ଥିବ ଜୀବନ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ସେଇଠାରେ ହିଁ ରହି ବିଶ୍ରାମ ନିଏ । ଏହାହିଁ ହେଉଛି ସାଧାରଣ ନିୟମ; କିନ୍ତୁ ଶରୀର ଗ୍ରହଣ କରିଥିବା ଆତ୍ମାମାନଙ୍କ ସଂପର୍କରେ କୁହାଯାଇପାରେ ଯେ ଏହା ହେଉଛି ଦୁଇଜଣଙ୍କର ବ୍ୟକ୍ତିଗତ ବିବର୍ତ୍ତନର ବିଷୟ, ଯାହା ଉପରେ ସାଧାରଣ ଭାବରେ କିଛି କହିହେବ ନାହିଁ, କାରଣ ଏହା ହେଉଛି ସେହି ଦୁଇଜଣଙ୍କ ଅନ୍ତରାତ୍ମାର ଅନ୍ତରଙ୍ଗ କାହାଣୀର ବିଷୟ ଏବଂ ସେ ସଂପର୍କରେ ଜାଣିବା ପାଇଁ ବ୍ୟକ୍ତିଗତ ଜ୍ଞାନର ପ୍ରୟୋଜନ ରହିଛି । ମୁଁ କେବଳ ଏତିକି କହି ପାରିବି, କିନ୍ତୁ ମୁଁ ଜାଣେନା ଏହା ଉକ୍ତ ମହିଳାଙ୍କ ପାଇଁ କେତେଦୂର ସାହାଯ୍ୟକାରୀ ହୋଇ ପାରିବ, କାରଣ ସାଧାରଣତଃ ଏହି ଜିନିଷଗୁଡ଼ିକ ସାହାଯ୍ୟକାରୀ ହୋଇଥାଏ କେବଳ ଯେତେବେଳେ ଜଣେ ସେହି ଚେତନା ଭିତରକୁ ପ୍ରବେଶ କରିଥାଏ, ଯେଉଁଥିରେ ଏଗୁଡ଼ିକ କେବଳ ଧାରଣା ମାତ୍ର ହୋଇ ନରହି ବାସ୍ତବତାର ରୂପ ଗ୍ରହଣ କରିଥାଏ । ସେତେବେଳେ ଜଣେ ଆଉ ଶୋକ କରେ ନାହିଁ, କାରଣ ସେ ସତ୍ୟ ଭିତରେ ପ୍ରବେଶ କରି ସାରିଥାଏ ଓ ସତ୍ୟ ଆଣିଦିଏ ସ୍ଥିରତା ଓ ଶାନ୍ତି ।

*

ତୁମ ସ୍ତ୍ରୀଙ୍କର ଦାରୁଣ ମୃତ୍ୟୁ ତୁମକୁ କେତେ ଆଘାତ ଦେଇଥିବ ତାହା ମୁଁ ବୁଝିପାରୁଛି । କିନ୍ତୁ ତୁମେ ବର୍ତ୍ତମାନ ଦିବ୍ୟସତ୍ୟର ସନ୍ଧାନ କରୁଥିବା ଏକ ସାଧକ ଏବଂ ମନୁଷ୍ୟମାନଙ୍କ ସାଧାରଣ ପ୍ରତିକ୍ରିୟାର ଉପରକୁ ଉଠିଯିବା ପାଇଁ ତୁମ ମନକୁ ସ୍ଥିର ରଖିବାକୁ ହେବ ଓ ଜିନିଷଗୁଡ଼ିକୁ ଏକ ବିଶାଳତର ଓ ମହତ୍ତର ଆଲୋକରେ ଦେଖିବାକୁ ହେବ । ଯେଉଁ ସ୍ତ୍ରୀଙ୍କୁ ହରାଇଛ, ତାଙ୍କୁ ଏହି ଦୃଷ୍ଟିରେ ଦେଖ ଯେ ଏଠାରେ ଅନ୍ୟ ସମସ୍ତଙ୍କ ପରି ଅଜ୍ଞାନମୟ ଜୀବନର ନାନା ବିପଦ ଓ ବିପର୍ଯ୍ୟୟ ଭିତର ଦେଇ ଅଗ୍ରସର ହେଉଥିବା ସେ ଏକ ଆତ୍ମା । ସେହି ଅଗ୍ରଗତି ପଥରେ ଏପରିସବୁ ଘଟଣା ଘଟେ ଯାହାକି ମନୁଷ୍ୟର ମନ ପାଇଁ ଲାଗେ ଏକ ଦୁର୍ଭାଗ୍ୟ ବୋଲି । ଏବଂ ଆମ ଜାଗତିକ ଅନୁଭୂତିର ଏହି ସ୍ୱଳ୍ପ ମିଆଦ ଯାହାକୁ ଆମେ ଜୀବନ ବୋଲି କହୁ, ତାହା ଯେତେବେଳେ କୌଣସି ହଠାତ୍, ଆକସ୍ମିକ ବା ଅସ୍ୱାଭାବିକ ମୃତ୍ୟୁ ଫଳରେ ଅକାଳରେ ସମାପ୍ତ ହୋଇଯାଏ ତାହା ବିଶେଷ ଭାବରେ ବେଦନାଦାୟକ ଓ ଦୁର୍ଭାଗ୍ୟକର ବୋଲି ମନେ ହୁଏ । କିନ୍ତୁ ଯେ ବାହ୍ୟ ରୂପର ପଶ୍ଚାତରେ ଥିବା ସତ୍ୟକୁ ଦେଖିପାରେ ସେ ଜାଣେ ଯେ ଯେଉଁସବୁ ଅନୁଭୂତିର ଧାରା ତାହାକୁ ସେହି ମୋଡ଼ ଦିଗରେ ନେଇ ଯାଉଥାଏ ଯେଉଁଠି ସେ ଅଜ୍ଞାନକୁ ଅତିକ୍ରମ କରି ଆଲୋକରେ ପ୍ରବେଶ କରିବ । ଆତ୍ମାର ସେହି ଅଗ୍ରଗତି ପଥରେ ଯାହାକିଛି ଘଟେ ତାହାର ଏକ ଅର୍ଥ ରହିଛି, ଏକ ପ୍ରୟୋଜନ ରହିଛି ଓ ଏକ ସ୍ଥାନ ରହିଛି । ସେ ଜାଣେ ଯେ ଭଗବାନଙ୍କ ବିଧାନରେ ଯାହାକିଛି ଘଟେ ତାହା ସବୁଠାରୁ ଭଲ ନିମନ୍ତେ ହିଁ ଘଟିଥାଏ, ଯଦିଓ ମନ ପାଇଁ ତାହା ସଂପୂର୍ଣ୍ଣ ଭିନ୍ନ ବୋଲି ପ୍ରତୀତ ହୋଇପାରେ । ତୁମ ସ୍ତ୍ରୀଙ୍କୁ ଏକ ଆତ୍ମା ରୂପରେ ହିଁ ଦେଖ ଯେକି ଅସ୍ତିତ୍ୱର ଦୁଇଟି ଅବସ୍ଥା ଭିତରେ ଥିବା ବ୍ୟବଧାନର ପ୍ରତିବନ୍ଧକକୁ ପାର ହୋଇ ଯାଇଛନ୍ତି । ତାଙ୍କ ନିଜର ବିଶ୍ରାନ୍ତିସ୍ଥଳ ଅଭିମୁଖରେ ତାଙ୍କ ଯାତ୍ରାରେ ତୁମ ନିଜର ସ୍ଥିର ଶାନ୍ତ ଭାବନା ଦ୍ୱାରା ତାଙ୍କୁ ସାହାଯ୍ୟ କର ଏବଂ ସେ ଦିଗରେ ତାଙ୍କୁ ଭଗବାନଙ୍କ ସହାୟତା ମିଳିବା ପାଇଁ ପ୍ରାର୍ଥନା କର । ଦୀର୍ଘ କାଳ ଧରି କରାଯାଉଥିବା ଶୋକ ବିଦାୟୀ ଆତ୍ମାର ଯାତ୍ରାପଥରେ ସାହାଯ୍ୟ ନକରି ବରଂ ସେହି ଯାତ୍ରାକୁ ବିଳମ୍ବିତ କରେ । ନିଜର ବିଚ୍ଛେଦ ଉପରେ ଅଧିକ ଚିନ୍ତା ନକରି, ତୁମ ପତ୍ନୀଙ୍କର ଆଧ୍ୟାତ୍ମିକ ମଙ୍ଗଳ ବିଷୟ ହିଁ ଚିନ୍ତା କର ।

*

ଯାହା ଘଟିଯାଇଛି, ବର୍ତ୍ତମାନ ତାହାକୁ ଏକ ସ୍ଥିର ଓ

ଶାନ୍ତ ମନ ନେଇ ଗ୍ରହଣ କରିଯିବା ଉଚିତ ଓ ଭାବିବା ଉଚିତ ଯେ ଏହା ନିୟତି-ନିର୍ଦ୍ଧାରିତ ଏବଂ ଜୀବନ ପରେ ଜୀବନ ଭିତର ଦେଇ ତାଙ୍କ ଅନ୍ତରାତ୍ମାର ଅଗ୍ରଗତି ପାଇଁ ଏହା ସବୁଠୁ ଉତ୍ତମ, ଯଦିଓ କେବଳ ବର୍ତ୍ତମାନକୁ ଓ ତା'ର ବାହ୍ୟରୂପକୁ ଦେଖିବାରେ ଅଭ୍ୟସ୍ତ ମାନୁଷୀ ଦୃଷ୍ଟି ପାଇଁ ଏହା ସବୁଠୁ ଉତ୍ତମ ବୋଲି ପ୍ରତୀତ ହୁଏ ନାହିଁ । ଆଧ୍ୟାତ୍ମିକ ଜିଜ୍ଞାସୁ ପାଇଁ ମୃତ୍ୟୁ ହେଉଛି ଗୋଟିଏ ଜୀବନରୁ ବିଦାୟ ନେଇ ଆଉ ଏକ ଜୀବନରେ ପ୍ରବେଶ; ଏବଂ କାହାର ମୃତ୍ୟୁ ଘଟେ ନାହିଁ, ନୂତନ ଯାତ୍ରା ପାଇଁ ତାହା ଏକ ବିଦାୟ ମାତ୍ର, ଏକ ପ୍ରୟାଣ ମାତ୍ର । ଘଟଣାଟିକୁ ଏହି ଭାବରେ ଦେଖ ଏବଂ ତୁମ ଭିତରୁ ପ୍ରାଣିକ ଶୋକର ସମସ୍ତ ପ୍ରତିକ୍ରିୟାକୁ ଝାଡ଼ି ଫିଙ୍ଗି ଦିଅ – ସେହି ଶୋକ କେବେହେଲେ ତାଙ୍କର ଯାତ୍ରାରେ କିଛି ସାହାଯ୍ୟ କରିବ ନାହିଁ – ଭଗବାନଙ୍କୁ ପାଇବା ପାଇଁ ନିଜ ପଥକୁ ଦୃଢ଼ ଭାବରେ ଅନୁସରଣ କର ।

*

ନିଶ୍ଚିତ ରୂପେ ତାହାହିଁ ହେଉଛି ବାସ୍ତବ ସତ୍ୟ, ମୃତ୍ୟୁ ହେଉଛି କେବଳ ଶରୀରକୁ ପରିତ୍ୟାଗ କରିବା, ତାହା ବ୍ୟକ୍ତିଗତ ଅସ୍ତିତ୍ୱ ଓ ଜୀବନର ସମାପ୍ତି ନୁହେଁ । କୌଣସି ବ୍ୟକ୍ତି ଯଦି ଅନ୍ୟ ଏକ ଦେଶକୁ ଚାଲିଯାଏ ଓ ସେହି ଦେଶର ଜଳବାୟୁର ଅନୁକୂଳ ନିଜର ପୋଷାକ ପରିବର୍ତ୍ତନ କରେ, ତେବେ ତାହାର ମୃତ୍ୟୁ ହେଲା ବୋଲି ତ କୁହାଯାଏ ନାହିଁ ।

(Bulletin, Nov. 2004, pp. 40 - 42) ❖

*ପ୍ରଶ୍ନ : ଚୈତ୍ୟସତ୍ତା କ'ଣ ଆନ୍ତର ଦିବ୍ୟସତ୍ୟ ସଙ୍ଗେ ଏକତ୍ୱ ଉପଲବ୍ଧି କରେ ?*

**ଶ୍ରୀମା :** ଏହା ଦିବ୍ୟସତ୍ୟର ଚାରିପଟେ ନିଜକୁ ସଂଗଠନ କରେ ଏବଂ ତାହା ସହିତ ସଂଯୋଗ ସ୍ଥାପନ କରି ତହିଁରେ ପ୍ରବେଶ କରେ । ଚୈତ୍ୟସତ୍ତା ଚାଳିତ ହୁଏ ଦିବ୍ୟସତ୍ୟ ଦ୍ୱାରା । ଦିବ୍ୟସତ୍ୟ ଚିରନ୍ତନ ଭାବରେ ସ୍ୱୟଂପ୍ରତିଷ୍ଠ ଏବଂ କାଳ ଓ ସ୍ଥାନର କୌଣସି କିଛି ଉପରେ ଏହା ନିର୍ଭରଶୀଳ ନୁହେଁ । କିନ୍ତୁ ଚୈତ୍ୟସତ୍ତା ବୃଦ୍ଧିପାଏ, ଆକାର ଗ୍ରହଣ କରେ, ବିକାଶ ଲାଭ କରେ, ଅଧିକରୁ ଅଧିକ ନିଜକୁ ବ୍ୟକ୍ତିଭାବାପନ୍ନ କରି ଗଢ଼ି ତୋଳେ । ଏହି ଭାବରେ ତାହା ସେହି ଦିବ୍ୟସତ୍ୟକୁ ପ୍ରକାଶ ଓ ଅଭିବ୍ୟକ୍ତ କରିବା ପାଇଁ ଅଧିକରୁ ଅଧିକ ସକ୍ଷମ ହୁଏ; ସେହି ଶାଶ୍ୱତ ଦିବ୍ୟସତ୍ୟକୁ ଯାହା ଏକ, ଅଦ୍ୱୈୟ ଓ ଚିରସ୍ଥାୟୀ । ଚୈତ୍ୟସତ୍ତା ହେଉଛି ଏକ କ୍ରମବିକାଶଶୀଳ ସତ୍ତା, ଯାହାର ଅର୍ଥ ହେଲା ଚୈତ୍ୟସତ୍ତା ଓ ଦିବ୍ୟସତ୍ୟ ମଧ୍ୟରେ ସମ୍ବନ୍ଧ ଯାହା ଏକ କ୍ରମବିକାଶଶୀଳ ସମ୍ବନ୍ଧ । ସେହି ଏକ ସମୟରେ ଆନ୍ତର ଦିବ୍ୟସତ୍ୟ ସଂପର୍କରେ ସଚେତନ ହୋଇ କେହି ନିଜ ଚୈତ୍ୟସତ୍ତା ସଂପର୍କରେ ସଚେତ ହୋଇ ପାରିବ ନାହିଁ । ଯେଉଁମାନଙ୍କର ଏହି ଅନୁଭୂତି ହୋଇଛି – ଏକ ମାନସିକ ଅନୁଭୂତି ନୁହେଁ, ଚୈତ୍ୟସତ୍ତା ସହ ସଂଯୋଗ ସ୍ଥାପନର ଏକ ପୂର୍ଣ୍ଣାଙ୍ଗ ଅନୁଭୂତି ହୋଇଛି, ତାହା ସଂପର୍କରେ ନିଜେ ଗଠନ କରିଥିବା ଏକ ଧାରଣା ସହ ସଂଯୋଗ ସ୍ଥାପନ ନୁହେଁ, କିନ୍ତୁ ଏକ ଯଥାର୍ଥ ସୁନିର୍ଦ୍ଦିଷ୍ଟ ସଂଯୋଗ ହୋଇଛି, ସେମାନେ ସମସ୍ତେ ସେହି ଗୋଟିଏ କଥା କହିଛନ୍ତି ଯେ ଯେଉଁ ମୁହୂର୍ତ୍ତରେ ଏହି ସଂଯୋଗ ସ୍ଥାପନ ହୁଏ, ସେହି ମୁହୂର୍ତ୍ତରୁ ଜଣେ ନିଜର ଅନ୍ତରସ୍ଥ ଶାଶ୍ୱତ ଦିବ୍ୟସତ୍ୟ ସଂପର୍କରେ ପୂର୍ଣ୍ଣ ଭାବରେ ସଚେତ ହୁଏ ଏବଂ ଦେଖିପାରେ ଯେ ଏହାହିଁ ହେଉଛି ଜୀବନର ଉଦ୍ଦେଶ୍ୟ ଓ ସଂସାରର ଦିଗ୍‌ନିର୍ଦ୍ଦେଶକ । ❖

# ବନ୍ଦେ ମାତରମ୍

ଶ୍ରୀଅରବିନ୍ଦ

## ଭାରତ କ'ଣ ସ୍ୱାଧୀନ ହେବ ?

ବିଦେଶୀ ଶାସନ ବିରୋଧରେ ପ୍ରତିକ୍ରିୟାକୁ ବାଦ୍ ଦେଇ ସେଇ ଶାସନ ଅଧୀନରେ ରହି ଏକ ନିରାମୟ ଜାତୀୟ ବିକାଶ ଯେ ଅସମ୍ଭବ ଏ ସମ୍ପର୍କରେ ଆମେ ବିତର୍କ କରିବାକୁ ଯାଉଛୁ । ବିଦେଶୀ ଆଧିପତ୍ୟ ସ୍ୱାଭାବିକତଃ ବିକାଶର ଦେଶୀୟ ଅନୁଷ୍ଠାନଗୁଡ଼ିକରେ ହସ୍ତକ୍ଷେପ କରିବା ସହିତ ସେଗୁଡ଼ିକର କାର୍ଯ୍ୟଧାରାରେ ପ୍ରତିବନ୍ଧକ ସୃଷ୍ଟି କରେ । ତେଣୁ ଏହି ଶାସନ ଖୋଦ୍ ହେଉଛି ଅସ୍ୱାଭାବିକ ଏବଂ ହାନିକାରକ ଏକ ଅବସ୍ଥା, — ଏହା ତ ଗୋଟିଏ କ୍ଷତ, ଗୋଟିଏ ବ୍ୟାଧି, ଯଦି ଏହାର ଗତିରୋଧ କରା ନ ଯାଏ ପରିଣାମ ସ୍ୱରୂପ ସମୁଦାୟ ରାଷ୍ଟ୍ରଟି ଘୋର ନିର୍ଯାତନା ଭିତରେ ଶଢ଼ି ପଚି ଶେଷକୁ ଲୋପ ପାଇଯିବ । ଯଦି ଗୋଟିଏ ରାଷ୍ଟ୍ର କୃତ୍ରିମ ଉତ୍ପାଦନର ବସ୍ତୁ ହୋଇଥା'ନ୍ତା ଯାହାକୁ ନିର୍ମାଣ କରାଯାଇ ପାରନ୍ତା, ତା'ହେଲେ ଗୋଟିଏ ରାଷ୍ଟ୍ର ପକ୍ଷରେ ଆଉ ଗୋଟିଏ ରାଷ୍ଟ୍ରକୁ ସୃଷ୍ଟି କରିବା ସମ୍ଭବପର ହୁଅନ୍ତା । କିନ୍ତୁ ଗୋଟିଏ ରାଷ୍ଟ୍ରକୁ ସେଭଳି ସୃଷ୍ଟି କରାଯାଇ ପାରିବନି,— ଏହା ଏକ ସତ୍ତାଧାରୀ ଜୀବ (Organism) ଯାହା ଅନ୍ତର୍ନିହିତ ଜୀବନର ସୂତ୍ରକୁ ଅନୁସରଣ କରି ତାହାରି ଚାପରେ ବୃଦ୍ଧି ପ୍ରାପ୍ତ ହେବାକୁ ଲାଗେ । ପ୍ରକୃତରେ ଆମେ ରାଷ୍ଟ୍ର ନିର୍ମାଣ ଆଉ ରାଷ୍ଟ୍ର ନିର୍ମାତାଗଣଙ୍କ ସମ୍ପର୍କରେ କହିବାକୁ ଲାଗୁ, କିନ୍ତୁ ଏସବୁ ଖାଲି ସୁବିଧାଜନକ ଉପମା ମାତ୍ର (Metaphor) । ରାଷ୍ଟ୍ରର ରଚୟିତା କାଭୋର୍ (Cavour) ହୁଅନ୍ତୁ କିଂବା ବିସ୍‌ମାର୍କ୍ ହୁଅନ୍ତୁ ସେ ଜଣକ ଖାଲି ଜାତୀୟ ପ୍ରବେଗର ମୂର୍ତ୍ତିମନ୍ତ ରୂପ ଯିଏ ତା'ର ସମୟ ଓ ସୁଯୋଗ ଦେଖି ଆବିର୍ଭୂତ ହୋଇଥାଏ,— ସେ ରୂପାୟନ ଯେ ଏକ ଅନ୍ତର୍ନିହିତ ସଂକଳ୍ପର, ଗଠନକାରୀ ପରିସ୍ଥିତିଗୁଡ଼ିକର ଚାପରେ ଯାହା ଜାଗ୍ରତ୍ ହୋଇ ଉଠିଛି । ଗୋଟିଏ ରାଷ୍ଟ୍ର କହିଲେ ପ୍ରକୃତରେ ବୁଝାଏ ଭାବର ଆବେଗରେ ଆଚ୍ଛନ୍ନ ଏକ ଗୋଷ୍ଠୀର ବାହ୍ୟ ପ୍ରକାଶକୁ; ତାହା ଏକ ସମଗୋତ୍ରୀୟ ରକ୍ତର ଆବେଗ ହେଉ କିଂବା ସମାନ ଧର୍ମର, ସମାନ ସ୍ୱାର୍ଥଜନିତ ଭାବପ୍ରବଣତା କିଂବା ଏହି ଭାବପ୍ରବଣତାଗୁଡ଼ିକ ଭିତରୁ ଯେକୌଣସି ଗୋଟିକର କିଂବା ସବୁଗୁଡ଼ିକର ସମ୍ମିଶ୍ରଣ ହୋଇଥାଉ । ଥରେ ଯଦି ଏଇ ଭାବର ଆବେଶ (Sentiment) ବେଶ୍ ସମୃଦ୍ଧ ହୋଇଉଠେ — ଐକ୍ୟ ଅଭିମୁଖୀ ଏକ ସଂକଳ୍ପ ରୂପେ ବିକାଶ ଲାଭ କରିବାକୁ ଏବଂ ପ୍ରତିବନ୍ଧକଗୁଡ଼ିକ ଉପରେ ବିଜୟ ହାସଲ କରିବାକୁ ଆଉ ଅନୁକୂଳ ପରିସ୍ଥିତିଗୁଡ଼ିକର ପୂର୍ଣ୍ଣ ସଦୁପଯୋଗ କରିବାକୁ, ରାଷ୍ଟ୍ରର ବିକାଶ ଅବଶ୍ୟମ୍ଭାବୀ ହୋଇଉଠେ ଏବଂ ସେତେବେଳେ ଆଉ କୌଣସି କ୍ଷମତାର ସାଧ ନ ଥାଏ ତାକୁ ପରିଶେଷରେ ଜୟ କରିବାକୁ । କିନ୍ତୁ ଏହି ପ୍ରକ୍ରିୟାଟି ଯେତେ ଦ୍ରୁତ ହୋଇ ଥାଉ ନା କାହିଁକି, ଏହା ହେଲା ଗୋଟିଏ ଅଭିବୃଦ୍ଧିର ପ୍ରକ୍ରିୟା ଆଉ ଶିଳ୍ପ ଉତ୍ପାଦନର ପ୍ରକ୍ରିୟା ନୁହେଁ । ବିକାଶୋନ୍ମୁଖୀ ରାଷ୍ଟ୍ରର ପ୍ରଥମ ଆବେଗର ତାଡ଼ନା ହେଉଛି ନିଜ ପାଇଁ ଗୋଟିଏ କେନ୍ଦ୍ରର, ଆତ୍ମ ଅଭିବ୍ୟକ୍ତି ପାଇଁ ଏବଂ ଐକ୍ୟବଦ୍ଧ ହୋଇ କାର୍ଯ୍ୟ କରିଯିବା ପାଇଁ ଗୋଟିଏ ପନ୍ଥାର, ଗୋଟିଏ ପ୍ରମୁଖ ଅନୁଷ୍ଠାନର କିଂବା ସାହାଯ୍ୟକାରୀ ଅନୁଷ୍ଠାନଗୁଡ଼ିକ ସହିତ ସମନ୍ୱୟ ରକ୍ଷା କରୁଥିବା ଏକ ଜାତୀୟ ନିର୍ଦ୍ଦେଶନା କେନ୍ଦ୍ରର ଆୟୋଜନ କରିବା, ଯଦି ନିଜ ସୁରକ୍ଷା ସାଧନର ଆବଶ୍ୟକତା ଅତ୍ୟନ୍ତ ତୀବ୍ର ଭାବେ ଅନୁଭୂତ ସର୍ବପ୍ରଥମ ଆବଶ୍ୟକତା ହୋଇଥାଏ । ସଂଗଠନଟି ଜଣେ ମାତ୍ର ମୁଖ୍ୟଙ୍କର କିଂବା ଗୋଟିଏ ଯୁଦ୍ଧପ୍ରିୟ ଶାସନକାରୀ ଗୋଷ୍ଠୀ ଅଧୀନରେ ସାମରିକ ବା ଅର୍ଦ୍ଧ ସାମରିକ ହୋଇଥାଉ ନା କାହିଁକି; ଯଦି ବାହ୍ୟ ସ୍ତରରୁ ପଡୁଥିବା ଚାପ ସେମିତି ଆଚ୍ଛନ୍ନ କରି ରଖୁ ନଥାଏ କିଂବା ଆଭ୍ୟନ୍ତରୀଣ ବିକାଶର ପ୍ରୟୋଜନୀୟତା ଅତି ଜୋର୍‌ରେ ଅନୁଭୂତ ହେଉଥାଏ, ତା'ହେଲେ ଏହା ହୁଏତ ଆଂଶିକ କିଂବା ପୂର୍ଣ୍ଣ ସ୍ୱାୟତ୍ତ ଶାସନର ଗୋଟିଏ କିଛି ରୂପରେଖ ନେଇପାରେ । ଯେକୌଣସି ଗୋଟିଏ କ୍ଷେତ୍ରରେ ହେଉ ନା କାହିଁକି ଗୋଷ୍ଠୀଟି ଶେଷକୁ ଗୋଟିଏ ରାଷ୍ଟ୍ରର ରୂପ ପରିଗ୍ରହ କରେ କିଂବା ଏକ ସୁବ୍ୟବସ୍ଥିତ ରାଜ୍ୟରେ ପରିଣତ ହୋଇଯାଏ ।

ତା'ହେଲେ ଏ ଧରଣର ସୁବ୍ୟବସ୍ଥିତ ବିକାଶ ମଧ୍ୟରେ ବିଦେଶୀ ଶାସନର ସ୍ଥାନ କ'ଣ ହୋଇପାରେ ? ଏକ ବିଦେଶୀ ଶକ୍ତି ଦ୍ୱାରା ରାଷ୍ଟ୍ର ଉପରେ ଆକ୍ରମଣର ପରିଣାମ ସ୍ୱରୂପ ବିଜାତୀୟ ତତ୍ତ୍ୱଟି ହୁଏତ ଦେଶଜ ଜାତୀୟତା ଭିତରେ ନିଶ୍ଚୟ ମିଶି ଯିବ କିଂବା ତାହା ନିଜକୁ ଦେଶଜ ଜାତୀୟତା ଉପରେ ପ୍ରତିଷ୍ଠିତ କରି ଏମିତି ଗୋଟିଏ ଅନିଶ୍ଚିତ ଅବସ୍ଥା ସୃଷ୍ଟି କରିବ

ଯାହାକୁ ସେମିତି ଅକ୍ଷୁଣ୍ଣ ରଖାଯାଇ ପାରିବ ପରାଧୀନ ଜାତିଟିକୁ ଉତ୍ପୀଡ଼ନ କରି ହେଉ କିଂବା ନିଷ୍କ୍ରିୟତା ଭିତରେ ବଶୀଭୂତ କରି । ଯଦି ବିଦେଶୀ ଏବଂ ସ୍ୱଦେଶୀ ଜାତ ଲୋକଙ୍କ ଭିତରେ ରକ୍ତର ସମ୍ପର୍କ କିଂବା ଧର୍ମଗତ ସାଦୃଶ୍ୟ ଥାଏ ତା'ହେଲେ ଉଭୟେ ଅନାୟାସରେ ଏକାକାର ହୋଇ ଯିବେ । ଯଦି ସେମାନେ ମିଶି ନ ଯାଆନ୍ତି, ଏମିତିକି ବିଜେତା ଜାତିଟି ଯଦି ବିଜିତ ଦେଶ ଭିତରେ ସ୍ଥାୟୀ ଭାବରେ ବସବାସ କରେ ଆଉ ସେଇ ଦେଶକୁ ନିଜର ମାତୃଭୂମି ବୋଲି ମଣେ, ନାନାବିଧ ସ୍ୱାର୍ଥରେ ଜଡ଼ିତ ଏଇ ଗୋଷ୍ଠୀଟି ଯୋଗୁଁ ଶେଷରେ ମିଶ୍ରଣ ଅନିବାର୍ଯ୍ୟବଶତଃ ସଂଘଟିତ ହେବ । ପୋଷ୍ୟ ସନ୍ତାନ ଗ୍ରହଣ ବଳରେ ବିଦେଶୀମାନେ ବିଜିତ ମାଟିର ସନ୍ତାନ ହୋଇ ଯାଆନ୍ତି ଓ ପୂର୍ବରୁ ଗୋଟିଏ ଜାତିରୁ ସମ୍ଭୂତ ବୋଲି ଯେଉଁ ଭାବପ୍ରବଣତା ରହିଥାଏ ତାକୁ ଅପସାରିତ କରିବା ପାଇଁ ଉଭୟଙ୍କର ମାତୃଭୂମି-ଜନିତ ଭାବପ୍ରବଣତା ହିଁ ଯଥେଷ୍ଟ । ଜୟ କରାଯାଇଥିବା ଜାତିଟିର ଧର୍ମରେ ବିଦେଶୀମାନେ ନିଜକୁ ଦୀକ୍ଷିତ କରିନେବା ଦ୍ୱାରା ଧର୍ମଗତ କ୍ଲେଶର ସମାଧାନ ହୋଇଯାଏ; ଠିକ୍ ଭାରତବର୍ଷରୁ ପୁରାତନ ଆକ୍ରମଣକାରୀମାନଙ୍କର କ୍ଷେତ୍ରରେ ଯାହା ଘଟିଥିଲା କିଂବା ଆରବୀୟମାନେ ଜୟ କରିଥିବା ପର୍ସିଆ ଏବଂ ଅନ୍ୟ ଦେଶମାନଙ୍କରେ ଯେମିତି ଘଟିଥିଲା, ଗୋଟିଏ ବିଜିତ ରାଷ୍ଟ୍ରର ଜନସାଧାରଣ ସେମାନଙ୍କ ଶାସକବର୍ଗଙ୍କ ଧର୍ମରେ ଧର୍ମାନ୍ତରିତ ହେବା ଦ୍ୱାରା । ଏପରିକି, ଯଦିବା ଧର୍ମମତରେ ଏଭଳି ବ୍ୟାପକ ପରିବର୍ତ୍ତନ ସଂଘଟିତ ହୋଇ ପାରେନି, ତଥାପି ଦୁଇଟି ଧର୍ମ ପରସ୍ପର ଏକାଠି ମିଶି ରହିବାରେ ଅଭ୍ୟସ୍ତ ହୋଇ ପାରନ୍ତି ପାରସ୍ପରିକ ସହନଶୀଳତା ବଳରେ କିଂବା ଉଭୟେ ଗୋଟିଏ ସ୍ୱାର୍ଥର ବଶବର୍ତ୍ତୀ ହୋଇ ଏବଂ ଗୋଟିଏ ମାତୃଭୂମିର ସନ୍ତାନ ରୂପେ ଉଦ୍‌ବୁଦ୍ଧ ହୋଇ, ଧର୍ମଗତ ଭେଦଭାବର ଚେତନାକୁ ଟାଳି ଦେଇ । ଏଇ ସମସ୍ତ ଆକସ୍ମିକ ପରିସ୍ଥିତି ଭିତରେ ସେଠି ଏକ ସମ୍ମିଶ୍ରଣ ହୋଇଯାଏ, ତାହା ସମ୍ପୂର୍ଣ୍ଣ କିଂବା ଆଂଶିକ ହୋଇଥାଉ, ଆଉ ଭଲ ବା ମନ୍ଦ ପାଇଁ ହେଉ ରାଷ୍ଟ୍ରଟି ଗଭୀର ଭାବେ ପ୍ରଭାବିତ ହୋଇ ଗଲେ ମଧ୍ୟ ବିଶୃଙ୍ଖଳିତ ଅବସ୍ଥାରେ ଆସି ପହଞ୍ଚିବାଟା ଦୁର୍ନିବାର ହୋଇ ପଡ଼େନି କିଂବା ସେ ବିକାଶର ସାମର୍ଥ୍ୟକୁ ହରାଇ ବସେନି । ମୁସଲମାନ ରାଜତ୍ୱ ସମୟରେ ଭାରତବର୍ଷ ଯଦିବା ନିରନ୍ତର ଆଲୋଡ଼ନ ଓ ବିଦ୍ରୋହ ଭିତର ଦେଇ ବିଶେଷଭାବେ ଅସ୍ଥିର ହୋଇ ପଡ଼ିଥିଲା, ତଥାପି ଉତ୍ତମ ରୂପେ ବ୍ୟବସ୍ଥିତ ସର୍ବାଙ୍ଗୀନ ଧାରାରେ ନିଜକୁ ପୁଣି ସଜାଡ଼ି ନେବାର ଏବଂ ବିକାଶର ସାମର୍ଥ୍ୟକୁ ହରାଇ ବସି ନଥିଲା । ଏମିତିକି ବ୍ରିଟିଶ ଆଧିପତ୍ୟ ପୂର୍ବରୁ ଯେଉଁ ଶେଷ ଅରାଜକତା ଟିକକ ବିଦ୍ୟମାନ ରହିଥିଲା ତା' ମୂଳରେ ଗୋଟିଏ ବିଘଟନର ପ୍ରକ୍ରିୟା ନଥିଲା କିନ୍ତୁ ସେତେବେଳେ ଏକ ଉତ୍କଟ ସଂକଟମୟ ସ୍ଥିତି ଉପୁଜିଥିଲା — ତାହା ଥିଲା ମହାପ୍ରକୃତିର ଉଦ୍ୟମ, ରାଷ୍ଟ୍ରସଂସ୍ଥା ଭିତରେ ଏକ ଜୈବିକ ପୁନର୍ବିନ୍ୟାସକୁ ସାର୍ଥକ କରି ତୋଳିବା ପାଇଁ ।

ଦୁର୍ଭାଗ୍ୟ କ୍ରମେ ଧମନୀରେ ବିଦେଶୀ ରକ୍ତ ଧାରଣ କରି, ଧର୍ମରେ ବିଦେଶୀ, ସ୍ୱାର୍ଥରେ ବିଜାତୀୟ ହୋଇ ରହିଥିବା ଏକ ବିଦେଶୀ ସଂସ୍ଥାର ଉପସ୍ଥିତି ଓ ତା'ର ଚରମ ରାଜତ୍ୱ ଦ୍ୱାରା ସଂକଟ ଜଟିଳ ହୋଇ ପଡ଼ିଥିଲା । ସ୍ୱଦେଶୀ ଜନ-ସାଧାରଣଙ୍କ ଉପରେ ଏଇ ସଂସ୍ଥା ଅଧ୍ୟାରୋପିତ (super imposed) ହୋଇ ରହିଛି ଏ ମାଟିରେ, ତା'ର କୌଣସି ଭିତ୍ତି ନଥାଇ । ଯେତେ ଦିନ ପର୍ଯ୍ୟନ୍ତ ଏ ରାଷ୍ଟ୍ର ସହିତ ତା'ର ମିଶ୍ରଣ ନ ହୋଇଛି କିଂବା ଏ ମାଟିରୁ ସେ ତଡ଼ା ନ ଖାଇଛି, ସେପର୍ଯ୍ୟନ୍ତ ଏହାର ଉପସ୍ଥିତି ପରାଧୀନ ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରିବା ସହିତ ଅବକ୍ଷୟ ଆଡ଼କୁ ଟାଣିନେବ । ରକ୍ତରେ, ଧର୍ମରେ ତଥା ସ୍ୱାର୍ଥରେ ତାରତମ୍ୟ ଥାଇ ଦେଶୀୟ ବ୍ୟବସ୍ଥା ସହିତ ମିଶି ଯିବାଟା ହୁଏତ ସମ୍ଭବ କିନ୍ତୁ ତା' ନିର୍ଭର କରେ ଗୋଟିଏ କିଂବା ଦୁଇଟି ଅବସ୍ଥା ଉପରେ; ହୁଏତ ବିଦେଶୀ ସଂସ୍ଥାଟି ତା'ର ମୂଳ ସ୍ରୋତରୁ ଯେମିତି ହେଲେ ନିଜକୁ ବିଚ୍ଛିନ୍ନ କରି ବିଜିତ ଦେଶକୁ ତା'ର ବାସସ୍ଥାନ ବୋଲି ଗ୍ରହଣ କରିନେବ,— ଏହା ଏମିତି ଏକ ପନ୍ଥା ଯାହା ବର୍ତ୍ତମାନର ସମସ୍ୟା ପରିପ୍ରେକ୍ଷୀରେ ସ୍ପଷ୍ଟତଃ ଅସମ୍ଭବ,— କିଂବା ସମସ୍ତ ପ୍ରକାରର ମତଭେଦ, ବୈଷମ୍ୟ ଆଉ ବିବଦମାନ ସ୍ୱାର୍ଥଗୁଡ଼ିକ ଦୂର କରିବା ଦ୍ୱାରା ପରାଧୀନ ରାଜ୍ୟକୁ ସାର୍ବଭୌମ ରାଜ୍ୟ ସହିତ ଅଭିନ୍ନ କରିଦେବ । ଏହି ଧରଣର ଯେଉଁ ଅବ୍ୟବସ୍ଥା ମଧ୍ୟରେ ଥିବା ଅନତିକ୍ରମଣୀୟ ବାଧାବିଘ୍ନଗୁଡ଼ିକର ସୂଚନା ଆମେ ଦେବାକୁ ଯାଉଛୁ ତାହା ଏକାଧାରରେ ବ୍ରିଟିଶ ଆଧିପତ୍ୟକୁ ସୁରକ୍ଷା ପ୍ରଦାନ ସଙ୍ଗେ ସଙ୍ଗେ ଭାରତୀୟ ଜାତୀୟ ବିକାଶ ପାଇଁ ଅବାଧ ସୁଯୋଗମାନ ସୃଷ୍ଟି କରିବ । ବର୍ତ୍ତମାନ ଏ ପ୍ରକାରର ସମ୍ପୂର୍ଣ୍ଣ ମିଶ୍ରଣ ପାଇଁ ଯେଉଁ ଅସୀମ ତ୍ୟାଗ ବରଣ କରିବାକୁ ପଡ଼ିବ ତା' ପାଖରେ ଅନୁପ୍ରବେଶକାରୀ ଶକ୍ତି ଯେ ହାର ମାନିନେବ ଏ ସମ୍ଭାବନା ଆଦୌ ନାହିଁ । ତଥାପି ଯଦି ଏ ପ୍ରକାର ମିଶ୍ରଣ ନହୁଏ ତା'ହେଲେ ଭାରତରେ ବ୍ରିଟିଶ ପ୍ରଶାସନର ସ୍ଥିତି ତୁର୍କୀର ଏକଛତ୍ର

ଶାସନ କ୍ଷମତାଠାରୁ କୌଣସି ଗୁଣରେ ତଫାତ ହେବ ନାହିଁ ଯେଉଁ କ୍ଷମତା ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ବଲ୍‌କାନ୍ ରାଜ୍ୟଗୁଡ଼ିକ ଭିତରେ ଥିବା ଖ୍ରୀଷ୍ଟିଆନ ଜନସାଧାରଣଙ୍କୁ କିଂବା ଇଟାଲୀର ରାଷ୍ଟ୍ରବିପ୍ଳବ ପୂର୍ବରୁ ଲୋମ୍ବାର୍ଡ଼ି(Lombardy)ରେ ଥିବା ଅଷ୍ଟ୍ରୀୟମାନଙ୍କୁ ନେଇ ତିଷ୍ଠି ରହିଥିଲା । ଏହିଭଳି ଗୋଟିଏ ସ୍ଥିତି ଶାସନ ଚଳେଇ ଥିବା ରାଷ୍ଟ୍ର ପାଇଁ ବିପଦକୁ ଡାକି ଆଣେ, ତା'ର ନୈତିକ ଅଧଃପତନ ଘଟାଏ ଠିକ୍ ଯେପରି ଘଟଣା ଚକ୍ରରେ ଅଷ୍ଟ୍ରୀୟ ଏବଂ ତୁର୍କୀର ନୈତିକ ଅଧଃପତନ ଘଟିଥିଲା ଆଉ ସେମାନେ ଦୁର୍ବଳ ହୋଇଗଲେ ଏବଂ ଯେଉଁଥି ପାଇଁ ପରାଧୀନ ଜନସାଧାରଣ ବିଶୃଙ୍ଖଳିତ ଓ ନିମ୍ନଗାମୀ ହୋଇ ପଡ଼ନ୍ତି । ଭାରତରେ ବ୍ରିଟିଶ ଶାସନର ପରିଣାମ କଥା ସଂକ୍ଷିପ୍ତ ଭାବେ ଆଲୋଚନା କଲେ ଏଇ ସତ୍ୟ ଟିକକ ହୃଦ୍‌ବୋଧ ହେବ ।

[ବନ୍ଦେ ମାତରମ୍, ଏପ୍ରିଲ ୩୦, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ

## ଶ୍ରୀମାଙ୍କ ସହ ପ୍ରଶ୍ନୋତ୍ତର

*୧. ଲୋକେ ଶରୀର ତ୍ୟାଗ କରିବାକୁ ବାଧ ହୁଅନ୍ତି କାହିଁକି ?*

କାରଣ, ପରମେଶ୍ୱରଙ୍କ ଆଡ଼କୁ ଦିବ୍ୟ ପ୍ରକୃତି ଯେପରି କ୍ରମାଗତ ଗତି କରିଚାଲିଛି, ସେମାନେ ତାହା ସହିତ ତାଳ ମିଳାଇ ଗତି କରିବାକୁ ଶିକ୍ଷା କରି ନଥା'ନ୍ତି ।

*୨. ଜଣେ ମୃତ ବ୍ୟକ୍ତିର ଶରୀରକୁ ସମ୍ମାନ କରିବା ଉଚିତ କି ? ଯଦି କରିବା ଉଚିତ, ତେବେ କିପରି ?*

ଜୀବନ୍ତ ଓ ମୃତ ସବୁକିଛିକୁ ସମ୍ମାନ କରିବା ଉଚିତ ଏବଂ ଜାଣି ରଖିବା ଉଚିତ ଯେ, ସକଳ ବସ୍ତୁ ଦିବ୍ୟ-ଚେତନା ମଧ୍ୟରେ ଅବସ୍ଥାନ କରୁଛନ୍ତି । ଆମର ହୃଦୟରେ ଏବଂ ଆନ୍ତର ଦୃଷ୍ଟିକୋଣରେ ସେହି ସମ୍ମାନବୋଧ ରହିଥିବା ଉଚିତ ।

*୩. ଜଣେ ମୃତ ବ୍ୟକ୍ତିର ଶରୀର ଭିତରେ ପରମେଶ୍ୱର ଅବସ୍ଥିତ ଥାଆନ୍ତି କି ?*

ପରମେଶ୍ୱର **ସର୍ବତ୍ର** ରହିଥା'ନ୍ତି; ଏବଂ ମୁଁ ପୁନର୍ବାର କହିରଖୁଛି ଯେ, ଦିବ୍ୟ ପରମସତ୍ତାଙ୍କ ପାଇଁ ଜୀବିତ ବା ମୃତ ବୋଲି କିଛି ନାହିଁ – ସକଳ ବସ୍ତୁ ଶାଶ୍ୱତ ରୂପେ ହିଁ ବିଦ୍ୟମାନ ରହିଛନ୍ତି ।

*୪. ବିଦାୟୀ ଆତ୍ମାକୁ ସୁଖୀ ରଖିବା ପାଇଁ ଆମର କ'ଣ କରିବା ଉଚିତ, ଯଦ୍ୱାରା ତାହା ଉତ୍ତମ ପରିବେଶ ମଧ୍ୟରେ, ଉଦାହରଣ ସ୍ୱରୂପ ଏକ ଆଧ୍ୟାତ୍ମିକ ବାତାବରଣରେ ପୁନର୍ବାର ଜନ୍ମ ନେଇପାରିବ ?*

ଦୁଃଖରୁ ମୁକ୍ତ ରହି ଅତ୍ୟନ୍ତ ଶାନ୍ତ ଏବଂ ସ୍ଥିର ରୁହ, ଏବଂ ବିଦାୟୀ ଆତ୍ମାଙ୍କୁ ଶ୍ରଦ୍ଧାର ସହ ସ୍ମରଣ କର ।

... .... ...

*୬. ଏଇ ପରିସ୍ଥିତିରେ ଜଣକୁ କାନ୍ଦିବାରୁ ନିବୃତ୍ତ କରାଯାଇ ପାରିବ କିପରି ?*

ତା'ର ଲୋତକକୁ ବନ୍ଦ କରିବାର ପ୍ରୟାସ କରିବା ପରିବର୍ତ୍ତେ ତୁମେ ତାକୁ ଆନ୍ତରିକତା ସହିତ ଓ ଗଭୀର ଭାବରେ ଭଲ ପାଅ ।

(MCW, Vol. 15, p. 121)

# ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ୱା...

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଖରାପ ବୋଲି ଅଲଗା କିଛି ଜିନିଷ ନାହିଁ — ଭଲର ବିକୃତି ବ୍ୟଭିଚାର ବା ଅପଭ୍ରଂଶ ହେଉଛି ଖରାପ । ସୁତରାଂ ଭଲକୁ ଚାହିଁଲେ ଯେ ଖରାପର ସଂପୂର୍ଣ୍ଣ ବିପରୀତ କିଛି ଗୋଟାଏ କରିବାକୁ ହେବ, ଖରାପ ଯେଉଁ ଦିଗରେ ଚାଲିଛି, ତାହାର ଠିକ୍ ଓଲଟା ଦିଗରେ ଚାଲିବାକୁ ହେବ — ଏପରି କିଛି କଥା ନାହିଁ । ବରଂ ଅନେକ ସମୟରେ ଦେଖିଥାଉ ଖରାପ ଏକାବେଳେକେ ଭଲର ଦେହ ସହିତ ଦେହ ଘଷାଇ ଚାଲିଛି, ଗୋଟାଏ ଗୋଟାଏ ଜାଗାରେ ସାମାନ୍ୟ ଟିକିଏ ବଙ୍କେଇ ଚାଲିଗଲେ ଭଲ ହେବାକୁ ଯାଉ ଯାଉ ଜିନିଷଟା ଖରାପ ହୋଇଯାଏ । ହୁଏତ ଗୋଟାଏ ଉପାଦାନ କେଉଁଠି ଟିକିଏ କମ୍ ହୋଇଛି ବା ବେଶୀ ହୋଇଯାଇଛି, ଅନୁପାନ ସାମାନ୍ୟ କଡ଼ା ହୋଇଯାଇଛି ବା ମିଠା ହୋଇପଡ଼ିଛି, ଏବଂ ତାହାରି ଫଳରେ ଅତି ଭଲକୁ ମଧ ଦେଖାଯାଏ ଅତି ଖରାପ । ଭଲ ଖରାପ ଯମଜ ସନ୍ତାନ, ଉଭୟର ଚେହେରା ଏକା ଛାଞ୍ଚର, ତେବେ ଜଣେ କୃଷ୍ଣକାୟ, ଆର ଜଣକ ଜ୍ୟୋତିର୍ମୟ, ପାର୍ଥକ୍ୟ ଏତିକି । ସଇତାନ ଯାହାକୁ କହୁ, ସେ ତ ଗୋଟାଏ ସମୟରେ ଥିଲା ପରୀ; ପରୀମାନଙ୍କ ମଧରେ ଯେ ପ୍ରଧାନ, ତାଙ୍କ ନାମ Lucifer — ସେ ଜ୍ୟୋତିଃ ନେଇ ଆସନ୍ତି — Son of the morning — ଉଷାର ପୁତ୍ର !

ସେହି କାରଣରୁ ବେଦାନ୍ତ କହେ ମିଥ୍ୟା ଅର୍ଥ ଏପରି ନୁହେଁ ଯାହା ଏକାନ୍ତ ଅସତ୍ୟ; ମିଥ୍ୟାର ଅର୍ଥ ସତ୍ୟାଭାସ — ଯାହା ଏକ ସମୟରେ ସତ୍ୟ ଏବଂ ଅସତ୍ୟ; ସତ୍ୟ ହେଉଛି ଯାହା ଅସ୍ତି ଏବଂ ମିଥ୍ୟା ହେଉଛି ଅସ୍ତି-ନାସ୍ତିର ଅନିର୍ବଚନୀୟ ସମ୍ମିଳନ । ସେଥିପାଇଁ ସତ୍ୟକୁ ପାଇବାକୁ ହେଲେ ମିଥ୍ୟାର ପାଖେ ପାଖେ ଚାଲିବାକୁ ପଡ଼େ; ମିଥ୍ୟାକୁ ଏକାନ୍ତ ଅସତ୍ୟ ବୋଲି ଜାଣି ଯେଉଁ ବ୍ୟକ୍ତି ତାକୁ ସାମନାକୁ ଆଣିବ ନାହିଁ, ତାହାଠାରୁ ମୁହଁ ବୁଲାଇ ନେଇ ଶହେ ହାତ ଦୂରରେ ରହି ଚାଲିବ ସେ ସତ୍ୟର ସନ୍ଧାନ କେବେ ବି ପାଇବ କି ନାହିଁ ସନ୍ଦେହ । ଏଇ କଥାଟିକୁ ହିଁ ଲକ୍ଷ୍ୟ କରି ଉପନିଷଦ୍ କହୁଛି :

ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ୱା ବିଦ୍ୟୟାଽମୃତମଶ୍ନୁତେ ।

ମିଥ୍ୟାର ଖଣ୍ଡା-ଧାରରେ ଚାଲିବାକୁ ହୁଏ କିନ୍ତୁ ଅତି ସନ୍ତର୍ପଣରେ, ସଜାଗ ହୋଇ, ଦେଖିଶୁଣି, ପରୀକ୍ଷା-ନିରୀକ୍ଷା କରି କରି । ସେପରି ଭାବରେ ଚାଲିବାର କୌଶଳ ଯେ ଆୟତ୍ତ କରିଛି ସେହି ବ୍ୟକ୍ତି ମୃତ୍ୟୁକୁ ଅତିକ୍ରମ କରି ଅମୃତତ୍ୱ ଲାଭ କରେ; ଆଉ ସେ ଚାତୁରୀ ଯାହାର ନାହିଁ ସେ ଅମୃତତ୍ୱ ପାଇପାରେ ନାହିଁ — ମୃତ୍ୟୁ ହିଁ ତାକୁ ସ୍ୱତଃ ଗ୍ରାସ କରେ ।

ଏହି ଉପଲବ୍ଧିକୁ ସହଜିଆ ସାଧକ କେତେ ଭାବରେ ବ୍ୟକ୍ତ କରିବାକୁ ଚେଷ୍ଟା କରିଛନ୍ତି । ଚଣ୍ଡୀଦାସ କହୁଛନ୍ତି :

ସମୁଦ୍ରେ ପଶିବେ ନୀରେ ନା ତିନ୍ତିବେ ।
(ସମୁଦ୍ରେ ପଶିବ, ଜଳେ ନ ଭିଜିବ ।)

ପୁଣି କହୁଛନ୍ତି : କୁଲଟା ହଇବେ କୁଲ୍ ନା ଛାଡ଼ିବେ ।
(କୁଳଟା ହୋଇବ, କୁଳ ନଛାଡ଼ିବ ।)

ଅନ୍ୟତ୍ର କହୁଛନ୍ତି —

ହଇବି ଗିନ୍ନୀ ବ୍ୟଞ୍ଜନ ବାଣ୍ଟି ବି ନା ଛୁଇବି ହାଁଡ଼ି ।
(ହୋଇବି ପତ୍ନୀ, ବ୍ୟଞ୍ଜନ ବାଣ୍ଟି ବି, ଛୁଇଁବିନି ହାଣ୍ଡି ।)

ଅଥବା —

ସାପେର ମୁଖେତେ ଭେକେରେ ନାଚାବି
ତବେ ତୋ ରସିକରାଜ !

(ସାପର ପାଟିରେ ବେଙ୍ଗ ନଚାଇବ ତେବେ ସିନା ହେବ ରସିକରାଜ !)

କାରଣ ଜୀବନ-ସମସ୍ୟାର ସବୁ ରହସ୍ୟ ହେଉଛି —

ବିଷେ ଅମୃତେତେ ମିଲନ୍ ଏକତ୍ରେ
କେ ବୁଝିବେ ମରମ ତା'ର
ରସଜ୍ଞ ଯେ ଜନ କରୟେ ସେ ପାନ
ବିଷ ଛାଡ଼ି ଅମୃତେର ।

(ବିଷ-ଅମୃତର ମିଳନ ଏକତ୍ର କେ ବୁଝିବ ମର୍ମ ତା'ର ରସଜ୍ଞ ଯେ ଜନ କରେ ସିଏ ପାନ ବିଷ ଛାଡ଼ି ଅମୃତର ।)

ତାନ୍ତ୍ରିକମାନେ ପଞ୍ଚମ ମକାରାଦିର ଅନୁଷ୍ଠାନ ଉପରେ କାହିଁକି ଯେ ଏତେ ଜୋର୍ ଦିଅନ୍ତି ସେକଥା ଆମେ ହଠାତ୍ ବୁଝି ପାରୁନା; ଅଧ୍ୟାତ୍ମ ସାଧନାରେ, ଭଗବତ୍ ଆରାଧନାରେ ଏସବୁ ଉତ୍କଟ ଜିନିଷର କାହିଁକି ଅବତାରଣା ହୁଏ ଏହା ଏକ ବିଷମ ପ୍ରହେଳିକା । ସାଧାରଣ ବୁଦ୍ଧିରେ ଯୋଗ ଓ ଭୋଗ ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ ଭିନ୍ନ ଜଗତ୍ ।

ଧର୍ମର, ଅଧ୍ୟାତ୍ମର ବିଶେଷ ସାଧନାର କଥା ଛାଡ଼ିଦେଲେ ଆମେ ଯଦି ସାଧାରଣ ସିଦ୍ଧାନ୍ତ ଅର୍ଥାତ୍ ମୂଳ ଆଦର୍ଶଟିର କଥା ବିଚାର କରୁ ତେବେ ସେଠାରେ ମଧ୍ୟ ଏହି ଏକା ତତ୍ତ୍ୱର ଉଦାହରଣ ଦେଖି ପାରିବା । ଆଧୁନିକ ବୈଜ୍ଞାନିକ-ଆଲୋକ ଯୁଗରେ ଧର୍ମ ବା ଅଧ୍ୟାତ୍ମ ବସ୍ତୁଟିକୁ ଆମେ ଅବସ୍ଥା-ବିଶେଷରେ କେତେବେଳେ ତାଚ୍ଛଲ୍ୟ, କେତେବେଳେ ଘୃଣା, କେତେବେଳେ ଅବା ଆଶଙ୍କାର ଦୃଷ୍ଟିରେ ଦେଖୁ; କହୁ ଏଇ ଜିନିଷଟା ମଧ୍ୟଯୁଗର ଅପରିପକ୍ୱ ମନର କୁସଂସ୍କାର । ଅବଶ୍ୟ ଯେତେବେଳେ Stakeର, Inquisitionର କଥା, Massacre of St. Bertholemyର କଥା ପଢୁ, ସେତେବେଳେ ଭାବୁ ଗୋଟିଏ ସହଜ ସାମାନ୍ୟ ସତ୍ୟର ଉପସ୍ଥାପନ କରିବାକୁ ଯାଇ ଗାଲିଲିଓ ଧର୍ମ ହାତରେ କି ଲାଞ୍ଛନା ଭୋଗ କରି ନାହାନ୍ତି ! ଏତେ ଦୂରକୁ ଯିବା ବା କ'ଣ ଦରକାର, ଯେତେବେଳେ ଦେଖୁ ଆଧୁନିକତମ ଆମେରିକା ଧର୍ମ ବୋଲି ବିବର୍ତ୍ତନବାଦର ସହଜ ସତ୍ୟଟିକୁ ଗଳା ଚିପି ମାରିଦେବାକୁ ଚାହୁଁଛି, ଏବଂ ନିଜ ଘରେ ଆଖି ଆଗରେ ଯେତେବେଳେ ଦେଖୁ ଧର୍ମ ନାମରେ ହିନ୍ଦୁ, ମୁସଲମାନମାନେ କାଣ୍ଡଜ୍ଞାନ ହରାଇ କି ବୀଭତ୍ସ ପଶୁତ୍ୱକୁ ବରଣକରି ଚାଲିଛନ୍ତି, ସେତେବେଳେ କ'ଣ ଇଚ୍ଛାହୁଏ ନାହିଁ ଚିତ୍କାର କରିବାକୁ – ''ଧର୍ମ ମହାଶୟ ! ଆପଣ ମୁଣ୍ଡ ଉପରେ ରହନ୍ତୁ ପଛକେ, ଆମ ପରି ଗରିବ ମଣିଷଙ୍କୁ ବାଦ୍ ଦିଅନ୍ତୁ, ଆମେ ନାସ୍ତିକ ହେବାକୁ ଚାହୁଁ, ପାଷଣ୍ଡ ହେବାକୁ ଚାହୁଁ ।'' କମଲ୍‌ପାଶା ଖିଲାଫତ୍ ଆନ୍ଦୋଳନକୁ କ'ଣ ଖାଲିଟାରେ ଧ୍ୱଂସ କରିଦେଲେ – ସାତ୍ତ୍ୱିକ, ଆଧ୍ୟାତ୍ମିକ ଭାରତବର୍ଷ ଆଖିରେ ଆଙ୍ଗୁଠି ଗେଞ୍ଜି ଯେଉଁ ସତ୍ୟ ଦେଖାଉଛି, ଅନ୍ଧ ନହେଲେ ସେ ବିଷୟରେ କିଏ ସନ୍ଦେହ କରିବ ?

ଏକଥା କ'ଣ ସତ ଯେ ଧର୍ମରେ ବ୍ୟଭିଚାର ଚିରକାଳ ରହିଛି ବୋଲି, ଧର୍ମ ନାଁରେ ଅଧର୍ମ ଆଚରଣ ନିତ୍ୟନିୟତ ହୋଇଥାଏ ବୋଲି, ଧର୍ମ ନାହିଁ ବା ଧାର୍ମିକ ବ୍ୟକ୍ତି ଦୁର୍ଜନ ପରି ପରିହର୍ତ୍ତବ୍ୟ ? ଏକଥା ନ୍ୟାୟଶାସ୍ତ୍ର ପ୍ରମାଣ କରେ ନାହିଁ । ଅଧର୍ମର ଭୟରେ ଧର୍ମକୁ ଯଦି ନିର୍ବାସନ କରୁ, ତେବେ ଅଧର୍ମର ହାତରୁ କେଜାଣି ଅବା ରକ୍ଷା ପାଇପାରୁ, କିନ୍ତୁ ବିଧର୍ମୀମାନଙ୍କ କବଳରେ ପଡ଼ିପାରୁ । ଧର୍ମକୁ, ଅଧ୍ୟାତ୍ମକୁ ବାଦ୍ ଦେଲେ ଜୀବନ ଯାତ୍ରା ଯେ ସମ୍ଭବ ନୁହେଁ – ଏକଥା ନୁହେଁ; ଧର୍ମ ଓ ଅଧ୍ୟାତ୍ମକୁ ଛାଡ଼ିଦେଲେ ଅନ୍ୟ ଆଦର୍ଶ ଅବଶ୍ୟ ଅଛି, ମାତ୍ର ସେସବୁକୁ ମୁଁ ନାମ ଦେଉଛି ବିଧର୍ମ ବୋଲି, କାରଣ ସେଥିରେ ମନୁଷ୍ୟର ପୂର୍ଣ୍ଣ ଅଭିବ୍ୟକ୍ତି, ଅଖଣ୍ଡ ସାର୍ଥକତା ଲାଭ ହୁଏ ନାହିଁ । ସେସବୁ ହେଉଛନ୍ତି ଅକ୍ଷର ସାଧନା । ମାନବର ସ୍ୱଧର୍ମ ରହିଛି ଧର୍ମରେ, ଅଧ୍ୟାତ୍ମରେ । ଆଦର୍ଶ ଯେତେ ବୃହତ୍, ତାହାର ସାଧନାରେ ବାଧା ମଧ୍ୟ ସେତେ ବେଶୀ । ଲକ୍ଷ୍ୟ ଯେତେ ଉଚ୍ଚ, ପତନର ସମ୍ଭାବନା ସେତେ ତଳକୁ । ଜିନିଷ ଯେତେ ସୁନ୍ଦର, ତାହାର ବିକୃତି ହୁଏ ସେତେ କୁତ୍ସିତ । ତେବେ ବି 'ଭୂମୈବ ସୁଖମ୍' । ପ୍ରତ୍ୟେକ ବିକାର, ପ୍ରତ୍ୟେକ ବାଧା, ପ୍ରତ୍ୟେକ ପଦସ୍ଖଳନ ଆଦର୍ଶର ସ୍ୱରୂପକୁ ଆହୁରି ସ୍ପଷ୍ଟ, ପରିଚ୍ଛନ୍ନ, ସୁପ୍ରକାଶ କରି ଦେଖାଇଦିଏ । ବ୍ୟଭିଚାର ମଧ୍ୟରୁ ପ୍ରକୃତରେ ଯିଏ ଠିକ୍ ଶିକ୍ଷା ଗ୍ରହଣ କରିବ, ଭୟ ପାଇ ପଶ୍ଚାତ୍‌ପଦ ହେବ ନାହିଁ, ସେହି କେବଳ 'ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ୱା । ବିଦ୍ୟୟାଽମୃତମଶ୍ନୁତେ ।'

(ଅବିଦ୍ୟା ମାଧ୍ୟମରେ ମୃତ୍ୟୁକୁ ଅତିକ୍ରମ କରି
ବିଦ୍ୟା ଦ୍ୱାରା ଅମୃତ ଆସ୍ୱାଦନ କରେ ।)

ଧର୍ମ-ଠାକୁରଙ୍କ କଥା କହିବା ବେଳେ ମନେପଡ଼େ ତ୍ରିଶରଣର ଆଉ ଦୁଇଟି ଶରଣର କଥା – ସଂଘ ଓ ବୁଦ୍ଧ । ମଠ ବା ''ମୋନାଷ୍ଟରୀ''ର ଦଶା ଯେ କ'ଣ ହୁଏ, ତାହାର ଜ୍ୱଳନ୍ତ ସାକ୍ଷ୍ୟ ଦେଉଛି ଇତିହାସ – ଆମ ଦେଶରେ ହେଉ ବା ୟୁରୋପରେ ହେଉ; ତାହାର ସାକ୍ଷ୍ୟ ସମାନ । ସେଥିରେ ଏପାଖ ସେପାଖ ହେବାର କିଛି ନାହିଁ । ଏକଥା ସତ୍ୟ ଯେ ସଂଘଗୁଡ଼ିକ ଅନେକ ଦୋଷ-ତ୍ରୁଟିର ଖଣି ହୋଇଯାଇଛି, କିନ୍ତୁ ସେଥିପାଇଁ ସଂଘ ସମୂଳେ ଉତ୍ପାଟିତ କରି ପକାଇଲେ ସେଇଟା ହେବ ଅତିଶୟୋକ୍ତି । ପ୍ରତି ଦେଶରେ, ପ୍ରତି ଯୁଗରେ ମଣିଷ ଏଇ ସଂଘ ଜିନିଷଟିକୁ ଗଢ଼ିବାକୁ ଚାହିଁଛି, ଏହି ନିରନ୍ତର ଚେଷ୍ଟା ହିଁ ଯଥେଷ୍ଟ ପ୍ରମାଣ ଦିଏ ଯେ ସଂଘର ଭିତ୍ତି ମନୁଷ୍ୟର ଏକ ଗଭୀରତମ ସତ୍ୟ ଉପରେ ପ୍ରତିଷ୍ଠିତ । ଅସଲ କଥା, ଆଦର୍ଶ ଯଦି ଗଢ଼ି ଉଠି ନଥାଏ, ତେବେ ଏହାର କାରଣ ଏହା ନୁହେଁ ଯେ ସଂଘର ଆଦର୍ଶଟି ଭୁଲ୍, କାହିଁକିନା – ଯେଉଁ ପ୍ରକାର ଅବସ୍ଥା ଭିତର ଦେଇ ସଂଘର ଆଦର୍ଶ ସ୍ଥାପିତ ହୁଏ, ସେହି ଅବସ୍ଥା ଆମେ ଆଣିପାରି ନାହୁଁ । ଯେଉଁସବୁ ସର୍ତ୍ତ ଉପରେ ଠିଆହେଲେ ତାହା ସର୍ବାଙ୍ଗସୁନ୍ଦର ହୋଇ ଗଢ଼ିଉଠିବ ସେହି ସର୍ତ୍ତ ଆମେ ପୂରଣ କରିପାରି ନାହୁଁ । ସେପରି ସର୍ତ୍ତ କୌଣସି ଦିନ ପୂରଣ ହେବ ନାହିଁ, ସେପରି ଅବସ୍ଥା କସ୍ମିନ୍‌କାଳେ ଅଣାଯାଇ ପାରିବ ନାହିଁ, ଏକଥା ଜୋର୍ କରି କହିବାର ଅଧିକାର କାହାର ଅଛି ? ତ୍ରୁଟି କେଉଁଠି, ଅଭାବ କେଉଁଠି, ଭୁଲ୍ କେଉଁ ଅଂଶରେ ହୋଇଥିଲା, କି ପ୍ରକାରେ ତାହା ଅପସାରଣ କରିବାକୁ ହେବ – ଏସବୁ ଅବିଦ୍ୟା ଦେଇଥିବା ଜ୍ଞାନର ଉପଲବ୍ଧି ।

ସଂଘ ମାଧ୍ୟମରେ ସାଧକ ପ୍ରତି ଦେଶରେ, ପ୍ରତି ଯୁଗରେ ବୁଦ୍ଧଙ୍କ ଶରଣ ନେଇଛି । ସେ ଚାହିଁଛି ଗୁରୁ, ପଥ-ପ୍ରଦର୍ଶକ, ଶରୀରୀ ଭଗବାନ୍ – ପଥ ଦେଖାଇ ନେବା ପାଇଁ, ବିପଦରୁ ରକ୍ଷା କରିବା ପାଇଁ, ଆପଣାର ଶକ୍ତି ସାମର୍ଥ୍ୟ ଦାନ କରି ସିଦ୍ଧି ଦିଗରେ ଚଳାଇ ନେବା ପାଇଁ । ଏପରି ଯଥାର୍ଥ ଗୁରୁ ହୁଏତ କୋଟିକରେ ଗୋଟିଏ ମିଳନ୍ତି, ତାହା ବୋଲି ଗୁରୁତତ୍ତ୍ୱ ଅସତ୍ୟ ହୋଇଯାଏ ନାହିଁ । ଭଗବାନ୍ ଓ ମନୁଷ୍ୟ ମଧ୍ୟରେ ମାନୁଷୀ ଭଗବାନ୍ ରୂପ ହେଉଛି ମଧ୍ୟସ୍ଥ, ସାଧନ ଜଗତରେ ଏହାର କି ରହସ୍ୟମୟ ପ୍ରୟୋଜନ ରହିଛି ତାହା ଏହି ଖ୍ରୀଷ୍ଟୀୟ ଚର୍ଚ୍ଚର ପୋପ୍‌ଙ୍କୁ ଦେଖି ହୁଏତ ମନ ମାନେ ନାହିଁ – କିନ୍ତୁ ସେଥିରେ ସେ ପ୍ରୟୋଜନର ଅସ୍ତିତ୍ୱ ଲୋପ ପାଏ ନାହିଁ ।

ଜଗତ୍-ବୀଣାରେ ଦୁଇଟି ତାର – ସରୁ ଓ ମୋଟା, ସୃଷ୍ଟିରେ ଦୁଇଟି ଧାରା ଚାଲି ଆସୁଛି ସମାନ୍ତରାଳରେ – ଗୋଟିଏ ଉପରେ, ଗୋଟିଏ ତଳେ, ଗୋଟିଏ ଭିତରେ, ଗୋଟିଏ ବାହାରେ; ଦୁଇଟିଯାକର ଭାବଭଙ୍ଗୀ, ଚାଲିଚଳଣ ପ୍ରାୟ ଏକ ଧରଣର, ଉପନିଷଦ୍‌ରେ ସେହି ଯେଉଁ 'ଦ୍ୱା ସୁପର୍ଣ୍ଣା ସଯୁଜା ସଖାୟା' – ତାହାରି ପରି । ଉପର ତାରରେ ଯେଉଁ ମୂର୍ଚ୍ଛନା ବାଜେ, ତଳ ତାରରେ ତାହାହିଁ ବାଜେ, ଉପରର ଧାରାରେ ଯେଉଁ ଢେଉ, ଯେଉଁ ଭାବ ଚାଲିଅଛି, ନିମ୍ନର ଧାରାରେ ଅନୁରୂପ ଢେଉ ଉଠୁଅଛି – ତେବେ ଗୋଟିଏ ହେଉଛି କାୟା, ଅନ୍ୟଟି ଛାୟା; ଗୋଟିଏ ଧ୍ୱନି, ଅନ୍ୟଟି ପ୍ରତିଧ୍ୱନି; ଗୋଟିଏ ପ୍ରକୃତି, ଅନ୍ୟଟି ବିକୃତି । ଗୋଟିଏ ହେଉଛି ସତ୍ୟ, ସୁନ୍ଦର, ମଙ୍ଗଳର ପ୍ରକାଶ; ଅପରଟି ଅସତ୍ୟ, ଅସୁନ୍ଦର, ଅମଙ୍ଗଳର ରୂପ । ମୋଟ ଉପରେ ବାହାରିଆ ଗୋଟିଏ ସାଦୃଶ୍ୟ ଦେଖି ଯେଉଁମାନେ ମନେ କରନ୍ତି ଉଭୟ ଏକା ଜିନିଷ; କେଉଁଠି ହେଲେ ସତ୍ୟ-ସୁନ୍ଦର-ମଙ୍ଗଳର ଛାପ ନାହିଁ, ସବୁ ତ ଅସତ୍ୟ, ଅସୁନ୍ଦର, ଅମଙ୍ଗଳର ଏକ ଛାଇ, ଏପରି ଦେଖି କାୟା ବିଷୟରେ ଯେଉଁମାନେ ସନ୍ଦେହୀ, ଶ୍ରଦ୍ଧାହୀନ, ନାସ୍ତିକ ହୋଇପଡ଼ନ୍ତି – ସେମାନେ ଅବିଦ୍ୟାକୁ ଧରି ମୃତ୍ୟୁ କବଳରୁ ପାର ହେବାର କୌଶଳ ଆୟତ୍ତ କରିପାରି ନାହାନ୍ତି – ଅମୃତତ୍ୱ ଲାଭ କରିବା ସେମାନଙ୍କ ପାଇଁ ସୁଦୂର-ପରାହତ । ଗୋଟିକ ସହିତ ଅନ୍ୟଟିର ସଂଯୋଗ ସାଧନ ସମ୍ଭବ ନୁହେଁ । ତେଣୁ ଏକ ଶ୍ରେଣୀର ଲୋକେ ତନ୍ତ୍ରୋକ୍ତ ଏଇ ସକଳ ଅନୁଷ୍ଠାନକୁ ରୂପକ ବୋଲି କହି ଉଡ଼ାଇ ଦିଅନ୍ତି । କିନ୍ତୁ ବାଛି ବାଛି ଏଇ ରୂପକ ବା କାହିଁକି ନିଆଯାଇଛି ? ତେଣୁ ଆଉ ଏକ ଶ୍ରେଣୀର ଲୋକ କହନ୍ତି ତନ୍ତ୍ରଶାସ୍ତ୍ର ହେଉଛି ମୂଳରୁ ଶେଷଯାଏଁ ଲାମ୍ପଟ୍ୟର, ଶିଶ୍ନୋଦର-ପରାୟଣତାର ଶାସ୍ତ୍ର ।

ମାତ୍ର ଅସଲ କଥାଟି ଅନ୍ୟପ୍ରକାର । ସୃଷ୍ଟିର ସମସ୍ତ ରହସ୍ୟ ଏହାହିଁ ସୂଚନା ଦିଏ । ସର୍ବତ୍ର ବିଷ ମଧ୍ୟରେ ସୁଧା ଲୁଚି ରହିଛି, ଯେ ସୁଧା ଚାହେଁ ସେ ବିଷଠାରୁ ଦୂରେଇ ଗଲେ ଚଳିବ ନାହିଁ – ବିଷକୁ ଧରି ନେଇ ଛାଣିବାକୁ ହେବ । ବିଷ ହିଁ ସୁଧା, ମୂଳତଃ ସେଥିପାଇଁ କେବଳ ଦରକାର ଶୋଧନ, ଊର୍ଦ୍ଧ୍ୱପାତନ । ହୀରା ଯେପରି ପଥୁରିଆ କୋଇଲାର ଉଜ୍ଜ୍ୱଳ ମୂର୍ତ୍ତି, ସେହିପରି କାମର ସାର ହେଉଛି ପ୍ରେମ – କାମ ମଧ୍ୟରୁ ପ୍ରେମ ସାରଟିକୁ ଉଦ୍ଧାର କରିବା ହିଁ ପ୍ରେମର ସାଧନା ବା ଭକ୍ତିର ସାଧନା । ଦେହ ମଧ୍ୟରେ ଆତ୍ମା ମିଳିମିଶି ରହିଛି, ଇନ୍ଦ୍ରିୟର ପଛରେ ଅତୀନ୍ଦ୍ରିୟ ଅନୁସ୍ୟୂତ । ଆତ୍ମା ଯଦି ଅତୀନ୍ଦ୍ରିୟକୁ ପାଇବାକୁ ଚାହେଁ, ତେବେ ତାକୁ ଦେହ ଓ ଇନ୍ଦ୍ରିୟ ସହିତ ବିଶେଷ ଭାବରେ କାରବାର କରିବାକୁ ହେବ । ପଙ୍କ ମଧ୍ୟରେ ମନୁଷ୍ୟର ଅନ୍ତରାତ୍ମା ପ୍ରୋଥିତ – ସେଇ ଅନ୍ତରାତ୍ମାକୁ ଉଦ୍ଧାର କରିବାକୁ ହେଲେ, ଟେକି ଧରିବାକୁ ହେଲେ ପଙ୍କ ଭିତରକୁ ଓହ୍ଲାଇ ଯିବାକୁ ପଡ଼ିବ, ପଙ୍କ ଯେପରି ଦେହରେ ନ ଲାଗେ – ସେକଥା ଅଲଗା । ମାତ୍ର ଓହ୍ଲାଇବାକୁ ପଡ଼ିବ, ପଙ୍କକୁ ବାଦ୍ ଦେଲେ ବା ତାହାଠାରୁ ଅପସରି ଗଲେ କାର୍ଯ୍ୟ ହାସଲ ହେବ ନାହିଁ । ଅବଶ୍ୟ ଏ ପ୍ରକାର ଐକାନ୍ତିକ ସନ୍ନ୍ୟାସର ପଥ ଅନେକେ ଅନୁସରଣ କରିଛନ୍ତି । ମାତ୍ର ଉପନିଷଦ୍ ବୋଧହୁଏ ସେଇମାନଙ୍କୁହିଁ ଲକ୍ଷ୍ୟ କରି କହିଛି : ''ଅନ୍ଧଂ ତମଃ ପ୍ରବିଶନ୍ତି ଯେ ଅବିଦ୍ୟାମୁପାସତେ ।
ତତୋ ଭୂୟ ଇବ ତେ ତମୋ ଯ ଉ ବିଦ୍ୟାୟାଂ ରତାଃ'' ।
(ଈଶୋପନିଷଦ୍)

(ଯେଉଁମାନେ ଅବିଦ୍ୟାର ଉପାସନା କରନ୍ତି ସେମାନେ ଗଭୀର ଅନ୍ଧକାର ମଧ୍ୟରେ ପ୍ରବେଶ କରନ୍ତି, ଆଉ ଯେଉଁମାନେ କେବଳ ବିଦ୍ୟାର ଉପାସନା କରନ୍ତି ସେମାନେ ତା'ଠାରୁ ଅଧିକ ଘୋର ଅନ୍ଧକାର ମଧ୍ୟରେ ପଡ଼ନ୍ତି ।)

ସାଧନ-ଭଜନର ସ୍ଥାନ ମନ୍ଦିର-ଗାତ୍ରରେ ଅଶ୍ଳୀଳତା ପାଇଁ ଆସନ ଏତେ ସଂଭ୍ରମରେ ଛାଡ଼ି ଦିଆଯାଇଛି କାହିଁକି ? ବିଦ୍ୟାର କ୍ଷେତ୍ରରେ ଠିଆ ହୋଇ ଅବିଦ୍ୟା ସ୍ପଷ୍ଟତଃ ଏହା ଘୋଷଣା କରୁଛି – ମୋତେ ପାଖେ ପାଖେ ରଖି ମୃତ୍ୟୁର ଅପର ପାରକୁ ଯାଅ :

''ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ୱା...''

(ସୌଜନ୍ୟ : 'ସତ୍ୟଶ୍ରୀ' ପତ୍ରିକା) ✥

ବେଦରହସ୍ୟ - (ଦ୍ୱିତୀୟ ଭାଗ) : ନିର୍ବାଚିତ ସୂକ୍ତାବଳୀ – ୧୩

# ସୋମ, ଆନନ୍ଦ ଓ ଅମୃତତ୍ୱର ଅଧିଷ୍ଠିତ ଦେବ

## (ଋଗ୍‌ବେଦ : ମଣ୍ଡଳ - ୯, ସୂକ୍ତ : ୮୩ : ଋଷି : ପବିତ୍ର ଆଙ୍ଗିରସଃ)

## ଶ୍ରୀଅରବିନ୍ଦ

ପବିତ୍ରଂ ତେ ବିତତଂ ବ୍ରହ୍ମଣସ୍ପତେ
ପ୍ରଭୁର୍ଗାତ୍ରାଣି ପର୍ଯ୍ୟେଷି ବିଶ୍ୱତଃ ।
ଅତପ୍ତତନୂର୍ନ ତଦାମୋ ଅଶ୍ନୁତେ
ଶୃତାସ ଇଦ୍‌ବହନ୍ତସ୍ତତ୍‌ସମାଶତ ।।୧।।

ଅର୍ଥ : ହେ ଆତ୍ମାଗଣଙ୍କ ପତି [ବ୍ରହ୍ମଣସ୍ପତେ] ! ତୁମର ବିଶୋଧନକାରୀ ଛାଙ୍କୁଣି [ତେ ପବିତ୍ରମ୍] ବିସ୍ତାରିତ ହୋଇଯାଇଛି [ବିତତମ୍]; ତୁମେ ଜୀବଭୂତ ହେବା ସଙ୍ଗେ ସଙ୍ଗେ [ପ୍ରଭୁଃ] ସେମାନଙ୍କ ଗାତ୍ରର ସର୍ବାଙ୍ଗରେ ପରିବ୍ୟାପ୍ତ ହୋଇଛ [ଗାତ୍ରାଣି ବିଶ୍ୱତଃ ପର୍ଯ୍ୟେଷି] । ଯିଏ ଅପକ୍ୱ [ଆମଃ] ଏବଂ ଯାହାର ତନୁ ଅଗ୍ନିତାପରେ ତପ୍ତ ହୋଇ ନାହିଁ [ଅତପ୍ତତନୁଃ], ସେ ସେହି ଆନନ୍ଦକୁ ଆସ୍ୱାଦନ କରିପାରେ ନାହିଁ [ତତ୍ ନ ଅଶ୍ନୁତେ]; କେବଳ ସେହିମାନେ ଏହାକୁ (ଆନନ୍ଦକୁ) ବହନ କରି [ତଦ୍ ବହନ୍ତଃ] ଉପଭୋଗ କରିବାକୁ ସମର୍ଥ [ସମାଶତ ଇତ୍], ଯେଉଁମାନେ ଅଗ୍ନି ଦ୍ୱାରା ପ୍ରସ୍ତୁତ କରା ହୋଇଛନ୍ତି [ଶୃତାସଃ] ।

ତପୋଷ୍ପବିତ୍ରଂ ବିତତଂ ଦିବସ୍ପଦେ
ଶୋଚନ୍ତୋ ଅସ୍ୟ ତନ୍ତବୋ ବ୍ୟସ୍ଥିରନ୍ ।
ଅବନ୍ତ୍ୟସ୍ୟ ପବୀତାରମାଶବୋ
ଦିବସ୍ପୃଷ୍ଠମଧି ତିଷ୍ଠନ୍ତି ଚେତସା ।।୨।।

ଅର୍ଥ : ତାଙ୍କ ତାପ ରୂପକ ବିଶୋଧନକାରୀ ଛାଙ୍କୁଣି [ତପୋଃପବିତ୍ରମ୍] 'ସ୍ୱର୍ଗ' ଧାମରେ ବ୍ୟାପ୍ତ ହୋଇଛି [ଦିବସ୍ପଦେ ବିତତମ୍]; ଉଜ୍ଜ୍ୱଳ କିରଣଯୁକ୍ତ ଏହାଙ୍କ ତନ୍ତୁଗୁଡ଼ିକ [ଅସ୍ୟ ଶୋଚନ୍ତଃ ତନ୍ତବଃ] ବିସ୍ତାରିତ ହୋଇଯାଇଛି [ବ୍ୟସ୍ଥିରନ୍] । ଏହାଙ୍କ କ୍ଷିପ୍ରଗାମୀ ଆନନ୍ଦରସ ରାଜି [ଅସ୍ୟ ଆଶବଃ] ତାଙ୍କ ବିଶୋଧନକାରୀ ଆତ୍ମାକୁ [ପବୀତାରମ୍] ପରିପୁଷ୍ଟ କରନ୍ତି [ଅବନ୍ତି]; ସଚେତନ ଆତ୍ମା ସାହାଯ୍ୟରେ [ଚେତସା] ଦ୍ୟୁଲୋକର ସମୁଚ୍ଚ ସ୍ତରକୁ [ଦିବଃ ପୃଷ୍ଠମ୍] ଉତ୍ତରଣ କରନ୍ତି [ଅଧିତିଷ୍ଠନ୍ତି] ।

ଅରୂରୁଚଦୁଷସଃ ପୃଶ୍ନିରଗ୍ରିୟ
ଉକ୍ଷା ବିଭର୍ତି ଭୁବନାନି ବାଜୟୁଃ
ମାୟାବିନୋ ମମିରେ ଅସ୍ୟ ମାୟୟା
ନୃଚକ୍ଷସଃ ପିତରୋ ଗର୍ଭମା ଦଧୁଃ ।।୩।।

ଅର୍ଥ : ଏ ହେଉଛନ୍ତି ସର୍ବଶ୍ରେଷ୍ଠ ଛାବୁଲା ବୃଷଭ [ଅଗ୍ରିୟଃ ପୃଶ୍ନିଃ] ଯିଏ ଉଷାଙ୍କୁ ପ୍ରଦୀପିତ କରିଛନ୍ତି [ଉଷସଃ ଅରୂରୁଚତ୍], ଏ ହେଉଛନ୍ତି ସେହି 'ପୁରୁଷ' [ଉକ୍ଷା] ଯିଏ ସୃଷ୍ଟିର ଭୁବନଗୁଡ଼ିକୁ [ଭୁବନାନି] ଧାରଣ କରିଛନ୍ତି [ବିଭର୍ତି] ଏବଂ ପ୍ରାଚୁର୍ଯ୍ୟ ବାଞ୍ଛା କରୁଛନ୍ତି [ବାଜୟୁଃ]; ପୂର୍ବରୁ ରଚନା-ଜ୍ଞାନ-ପ୍ରାପ୍ତ ପିତୃଗଣ [ମାୟାବିନଃ ପିତରଃ] ଏହାଙ୍କ (ସୋମଙ୍କ) ଜ୍ଞାନଶକ୍ତି ଦ୍ୱାରା [ଅସ୍ୟ ମାୟୟା] ତାଙ୍କର ଏକ ଆକୃତି ରଚନା କରିଛନ୍ତି [ମେମିରେ]; ଶକ୍ତ ଦୃଷ୍ଟିଧାରୀ ସେମାନେ [ନୃଚକ୍ଷସଃ] ଜନ୍ମାଭିମୁଖ ଏକ ଶିଶୁ ପରି [ଗର୍ଭମ୍] ତାଙ୍କୁ ନିଜ ମଧ୍ୟରେ ଧାରଣ କରିଛନ୍ତି [ଆ ଦଧୁଃ] ।

ଗନ୍ଧର୍ବ ଇତ୍‌ଥା ପଦମସ୍ୟ ରକ୍ଷତି
ପାତି ଦେବାନାଂ ଜନିମାନ୍ୟଦ୍‌ଭୁତଃ ।
ଗୃଭ୍‌ଣାତି ରିପୁଂ ନିଧୟା ନିଧାପତିଃ
ସୁକୃତ୍ତମା ମଧୁନୋ ଭକ୍ଷମାଶତ ।।୪।।

ଅର୍ଥ : ଗନ୍ଧର୍ବ ରୂପେ [ଗନ୍ଧର୍ବଃ ଇତ୍‌ଥା] ସେ ନିଜର ଯଥାର୍ଥ ଆସନର ରକ୍ଷା କରୁଛନ୍ତି [ଅସ୍ୟ ପଦଂ ରକ୍ଷତି]; 'ଏକ' ପରମୋଚ୍ଚ ତଥା ଅଦ୍ଭୁତ [ଅଦ୍ଭୁତଃ] ରୂପେ ସେ ଦେବଗଣଙ୍କ ଜନ୍ମର ଯତ୍ନ ନେଉଛନ୍ତି [ଦେବାନାଂ ଜନିମାନି ପାତି]; ଆନ୍ତର କର୍ମ ବ୍ୟବସ୍ଥାର (ନିଧାନର) ପତି ସେ [ନିଧାପତିଃ] ଆନ୍ତର କର୍ମ ବ୍ୟବସ୍ଥା (ନିଧାନ) ଦ୍ୱାରା [ନିଧୟା] ସେ ଶତ୍ରୁକୁ କରଗତ କରିଥା'ନ୍ତି [ରିପୁଂ ଗୃଭ୍‌ଣାତି] । କର୍ମରେ ଯେଉଁମାନେ ସମ୍ପୂର୍ଣ୍ଣ ସିଦ୍ଧହସ୍ତ [ସୁକୃତ୍ତମାଃ] ସେମାନେ ମଧୁ ରସର ଭୋଗକୁ ଆସ୍ୱାଦନ କରିଥା'ନ୍ତି [ମଧୁନଃ ଭକ୍ଷମ୍ ଆଶତ] ।

**ହବିର୍ହବିଷ୍ମୋ ମହି ସଦ୍ମ ଦୈବ୍ୟଂ**
**ନଭୋ ବସାନଃ ପରି ୟାସ୍ୟଧ୍ୱରମ୍ ।**
**ରାଜା ପବିତ୍ରରଥୋ ବାଜମାରୁହଃ**
**ସହସ୍ରଭୃଷ୍ଟିର୍ଜୟସି ଶ୍ରବୋ ବୃହତ୍ ॥୫॥**

ଅର୍ଥ : ଭୋଜ୍ୟଗର୍ଭ ହେ (ସୋମ) [ହବିଷ୍ମ] ! ତୁମେ ଦିବ୍ୟ ଅନ୍ନ [ହବିଃ], ତୁମେ ବିରାଟ [ମହି], ଦିବ୍ୟ ଆବାସ [ଦୈବ୍ୟଂ ସଦ୍ମ]; ଆକାଶକୁ ବସନ ରୂପେ ଧାରଣ କରି [ନଭଃ ବସାନଃ] ତୁମେ ଯଜ୍ଞର ଯାତ୍ରାପଥକୁ ଘେରି ରହିଛ [ଅଧ୍ୱରଂ ପରି ୟାସି] । ଛାଙ୍କୁଣିକୁ ରଥ ରୂପେ ଗ୍ରହଣ କରିଥିବା ଜଣେ ରାଜା ରୂପେ [ପବିତ୍ରରଥଃ ରାଜା] ତୁମେ ପ୍ରାଚୁର୍ଯ୍ୟ ମଧ୍ୟକୁ ଆରୋହଣ କରୁଛ [ବାଜମ୍ ଆ ରୁହଃ]; ତୁମର ସହସ୍ର ଜ୍ୱାଳାମୟ ଦୀପ୍ତିରେ [ସହସ୍ରଭୃଷ୍ଟିଃ] ତୁମେ ବିଶାଳ ଜ୍ଞାନକୁ ଜୟ କରୁଛ [ବୃହତ୍ ଶ୍ରବଃ ଜୟସି] ।

### ଶ୍ରୀଅରବିନ୍ଦଙ୍କ ଭାଷ୍ୟ

ବୈଦିକ ସୂକ୍ତଗୁଡ଼ିକର ଏକ ସାରତମ ବୈଶିଷ୍ଟ୍ୟ ଲକ୍ଷ୍ୟ କରାଯାଇଛି ଯେ ବୈଦିକ ଉପାସନା ମାର୍ଗ ଯଦିଓ ''ଏକଦେବବାଦୀ'' (monotheistic) ନୁହେଁ, ଶବ୍ଦଟିର ଅର୍ଥ ଆଧୁନିକ ଯୁଗରେ ଯାହା ବୁଝାଏ ସେହି ଅର୍ଥରେ, ତଥାପି ବେଳେ ବେଳେ ଖୋଲାଖୋଲି ସରଳ ଭାଷାରେ ତ କେବେ କେବେ ଜଟିଳ ତଥା କଷ୍ଟବୋଧ ରଚନାଶୈଳୀରେ ନିରବଚ୍ଛିନ୍ନ ଭାବେ ଲକ୍ଷ୍ୟ କରିହୁଏ, ଏବଂ ସବୁବେଳେ ଗଭୀରରେ ଏକ ବିଚାର ନିହିତ ଥାଏ ଯେ ସେମାନେ ଯେଉଁ ବହୁ ଦେବତାଙ୍କୁ ଆବାହନ କରୁଛନ୍ତି ସେମାନେ ପ୍ରକୃତରେ ଏକ 'ଦେବ'– ବହୁ ନାମଧାରୀ ସେ 'ଏକ', ବିବିଧ ଗୁଣ ନେଇ ସେ ବ୍ୟକ୍ତ ହୋଇଛନ୍ତି, ବହୁ ଦିବ୍ୟ ବ୍ୟକ୍ତିତ୍ୱର ଛଦ୍ମ ରୂପ ବହନ କରି ସେମାନେ ମନୁଷ୍ୟର ନିକଟବର୍ତ୍ତୀ ହେଉଛନ୍ତି । ପାଶ୍ଚାତ୍ୟ ବିଦ୍ୱାନ୍‌ମାନେ ଏହି ସାମ୍ପ୍ରଦାୟିକ ମନୋଭାବରେ ଉଦ୍‌ଭ୍ରାନ୍ତ ହୋଇ, କୌଣସିଟି ଭାରତୀୟ ମନ ପାଇଁ ଏହା ଆଦୌ କାଠିନ୍ୟ ସୃଷ୍ଟି କରୁ ନଥିଲେ ମଧ୍ୟ ଏହାକୁ ବୋଧଗମ୍ୟ କରାଇବା ନିମନ୍ତେ 'ବୈଦିକ ହେନୋଥେଇଜିମ୍' (Vedic henotheism) ନାମରେ ବିମର୍ଶ-ପଦ୍ଧତିଟିଏ ଉଦ୍ଭାବନ କରିଛନ୍ତି । ସେମାନେ ଭାବିଛନ୍ତି ଯେ ଋଷିଗଣ ଥିଲେ ବହୁଦେବ-ମତବାଦୀ (Polytheists) କିନ୍ତୁ ଉପାସନା ଅବସରରେ ସେମାନେ ମୁଖ୍ୟ ଉପାସ୍ୟ ଦେବତାଙ୍କୁ ପ୍ରାଧାନ୍ୟ ଦେଇଛନ୍ତି ଏବଂ ଏପରିକି ଏକ ପ୍ରକାରେ ସେ ହିଁ ଏକମାତ୍ର ଦେବତା ରୂପେ ଗଣ୍ୟ କରିଛନ୍ତି । ଏହି 'ହେନୋଥେଇଜିମ୍'ର ଉଦ୍ଭାବନ ଥିଲା ଏକ ଅଜ୍ଞାତ ମାନସିକତାକୁ ବୁଝିବା ନିମନ୍ତେ ଏକ ଉଦ୍ୟମ ତଥା ଏକ ବିଚାର ବିମର୍ଶ ମାତ୍ର – 'ଏକକ ଭଗବତ୍ ଅସ୍ତିତ୍ୱ' ବିଷୟରେ ଭାରତୀୟ ଧାରଣାଟି ହେଉଛି 'ସେ' (ତତ୍) ନାନା ନାମ ଓ ରୂପରେ ଏଠାରେ ଅଭିବ୍ୟକ୍ତ ହୁଅନ୍ତି, ସେହି ନାମ ଓ ରୂପର ଉପାସକଙ୍କଠାରେ ସେହି ପ୍ରତ୍ୟେକ ଦେବତା ସେହି ଏକ ତଥା ପରମ 'ଦେବ'ଙ୍କ ସହ ଏକ ଓ ଅଭିନ୍ନ । ଏହି ଯେଉଁ 'ଭଗବତ୍' ଧାରଣା, ଯାହା ପୌରାଣିକ ଧର୍ମବିଶ୍ୱାସର ମୌଳିକ ତତ୍ତ୍ୱ, ପୂର୍ବେ ଆମର ବୈଦିକ ପୂର୍ବପୁରୁଷଗଣ ଅଧିଗତ କରି ସାରିଥିଲେ ।

ବୈଦାନ୍ତିକ 'ବ୍ରହ୍ମ' ଧାରଣାକୁ ବେଦ ବୀଜ ରୂପେ ନିଜ ମଧ୍ୟରେ ଆଗରୁ ବହନ କରୁଛି । ଏହା ଏମିତି ଜଣେ ପରମପୁରୁଷଙ୍କୁ ପରିଲକ୍ଷିତ କରେ ଯିଏ ଅଜ୍ଞେୟ ତଥା କାଳାତୀତ, ଯେ ବର୍ତ୍ତମାନ ନୁହନ୍ତି କି ଭବିଷ୍ୟତ୍ ନୁହନ୍ତି, ସେ 'ଦେବ'ଗଣଙ୍କ ଗତିଛନ୍ଦ ମଧ୍ୟରେ ଗତି କରୁଛନ୍ତି, କିନ୍ତୁ ମନ ତାହାଙ୍କୁ ଅଧିଗତ କରିବାକୁ ଉଦ୍ୟମ କରିବା ବେଳେ ସେ ଅନ୍ତର୍ହିତ ହୋଇ ଯାଉଛନ୍ତି (ଋ. ୧/୧୭୦/୧) ।[୧] ଏହାଙ୍କୁ କ୍ଲୀବ ଲିଙ୍ଗରେ 'ତତ୍' ରୂପେ ଅଭିହିତ କରାଯାଇଛି ଏବଂ ବହୁ ସ୍ଥାନରେ 'ଅମୃତତ୍ୱ', ପରମ ତ୍ରିତତ୍ତ୍ୱ, ବିରାଟ 'ଆନନ୍ଦ' ପ୍ରଭୃତିର ସମରୂପ ବୋଲି ଦର୍ଶାଯାଇଛି; ଯାହାକୁ ପ୍ରାପ୍ତ ହେବାକୁ ମନୁଷ୍ୟ ଅଭୀପ୍ସା କରୁଥାଏ । ବ୍ରହ୍ମ ହେଉଛନ୍ତି 'ଅକ୍ଷର', ସର୍ବ 'ଦେବ'ଙ୍କର ଏକକ ସ୍ୱରୂପ । ସେହି ଅକ୍ଷର ପୁରୁଷ ଗୋ(ଅଦିତି)ଙ୍କ ପଦ ରୂପେ ଜାତ ହେଲେ,... ସେ ହେଉଛନ୍ତି ବିଶାଳ, 'ଦେବତା'ଙ୍କ ବଳବୀର୍ଯ୍ୟ, 'ଏକ' ।'' (ଋ. ୩/୫୫/୧)[୨] ସେ ହେଉଛନ୍ତି 'ଏକଂ ସତ୍' ଯାହାଙ୍କୁ ଋଷିଗଣ 'ଇନ୍ଦ୍ର' 'ମାତରିଶ୍ୱା', 'ଅଗ୍ନି' ଆଦି ନାମ ଦେଇଛନ୍ତି । (ଋ. ୧.୧୬୪.୪୬)[୩]

---

୧. ନ ନୂନମସ୍ତି ନୋ ଶ୍ୱଃ କସ୍ତଦ୍ ବେଦ ୟଦଦ୍ଭୁତମ୍ ।
ଅନ୍ୟସ୍ୟ ଚିତ୍ତମଭି ସଞ୍ଚରେଣ୍ୟମୁତାଧୀତଂ ବି ନଶ୍ୟତି ॥

ଏହି 'ବ୍ରହ୍ମ', ଏକଂ 'ସତ୍', ତାହାଙ୍କୁ ଏହି ଭାବେ ନୈର୍ବ୍ୟକ୍ତିକ ଭାବେ କ୍ଲୀବ ଲିଙ୍ଗରେ ବ୍ୟକ୍ତ କରାଯାଇଛି, ତାଙ୍କୁ 'ଦେବ' ପରମ 'ଦେବତା'। ବସ୍ତୁଗୁଡ଼ିକର ପିତା ରୂପେ ମଧ୍ଧ ଧାରଣା କରାଯାଇପାରେ, ଯିଏ ଜଣେ ମାନବ-ବ୍ୟକ୍ତିତ୍ୱ ମଧ୍ୟରେ ପୁତ୍ର ରୂପେ ଇହ ଲୋକରେ ଆବିର୍ଭୂତ ହୋଇଥା'ନ୍ତି। ସେ ହେଉଛନ୍ତି 'ଆନନ୍ଦମୟ', ଏହାଙ୍କ ଅଭିମୁଖେ ଦେବଗଣଙ୍କ ଊର୍ଦ୍ଧ୍ୱାରୋହଣର ଗତିବିଧି ପରିଚାଳିତ ହେଉଛି, ସେ ମଧ୍ୟ ସମକାଳରେ 'ପୁଂ' ଓ 'ସ୍ତ୍ରୀ', 'ବୃଷନ୍' ଓ 'ଧେନୁ' ଉଭୟ। 'ଦେବ'ଗଣଙ୍କ ମଧ୍ୟରୁ ପ୍ରତ୍ୟେକେ ହେଉଛନ୍ତି ସେହି 'ଏକ ଦେବ'ଙ୍କର ଏକ ଏକ ଅଭିବ୍ୟକ୍ତି, ଗୁଣ, ବ୍ୟକ୍ତିତ୍ୱ। ତାଙ୍କୁ 'ଇନ୍ଦ୍ର'ଙ୍କ ମାଧ୍ୟମରେ ହେଉ, 'ଅଗ୍ନି'ଙ୍କ ମାଧ୍ୟମରେ ହେଉ, 'ସୋମ'ଙ୍କ ମାଧ୍ୟମରେ ହେଉ, ତାଙ୍କର ଯେକୌଣସି ଗୁଣ ଓ ନାମ ଦ୍ୱାରା ତାଙ୍କୁ ଉପଲବ୍ଧି କରାଯାଇ ପାରେ; କାରଣ ପ୍ରତ୍ୟେକ ଦେବ ନିଜ ମଧ୍ୟରେ ସେହି 'ଦେବ'ଙ୍କର ପୂର୍ଣ୍ଣ ସ୍ୱରୂପକୁ ଧାରଣ କରିଥାଏ ଏବଂ ଆମ ପ୍ରତି ତାଙ୍କର ଯେଉଁ ସାମ୍ମୁଖ୍ୟ ବା ଗୁଣ ପରିଲକ୍ଷିତ ହୁଏ ତାହା ପରସ୍ପର ଭିନ୍ନ ହେଲେ ବି ତାହାରି ମଧ୍ୟରେ ସର୍ବ ଦେବ ବିଦ୍ୟମାନ।

ଏହି ଭାବେ ଅଗ୍ନିଙ୍କୁ ସର୍ବୋଚ୍ଚ ତଥା ବିଶ୍ୱାତ୍ମକ 'ଦେବ' ବୋଲି ସ୍ତୁତି କରାଯାଇଛି। ''ହେ ଅଗ୍ନି, ଜନ୍ମଗ୍ରହଣ କରିବା ବେଳେ ତୁମେ ବରୁଣ, ପୂର୍ଣ୍ଣ ରୂପେ ପ୍ରଜ୍ୱଳ ଥିବା ବେଳେ ତୁମେ ମିତ୍ର, ସକଳ 'ଦେବ' ତୁମ ମଧ୍ୟରେ, ହେ ଶକ୍ତିପୁତ୍ର, ଯଜ୍ଞଦାତା ମର୍ତ୍ତ୍ୟଜନ ନିମନ୍ତେ ତୁମେ 'ଇନ୍ଦ୍ର'।[୪] ତୁମେ 'କନ୍ୟା'ମାନଙ୍କ ଗୁହ୍ୟ ନାମ ଧାରଣ କଲାବେଳେ ଅର୍ଯ୍ୟମନ୍ ହୋଇ ଥାଅ। ତୁମେ ଯେତେବେଳେ ଗୃହପତି ଓ ତାଙ୍କ ଗୃହିଣୀଙ୍କୁ ଏକ ମନର ସହ ରଚନା କର ସେତେବେଳେ ସେମାନେ ତୁମକୁ ସୁପ୍ରତିଷ୍ଠିତ 'ମିତ୍ର' ରୂପେ କିରଣରାଜି ଦ୍ୱାରା (ଗୋମାନଙ୍କ ଦ୍ୱାରା, ଗୋଭିଃ) ରଚନା କରନ୍ତି।[୫] ହେ 'ରୁଦ୍ର', ତୁମର ଶ୍ରୀ ନିମନ୍ତେ 'ମରୁଦ୍‌ଗଣ' ନିଜର ପ୍ରବଳ ଚାପ ଦ୍ୱାରା ଯେଉଁ ଶୁଚିଶୁଭ୍ର ହୋଇଛନ୍ତି ତାହା ହେଉଛି ତୁମର ଚାରୁ ତଥା ବହୁବର୍ଣ୍ଣ ଭୂଷିତ ଜନ୍ମ। 'ବିଷ୍ଣୁ'ଙ୍କର ଯେଉଁ ପରମପଦ, ତାହାରି ଦ୍ୱାରା ତୁମେ କିରଣମାନଙ୍କ (ଗୋମାନଙ୍କର, ଗୋନାମ୍) ଗୁହ୍ୟ ନାମକୁ ସୁରକ୍ଷିତ କରୁଛ।[୬] ହେ 'ଦେବ', ଦେବଗଣ ଯଥାର୍ଥ ଦୃଷ୍ଟି ଲାଭ କରନ୍ତି ଏବଂ (ବିଶାଳ ସୃଷ୍ଟିର) ସକଳ ଶ୍ରୀକୁ ନିଜ ମଧ୍ୟରେ ବହନପୂର୍ବକ 'ଅମୃତ'ର ଆସ୍ୱାଦନ କରନ୍ତି। ମନୁଷ୍ୟମାନେ ନିଜ ମଧ୍ୟରେ ଅଗ୍ନିଙ୍କୁ ହୋତା ରୂପେ ସ୍ଥାପନ କରିବା ବେଳେ (ଅମୃତର) ଅଭିଳାଷୀ ସ୍ୱୟଂ (ଦେବଗଣଙ୍କୁ) ଆତ୍ମସତ୍ତାର ସ୍ୱପ୍ରକାଶକୁ ବିତରଣ କରନ୍ତି...।[୭] ତୁମେ ବିଦ୍ୱାନ୍ ହୋଇ ପିତାଙ୍କୁ ମୁକ୍ତି ପ୍ରଦାନ କର ଏବଂ ଆମ ମଧ୍ୟରେ ଜନ୍ମ ନେଇଥିବା (ପାପ ଓ ଅନ୍ଧକାରକୁ) ଅପନୀତ କର, ହେ ଶକ୍ତି ପୁତ୍ର!''[୮] ଋଷି ବାମଦେବ 'ଇନ୍ଦ୍ର'ଙ୍କୁ ଏହି ସମାନ ରୂପେ ସ୍ତୁତି କରିଛନ୍ତି ଏବଂ ନବମ ମଣ୍ଡଳର ଏହି ତ୍ରି-ଅଶୀତିତମ ସୂକ୍ତରେ ଅନ୍ୟ ଅନେକ ସୂକ୍ତ ଭଳି 'ସୋମ' ମଧ୍ୟ ନିଜର ବିଶେଷ କ୍ରିୟାବିଧି ମଧ୍ୟରୁ ସର୍ବୋଚ୍ଚ 'ଦେବ' ରୂପେ ଉଦ୍ଭୂତ ହେଇଛନ୍ତି।

---

୨. ...ମହଦ୍ ବିଜଜ୍ଞେ ଅକ୍ଷରଂ ପଦେ ଗୋଃ।... ମହଦ୍ ଦେବାନାମସୁରତ୍ୱମେକମ୍

୩. ଏକଂ ସଦ୍ ବିପ୍ରା ବହୁଧା ବଦନ୍ତି ଅଗ୍ନିଂ ଯମଂ ମାତରିଶ୍ୱାନମାହୁଃ।

୪. ତ୍ୱମଗ୍ନେ ବରୁଣୋ ଜାୟସେ ଯତ୍ୱଂ ମିତ୍ରୋ ଭବସି ଯତ୍ ସମିଦ୍ଧଃ।
ତ୍ୱେ ବିଶ୍ୱେ ସହସସ୍ପୁତ୍ର ଦେବାସ୍ତ୍ୱମିନ୍ଦ୍ରୋ ଦାଶୁସେ ମର୍ତ୍ତ୍ୟାୟ ॥୧॥

୫. ତ୍ୱମର୍ଯ୍ୟମା ଭବସି ଯତ୍କନୀନାଂ ନାମ ସ୍ୱଧାବନ୍ ଗୁହ୍ୟଂ ବିଭର୍ଷି।
ଅଞ୍ଜନ୍ତି ମିତ୍ରଂ ସୁଧିତଂ ନ ଗୋଭିର୍ଯଦ୍ଦମ୍ପତୀ ସମନସା କୃଣୋଷି ॥୨॥

୬. ତବ ଶ୍ରିୟେ ମରୁତୋ ମର୍ଜୟନ୍ତ ରୁଦ୍ର ଯତ୍ତେ ଜନିମ ଚାରୁ ଚିତ୍ରମ୍।
ପଦଂ ଯଦ୍‌ବିଷ୍ଣୋରୁପମଂ ନିଧାୟି ତେନ ପାସି ଗୁହ୍ୟଂ ନାମ ଗୋନାମ୍ ॥୩॥

୭. ତବ ଶ୍ରିୟା ସୁଦୃଶୋ ଦେବ ଦେବାଃ ପୁରୂ ଦଧାନା ଅମୃତଂ ସପନ୍ତ।
ହୋତାରମଗ୍ନିଂ ମନୁଷୋ ନିଷେଦୁର୍ଦଶସ୍ୟନ୍ତ ଉଶିଜଃ ଶଂସମାୟୋଃ ॥୪॥

୮. ଅବ ସ୍ପୃଧି ପିତରଂ ଯୋଧି ବିଦ୍ୱାନ୍ ପୁତ୍ରୋ ଯସ୍ତେ ସହସଃ ସୂନ ଉହ୍ୱେ।

(ଋଗ୍‌ବେଦ, ୫/୩/୧-୪...୯)

ସୋମ ହେଉଛନ୍ତି ଆନନ୍ଦ-ସୁରାର, ଅମୃତ-ମଦ୍ୟର ଅଧିପତି ଦେବ । 'ଅଗ୍ନି'ଙ୍କ ଭଳି ସେ ମଧ୍ୟ ପୃଥିବୀପୃଷ୍ଠର ପାଦପମାନଙ୍କ ମଧ୍ୟରେ, ଭୂମିର ଉଦ୍ଭିଦ ଶ୍ରେଣୀରେ, ଆପଃ ମଧ୍ୟରେ ଲଭ୍ୟ ଅଟନ୍ତି । ବାହ୍ୟ ଯଜ୍ଞରେ ଯେଉଁ 'ସୋମ'ରସର ଉପଯୋଗ କରାଯାଏ ତାହା ହେଉଛି ସେହି ଆନନ୍ଦ-ସୁରାର ପ୍ରତୀକ । ପେଷା ପଥର ଦ୍ୱାରା (ଅଦ୍ରି, ଗ୍ରାବା ଦ୍ୱାରା) ଏହାକୁ ନିଷ୍କ୍ୟୁତିତ କରାଯାଏ ତାହାର ଅତି ଘନିଷ୍ଠ ପ୍ରତୀକାତ୍ମକ ସମ୍ବନ୍ଧ ବଜ୍ରାସ୍ତ୍ର ସହିତ ରହିଛି, ଯାହା ରୂପ ଧାରଣ କରିଛି ଇନ୍ଦ୍ରଙ୍କ ବୈଦ୍ୟୁତିକ ଶକ୍ତି ଯାହାକୁ ଧାରଣ କରିଛି ତାହାକୁ ମଧ୍ୟ 'ଅଦ୍ରି' କୁହାଯାଇଛି । ବେଦସୂକ୍ତଗୁଡ଼ିକରେ ଋଷି ଇନ୍ଦ୍ରାୟୁଧର ଆଲୋକ ଓ ସ୍ତନିତର କଥା କହିବା ବେଳେ ଏହି ପ୍ରସ୍ତରର ଦୀପ୍ତିମୟ ବଜ୍ର ରୂପର ବର୍ଣ୍ଣନା କରିଛନ୍ତି । ଅସ୍ତିତ୍ୱର ଆନନ୍ଦସ୍ୱରୂପ 'ସୋମ' ଥରେ ନିଷ୍କ୍ୟୁତିତ ହୋଇଯିବା ପରେ ତାହାକୁ ଛାଙ୍କୁଣି (ପବିତ୍ର) ଦ୍ୱାରା ବିଶୋଧିତ କରିବାକୁ ହୋଇଥାଏ, ଏବଂ ସେହି ଛାଙ୍କୁଣି ମଧ୍ୟ ଦେଇ ସେହି ପବିତ୍ର ସୋମରସ ପାନପାତ୍ରରେ (ଚମୁ) ଢଳା ହୋଇଥାଏ, ସେହି ପାନପାତ୍ର ଯଜ୍ଞସ୍ଥଳକୁ ଅଣାଯାଏ, ଅଥବା ଇନ୍ଦ୍ରଙ୍କ ପାନ ନିମନ୍ତେ ତାହାକୁ କଳସରେ ରଖାଯାଏ । ଅଥବା, ପାତ୍ର ବା କଳସର ପ୍ରତୀକକୁ ବେଳେ ବେଳେ ନ ରଖି 'ସୋମ'-ଆନନ୍ଦର ନଦୀରେ 'ଦେବ'ଗଣଙ୍କ ପଦ ଅଭିମୁଖେ, ଅମରତ୍ୱର ଧାମ ଦିଗରେ କ୍ଷରିତ ହେଉଥିବାର କେବଳ ବର୍ଣ୍ଣନା ରହିଛି । 'ସୋମ ଦେବ'ଙ୍କ ଉଦ୍ଦେଶ୍ୟରେ ନିବେଦିତ ନବମ ମଣ୍ଡଳର ପ୍ରାୟ ସବୁ ସୂକ୍ତରେ ଏହି ସମସ୍ତ ପ୍ରତୀକ ଅତ୍ୟନ୍ତ ସ୍ପଷ୍ଟ । ଉଦାହରଣତଃ, ଏହି କ୍ଷେତ୍ରରେ ମାନବ ଅସ୍ତିତ୍ୱର ଦୈହିକ ସଂରଚନା 'ସୋମ' ମଦ୍ୟର କଳସ ରୂପେ ଚିତ୍ରିତ ହୋଇଛି ଏବଂ କୁହାଯାଇଛି ଯେ ଏହାଙ୍କୁ ବିଶୋଧିତ କରୁଥିବା ଛାଙ୍କୁଣି 'ସ୍ୱର୍ଗ' ସ୍ଥାନରେ, **ଦିବସ୍ପଦେ**, ବ୍ୟାପ୍ତ ।

ଏହି ସୂକ୍ତଟି ଯେଉଁ ରୂପକଟି ସହ ଆରମ୍ଭ ହୋଇଛି ତାହା ଦୈହିକ କାର୍ଯ୍ୟାବଳୀ ସହ ଘନିଷ୍ଠ ଭାବେ ସମ୍ପର୍କିତ, ଅର୍ଥାତ୍ ସୋମରସଙ୍କୁ ପରିଶୁଦ୍ଧ କରି କଳସରେ ଢଳାଯାଉଛି । ଛାଙ୍କୁଣି ବା ବିଶୋଧନକ ଉପକରଣଟି 'ସ୍ୱର୍ଗ' ସ୍ଥାନରେ ବ୍ୟାପ୍ତ ହୋଇ ଥିବାର ଯେଉଁ କଥା କୁହାଯାଇଛି ମନେହୁଏ ତାହା ଜ୍ଞାନ (ଚେତସ୍) ଦ୍ୱାରା ଆଲୋକିତ ମନ; ମାନବ ସଂରଚନାଟି ହେଉଛି କଳସ । **ପବିତ୍ରଂ ତେ ବିତତଂ ବ୍ରହ୍ମଣସ୍ପତେ**, ହେ ଆତ୍ମପତି ! ଏହି ଛାଙ୍କୁଣି ତୁମ ନିମନ୍ତେ ବିସ୍ତାରିତ ହୋଇଛି; **ପ୍ରଭୁର୍ଗାତ୍ରାଣି ପର୍ୟେଷି ବିଶ୍ୱତଃ**, ବ୍ୟକ୍ତ ରୂପ ଧାରଣ କରିଥିବା ତୁମେ ଶରୀରାଙ୍ଗଗୁଡ଼ିକରେ ସର୍ବତ୍ର ପ୍ରବେଶ କରିଛ । ଏଠାରେ 'ସୋମ'ଙ୍କୁ 'ବ୍ରହ୍ମଣସ୍ପତି' ବୋଲି ସମ୍ବୋଧନ କରାଯାଇଛି, ଏହି ଶବ୍ଦଟି ବେଳେ ବେଳେ ଅନ୍ୟ ଦେବତାଙ୍କ କ୍ଷେତ୍ରରେ ବି ବ୍ୟବହୃତ ହୋଇଛି, କିନ୍ତୁ ସୃଜନଶୀଳ 'ବାକ୍'ର ଅଧିଷ୍ଠିତ ଦେବ 'ବୃହସ୍ପତି'ଙ୍କ ପାଇଁ ଏହି ଶବ୍ଦଟି ସଂରକ୍ଷିତ । ବେଦରେ 'ବ୍ରହ୍ମନ୍'ର ଅର୍ଥ ଆତ୍ମା ଅଥବା ବସ୍ତୁଗୁଡ଼ିକର ହୃଦୟଗୁହାରୁ ପ୍ରକଟିତ ଆତ୍ମ-ଚେତନା, କିନ୍ତୁ ଅଧିକ ସମୟରେ ଏହା ଅନ୍ତଃପ୍ରେରିତ, ସୃଜନଶୀଳ, ଗୂଢ଼ସତ୍ୟପୂର୍ଣ୍ଣ ଏକ ଚିନ୍ତା ଯାହା ସେହି ଚେତନାରୁ ଉଦିତ ହୋଇ ମାନସିକ ଚିନ୍ତାରେ ପରିଣତ ହୋଇଥାଏ, **ମନ୍ତ୍ର** । ଯାହା ବି ହେଉ, ଏଠାରେ ଶବ୍ଦଟି ଆତ୍ମାକୁ ହିଁ ବୁଝାଉଛି । ଆନନ୍ଦର ଅଧିଷ୍ଠିତ ଦେବ 'ସୋମ' ହେଉଛନ୍ତି ଯଥାର୍ଥରେ ସ୍ରଷ୍ଟା ଯିଏ ବ୍ୟକ୍ତି-ଆତ୍ମାକୁ ଅଧିକାର କରି ସେଥି ମଧ୍ୟରୁ ଏକ ଦିବ୍ୟସୃଷ୍ଟିକୁ ପ୍ରକଟିତ କରିଥା'ନ୍ତି । ତାଙ୍କରି ନିମନ୍ତେ ଆଲୋକିତ ମନ ଓ ହୃଦୟ ହିଁ ବିଶୋଧକ ଉପକରଣ ହୋଇ ଯାଆନ୍ତି; ଏହାରି ଅନ୍ତର୍ଗତ ଚେତନା ସକଳ ସଂକୀର୍ଣ୍ଣତାରୁ ତଥା ଦ୍ୱୈଧତାରୁ ମୁକ୍ତ ହୋଇ ଇନ୍ଦ୍ରିୟଗତ ଜୀବନ ଓ ମନୋଗତ ଜୀବନର ପୂର୍ଣ୍ଣ ପ୍ରବାହକୁ ଗ୍ରହଣ କରିବା ନିମନ୍ତେ ପରିବ୍ୟାପ୍ତ ହୋଇ ଯାଇଛନ୍ତି ଏବଂ ଏହାକୁ ଯଥାର୍ଥ ଅସ୍ତିତ୍ୱର ଅର୍ଥାତ୍ ଦିବ୍ୟ ତଥା ଅମର ଆନନ୍ଦର ଶୁଦ୍ଧ ଆହ୍ଲାଦ ଦିଗରେ ବଦଳାଇ ଦେଇଥା'ନ୍ତି ।

*(ଅବଶିଷ୍ଟାଂଶ ଆଗାମୀ ସଂଖ୍ୟାରେ)*

[ଶ୍ରୀଅରବିନ୍ଦଙ୍କ CWSA, Vol. 15, '*The Secret of the Veda*', Part - II, Chapter - XIII, **"Soma, Lord of Delight and Immortality"**]

ଅନୁବାଦ : ଶ୍ରୀ ମଧୁସୂଦନ ମହାପାତ୍ର ❖

ପରମ ପ୍ରଭୁ ଓ ଦିବ୍ୟ ଜନନୀଙ୍କ ଦୃଷ୍ଟି ସମ୍ମୁଖରେ ରହିଛ ବୋଲି ସର୍ବଦା ସଚେତନ ଥାଅ । ତେଣୁ ଦିବ୍ୟ ଉପସ୍ଥିତିର ଅଯୋଗ୍ୟ କୌଣସି କାର୍ଯ୍ୟ, ଚିନ୍ତା ବା ଅନୁଭବ କର ନାହିଁ ।

— ଶ୍ରୀଅରବିନ୍ଦ

ନିବନ୍ଧ :

# ବହିର ଭବିଷ୍ୟତ୍ ଓ ସାହିତ୍ୟର ଭବିଷ୍ୟତ୍ : ଦୁଇ ଭିନ୍ନ ସମସ୍ୟା

## ଶ୍ରୀ ମନୋଜ ଦାସ

[ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟ ପୁସ୍ତକ ମେଳାର ଉଦ୍‌ଯାପନ ସନ୍ଧ୍ୟା ୨୮ ଫେବ୍ରୁଆରୀ, ୨୦୧୯ରେ ମୁଖ୍ୟ ଅତିଥି ରୂପେ ପ୍ରଦତ୍ତ ମୌଖିକ ଅଭିଭାଷଣର ଲିଖିତ ସାରାଂଶ – ବକ୍ତାଙ୍କ ଦ୍ୱାରା ପ୍ରସ୍ତୁତ]

ପଥର ଉଭୟ ଦିଗରୁ, ରୁଚିପୂର୍ଣ୍ଣ ଗ୍ରନ୍ଥ ପ୍ରଦର୍ଶନୀସମୂହ ଭିତରୁ ଭାସି ଆସୁଥିଲେ ଭାବନା ଓ କଳ୍ପନା, ଜ୍ଞାନ ଓ ବିଜ୍ଞାନ, ତଥ୍ୟ ଓ ତତ୍ତ୍ୱର ଅସଂଖ୍ୟ ସୂକ୍ଷ୍ମ ସ୍ପନ୍ଦନ । ସେମାନେ ଅବଶ୍ୟ ଅବାରିତ ଭାବେ ଭାସି ଆସୁଥିବେ ସର୍ବଦା । କିନ୍ତୁ ମୁହୂର୍ତ୍ତକ ନିମନ୍ତେ ଏ ଲେଖକଟିକୁ ସେମାନେ ଏଭଳି ଭାବରେ ଆୟତ୍ତ କରି ନେଇଥିଲେ ଯେ ସେତକ ସମୟ ସେ ଯେପରି କାଳ ଓ ଭୂଗୋଳର ଏକ ଅଜ୍ଞାତ ପରିମାପ ବା Dimension ଭିତରକୁ ଅନୁପ୍ରବେଶ କରିଥିଲା । ସେ ମୁହୂର୍ତ୍ତକର ଅନୁଭବକୁ ଭାଷାୟିତ କରିବାର ପ୍ରୟାସ ସାମାନ୍ୟ ମାତ୍ର ସଫଳ ହୋଇପାରେ ଏହି ରୂପରେ : ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ୍, ଚତୁର୍ଦ୍ଦିଗ ବ୍ୟାପ୍ତ ଦେଶ, ମହାଦେଶ; କଳା, ଧଳା, ତାମ୍ରବର୍ଣ୍ଣୀ ଯାବତୀୟ ମଣିଷ – ଏ ସମସ୍ତର ସୁଦୀର୍ଘ ଇତିହାସରୁ ଉଦ୍ଧାର କରାଯାଇ ପାରେ ଗୋଟାଏ ସତ୍ୟ; ତାହା ହେଲା ଜ୍ଞାନୀ ଅଜ୍ଞାନୀ ନିର୍ବିଶେଷରେ ସମସ୍ତେ ସୁଖ ଶାନ୍ତିର ସମାବେଶରେ ସଂହତ ଜୀବନ ନିର୍ବାହ କରିବାକୁ ଚାହାନ୍ତି; କିନ୍ତୁ କୌଣସି ନା କୌଣସି ହେତୁ ବା ଘଟଣା ସେଥିରେ ସୃଷ୍ଟି କରେ ବିଘ୍ନ । ହୁଏ ସଂଘର୍ଷ । ତଥାକଥିତ ପରାଜୟ ଓ ବିଜୟ ଅନ୍ତେ ଉଭୟ ପକ୍ଷ ପୁନର୍ବାର ନିଜ ନିଜ ପାଇଁ ଏକ ଏକ ନୂତନ ସଂହତି ସୃଜିବା ଦିଗରେ ସଚେଷ୍ଟ ହୁଅନ୍ତି । କିଛି କାଳ ଅନ୍ତେ ପୁନର୍ବାର ଦେଖାଦିଏ ବିଘ୍ନ ।

ସମ୍ପୂର୍ଣ୍ଣ ସଂହତି ବିରାଜମାନ କରୁଥିଲା ଅଯୋଧ୍ୟାର ବାତାବରଣରେ । ଅପ୍ରତ୍ୟାଶିତ ଭାବେ ସେ ସଂହତିରେ ହେଲା କୁଠାରାଘାତ । ''ରାତି ପାହିଲେ ରାମ ଠାକୁର ହୋଇଥା'ନ୍ତେ ରାଜା; ସକାଳ ହୁଅନ୍ତେ ମିଳିଲା ତାଙ୍କୁ ଚଉଦ ବରଷ ସଜା !'' ମନେ ପଡୁଛି ବାଲ୍ୟକାଳର ଏ ଶ୍ରୁତି ।

ବନସ୍ତ ଭିତରେ ଏକ ନୂଆ ଧରଣର ସଂହତି ସୃଜି ସନ୍ନ୍ୟାସ ଜୀବନ ଯାପନ କରୁଥିଲେ ରାମ, ସୀତା ଏବଂ ଲକ୍ଷ୍ମଣ । ହଠାତ୍ ହସ୍ତକ୍ଷେପ କଲା ଏକ ନୂତନ ବିଘ୍ନ; ପୁଣି ଅସଂହତି !

ଭାରତୀୟ ସଭ୍ୟତାର ସାମସମୟିକ ଗ୍ରୀକ୍ ପରମ୍ପରା ଉପରେ ଦୃଷ୍ଟିପାତ କରାଯାଉ । ବହୁ ରାଜ୍ୟ ସମାବିଷ୍ଟ ସେ ଭୂଖଣ୍ଡରେ ବିରାଜିତ ସଂହତିର ବାତାବରଣ ଦୋହଲି ଗଲା – ଯେତେବେଳେ ଅତିଭୌତିକ ଶକ୍ତିର ହସ୍ତକ୍ଷେପରେ ବିଭ୍ରାନ୍ତ ବନି ଯାଇଥିବା ଜଣେ ରାଣୀ ହେଲେନ୍‌ଙ୍କୁ ଦୂର ଟ୍ରୟ ରାଜ୍ୟର ରାଜକୁମାର ପାରିସ୍ ହରଣଚାଳ କରି ନେଇଯାଇ ପାରିଲେ । ଗ୍ରୀକ୍ ରାଜନ୍ୟମଣ୍ଡଳୀର ଆକ୍ରମଣରେ ବିଧ୍ୱସ୍ତ ହେଲା ଟ୍ରୟ ନଗରୀ ।

ସଂହତି ଅସଂହତିର ଅସଂଖ୍ୟ ଦୃଷ୍ଟାନ୍ତ ସମ୍ବଳିତ ହଜାର ହଜାର ଗ୍ରନ୍ଥର ସୂକ୍ଷ୍ମ ଭାବ ଓ ପ୍ରଭାବ ରହିଛି ଏ ବାତାବରଣରେ – ଅହଂ ଏବଂ ଅଜ୍ଞାନତା ଯୁଗେ ଯୁଗେ କିପରି ସଂହତିକୁ ବିପନ୍ନ କରିଛି, ରହିଛି ସେ ଚେତାବନୀର ଜୀବନ୍ତ ସ୍ପନ୍ଦନ ।

କିନ୍ତୁ ଯେଉଁ ସ୍ପନ୍ଦନର ସ୍ପର୍ଶ ଚେତନାକୁ ଆଲୋଡ଼ିତ କରେ, ତାହା ହେଲା କେଉଁ ବିସ୍ମୃତ ଅତୀତରେ ନିହିତ ଭାରତୀୟ ସାହିତ୍ୟର ଉଷାଲୋକର ସ୍ମୃତି : ଦଣ୍ଡକାରଣ୍ୟ; ତହିଁ ପ୍ରବାହିତ ନମ୍ରତାର ଅନ୍ୟ ନାମ ତଟିନୀ ତମସା । କୂଳରେ ଉପବିଷ୍ଟ ଆମର ଆଦିକବି ବାଲ୍ମୀକି; ରାମାୟଣ ରଚନାରେ ନିମଗ୍ନ । ତା'ପରେ – ''ଅସ୍ତ୍ୟୁତ୍ତରସ୍ୟାଂ ଦିଶି ହିମାଳୟ ନାମ ନଗାଧିରାଜ'' ଯାହାକି ପୃଥିବୀର ''ମାନଦଣ୍ଡ'' – ମହାକବି କାଳିଦାସଙ୍କ ଦୃଷ୍ଟିରେ । ତହିଁ ଅବସ୍ଥିତ ସେ ଦୁର୍ଗମ ପ୍ରଦେଶର ପ୍ରାଚୀନତମ ଆଶ୍ରମ, ଜ୍ଞାନଚର୍ଚ୍ଚାର ପୀଠ – ବଦ୍ରିକାଶ୍ରମ । ଗଙ୍ଗାର ଏକ ମୃଦୁ ଉପଧାରା ସନ୍ନିକଟ ଅନତିବୃହତ୍ କନ୍ଦର ଭିତରେ ସମାବିଷ୍ଟ ଋଷିବର ବ୍ୟାସଦେବ; ପ୍ରେରଣାବିଷ୍ଟ ରହି ଆବୃତ୍ତି କରି ଯାଉଛନ୍ତି

ମହାଭାରତ; ସମ୍ମୁଖରେ ଉପବିଷ୍ଟ ଧ୍ୟାନାବିଷ୍ଟ ପ୍ରାୟ ବିଘ୍ନରାଜ ଗଣେଶ, ମହାକବିଙ୍କର କରୁଣାମୟ ଲିପିକାର ।

ପରବର୍ତ୍ତୀ ପର୍ଯ୍ୟାୟର କିଞ୍ଚିତ ଆଭାସ ପ୍ରାପ୍ତି ସକାଶେ ଦୃଷ୍ଟିପାତ କରିବା ଦୁଇ ହଜାର ବର୍ଷ ତଳର ତାମିଲ ରାଜ୍ୟ ଉପରେ । ଜନବିରଳ ଜନପଦ ଭିତରେ ସଂହତ ଓ ନୀତି-ମହତ୍ ଜୀବନର ଦିଗ୍‌ଦର୍ଶକ 'କୁରାଲ୍' ରଚନାରେ ନିମଗ୍ନ ଥିରୁଭାଲ୍ଲୁଭର । ତା'ପରେ ଯିବା ପ୍ରତିଷ୍ଠାନ ନଗରୀ । ରାଜାଙ୍କ ବିଦ୍ୱାନ୍ ଅମାତ୍ୟ ଗୁଣାଢ୍ୟ ସାରା ଭାରତ ଭ୍ରମଣ କରି ପ୍ରତ୍ୟାବର୍ତ୍ତନ କରିଛନ୍ତି ପ୍ରଚଳିତ କାହାଣୀମାନ ସଂଗ୍ରହ କରି । କିନ୍ତୁ ରାଜା ତାଙ୍କର ସେ ମହତୀ ସଙ୍କଳନ ପ୍ରତି ଯେତେ ଧ୍ୟାନ ଦେବା ଉଚିତ ସେତିକି ନ ଦିଅନ୍ତେ ଅଭିମାନୀ ଅମାତ୍ୟ ଗୋଟାଏ ପାହାଡ଼ ଉପରେ ତାଙ୍କ ପାଣ୍ଡୁଲିପିମାନ ଅଗ୍ନିରେ ବିସର୍ଜନ ଦେଉଛନ୍ତି । ଖବର ପାଇ ରାଜା ଦୌଡ଼ି ଯାଇ ତାଙ୍କୁ ସେଥିରୁ ନିବୃତ୍ତ କରିବା ବେଳକୁ ସଞ୍ଚୟର ତିନି-ଚତୁର୍ଥାଂଶରୁ ଅଧିକ ପାଉଁଶରେ ପରିଣତ ହେଲାଣି । ସେତେବେଳେ ଜନପ୍ରିୟ କିନ୍ତୁ ବହୁକାଳ ତଳେ ବିଲୁପ୍ତ ଏକ ଭାଷାରେ ଲିଖିତ ସେ ପାଣ୍ଡୁଲିପିର ଉଦ୍‌ବୃତ୍ତ ସେତିକି ଅଂଶ ହିଁ ପରେ ସୋମଦେବଙ୍କ ଦ୍ୱାରା ସଂସ୍କୃତରେ ଅନୂଦିତ ହୋଇ ''କଥା-ସରିତ-ସାଗର'' ନାମରେ ଚିରଞ୍ଜୀବୀ ।

ସମ୍ଭବତଃ କଳିଙ୍ଗ ମୂଳକରେ ଜଣେ ରାଜା ନିପତିତ ବିଷମ ସମସ୍ୟାରେ । ତିନୋଟିଯାକ ରାଜପୁତ୍ର ଅଧ୍ୟୟନକୁ ହଳାହଳ ଜ୍ଞାନ କରନ୍ତି । ରାଜା ଜଣେ ପ୍ରଖ୍ୟାତ ପଣ୍ଡିତ ବିଷ୍ଣୁଶର୍ମାଙ୍କ ସାହାଯ୍ୟ ପ୍ରାର୍ଥୀ । ଖାସ୍ କାହାଣୀମାନ ଗପି, ସେହିସବୁରୁ ଆହରିତ ଜ୍ଞାନ ଦ୍ୱାରା ରାଜପୁତ୍ରମାନଙ୍କୁ ଶିକ୍ଷିତ କଲେ ସେ ବିରଳ ଗୋଷ୍ଠୀର ପଣ୍ଡିତ । 'ପଞ୍ଚତନ୍ତ୍ର' ନାମରେ ବିଶ୍ୱବିଶ୍ରୁତ ସେହି କାହାଣୀମାଳା । ପୃଥିବୀରେ ଏଭଳି କୌଣସି ବିକଶିତ ସାହିତ୍ୟ ନାହିଁ ଯାହା 'କଥା-ସରିତ୍-ସାଗର' ଓ 'ପଞ୍ଚତନ୍ତ୍ର' ପାଖରେ ଋଣୀ ନୁହେଁ ।

ଏହି ପରିବେଶରେ ଆମେ ମାନସ ଚକ୍ଷୁରେ ଦେଖିବା ଆସନ୍ତୁ ଲେଖନ ପଦ୍ଧତିର କ୍ରମବିକାଶ । ଦଣ୍ଡକାରଣ୍ୟର କୁଟୀର ଓ ବଦ୍ରିକାଶ୍ରମର କନ୍ଦର ଭିତରେ ଆମ ସାହିତ୍ୟର ଦୁଇ ଜନ୍ମଦାତା ଋଷି ବ୍ୟବହାର କରିଥିବେ ଭୂର୍ଜପତ୍ର ଓ କୌଣସି ପ୍ରାକୃତିକ ବସ୍ତୁ-ନିର୍ମିତ ଲେଖନୀ । ଭୂର୍ଜପତ୍ର ଯେହେତୁ ଦେଶର ସର୍ବତ୍ର ସୁଲଭ ନ ଥିଲା, ତା' ସ୍ଥାନ ନେଲା ତାଳପତ୍ର । ଅପେକ୍ଷାକୃତ ଶକ୍ତ ଲେଖନୀ ଲୋଡ଼ା । ତେଣିକି ତାହା ହେଲା ଧାତୁ-ନିର୍ମିତ । ଶହ ଶହ ବର୍ଷ ଅନ୍ତେ ଉଦ୍ଭାବିତ ହେଲା କାଗଜ; ବ୍ୟବହୃତ ହେଲା ପକ୍ଷୀପର ନିର୍ମିତ ଲେଖନୀ । କାଳି କଲମର ଆଧିପତ୍ୟ ବଜାୟ ରହିଲା ବହୁକାଳ । ତା'ପରେ ଆମରି ସମୟରେ ଘଟିଲା ଯୁଗାନ୍ତର । ଲେଖନ ପଦ୍ଧତି ଓ ମୁଦ୍ରଣ ଶିଳ୍ପର ସାମ୍ପ୍ରତିକ କ୍ରମାଗତ ବିକାଶ ସମ୍ପର୍କରେ ଏ ଲେଖକ ତୁଳନାରେ ଆପଣମାନଙ୍କ ଭିତରୁ ଅଧିକାଂଶଙ୍କୁ ଅଧିକ ଉତ୍ତମ ରୂପେ ଜଣା ବୋଲି ଏ ଲେଖକ ନିଶ୍ଚିତ ।

କିନ୍ତୁ ନୂଆ କଥା ହେଲା ପୂର୍ବବର୍ତ୍ତୀ ପ୍ରତ୍ୟେକ ପର୍ଯ୍ୟାୟର ବିକାଶ, ବିଶେଷତଃ ମୁଦ୍ରଣ ଶିଳ୍ପର ପ୍ରବର୍ତ୍ତନ ଏବଂ ତା'ର କ୍ରମାଗତ ଉନ୍ନତି, ସାହିତ୍ୟ ତଥା ଗ୍ରନ୍ଥ ଶିଳ୍ପର ପ୍ରସାରକୁ ସୁଗମ କରୁଥିଲା । ଆଜି କିନ୍ତୁ ବାରଂବାର ଉଠୁଛି ଏମନ୍ତ ଏକ ପ୍ରଶ୍ନ ଯାହା ପୂର୍ବରୁ ଥିଲା ଆମ କଳ୍ପନାର ବହିର୍ଭୂତ । ପ୍ରଶ୍ନଟି ମୁଦ୍ରିତ ବହିର ଭବିଷ୍ୟତ୍ ତଥା ସାହିତ୍ୟର ଭବିଷ୍ୟତ୍ ସମ୍ପର୍କରେ । ବୈଦ୍ୟୁତିକ ମାଧ୍ୟମ ଆମ ଜୀବନ ଶୈଳୀକୁ ଅକ୍ତିଆର କରି ନେଇଛି, ସେଥିଯୋଗୁଁ କ୍ରମାଗତ ଅଧିକରୁ ଅଧିକ ପାଠକ ସେହି ମାଧ୍ୟମ ସୌଜନ୍ୟରେ ବହି ପଢୁଛନ୍ତି; ଗ୍ରନ୍ଥ ପ୍ରକାଶନକୁ ତାହା ବହୁ ମାତ୍ରାରେ ପ୍ରଭାବିତ କରୁଛି । ପୂର୍ବ ତୁଳନାରେ ପ୍ରକାଶକମାନେ ବହିସବୁର ମୁଦ୍ରଣ ସଂଖ୍ୟା ହ୍ରାସ କରୁଛନ୍ତି, କିନ୍ତୁ ସେହି ବୈଦ୍ୟୁତିକ ବିକାଶର ଆଶୀର୍ବାଦରେ ପ୍ରୟୋଜନ ମାତ୍ରେ ସେମାନେ ଅଧିକ ସଂଖ୍ୟକ ବହି ଅଚିରେ ମୁଦ୍ରଣ ମଧ୍ୟ କରିବାକୁ ସକ୍ଷମ ।

ଯେଉଁ କଥାଟି ବାସ୍ତବରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତାହା ମୁଦ୍ରିତ ବହି ସମ୍ପର୍କରେ ନୁହେଁ, ସାହିତ୍ୟର ଭବିଷ୍ୟତ୍ ସମ୍ପର୍କରେ ପ୍ରଶ୍ନ । ଏକଦା ବହି ନ ଥିଲା; କିନ୍ତୁ ସାହିତ୍ୟ ଥିଲା ।

ଏବଂ ଏହି ପ୍ରଶ୍ନଟି ସହ ମୁଦ୍ରଣ ପଦ୍ଧତିଜନିତ ବୈପ୍ଳବିକ ପରିବର୍ତ୍ତନର ସମ୍ପର୍କ ପରୋକ୍ଷ । ମୁଦ୍ରଣ ପଦ୍ଧତି ଚାଲୁ ହେବା ପୂର୍ବରୁ ମଧ୍ୟ ସାହିତ୍ୟ ଥିଲା । ଏପରିକି ଲେଖନ କଳାର ପ୍ରବର୍ତ୍ତନ ପୂର୍ବରୁ ମଧ୍ୟ ସାହିତ୍ୟ ଥିଲା; ତାହା ଥିଲା ସନ୍ତାନ ପ୍ରତି ମାତାର ସ୍ନେହରେ, ଥିଲା ପ୍ରତିଟି ପୁଷ୍ପର ବୈଚିତ୍ର୍ୟ ଏବଂ ମହକର ରହସ୍ୟରେ, ପ୍ରେମିକ-ପ୍ରେମିକାଙ୍କ ପ୍ରୀତିରେ, ଇନ୍ଦ୍ରଧନୁର ଇଙ୍ଗିତରେ, ଆକାଶର କେବେ ନିର୍ମଳ କେବେ ମେଘଳ ରୂପରେ ତ ପୁଣି ତା'ର ଭୟାବହ ବଜ୍ର ଓ ବିଜୁଳିରେ ।

ସେହି ଅବ୍ୟକ୍ତ ସାହିତ୍ୟ ଶ୍ରୁତି ରୂପ ନେଇଥିଲା ଅଜସ୍ର ଲୋକକଥା, ଢଗଢ଼ମାଳି ଓ ପଦ୍ୟ ଭାବରେ ।

ପରେ ସେହି ଅବ୍ୟକ୍ତ ସାହିତ୍ୟ ପୁଣି ବ୍ୟକ୍ତ ହୋଇଛି

ଲିପିବଦ୍ଧ ଅଜସ୍ର କବିତା ଓ କଥା ସାହିତ୍ୟରେ । କିନ୍ତୁ ବ୍ୟକ୍ତ କରୁଥିଲା ଯେଉଁ ପ୍ରତିଭାଦୀପ୍ତ ସ୍ୱଚ୍ଛ ଚେତନା, ସେହି ଚେତନା ଆଜି ବହୁ ମାତ୍ରାରେ ସଂକଟାପନ୍ନ । ସେ ପାଇଁ ଦାୟୀ ପୃଥିବୀର ପରିସ୍ଥିତି ଏବଂ ସାମଗ୍ରିକ ମାନବ ଚେତନା । ଆଜି ମୁଖ୍ୟତଃ ଅବଚେତନରେ ଏବଂ ବହୁମାତ୍ରାରେ ସଚେତନ ସ୍ତରରେ ମଧ୍ୟ ମଣିଷ ଅଧିକାଂଶ ସମୟରେ ଉତ୍କଣ୍ଠିତ ଓ ବିଷାଦଗ୍ରସ୍ତ । ଧର୍ମ, ଶିକ୍ଷା, ରାଜନୀତି, ସଂସ୍କୃତି, ବ୍ୟାବସାୟିକ ଆଦାନପ୍ରଦାନ – ଯେତେ ଅନୁଷ୍ଠାନ ସମାଜ ଉପରେ ମଣିଷର ଆସ୍ଥାକୁ ବଜାୟ ରଖିବାରେ ସହାୟକ ଥିଲେ, ସେସବୁ ପ୍ରତ୍ୟେକେ କଳଙ୍କିତ । ଏପରିକି ଅତି ସ୍ୱାଭାବିକ ଯେଉଁ କୁଟୁମ୍ବଭିତ୍ତିକ ଓ ପାରିବାରିକ ସମ୍ପର୍କ, ତାକୁ ମଧ୍ୟ ରାଜନୀତି ବିଷାକ୍ତ କରି ଦେଇଛି । କ୍ଷମତା ଓ ବିତ୍ତର ଲାଳସାରେ ସମାଜର ରୂପ ବିକୃତ ।

ଏହି ଅବକ୍ଷୟର ପ୍ରଭାବ ସଂସ୍କୃତିର ଅନ୍ୟାନ୍ୟ କେତେକ ଦିଗ ଭଳି ସାହିତ୍ୟକୁ ସଙ୍କଟାପନ୍ନ କରିଛି । କିନ୍ତୁ ଆଜି ଯେତେବେଳେ ମାନବଜାତିର ଅସ୍ତିତ୍ୱ ହିଁ ସଙ୍କଟାପନ୍ନ ମନେହୁଏ, ସେତେବେଳେ ଏ ସମସ୍ୟା ଉପରେ ଆମେ କେତେ ଗୁରୁତ୍ୱ ବା ଦେଇପାରିବା ! ଆଣବିକ ଯୁଦ୍ଧ, ଅପ୍ରତ୍ୟାଶିତ ପ୍ରାକୃତିକ ଦୁର୍ଯୋଗ ଯାହା ଆମର ସମସ୍ତ ବୈଜ୍ଞାନିକ ଦୂରଦୃଷ୍ଟିକୁ ଅସାର ପ୍ରମାଣ କରି ଦେଉଛି, ତରୁଣମାନଙ୍କ ଭିତରେ ଡ୍ରଗ୍‌ସ୍‌ର ବ୍ୟାପକ ପ୍ରସାର ଯାହା ସେମାନଙ୍କ ବିବେକବୁଦ୍ଧିକୁ ଅସାଡ଼ କରି ଦେଉଛି, ପରିବେଶ-ପ୍ରଦୂଷଣ ଯାହାର ପ୍ରତିକ୍ରିୟାରେ ମଣିଷର ସ୍ୱାଭାବିକ ସ୍ୱାସ୍ଥ୍ୟ ବିପନ୍ନ ହେବା ସଙ୍ଗେ ସଙ୍ଗେ ଭାବନା ଶକ୍ତି ମଧ୍ୟ ରୁଗ୍ଣ ହୋଇ ଚାଲିଛି; ସେସବୁକୁ ବିଚାରକୁ ନେଲେ ମଣିଷ ଧ୍ୱଂସପ୍ରାପ୍ତ ନ ହେଲେ ମଧ୍ୟ ସେ ଯେଉଁ ସ୍ଥିତିକୁ ଅବନମିତ ହେବ, ସେଥିରେ ସଚ୍ଚା ସାହିତ୍ୟ ପ୍ରତି ଅନୁରକ୍ତ ହେବାର ସର୍ବନିମ୍ନ ଶକ୍ତି ତା'ର ରହିବ କି ? ସେ କେବଳ ମାତ୍ର ଭିନ୍ନ ଭିନ୍ନ ଧରଣର ଉତ୍ତେଜନାର ସନ୍ଧାନ କରିବ ଯେଉଁସବୁ ରଚନାରୁ, ତାକୁ ସାହିତ୍ୟ ବୋଲି ଅଭିହିତ କରିହେବ କି ? ହଁ, ଭାଷା ଅବଶ୍ୟ ରହିବ । ନ ହେଲେ ଆମେ ଆସ୍ଫାଳନ, ପରସ୍ପର ଦୋଷାରୋପ ଓ ଗାଳିଗୁଲଜ କିପରି କରିବା ? କେହି କେହି ସେକ୍ସପିଅରଙ୍କ 'ଟେମ୍ପେଷ୍ଟ' ନାଟକ ମନେ ପକାଇ ପାରିବେ ନିଶ୍ଚୟ । ସେଥିରେ ଗୋଟାଏ ଅର୍ଦ୍ଧ-ପଶୁ, ଅର୍ଦ୍ଧ-ମଣିଷ କାଲିବାନ୍‌କୁ ତା' ପ୍ରଭୁ ପ୍ରସ୍ପେରୋ (Prospero) ସଭ୍ୟ ବନାଇବା ପ୍ରଚେଷ୍ଟାରେ ଭାଷା ଶିଖାଇଛନ୍ତି । ପରିଣାମରେ କାଲିବାନ୍ ତାଙ୍କୁ କହୁଛି, ''ତୁମେ ମୋତେ ତୁମ ଭାଷା ଶିଖାଇଲ । ମୁଁ ଜାଣିଗଲି ତୁମକୁ କେମିତି ବେଜିତ କରିବି !''

ଅବଶ୍ୟ ଏ ଲେଖକର ଏ ସମସ୍ତ ଆଶଙ୍କାକୁ ଅମୂଳକ ପ୍ରମାଣ କଲାଭଳି ଅବସ୍ଥା ମଧ୍ୟ ସୃଜିତ ହୋଇପାରେ । ଭବିଷ୍ୟତ୍ ସର୍ବଦା ଅପ୍ରତ୍ୟାଶିତ ।

ପ୍ରଥମରୁ ଦର୍ଶାଇଥିଲି କିପରି ସଂହତି ଦିଗରେ ମଣିଷର ଆଶାକୁ ବାରଂବାର ନିଷ୍ଫଳ କରିଦିଏ ଅସଂହତିର ଶକ୍ତି । ଅସଂହତିର ବହୁ ଦୃଷ୍ଟାନ୍ତ ସମ୍ପର୍କରେ ଆମେ ଅବହିତ । କିନ୍ତୁ ଏକ ପ୍ରଚଣ୍ଡ ମୌଳିକ ଅସଂହତି ସମ୍ପର୍କରେ ଆମେ ମୋଟେ ଅବହିତ ନୋହୁଁ – କିଂବା ତାହା ଦର୍ଶାଇ ଦେଲେ ମଧ୍ୟ ସମ୍ଭବତଃ ଅଧିକାଂଶ ବ୍ୟକ୍ତି ପାଇଁ ତାହା ଅବିଶ୍ୱାସ୍ୟ ରହିବ । କାରଣ ସ୍ଥୂଳ ପ୍ରମାଣ ଯୋଗେ ତାହାକୁ ସାବ୍ୟସ୍ତ କରିବା ସମ୍ଭବପର ନୁହେଁ । ତେବେ ସେତକ ନ ଦର୍ଶାଇଲେ ମୋର ଏ ବକ୍ତବ୍ୟ ମୋ ନିଜକୁ ଅନର୍ଥକ ମନେ ହେବ ।

ଅତୀନ୍ଦ୍ରିୟ ବା ଅତିଭୌତିକ ସ୍ତରରେ ପ୍ରକୃତି ଓ ମାନବ-ପ୍ରକୃତି ଭିତରେ ଏକ ସଂହତି ବିଦ୍ୟମାନ ରହିଥାଏ ବା ରହିବା ଏକାନ୍ତ ଆବଶ୍ୟକ । ପରମ୍ପରାରେ ଯେତେବେଳେ ଆମେ ପ୍ରମୁଖ ନଦୀମାନଙ୍କୁ ଏକ ଏକ ଦେବୀସତ୍ତା ରୂପେ ଦେଖୁ, ସେତେବେଳେ ସେହି ସ୍ତରରେ ଏକ ସମ୍ପର୍କ ସଞ୍ଜୀବିତ ହୁଏ । ପର୍ବତକୁ ପୂଜା କରିବାକୁ ଶିଖାଇ ଥିଲେ ବାଳକ ଶ୍ରୀକୃଷ୍ଣ । ହିମାଳୟକୁ କାଳିଦାସ 'ଦେବତାତ୍ମା' ବୋଲି ପରିଚିତ କରାଇଥିଲେ । ଆନୁଷ୍ଠାନିକ ପୂଜା ବା ଆରାଧନା କଥା କହୁ ନାହିଁ । ସେସବୁର ବିଶେଷ ତାତ୍ପର୍ଯ୍ୟ ନାହିଁ । ଆଜି ଏଭଳି ଶିଳ୍ପପତି ଅଛନ୍ତି ଯେଉଁମାନେ ଗଙ୍ଗାକୂଳରେ ଗଙ୍ଗାମାତାଙ୍କୁ ଧୂପ ଦୀପ ଦେବାର ପକ୍କା ବ୍ୟବସ୍ଥା କରିଛନ୍ତି, କିନ୍ତୁ ଯେଉଁମାନଙ୍କ କାରଖାନା ନିର୍ଗତ ଆବର୍ଜନା ଗଙ୍ଗା ସ୍ରୋତକୁ ଅବିରତ କଳୁଷିତ କରିଚାଲିଛି ! ଛାଡ଼ନ୍ତୁ, କୌଣସି ଏକ ବିଶେଷ ସ୍ଥାନକୁ ଗଲେ, ଆପଣ କିଞ୍ଚିତ୍ ନୀରବ ଓ ନିବିଷ୍ଟ ଭାବରେ ସେ ସ୍ଥାନର ଚେତନା ସହ ଏକୀଭୂତ ହେବାକୁ ପ୍ରୟାସ କଲେ ତା'ର ଅପ୍ରକଟିତ ବିଭୂତି ଅନୁଭବ କରିପାରିବା ଉଚିତ । ବିଶେଷତଃ ହିମାଳୟରେ ସେମିତି ଅଭିଜ୍ଞତା ସ୍ୱତଃସ୍ଫୂର୍ତ୍ତ ଭାବରେ ହିଁ ଆସିଥାଏ । କିନ୍ତୁ ଆଜି ଭାରତର ମର୍ମସ୍ଥଳ ବଦ୍ରିକାଶ୍ରମ ଏକ ପର୍ଯ୍ୟଟକୀୟ ବିଳାସ କେନ୍ଦ୍ରକୁ ଅବନମିତ । ନିକଟ ଅତୀତରେ କେଦାର-ବଦ୍ରି ମୁଲକରେ ଘଟିଗଲା ଏକ ଅକଳ୍ପନୀୟ ପ୍ରାକୃତିକ ଦୁର୍ଯୋଗ । କେବଳ ଦେବାଳୟକୁ ଛାଡ଼ିଦେଲେ ସମଗ୍ର କେଦାରାଞ୍ଚଳର ଯାବତୀୟ ଘରଦ୍ୱାର ତଥା ପ୍ରାୟ ସମସ୍ତ ନରନାରୀ ନିଶ୍ଚିହ୍ନ ହୋଇଗଲେ । ସେଭଳି ଦୁର୍ଯୋଗର ସମ୍ଭାବନା ପୂର୍ବରୁ ତ

ବିଶେଷଜ୍ଞମାନେ ଠଉରାଇପାରି ନ ଥିଲେ, ପରେ ମଧ୍ୟ ସେମାନଙ୍କର ସମସ୍ତ ବିଶ୍ଳେଷଣ ଅସମ୍ପୂର୍ଣ୍ଣ ।

ପରେ ପରେ ଏ ଲେଖକ ଦ୍ୱିତୀୟ ଥର ଭେଟିଥିଲା ଜଣେ ବିଶେଷ ପର୍ଯ୍ୟାୟର ହିମାଳୟବାସୀ ଯୋଗୀଙ୍କୁ — ଯିଏ ବର୍ଷ ପରେ ବର୍ଷ ସେ ମୁଲକ ତୁଷାରାଚ୍ଛନ୍ନ ରହିବା ବେଳେ, ଛଅମାସ କାଳ ବଦ୍ରିନାଥରେ ରହୁଥା'ନ୍ତି ଏକାନ୍ତରେ । ସେ ଏ ଲେଖକଙ୍କୁ ବେଦନା-ସ୍ତବ୍ଧ କରି ଦେଲେ — ସ୍ୱୟଂ ବେଦନାକାତର କଣ୍ଠରେ ଜଣାଇ — ସେ ଦୁର୍ଯୋଗର ଅବ୍ୟବହିତ ପୂର୍ବରୁ କେତେ-ଜଣ କ୍ଷମତାବନ୍ତ ବ୍ୟକ୍ତି ସେହି ସ୍ୱର୍ଗୀକ ବାତାବରଣରେ ନିର୍ମିତ ଗୋଟିଏ ବଙ୍ଗଳାରେ କେତେ ଦିନ ଧରି ବିତାଇଥିଲେ ବ୍ୟଭିଚାରମୟ ଜୀବନ । ପ୍ରକୃତି ଓ ମାନବ-ପ୍ରକୃତି ଭିତରେ କ୍ରମାଗତ ବଢ଼ି ଚାଲିଥିବା ବୈଷମ୍ୟ ସହନୀୟ ମାତ୍ରା ଅତିକ୍ରମ କରିଗଲା । ଯୋଗୀଙ୍କ ନିଜ ସିଦ୍ଧାନ୍ତ; ଉଦାର ହିମାଳୟର ପ୍ରକୃତି ଅବେଶଷରେ ହେଲା ବିସ୍ଫୋରିତ । ତାହା ହିଁ ସେ ଅଚାନକ ଦୁର୍ଯୋଗର ନିର୍ଗୂଢ଼ ହେତୁ ।

କହିବାବାହୁଲ୍ୟ, ଆଗାମୀକାଲିର ସାହିତ୍ୟ ନିର୍ଭର କରିବ ମଣିଷର ପରିବର୍ତ୍ତନଶୀଳ ଚେତନା ଓ ଚରିତ୍ର ଉପରେ ।

(ଗୋପବନ୍ଧୁଙ୍କ ସତ୍ୟବାଦୀ,
ବାର୍ଷିକ ସଂଖ୍ୟା, ଏପ୍ରିଲ ୨୦୧୯ରୁ ସଂଗୃହୀତ)

The path is long, but self-surrender makes it short; the way is difficult, but perfect trust makes it easy.

– The Mother

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**

# ମନୁଷ୍ୟଜାତିର ନୂତନ ପରିଣାମ

## ଶ୍ରୀ ପ୍ରପତ୍ତି

କଥାରେ ଅଛି : "Man is the future of man." ଅର୍ଥାତ୍, ''ମନୁଷ୍ୟ ହିଁ ମନୁଷ୍ୟର ଭବିଷ୍ୟତ୍'' । ଭବିଷ୍ୟତର ସକଳ ସମ୍ଭାବନାକୁ ଧାରଣ କରି ମନୁଷ୍ୟ ଆଗେଇ ଚାଲିଛି । ଭବିଷ୍ୟତରେ କି ରୂପ ସେ ଧାରଣ କରିବ ତାହାର ସ୍ପଷ୍ଟ ଇଙ୍ଗିତ ବା ସୂଚନା ମଧ୍ୟ ତା'ର ଜୀବନ ଓ କର୍ମ ମଧ୍ୟରେ ଫୁଟି ଉଠିଛି । ଅନ୍ତଃସ୍ଥଳରେ, ବହୁ ଗଭୀରରେ ଏପରି ଏକ ଅଭୀପ୍ସା ଓ ଆକୁତି ରହିଛି ଯାହା ତାହାର ସମଗ୍ର ବାହ୍ୟ ଜୀବନ ଓ ସ୍ୱଭାବର ପରିବର୍ତ୍ତନ କରିବାକୁ ସକ୍ଷମ ହେବ । ମନୁଷ୍ୟ ଚାହିଁଛି ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ଶକ୍ତି ଓ ପୂର୍ଣ୍ଣ ଆନନ୍ଦ । ଏହା ହିଁ ତାହାର ଚେତନାର ସର୍ବୋତ୍ତମ ଓ ଉଚ୍ଚତମ ଆଶା, ଆକାଂକ୍ଷା ଓ ସଙ୍କଳ୍ପ । ଏହା ଏକ ବିବର୍ତ୍ତନଗତ ଚରମ ପରିଣାମ ଦିଗରେ ମନୁଷ୍ୟକୁ ବାଧ୍ୟ କରୁଛି ଅଗ୍ରଗତି କରିବାକୁ । ସିଧାସଳଖ ହେଉ ବା ବର୍ତ୍ତୁଳାକାରରେ କୁଟିଳ ବା ଜଟିଳ ପଥଦେଇ ହେଉ, ନାନା ବାଧାବିଘ୍ନ ମଧ୍ୟ ଦେଇ ମନୁଷ୍ୟ ଏହି ଏକ ହିଁ ଅବଶ୍ୟମ୍ଭାବୀ ଲକ୍ଷ୍ୟ ଦିଗରେ ଅଗ୍ରଗତି କରୁଛି । ଏହି ଲକ୍ଷ୍ୟର ପରିଣତି ଯେପରି ତାହାର ଭାଗ୍ୟର ନିୟତି । ଏହା ମଧ୍ୟରେ ନିହିତ ଅଛି ତାହାର ପୂର୍ଣ୍ଣତମ ବିକାଶଧାରା – ଆଲୋକ ଓ ଅମୃତତ୍ୱ, ଶକ୍ତି ଓ ଆନନ୍ଦ ମଧ୍ୟରେ ଉତ୍ତରଣ । ସୁତରାଂ ମନୁଷ୍ୟ ଯଦି ଏହି ପୂର୍ଣ୍ଣ ଜ୍ଞାନମୟ, ପୂର୍ଣ୍ଣ ଜ୍ୟୋତିର୍ମୟ, ପୂର୍ଣ୍ଣ ଆନନ୍ଦମୟ, ପୂର୍ଣ୍ଣ ସାମର୍ଥ୍ୟଯୁକ୍ତ ଚେତନାର ପ୍ରକାଶରେ ସମର୍ଥ ହୁଏ ତେବେ ତାହାର ଭବିଷ୍ୟତ୍ ଅଧିକରୁ ଅଧିକ ସ୍ପଷ୍ଟ ହୋଇ ଉଠିବ ।

ଯଥାର୍ଥରେ କହିବାକୁ ଗଲେ ଏହି ବିକାଶଧାରାକୁ ଅନୁସରଣ କଲେ ଆମ୍ଭେମାନେ ଏକ ସମ୍ପୂର୍ଣ୍ଣ ନୂତନ ପୃଥିବୀ ଓ ନୂତନ ମାନବଜାତିର ସ୍ତରରେ ଉପନୀତ ହେବା । ଏହି ନୂତନ ପୃଥିବୀ, ନୂତନ ଜଗତ୍, ନୂତନ ମାନବଜାତିର ପ୍ରତିଷ୍ଠା ଓ ବିକାଶ ନିମିତ୍ତ ଶ୍ରୀଅରବିନ୍ଦ ତପସ୍ୟା କରି ଯାଇଛନ୍ତି । ଶ୍ରୀଅରବିନ୍ଦ ସ୍ୱୀୟ ତପସ୍ୟା ଦ୍ୱାରା ଊର୍ଦ୍ଧ୍ୱଲୋକର ସେହି ପରମା ଦିବ୍ୟଶକ୍ତି, ଦିବ୍ୟଜ୍ୟୋତି, ଦିବ୍ୟଜ୍ଞାନ ଏହି ଧରାତଳରେ, ମରଣଶୀଳ ପୃଥିବୀରେ ଉତାରି ଆଣିଛନ୍ତି । ସେ ମର-ମନୁଷ୍ୟର ହସ୍ତରେ ଅମୃତ ଦାନ କରିଛନ୍ତି । ସେହି ଦିବ୍ୟ ପରମା ଭାଗବତୀ ଶକ୍ତି, ଅତିମାନସ ଶକ୍ତି – ବହୁ ଊର୍ଦ୍ଧ୍ୱଲୋକରୁ ଏ ଜଗତରେ ଅବତରଣ କରାଇ ଶ୍ରୀଅରବିନ୍ଦ ମାନବଜାତିର ରୁଦ୍ଧ ଭବିଷ୍ୟତ୍ ଦ୍ୱାର ଖୋଲି ଦେଇଛନ୍ତି । ଯେଉଁ ପରିଣାମ ପ୍ରାପ୍ତି ପାଇଁ କୋଟି କୋଟି ବର୍ଷ ଲାଗିଥା'ନ୍ତା, ସେ ପରିଣାମ ମାତ୍ର କେତେ ବର୍ଷ ମଧ୍ୟରେ ଘଟିବାର ସୁଯୋଗ ଓ ସୁବିଧା ସେ ମନୁଷ୍ୟସମାଜକୁ ଦେଇଛନ୍ତି । ଆଜି ସମଗ୍ର ପୃଥିବୀ ଏହି ନୂତନ ପରିଣାମକୁ ଗ୍ରହଣ କରି ପାରିଲେ ସମଗ୍ର ସଂସାରର ବହୁ ଅଶାନ୍ତି, ବିକ୍ଷୋଭ ଓ ବିତୃଷ୍ଣାର ଅବସାନ ଘଟିବ । ଯେଉଁ ନାନା ଜଟିଳତା, ଅସ୍ଥିରତା ଓ ଅବକ୍ଷୟ ଚାଲିଛି ତାହା ମଧ୍ୟ ବନ୍ଦ ହୋଇଯିବ ।

ବର୍ତ୍ତମାନ ଯେଉଁ ମୁହୂର୍ତ୍ତରେ ଆମ୍ଭେମାନେ ବାସ କରୁଛୁ, ନାନା କାରଣରୁ ତାହା ଏକ ଗୁରୁତ୍ୱପୂର୍ଣ୍ଣ ଓ ମହତ୍ତ୍ୱପୂର୍ଣ୍ଣ ମୁହୂର୍ତ୍ତ । ଏହା ଏକ ବିଶେଷ ପରିବର୍ତ୍ତନ ତଥା ରୂପାନ୍ତରର ବେଳ । ସବୁକିଛି ଏହି ମୁହୂର୍ତ୍ତରେ ନୂତନ ଚେତନାର ଆଲୋକରେ ନୂତନ ଭାବେ ନିଜକୁ ଗଢ଼ି ତୋଳିବ । ଏହି 'ନବସୃଷ୍ଟି'ର କାଳ ଅତି ଭୟଙ୍କର, ଦୁର୍ବିଷହ ଓ ସଙ୍କଟପୂର୍ଣ୍ଣ । ପୁନଶ୍ଚ ଏହି ପରିବର୍ତ୍ତନ ସର୍ବବ୍ୟାପକ, ସମ୍ପୂର୍ଣ୍ଣ ଓ ଆମୂଳଚୂଳ ହୋଇ ଥିବାରୁ ଏହି ସଙ୍କଟ ଦ୍ୱିଗୁଣିତ ହୋଇ ଉଠିବ । ଯେପର୍ଯ୍ୟନ୍ତ ଆମ୍ଭେମାନେ ଏହି ଅବସ୍ଥାରୁ ପୂରାପୂରି ଅନ୍ୟ ଏକ ଅବସ୍ଥାକୁ ଉଠି ନ ଯାଇଛୁ ସେପର୍ଯ୍ୟନ୍ତ ଏହି ଦୁଃଖ, ଦ୍ୱନ୍ଦ୍ୱ, ଅବସାଦ, ଅଭିଘାତ ଲାଗି ରହିଥିବ ।

ସମସ୍ତ ମନୁଷ୍ୟଜାତିର ଯେ ଉତ୍ଥାନ ଏକ ସଙ୍ଗେ, ଏକାଥରକେ ହେବ ତାହା କେବେ ବି ନୁହେଁ । କିନ୍ତୁ କେତେକ ବ୍ୟକ୍ତି ଯେଉଁମାନେ ଏହି ସୁବର୍ଣ୍ଣ ଅଗ୍ନିକୁ ଧାରଣ କରିଛନ୍ତି, ଯେଉଁମାନେ ନିଜକୁ ସମ୍ପୂର୍ଣ୍ଣ ରୂପେ ପୋଡ଼ି ଜାଳିଦେଇ, ଅତୀତକୁ ପୂର୍ଣ୍ଣ ରୂପେ ଭୁଲିଯାଇ ନୂଆ ପାହାଚରେ ଉଠିବାକୁ ଚାହିଁଛନ୍ତି ସେମାନେ ନିଶ୍ଚୟ ଉଠିଯାଇ ପାରିବେ । ଏହା ହିଁ ଥିଲା ଶ୍ରୀଅରବିନ୍ଦଙ୍କର ଲକ୍ଷ୍ୟ, ସାଧନା, ସିଦ୍ଧି, ପୂର୍ଣ୍ଣ ଜ୍ୟୋତିଃ, ଶକ୍ତି ଓ ଆନନ୍ଦକୁ ଉତାରି ଆଣିବା ଏବଂ ଦୁର୍ବଳ ମାନବକୁ ନୂତନ ରୂପେ, ସମ୍ପୂର୍ଣ୍ଣ ରୂପେ ଗଢ଼ି ତୋଳିବା । ଏହି କାର୍ଯ୍ୟ ଅତ୍ୟନ୍ତ ଦୁଃସାହସିକ କାର୍ଯ୍ୟ, ଅତି ବୈପ୍ଳବିକ । ଯେଉଁମାନେ ଏହି ପଥରେ ଅଗ୍ରଗତି କରି ପାରିବେ ସେମାନେ ବରାବର

ମନେ ରଖିବା ଉଚିତ ଏହାହିଁ ଯଥାର୍ଥରେ ଦୁଃସାହସିକ ଯାତ୍ରା (a real adventure) । ଏ ସମ୍ବନ୍ଧରେ ୧୯୫୭ ମସିହାରେ ଶ୍ରୀମା ଯାହା କହିଛନ୍ତି ସେସବୁକୁ ପୁନଃପୁନଃ ସ୍ମରଣ ରଖିବା ଉଚିତ । ତାଙ୍କର ଏହି ବକ୍ତବ୍ୟଟି ନିମ୍ନମତେ :

"There are people who love adventure. It is these I call, and I tell them this : I invite you to the great adventure.

It is not a question of repeating spiritually what others have done before us, for our adventure begins beyond that. It is a question of a new creation, entirely new, with all the unforeseen events, the risks, the hazards it entails – a *real adventure,* whose goal is certain victory, but the road to which is unknown and must be traced out step by step in the unexplored. Something that has never been in this present universe and that will *never* be again in the same way. If that interests you... well, let us embark. What will happen to you tomorrow – I have no idea."

(CWM, Vol. 9, P. 152) – The Mother

ଏହାର ସାରମର୍ମ ଏହି ଯେ, ''ଯେଉଁମାନେ ଏହି ଦୁଃସାହସିକ ପଦକ୍ଷେପ ନେବାକୁ ଚାହାନ୍ତି ସେମାନେ ଏ ପଥରେ ଆସନ୍ତୁ । ଏହା ଏକ ସମ୍ପୂର୍ଣ୍ଣ ନୂତନ ସୃଷ୍ଟିର କଥା, ପୁରାତନ ଆଧ୍ୟାତ୍ମିକତାର ପୁନଃ ପ୍ରବର୍ତ୍ତନ ନୁହେଁ । ଏଥିରେ ବହୁ ବିପଦ, ଅପ୍ରତ୍ୟାଶିତ ଘଟଣା ଘଟିବାର ଆଶଙ୍କା ଅଛି । ରାସ୍ତା ମଧ୍ୟ କାଟି କାଟି ଯିବାକୁ ହେବ – ଏପର୍ଯ୍ୟନ୍ତ ତାହା ଆବିଷ୍କୃତ ହୋଇ ନାହିଁ । ଏହି ବର୍ତ୍ତମାନର ପୃଥିବୀରେ ଏପରି କେବେ ବି ଘଟି ନ ଥିଲା, ଆଉ ଠିକ୍ ଏହିପରି କେବେ ବି ଘଟିବ ନାହିଁ । ଯଦି ଏହି କଥା ପ୍ରତି ଆମର ଆଗ୍ରହ, ଉତ୍ସାହ ଥାଏ ତେବେ ଚାଲ । କାଲି କ'ଣ ଘଟିବ ସେ କଥା ପ୍ରତି ଦୃଷ୍ଟି ନ ଦେଇ ଆଗେଇ ଚାଲ ।''

ବାସ୍ତବିକ ଦୃଢ଼ ସଂକଳ୍ପ, ବିଶ୍ୱାସ ଓ ଶ୍ରଦ୍ଧା ସହ ଆଗେଇ ଯିବାକୁ ହେବ । ଯେଉଁ ଭଗବତ୍ ବିଧାନ ଓ ନିୟତି ରହିଛି ତାହା ନିଶ୍ଚୟ ସିଦ୍ଧ ହେବ ।

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୧୪୬ - ୧୪୭)

... ତୁମେ ଭଗବାନଙ୍କ ବିଷୟରେ କୁହ, ପରମଙ୍କ ବିଷୟରେ କୁହ, ଯୋଗ ବିଷୟରେ କୁହ, ତୁମେ ଅନେକ କିଛି କୁହ, କିନ୍ତୁ ସେ ସମସ୍ତ ତୁମ ମସ୍ତିଷ୍କରେ ନିର୍ଦ୍ଦିଷ୍ଟ କିଛିର ଅନୁରୂପ ହୋଇଥାଏ କି ? ଏକ ଚିନ୍ତାର, ଏକ ଅନୁଭବର, ଏକ ସ୍ପଷ୍ଟ ଧାରଣାର, ଏକ ଅଭିଜ୍ଞତାର ଅନୁରୂପ ହୋଇଥାଏ କି ? ନା, ତାହା ଖାଲି ଗୁଡ଼ିଏ ଶବ୍ଦ ମାତ୍ର ?

... ଯେଉଁ ମୁହୂର୍ତ୍ତରେ ତୁମର ହୃଦ୍‌ବୋଧ ହୁଏ ଯେ ଏକ ଜୀବନ୍ତ ଓ ଯଥାର୍ଥ ଦିବ୍ୟ ସତ୍ୟ ରହିଛି ଯାହାକି ବାସ୍ତବ ବିଶ୍ୱଜଗତରେ ନିଜକୁ ପ୍ରକାଶ ଓ ଅଭିବ୍ୟକ୍ତ କରିବାକୁ ଚାହୁଁଛି, ସେତେବେଳେ ଏକମାତ୍ର ଯେଉଁ ଜିନିଷର କୌଣସି ଗୁରୁତ୍ୱ ବା ମୂଲ୍ୟ ରହିଛି ତା' ହେଉଛି ସେହି ଦିବ୍ୟ ସତ୍ୟ ସଙ୍ଗେ ସଂଯୋଗ ସ୍ଥାପନ କରିବା, ଯେତେ ଅଧିକ ପୂର୍ଣ୍ଣ ଓ ନିଖୁଣ ଭାବରେ ସମ୍ଭବ ସେହି ସତ୍ୟ ସହ ନିଜେ ଏକାତ୍ମ ହୋଇଯିବା ଏବଂ ଆଉ ଅନ୍ୟ କିଛି ନ ହୋଇ ସେହି ସତ୍ୟକୁ ପ୍ରକାଶ କରିବାର ଏକ ନିମିତ୍ତ ବା ଅବଲମ୍ବନ ହୋଇ ଉଠିବା ଏବଂ ତାହାକୁ ଆହୁରି ଅଧିକରୁ ଅଧିକ ଜୀବନ୍ତ ଓ ଅନୁଭବଗମ୍ୟ କରି ଗଢ଼ି ତୋଳିବା, ଯାହା ଫଳରେ ସେହି ସତ୍ୟ ଆହୁରି ଅଧିକରୁ ଅଧିକ ପୂର୍ଣ୍ଣ ଓ ନିଖୁଣ ଭାବରେ ଅଭିବ୍ୟକ୍ତ ହୋଇପାରେ ।

– ଶ୍ରୀମା

# ଶ୍ରୀଅରବିନ୍ଦ ଓ ଦିଲୀପକୁମାର
## (୧୫)

[ବିଖ୍ୟାତ ସଂଗୀତଜ୍ଞ, ଶ୍ରୀଅରବିନ୍ଦଙ୍କର ଅତ୍ୟନ୍ତ ପ୍ରିୟ ଶିଷ୍ୟ ଶ୍ରୀ ଦିଲୀପକୁମାର ରାୟଙ୍କର ଶ୍ରୀଅରବିନ୍ଦଙ୍କ ସହିତ କଥୋପକଥନ ଓ ସେହି ସମୟର ଅଭିଜ୍ଞତା]

(*ପୂର୍ବ ପ୍ରକାଶିତ ଉତ୍ତାରୁ...*)

**ଶ୍ରୀଅରବିନ୍ଦଙ୍କ ପତ୍ର :** ''ଏ ନିୟମ କରିବାକୁ ମୁଁ ବାଧ ହେଉଛି, (ଶିଷ୍ୟମାନଙ୍କୁ ଆଉ ଚିଠି ନ ଲେଖିବାର ନିୟମ), ନିଜର ପସନ୍ଦ, ଅପସନ୍ଦ ଖାତିରରେ ନୁହେଁ । କେବଳ ଏଥିପାଇଁ ଯେ ସମ୍ପ୍ରତି ଚିଠିପତ୍ରର ଉତ୍ତର ଦେଇ ଦେଇ ମୋର ବେଶୀଭାଗ ସମୟ କଟି ଯାଉଥିଲା – ଏଣେ ଏଥିଯୋଗୁଁ ମୋର ଅସଲ କାମରେ କ୍ଷତି ହେଉଥିଲା । ଜଗତର ଏପରି ସଙ୍କଟ ସମୟରେ (ଯେତେବେଳେ ମୋର ପ୍ରତି କ୍ଷଣ ସଜାଗ ଓ ସଂହତ ହୋଇ ନ ରହିଲେ ହେବ ନାହିଁ – ତା' ଛଡ଼ା ଯେତେବେଳେ ମୋର ସାଧନାର ପ୍ରଧାନ ସିଦ୍ଧି ନିମନ୍ତେ ଏକାନ୍ତ ଅଭିନିବେଶ ଓ ଅଧ୍ୟବସାୟ ଦରକାର ।) ମୋ ପକ୍ଷରେ ଏହି ନିୟମକୁ ଲଂଘନ କରିବା ସମ୍ଭବ ନୁହେଁ । ଉପରନ୍ତୁ, ସାଧକମାନଙ୍କର ସାଧନାର ସ୍ୱାର୍ଥ ଦୃଷ୍ଟିରୁ ଦେଖିବାକୁ ଗଲେ ମଧ ମୋର ମୂଳ ସାଧନାରେ ସିଦ୍ଧି ହେବା ଦରକାର – କାହିଁକି ନା ଏ ସିଦ୍ଧି ହେଲେ ହିଁ ସେହି ଅନୁକୂଳ ଅବସ୍ଥା ଆସିବ, ଯେତେବେଳେ ସେମାନଙ୍କ ପକ୍ଷରେ ସାଧନାର ବାଧାବିଘ୍ନରୁ ଉତ୍ତୀର୍ଣ୍ଣ ହେବା ସହଜ ହୋଇ ପାରିବ ।''

ମନେ ପଡ଼ିଲା ଆଉ ଗୋଟିଏ ପତ୍ର ସେ ମୋ ପାଖକୁ ଲେଖିଥିଲେ । ମୁଁ ସେସମୟରେ ପ୍ରଶ୍ନ କରିଥିଲି : ''ଅତିମାନସ ଶକ୍ତିକୁ ନିମ୍ନକୁ ଓହ୍ଲାଇ ଆଣି ମହିମାନ୍ୱିତ ହେବା ତ ଆପଣଙ୍କର ସାଧନାର ଲକ୍ଷ୍ୟ ନୁହେଁ – ଯେତେବେଳେ ସ୍ୱୟଂ ଶ୍ରୀକୃଷ୍ଣ ଯେଉଁ ଅତିମାନସର ଅବତରଣ କରାଇ ପାରି ନାହାନ୍ତି ସେତେବେଳେ ଆଉ କିଏ କ'ଣ ଏହା କରିପାରିବ ?'' ଏହାର ଉତ୍ତରରେ ଗୁରୁଦେବ ତାଙ୍କର ଆଶ୍ଚର୍ଯ୍ୟ ଶକ୍ତିଶାଳୀ ଭାଷାରେ କହିଥିଲେ, ''ଅତିମାନସ ଶକ୍ତିକୁ ମୁଁ ଓହ୍ଲାଇ ଆଣିବାକୁ ଚାହୁଁଛି ମୋର ନିଜର ମହିମା ପ୍ରତିଷ୍ଠିତ କରିବାକୁ ନୁହେଁ । ମନୁଷ୍ୟମାନେ ଯାହାକୁ ଛୋଟ ବା ବଡ଼ କହନ୍ତି, ମୋର ସେଥିପାଇଁ ମୁଣ୍ଡ ବ୍ୟଥା ନାହିଁ । ମୁଁ ଚାହେଁ ଏକ ଆନ୍ତର ସତ୍ୟ, ଆଲୋକ, ସୁଷମା ଓ ଶାନ୍ତିର ନୀତିକୁ ପାର୍ଥିବ ଚେତନାର ରାଜ୍ୟକୁ ଆବାହନ କରିବାକୁ । ତାହାକୁ ମୁଁ ଊର୍ଦ୍ଧ୍ୱରେ ଦେଖିପାରୁଛି – ମୁଁ ଜାଣେ ତାହା କି ବସ୍ତୁ । ଆମ ଚେତନାର ଊର୍ଦ୍ଧ୍ୱରେ ତା'ର ଯେଉଁ ଜ୍ୟୋତି ପ୍ରପାତ ହେଉଛି ମୁଁ ତାହା ପ୍ରତ୍ୟକ୍ଷ ଭାବରେ ଦେଖିପାରୁଛି । ମୁଁ ଚାହେଁ ସେ ଆମର ସମଗ୍ର ସତ୍ତାକୁ ଯେପରି ଟେକି ନେଇପାରେ ତା'ର ସ୍ୱକୀୟ ଶକ୍ତି ସ୍ୱରୂପ ମଧକୁ – ଅନ୍ୟଥା ମନୁଷ୍ୟର ସ୍ୱଭାବ ଚାଲିଥିବ ସେହି ଅଧା ଆଲୋକ, ଅଧା ଛାୟାର ସନାତନ ଭୂମିକାରେ । ମୁଁ ଏଇ ବିଶ୍ୱାସରେ ପ୍ରତିଷ୍ଠିତ ହୋଇଛି ଯେ ଏହି ସତ୍ୟର ଅବତରଣ ହେଲେ ଜଗତରେ ଏକ ଦିବ୍ୟ ଚେତନାର ବିକାଶର ପଥ ଖୋଲିଯିବ, ଆଉ ପାର୍ଥିବ ବିବର୍ତ୍ତନର ତାହାହିଁ ହେବ ପରମ ନିହିତାର୍ଥ । ମୋ ଅପେକ୍ଷା ମହତ୍ତର ମନୁଷ୍ୟ ମଧରେ ଯଦି ଏହି ଦୃଷ୍ଟି ବା ଆଦର୍ଶ ସ୍ଥାନ ପାଇ ନ ଥିଲା, ସେଥିରେ କ'ଣ ଯାଏ ଆସେ ? ମୋତେ ମୋର ନିଜର ସତ୍ୟବୋଧକୁ, ନିଜର ସତ୍ୟଦୃଷ୍ଟିକୁ ଅନୁସରଣ କରିବାକୁ ହେବ । ଶ୍ରୀକୃଷ୍ଣ ଯେଉଁ ସିଦ୍ଧି ପାଇଁ ଚେଷ୍ଟା କରି ନାହାନ୍ତି ତାହା ମୁଁ ଚେଷ୍ଟା କରୁଥିବା ଯୋଗୁଁ ମାନବିକ ବୁଦ୍ଧି ଯଦି ମୋତେ ନିର୍ବୋଧ ବୋଲି କହେ ତେବେ ସେଥିରେ ମୋର କିଛି ଯାଏ ଆସେ ନାହିଁ । ଏଠାରେ ଅମୁକ ସମୁକର ପ୍ରଶ୍ନ ଉଠୁ ନାହିଁ । ଏହା ହେଲା ସ୍ୱୟଂ ଭଗବାନ୍ ଓ ମୋ ମଧରେ ଥିବା ବୁଝାମଣାର କଥା । ପ୍ରଶ୍ନ ଉଠୁଛି – ଏହା ଭାଗବତ ଇଚ୍ଛା କି ନୁହେଁ । ପ୍ରଶ୍ନ ଉଠୁଛି ମୋତେ ଏହି ଶକ୍ତିକୁ ଅବତରଣ କରାଇବା ଲାଗି ବା ତା'ର ଅବତରଣର ପଥ ଖୋଲି ଦେବା ଲାଗି ପଠା ହୋଇଛି କି ନାହିଁ ? ଏଥିପାଇଁ ଯଦି ସମସ୍ତ ଜଗତ୍ ମୋତେ ଉପହାସ କରେ କରୁ – ଏପରିକି ନରକ ଯଦି ମୋ ସ୍ପର୍ଦ୍ଧାର ଶାସ୍ତି ସ୍ୱରୂପ ମୋ ଉପରେ ଭାଙ୍ଗିପଡ଼େ ତ ପଡ଼ୁ । ମୁଁ ମୋ ବାଟରେ ଚାଲିବି ଯେତେଦିନ ଯାଏଁ ମୁଁ ସିଦ୍ଧି ଲାଭ ନ କରିଛି ବା ଧ୍ୱଂସ ନ ହୋଇଛି । ଏହି ମନୋଭାବ ହିଁ ମୋତେ ଉଦ୍‌ବୁଦ୍ଧ କରିଛି ଅତିମାନସ ସାଧନା ନିମିତ୍ତ – ମୋ ନିଜର ବା ଆଉ କାହାର ମହିମାକୁ ପ୍ରତିଷ୍ଠା କରିବାକୁ ନୁହେଁ ।''

ଏସବୁ ମନେ ପଡ଼ିବା ମାତ୍ରେ ମୁଁ ସଙ୍ଗେ ସଙ୍ଗେ ଅଭିଭୂତ ହୋଇ ପଡ଼ିଲି । କେତେବେଳ ପର୍ଯ୍ୟନ୍ତ ମୋର ସେ ଭାବ ରହିଲା ଜାଣେ ନାହିଁ । ସଂବିତ୍ ଫେରି ଆସିଲା ତାଙ୍କର ସମ୍ଭାଷଣରେ ।

ଗୁରୁଦେବ କହିଲେ – ''ମୁଁ ମୋର ଚିଠିପତ୍ରରେ ବୁଝାଇ କହିଛି ମୁଁ କି ପ୍ରକାର ସାଧନାରେ ଲାଗିଛି । ତୁମେ ସେଥିରୁ ଅନ୍ଦାଜ କରି ନେଇ ପାରିବ ଯେ ଆହୁରି ଅନେକ ବାଧାବିପତ୍ତି ମୋତେ ଅତିକ୍ରମ କରିବାକୁ ହେବ ଯାହାର ଉଲ୍ଲେଖ ମୁଁ କରି ନାହିଁ ।''

ମୁଁ କହିଲି, ''ମୋତେ ଅନ୍ତତଃ ଗୋଟିଏ କଥା ଖୋଲି କହିବେ କି ? ମୋତେ ଆପଣ ଏକାଧିକବାର ଲେଖିଛନ୍ତି ପାର୍ଥିବ ପ୍ରକୃତିର ବାଧା ବିଷୟରେ । ଶ୍ରୀମା'ଙ୍କଠାରୁ ମଧ୍ୟ ଥରେ ଶୁଣିଥିଲି ଯେ ଯୁଗ ପ୍ରଳୟ, ହାହାକାର, ଜାତୀୟ ବିପ୍ଳବ ହେଉଛି ଏକ ନବ ଅବତରଣ ବା ଆବିର୍ଭାବର ପୂର୍ବାଭାସ । ଏହା କ'ଣ ସତ୍ୟ ?''

''ଯେଉଁମାନେ ନେପଥ୍ୟ ତତ୍ତ୍ୱର ଖବର ରଖନ୍ତି ସେମାନେ ସମସ୍ତେ ଗୋଟିଏ ବାକ୍ୟରେ ଏହିକଥା କହିଛନ୍ତି – ଯୁଗେ ଯୁଗେ ।''

''ସେମାନଙ୍କର ମତ ଥାଉ, ମୁଁ ଆପଣଙ୍କର ନିଜର ମତ ଜାଣିବାକୁ ଚାହେଁ । ଆପଣଙ୍କର ଅଭିଜ୍ଞତା ବିଷୟରେ ଶୁଣିବାକୁ ଚାହେଁ ।''

(ଏହାପରେ ଗୁରୁଦେବ ମୋତେ ଦୁଇଟି ପତ୍ରରେ ଏ ବିଷୟରେ ଲେଖିଥିଲେ :

''ଦୁର୍ଦ୍ଦିନ ଯେତେ ଶୋଚନୀୟ ହେଉ ନା କାହିଁକି ତାହା ସାମୟିକ । ଯେଉଁମାନେ ଆତ୍ମିକ ଶକ୍ତି ବା ବିଶ୍ୱ ଶକ୍ତିର କ୍ରିୟାକଳାପ ସମ୍ବନ୍ଧରେ କିଛି ଖବର ରଖନ୍ତି ସେମାନେ ଏ ଦୁର୍ଦ୍ଦିନ ପାଇଁ ପ୍ରସ୍ତୁତ ଅଛନ୍ତି । ମୁଁ ନିଜେ ଜାଣିଛି ଯେ ଦୁର୍ଦ୍ଦିନର ଏଇ ଦାରୁଣତମ ଲଗ୍ନ ଆସନ୍ନ – ପ୍ରତ୍ୟୁଷ ପୂର୍ବରୁ ଅନ୍ଧକାର । ମୁଁ ମଧ୍ୟ ଏଇ କାର୍ଯ୍ୟରେ ନିରୁତ୍ସାହିତ ହୋଇ ନାହିଁ । ମୁଁ ତ ଜାଣେ ଅନ୍ଧକାରର ଅନ୍ତରାଳରେ କି ନବ ବିଧାନ ଗଢ଼ି ଉଠିଛି । ଆଉ ତା'ର ଆବିର୍ଭାବର ସୂଚନା ଦେଖିବାକୁ ପାଉଛି । ଯେଉଁମାନେ ଭାଗବତ ସାଧକ ସେମାନଙ୍କ ପକ୍ଷରେ ଏକମାତ୍ର ଆବଶ୍ୟକତା ହେଉଛି ବର୍ତ୍ତମାନ ଦୃଢ଼ଭାବରେ ସାଧନାରେ ପ୍ରତିଷ୍ଠିତ ହୋଇ ଲକ୍ଷ୍ୟ ସିଦ୍ଧି ଦିଗରେ ଅଗ୍ରସର ହେବା । ଫଳରେ ଅନ୍ଧକାର ଲୁପ୍ତ ହେବ । ଆଲୋକ ଆବିର୍ଭୂତ ହେବ ।''

(୦୯. ୦୪. ୪୭)

ଆଉ ଗୋଟିଏ ଚିଠିରେ ଲେଖିଥିଲେ, ''ଆଜିକାଲି ଯାହା କିଛି ଘଟୁଛି ମୁଁ ସେଥିରେ ନିରୁତ୍ସାହିତ ହେଉ ନାହିଁ, କାରଣ ମୁଁ ହଜାରବାର ଉପଲବ୍ଧି କରିଛି ଯେ ନିରନ୍ଧ୍ର ଅନ୍ଧକାର ପରେ ହିଁ ଭାଗବତ ଜୟ ଓ ସିଦ୍ଧିର ଆଲୋକ ଆସେ ଯାହା ଭାଗବତ ବାହକ ରୂପେ କାର୍ଯ୍ୟ କରେ'' ।)

ଗୁରୁଦେବ ଚୁପ୍ ରହିଲେ ।

ମୁଁ ପଚାରିଲି, ''ଆପଣ ନିଜେ ଏ ଭବିଷ୍ୟତ୍ ବାଣୀ ସପକ୍ଷରେ କିଛି ପ୍ରମାଣ ପାଇଛନ୍ତି କି ?''

ତାଙ୍କର ଓଷ୍ଠାଧରରେ ହସର ଫୁଆରା ଫୁଟି ଉଠିଲା । ସେ ମୋର ଆଖିକୁ ଚାହିଁ ରହିଲେ, କହିଲେ, ''ପାଇଛି'' ।

''ତା'ହେଲେ ସତରେ ଭରସା ଦେଉଛନ୍ତି ଯେ ଆପଣଙ୍କର ଅତିମାନସ ସୂର୍ଯ୍ୟ ମନୁଷ୍ୟର ଦେଶରେ, ବିଚରା ମଣିଷ ଲାଗି କେବେ ଉଦୟ ହେବେ ?''

ତାଙ୍କର ଓଠରେ ହସ ପୁଣିଥରେ ଫୁଟି ଉଠିଲା । କହିଲେ, ''ଦେଇଛି, କେବଳ ସେମାନଙ୍କ ସହ ଦେଖା ହେଲେ ତୁମେ କହିବ ଯେ ସେମାନେ ଏ ବିଷୟରେ ଆଉ ମୁଣ୍ଡ ନ ଖେଳାଇ ମୋତେ ହିଁ ତା'ର ଦାୟିତ୍ୱ ଛାଡ଼ି ଦିଅନ୍ତୁ'' ।

''କହିବି ? କାହାକୁ ?'' ମୁଁ ପଚାରିଲି ।

ଗୁରୁଦେବ ହସି ଉଠିଲେ, ''ଯେଉଁ ମନୁଷ୍ୟମାନଙ୍କ କଥା କହୁଥିଲ । ଅର୍ଥାତ୍ ଯେଉଁମାନେ ଅତିମାନସ କହିଲେ ବୁଝନ୍ତି, ସେମାନଙ୍କର ମନଗଢ଼ା ଗୋଟିଏ କିଛି । ଅତିମାନସର ଅବତରଣ ହେଲେ ସେମାନେ ଯେତେବେଳେ ଦେଖିବେ ଯେ ସେମାନଙ୍କର କଳ୍ପିତ ରୂପ ସହିତ ତା'ର ରୂପର ବିଶେଷ ମେଳ ନାହିଁ, ସେମାନେ ନିଶ୍ଚୟ ଖୁବ୍ ନିରାଶ ହେବେ ।''

ମୁଁ ମଧ୍ୟ ହସିଲି, ''କିନ୍ତୁ ଏପରି ସାଧକ ଅଛନ୍ତି ନା କ'ଣ ?''

''ନାହାନ୍ତି ? କ'ଣ କହୁଛ ? ତୁମେ କ'ଣ ଏପରି ଅନେକଙ୍କର ସଂସ୍ପର୍ଶରେ ଆସି ନାହଁ ଯେଉଁମାନେ ଅତିମାନସକୁ ଟାଣି ଓହ୍ଲାଇ ଆଣିବାକୁ ଚାହାନ୍ତି ଯେପରି କି ସେମାନେ ଏ ଜଗତର ଅଗ୍ରଣୀ ମାନବ ହୋଇ ପାରିବେ ? ଆଉ ଦେଖି ନାହଁ କି ସେ ଚେଷ୍ଟାର କି ସଂଗୀନ୍ ପରିଣାମ ହୁଏ ?'' ଗୁରୁଦେବ ପୁଣି ହସିଲେ ।

''ଏମାନେ ଆପାତତଃ ଅତିମାନସକୁ ନେଇ ମୁଣ୍ଡ ନ ଖେଳାଇ ନିଜ ନିଜର ପରିବେଶରେ ନିଜର ଯେତିକି କରଣୀୟ ସେତିକି କରି ଅତିମାନସକୁ ମୋ ଦାୟିତ୍ୱ ବୋଲି ଛାଡ଼ିଦେବା ଉଚିତ ।''

ହସ ବନ୍ଦ ହେବାରୁ ମୁଁ ଗମ୍ଭୀର ହୋଇ କହିଲି, ''ଆଚ୍ଛା, ଆସୁରିକ ଶକ୍ତିମାନଙ୍କର ପରାଜୟ କ'ଣ ଅତିମାନସ ଅବତରଣକୁ ଆବାହନ କରିବ ?''

''ଆସୁରିକ ଶକ୍ତିମାନଙ୍କର ପରାଜୟ ହେଲେ ଯେ ଅତିମାନସ ଶକ୍ତି ଆସିବ ଏପରି କହିଲେ ଟିକିଏ ଭୁଲ୍ ହେବ । ଠିକ୍ କଥା ହେଉଛି ଏମାନଙ୍କର ପରାଜୟ ହେଲେ ଏପରି ଗୋଟିଏ ପରିବେଶ ଗଢ଼ି ଉଠିବ ଯାହାଫଳରେ ଅତିମାନସ ଅବତରଣ ସମ୍ଭବପର ହେବ ।''

ଏତେ ଶାନ୍ତ ଅଥଚ ଦୃଢ଼ ସ୍ୱର । ଅଥଚ କେତେ ବଡ଼ ଅଭ୍ୟୁଦୟର ବାଣୀ ! ତାଙ୍କ ସମ୍ବନ୍ଧରେ ନିଶିକାନ୍ତଙ୍କର ସ୍ତବ ମନେ ପଡ଼ିଲା :

''ତୁମ ଛଡ଼ା ଆଉ କାହାର କଣ୍ଠରେ
ଫୁଟିଉଠେ ନାହିଁ ଅଭୟ ଶକ୍ତି,
ତୁମ ଛଡ଼ା ଆଉ କେହି ତ ଆଣେ ନା
ତୃଷିତ ପ୍ରାଣରେ ପ୍ଲାବନ ମୁକ୍ତି ।''

ହୃଦୟ ଭିତରେ ଆନନ୍ଦ କଲ୍ଲୋଳିତ ହୋଇ ଉଠିଲା । ତେବେ ବି କାହିଁକି କେଜାଣି ଇଚ୍ଛା ହେଲା ଆଉ ଗୋଟିଏ ପ୍ରଶ୍ନ ସିଧାସଳଖ ପଚାରି ଦେବାକୁ । କହିଲି, ''ଆପଣ କିଛିକ୍ଷଣ ଆଗରୁ କହିଥିଲେ ଆପଣଙ୍କ ମୂଳ ସାଧନାର ସିଦ୍ଧି ବିଷୟରେ । ଏ ମୂଳ ସାଧନା କହିଲେ କ'ଣ ବୁଝିବି ? ଆପଣଙ୍କର ତପସ୍ୟାରେ ଅତିମାନସ ଶକ୍ତିର ଅବତରଣ ?''

ଗୁରୁଦେବ ଅତ୍ୟନ୍ତ ଶାନ୍ତ ଅଥଚ ଦୃଢ଼ କଣ୍ଠରେ ଉତ୍ତର ଦେଲେ : ''ହଁ, ମୋର ସେଇୟା ଆଶା'' ।

ଏପରି ଯୁଗ ପ୍ରବର୍ତ୍ତକଙ୍କର କଥାରେ ମୁଁ ସଂଶୟ ପ୍ରକାଶ କରୁଛି, ତାଙ୍କର ବାଣୀ ସମ୍ଭବ ହେବ କି ନାହିଁ ପ୍ରଶ୍ନ କରୁଛି । ତାଙ୍କ ସହିତ ଆଳାପ, ତର୍କ-ବିତର୍କ କରିଛି ଏଇ ଅଧିକାରରେ ଯେ ସେ ମୋତେ ତାଙ୍କ ଚିଠିରେ ସମ୍ବୋଧନ କରିଥିଲେ, ''ବନ୍ଧୁ ଓ ପୁତ୍ର'' ବୋଲି ।

ଗୀତାରେ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ ଅର୍ଜୁନଙ୍କର ଅନୁତାପର କଥା ମନେ ପଡ଼ିଲା :

''ସଖେତି ମତ୍ୱା ପ୍ରସଭଂ ଯଦୁକ୍ତଂ,
ହେ କୃଷ୍ଣ ହେ ଯାଦବ ହେ ସଖେତି ।
ଅଜାନତା ମହିମାନଂ ତବେଦଂ,
ମୟା ପ୍ରମାଦାତ୍ ପ୍ରଣୟେନ ବାପି ॥
ଯଚ୍ଚାବହାସାର୍ଥମସତ୍କୃତୋଽସି ।
ବିହାରଶଯ୍ୟାସନଭୋଜନେଷୁ ॥
ଏକୋଽଥବାପ୍ୟଚ୍ୟୁତ ତତ୍ସମକ୍ଷଂ,
ତତ୍କ୍ଷାମୟେ ତ୍ୱାମହମପ୍ରମେୟମ୍'' ॥
(ଗୀତା ୧୧/୪୧-୪୨)

ଅର୍ଥାତ୍ – ''ହେ ପ୍ରଭୁ ! ତୁମର ଦିବ୍ୟ ମହିମା ଓ ତୁମର ଏହି ବିଶ୍ୱାତୀତ ସ୍ୱରୂପ ବିଷୟରେ ନଜାଣି ଅଜ୍ଞାନତା ଯୋଗୁଁ ମୁଁ ତୁମକୁ କୃଷ୍ଣ, ଯାଦବ, ସଖା ବୋଲି ସମ୍ବୋଧନ କରି ଯେତେସବୁ ଭୁଲ୍ କରିଛି ସେସବୁ ପାଇଁ ତୁମେ ମୋତେ କ୍ଷମାକର । ହେ ଅଚ୍ୟୁତ ! ଖାଇଲାବେଳେ, ବସାଉଠା କଲାବେଳେ, ବୁଲିବାବେଳେ, ଶୋଇବାବେଳେ, ଏକୁଟିଆ ତୁମ ସହ ଥିବାବେଳେ, ଅନ୍ୟମାନଙ୍କ ସମ୍ମୁଖରେ ତୁମକୁ କେତେ ଅସମ୍ମାନ ନ କରିଛି । ହେ ପ୍ରଭୁ ! ସେସବୁ ପାଇଁ ମୁଁ ଆପଣଙ୍କଠାରୁ କ୍ଷମା ଚାହୁଁଛି । ହେ ଅଚିନ୍ତ୍ୟ, ମୋର ସମସ୍ତ ଅପରାଧ କ୍ଷମା କର ।''

(ସମାପ୍ତ)

(ଦିଲୀପକୁମାର ରାୟଙ୍କ ବଙ୍ଗଳାରେ ଲିଖିତ
'ତୀର୍ଥଙ୍କର' ପୁସ୍ତକରୁ ଅନୂଦିତ)

ଅନୁବାଦ : ମମତା ଦାଶ ❖

ଅନ୍ତରରେ ଏକ ଚୈତ୍ୟ ଅଗ୍ନି ପ୍ରଜ୍ୱଳିତ କରିବାକୁ ହେବ ଯାହା ଭିତରକୁ ସବୁକିଛି ନିକ୍ଷେପ କରିବାକୁ ହେବ ତା' ଉପରେ ଭଗବାନଙ୍କର ନାମାଙ୍କନ କରି । ସେହି ଅଗ୍ନିରେ ସମସ୍ତ ଭାବାବେଗ ସେମାନଙ୍କ ଖାଦର ଉପାଦାନଗୁଡ଼ିକୁ ପରିତ୍ୟାଗ କରିବାକୁ ବାଧ୍ୟ, ଏବଂ ଯେଉଁସବୁ ଅଦିବ୍ୟ ବିକାର ଥିବ ତାହା ପୋଡ଼ି ପାଉଁଶ ହୋଇଯିବ ଏବଂ ଅନ୍ୟଗୁଡ଼ିକ ନିଜର ନ୍ୟୂନତାକୁ ତ୍ୟାଗ କରିବ, ଯେତେବେଳେ କି ଶେଷରେ ସେହି ଶିଖା, ଧୂଆଁ ଓ ଧୂପ ଭିତରୁ ଉଠି ଆସିବ ବିପୁଳତମ ପ୍ରେମର ଦିବ୍ୟଭାବ ଏବଂ ଏକ ନିଷ୍କଳଙ୍କ ଦିବ୍ୟ-ଆନନ୍ଦ ।

— ଶ୍ରୀଅରବିନ୍ଦ

# ଜଣେ ସାଧକର ଦାୟିତ୍ୱ

## ଶ୍ରୀ ମାଧବ ପଣ୍ଡିତ

(୨୪.୪.୧୯୭୪ରେ ନବଜ୍ୟୋତି କାର୍ଯ୍ୟାଳୟରେ ପ୍ରଦତ୍ତ ଏକ ଭାଷଣର କିଛି ଅଂଶ ।)

… …ରାଜନୀତି, ଅର୍ଥନୀତି ଓ ସମାଜନୀତିରେ ଶ୍ରୀମା'ଙ୍କର ଆଭିମୁଖ୍ୟ ହେଲା : ସେସବୁ ହେଉଛି ବିଭିନ୍ନ କ୍ଷେତ୍ର ଯେଉଁଠାରେ କି ବିଭିନ୍ନ ସ୍ତରରେ ଅନୁଷ୍ଠିତ ହେଉଥିବା କାର୍ଯ୍ୟକ୍ରମକୁ ଏକ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ କାର୍ଯ୍ୟକାରୀ କରାଯାଇପାରେ । ଆଧ୍ୟାତ୍ମିକ ପନ୍ଥା ହିଁ ହେଉଛି ପ୍ରକୃତ ସତ୍ୟ । ଗତ ପୃଥିବୀ ମହାଯୁଦ୍ଧ ସମୟରେ ଗୋଟିଏ ଛୋଟ ଘଟଣା ଘଟିଥିଲା, ଯେତେବେଳେ କି ଫ୍ରାନ୍ସ ଏବଂ ୟୁରୋପରୁ ସମସ୍ତ ଆମଦାନି ବନ୍ଦ ହୋଇ ଯାଇଥିଲା । ମୁଁ ସେହି ସମ୍ବନ୍ଧରେ କହୁଛି । ତୁମେ ଜାଣିଛ ପଣ୍ଡିଚେରୀ ଏକ ଫରାସୀ-ଶାସିତ ରାଜ୍ୟ ଥିଲା ଏବଂ ବର୍ତ୍ତମାନ ଭଳି ଭାରତୀୟ ଜିନିଷସବୁ ଏଠାକୁ ଏତେ ଅବାଧ ଭାବରେ ଆସୁ ନ ଥିଲା । ଦିନେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ପାଇଁ ଚମ୍ପକଲାଲଙ୍କୁ ଏକ ବାର୍ ସାବୁନ ଦେଇଥିଲେ ଏବଂ ପୂର୍ବରୁ ଦେଇଥିବା ବାର୍ ସାବୁନର ଶେଷ ଖଣ୍ଡମାନ ସେ ରଖିଛନ୍ତି କି ବୋଲି ପଚାରିଥିଲେ । ସେ ଯେ ତାହା ରଖିଥିବେ ତାହା ଶ୍ରୀମା ଜାଣିଥିଲେ । ଚମ୍ପକଲାଲ ଯେତେବେଳେ 'ହଁ' କହିଲେ ଶ୍ରୀମା କହିଲେ, ''ଦେଖ ! ପବିତ୍ରଙ୍କୁ ମୁଁ ପୁରୁଣା ସାବୁନର ସବୁ ଶେଷ ଖଣ୍ଡତକ ଦେଇଥିଲି । ସେ ସେସବୁ ନେଇ ଗୋଟିଏ ଲମ୍ବା ସାବୁନ ତିଆରି କରିଥିଲେ । ତେଣୁ ଶ୍ରୀଅରବିନ୍ଦଙ୍କ ଦ୍ୱାରା ବ୍ୟବହୃତ ହୋଇ ସାରିଥିବା ଛୋଟ ଛୋଟ ବଳକା ସାବୁନଗୁଡ଼ିକ ତୁମେ ଯଦି ଦେବ, ଆମେ ଆଉ ଗୋଟିଏ ବଡ଼ ସାବୁନ ତିଆରି କରି ପାରିବା; ମୋ ପାଖରେ ବର୍ତ୍ତମାନ କେବଳ ଆଠ, ଦଶଟି ବାର୍ ସାବୁନ ରହିଛି ଏବଂ ତୁମେ ଜାଣିଛ ଏ ସାବୁନ ପାଇବା କେତେ କଷ୍ଟକର କାମ'' ।

ଚମ୍ପକଲାଲ ଏହାର କିଛି ଉତ୍ତର ଦେଇ ନ ଥିଲେ । ତାଙ୍କ ମୁହଁରେ ଏକ କୁଣ୍ଠାଭାବ ମା ଲକ୍ଷ୍ୟ କରି ପଚାରିଲେ ''କ'ଣ, ଅନିଚ୍ଛୁକ'' ? ଯେହେତୁ ମା କହିଛନ୍ତି, ତେଣୁ ଚମ୍ପକଲାଲ ସେ ସାବୁନ ଖଣ୍ଡଗୁଡ଼ିକୁ ଆଣିବାକୁ ଗଲେ । ଚମ୍ପକଲାଲ ଯାହା ଆଗରୁ କରି ଆସୁଥିଲେ ତାହା ହେଲା – ସେ ଶ୍ରୀଅରବିନ୍ଦ ବ୍ୟବହାର କରିସାରିଥିବା ପ୍ରତି ସାବୁନର ଶେଷଖଣ୍ଡକୁ ଖୁବ୍ ସୁନ୍ଦର ଭାବରେ କାଗଜରେ ଗୁଡ଼ାଇ ତା' ଉପରେ ତାହା କେବେ ବ୍ୟବହୃତ ହୋଇଛି ସେହି ତାରିଖ ଲେଖି ସଯତ୍ନରେ ଗୋଟିଏ ବାକ୍ସରେ ସଜାଡ଼ି ରଖିଥିଲେ । ଚମ୍ପକଲାଲ ତାକୁ ଆଣିଲାବେଳେ ମନେ ମନେ ଭାବିଲେ – ମା'ଙ୍କର ଇଚ୍ଛା ହେଉଛି ପ୍ରଧାନ କଥା – ଆମର ଅଭିରୁଚି ନୁହେଁ । ତେଣୁ ସେ ବାକ୍ସଟିରୁ ସାବୁନ ଖଣ୍ଡମାନ ଖୋଲିବାକୁ ଆରମ୍ଭ କଲେ ଓ ଏହିପରି ଦୁଇ ତିନୋଟି ଖୋଲିଲେ ।

ତା'ପରେ ତାଙ୍କୁ ଗୋଟାଏ ବୁଦ୍ଧି ଦେଖାଗଲା । ସେ ଭାବିଲେ : ପ୍ରଥମେ ମା ଏ ସମସ୍ତ ଦେଖନ୍ତୁ । ସେ ପୂରା ବାକ୍ସଟିକୁ ମା'ଙ୍କ ନିକଟକୁ ନେଲେ ଏବଂ ସେ କାଗଜବନ୍ଧା ହୋଇଥିବା ଛୋଟ ଛୋଟ ସାବୁନ ଖଣ୍ଡସବୁ ମା'ଙ୍କ ନିକଟରେ ଖୋଲିଲେ । ମା ସେସବୁ ଦେଖି କହିଲେ ''ନା, ନା, ମୁଁ ଏହାକୁ ନେବାକୁ ଚାହୁଁ ନାହିଁ'' । ଚମ୍ପକଲାଲ ନୀରବ ରହିଲେ । ତା'ପରେ ମା କହିଲେ, ''ଚମ୍ପକଲାଲ ! ନା ନା ତୁମେ ଏହାକୁ ରଖ । ମୁଁ ତୁମକୁ ଏହା ଦେବାକୁ କହୁ ନାହିଁ । ଏଗୁଡ଼ିକ ବେଶ୍ ସୁନ୍ଦର ହୋଇ ବନ୍ଧା ହୋଇଛି । ଚମ୍ପକଲାଲ ! ତୁମେ ଜାଣ ସାରା ଜଗତର ମିତବ୍ୟୟିତା ପାଇଁ ମୁଁ ଦାୟୀ । ସେହି କାରଣରୁ ଆଶ୍ରମରୁ ହିଁ ମୋତେ ଏହି କାର୍ଯ୍ୟ ଆରମ୍ଭ କରିବାକୁ ପଡୁଛି'' ।

ଏଇଥିରୁ ମା'ଙ୍କ କାର୍ଯ୍ୟର ଧାରା ଯାହାକି ସହଜରେ ବୁଝି ହୁଏନି କିଂବା ପସନ୍ଦ କରି ହୁଏନି, ତାହା ଜାଣିବା ପାଇଁ ଗୋଟିଏ ସୂତ୍ର ମିଳିଲା । ଏହିପରି ଅନେକ କିଛି ଘଟଣା ଘଟିଛି । ଭଗବତ୍ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ଶ୍ରୀମା, ଯେକି ମାନବ ଜୀବନର ରୂପାନ୍ତର ପାଇଁ ଓ ସାମାଜିକ ଜୀବନର ଉନ୍ନତି ତଥା ପରିବର୍ତ୍ତନ ପାଇଁ କାର୍ଯ୍ୟ କରୁଥିଲେ, ସେ ନିଜକୁ ଏସବୁ ପାଇଁ ଦାୟୀ ବୋଲି ଭାବୁଥିଲେ (ସେତେବେଳେ ଯୁଦ୍ଧର ସମୟ ଥିଲା ଏବଂ ସବୁକିଛି ସାଇତି ରଖିବାକୁ ପଡୁଥିଲା); ତାଙ୍କର ଦୃଷ୍ଟାନ୍ତକୁ ଯଦି ଗୁରୁତ୍ୱ ଦେବାକୁ ହେବ, ଯଦି କୌଣସି ଜିନିଷ ନଷ୍ଟ ନ କରିବା ପାଇଁ ସେ ଲୋକମାନଙ୍କୁ କହିବେ ତାହାହେଲେ ତାଙ୍କୁ ନିଜକୁ ପ୍ରଥମେ ମିତବ୍ୟୟୀ ହେବାକୁ ପଡ଼ିବ । ତାଙ୍କ ଭଳି ଜଣେ ଭଗବାନଙ୍କ ଅବତାର, ଯାହାଙ୍କର କି ଏତେ ବିରାଟ ଗୁହ୍ୟ ଏବଂ ଆଧ୍ୟାତ୍ମିକ ଶକ୍ତି ଥିଲା, ତାଙ୍କୁ ମଧ୍ୟ ଛୋଟ ଛୋଟ

ସାବୁନ ଖଣ୍ଡମାନ ସଂଚୟ କରିବାକୁ ପଡ଼ିଲା । କାରଣ ପୃଥିବୀର ଅର୍ଥର ଯଥୋଚିତ ବ୍ୟବହାର ଉପରେ ସେ ଏଠାରେ ଯାହା କରୁଛନ୍ତି ତାହାର ପ୍ରଭାବ ପଡୁଥିଲା । ତେଣୁ ଆମେ ଯେଉଁମାନେ କି ମା'ଙ୍କର ଶିଷ୍ୟ ବୋଲି ଦାବି କରୁଛେ, ଯେଉଁମାନେ କି ପୂର୍ଣ୍ଣାଙ୍ଗ ରୂପାନ୍ତର ଯୋଗର ସାଧକ ବୋଲି କହୁଛେ, ଆମ ପ୍ରତ୍ୟେକଙ୍କର ସେଦିଗରେ କେତେ ଯେ ଦାୟିତ୍ୱ ରହିଛି ଏହା ତୁମେ ସହଜେ ଅନୁମାନ କରି ପାରୁଥିବ । ଏସବୁ କଥାରୁ ମୁଁ ବୁଝିଲି କାହିଁକି ଶ୍ରୀଅରବିନ୍ଦ କହୁଥିଲେ ପୃଥିବୀରେ ପ୍ରତ୍ୟେକଟି କ୍ଷୁଦ୍ର ଘଟଣାର ଏକ ସ୍ପନ୍ଦନ ରହିଛି ଓ ସମଷ୍ଟି ଉପରେ ଏହାର ଏକ ପ୍ରଭାବ ରହିଛି । ତେଣୁ କଥାବାର୍ତ୍ତାରେ, ଜିନିଷପତ୍ରର ଅପଚୟ ଭଳି କ୍ଷୁଦ୍ର କାର୍ଯ୍ୟରେ ମଧ୍ୟ ନିୟମ ହେଉଛି ଆମ୍ଭେମାନେ ଭଗବଦ୍‌ଦତ୍ତ ସାମଗ୍ରୀର ସର୍ବୋତ୍କୃଷ୍ଟ ବ୍ୟବହାର କରୁଛୁ ନା ତା'ର ଅପଚୟ କରୁଛୁ ତାହା ଦେଖିବା କଥା ।

ଜଣେ ବ୍ୟକ୍ତି ଧନୀ ହୋଇପାରେ, ଆଉ ଜଣେ ନିର୍ଧନ ହୋଇପାରେ, କିନ୍ତୁ ସମସ୍ତଙ୍କ ପାଇଁ ନିୟମ ଏକ : ଯାହା ତାଙ୍କୁ ଦିଆ ହୋଇଛି, ତାହାର ସର୍ବୋତ୍କୃଷ୍ଟ ତଥା ଉପଯୁକ୍ତ ବ୍ୟବହାର ହେଉଛି କି ନାହିଁ, ଏ ପ୍ରଶ୍ନ ପ୍ରତ୍ୟେକେ ନିଜକୁ ପଚାରିବା ଉଚିତ; ତାହା ହେଉଛି ସାଧକମାନଙ୍କର ଆନ୍ତରିକତାର ଅନ୍ୟ ଏକ ପରୀକ୍ଷା । ଯଦି ଆଶ୍ରମ ଜୀବନ ଧାରାକୁ ବାହାରେ ଯାପନ କରିବାକୁ ହୁଏ ତେବେ ଏହି ପ୍ରକାର ଟିକିନିଖି ବ୍ୟକ୍ତିଗତ କଥାରୁ ହିଁ ଆରମ୍ଭ କରିବାକୁ ହେବ । ବ୍ୟକ୍ତିକୁ ଭାବିବାକୁ ହେବ ଯେ ସେ ମା'ଙ୍କ ଦ୍ୱାରା ପରିଚାଳିତ ଏକ ଗୋଷ୍ଠୀର ଜଣେ ସଭ୍ୟ ଏବଂ ତା'ର ଏହି ଦ୍ୱୈତ ଦାୟିତ୍ୱ ପ୍ରତି ସମ୍ମାନ ପ୍ରଦର୍ଶନ କରିବାକୁ ପଡ଼ିବ । ଏହି ଦ୍ୱୈତ ଦାୟିତ୍ୱ ହେଲା ମା'ଙ୍କ ପ୍ରତି ଏବଂ ବାହାର ସମାଜ ପ୍ରତି ଦାୟିତ୍ୱ, ଯେପରିକି ଆଦର୍ଶ ବୋଲି ବିଚାର କରାଯାଉଥିବା ଏବଂ ସେହି ଆଦର୍ଶ ହାସଲ ପାଇଁ ଉଦ୍ୟମରତ ଥିବା ଏକ ଗୋଷ୍ଠୀର ସେ ଜଣେ ପ୍ରତିନିଧି । ବାହାର ଲୋକଙ୍କ ଦାୟିତ୍ୱ ଅପେକ୍ଷା ତୁମମାନଙ୍କର ଦାୟିତ୍ୱ ଅଧିକ । କେତେକ କ୍ଷେତ୍ରରେ ଆଶ୍ରମରେ ଥିବା ସାଧକମାନଙ୍କର ଦାୟିତ୍ୱ ଅପେକ୍ଷା ବାହାର ଦୁନିଆରେ ଥିବା ସାଧକମାନଙ୍କର ଦାୟିତ୍ୱ ମଧ୍ୟ ଅଧିକ ।

*ପ୍ରଶ୍ନ : ଆପଣ କହୁଛନ୍ତି ଆଶ୍ରମରେ ଥିବା ସାଧକମାନଙ୍କ ଅପେକ୍ଷା ବାହାରର ସାଧକମାନେ ବହୁତ କିଛି ଅସୁବିଧାର ସମ୍ମୁଖୀନ ହୁଅନ୍ତି । ମୁଁ ବ୍ୟକ୍ତିଗତ ଭାବରେ ଅନୁଭବ କରେ ଯେ ଏହା ଠିକ୍ ବିପରୀତ । ଆମର ଆଶ୍ରମ ହେଉଛି ଗୋଟିଏ ଛୋଟ ସଂସାର, ଯେଉଁଠାରେ କି ସବୁପ୍ରକାର ଚରିତ୍ରର ଲୋକମାନେ ଅଛନ୍ତି । ବାହାର ଦୁନିଆରେ ମୋତେ ଯଦି ଭଲ ନ ଲାଗେ, ତା'ହେଲେ ମୋର ସ୍ଥାନ ଏବଂ ମୋର ଅବସ୍ଥା ପରିବର୍ତ୍ତନ କରିପାରେ । ଏଠାରେ ମୁଁ ତାହା କରି ପାରିବି ନାହିଁ । ଆଶ୍ରମରେ ମୋର ଜୀବନ ଶୋଚନୀୟ ହୋଇପଡ଼ିବ । ମୁଁ କ'ଣ କରିବା ଉଚିତ ଆପଣ କିଛି କହିପାରିବେ କି ?*

**ଉତ୍ତର** : ମୁଁ ଏହା ହିଁ ବିଚାରି ଥିଲି ଯେତେବେଳେ ମୋର ବକ୍ତବ୍ୟ ଆରମ୍ଭରେ ମୁଁ କହିଥିଲି ଯେ ଆଶ୍ରମରେ ଭୌତିକ ସ୍ତର ଅପେକ୍ଷା ମନସ୍ତାତ୍ତ୍ୱିକ ସ୍ତରରେ ଚାପ ଅଧିକ । ଏଠାରେ ତୁମ ଉପରେ ଯେଉଁ ପରିବେଶ ଜବରଦସ୍ତ ଲଦି ଦିଆଯାଇଛି, ତା' ମଧ୍ୟରେ ସମନ୍ୱୟ ରକ୍ଷା କରି ଚଳିବା ପାଇଁ ମନସ୍ତାତ୍ତ୍ୱିକ ସ୍ତରରେ ସର୍ବଦା ସଂଘର୍ଷ ଲାଗି ରହିଥାଏ । ଏହା ସହଜେ ବୁଝାଯାଏ । ଶ୍ରୀଅରବିନ୍ଦ ଦିବ୍ୟଜୀବନ ଗ୍ରନ୍ଥର ଶେଷ ଅଧ୍ୟାୟରେ ବର୍ଣ୍ଣନା କରିଛନ୍ତି – ଏହି ପ୍ରକାର ଗୋଷ୍ଠୀସବୁ ଯାହାକି ନିଜକୁ ଉର୍ଦ୍ଧ୍ୱତର ଚେତନାରେ ପରିବର୍ତ୍ତନ କରିବା ପାଇଁ ଚେଷ୍ଟା କରୁଥିବା କେତେକ ବ୍ୟକ୍ତିଙ୍କ ଦ୍ୱାରା ଗଠିତ ହୋଇଛି, ସେମାନେ ସାଧାରଣତଃ ସମାଜର ଉଚ୍ଚତର କ୍ଷେତ୍ରରୁ ଏଠାକୁ ଆସିଥା'ନ୍ତି; କିଛି ଲୋକ ମଧ୍ୟ ଅପରିପକ୍ୱ ସ୍ତରରୁ ଏଠାକୁ ଆସିବାର ଆବଶ୍ୟକତା ରହିଛି । ତେଣୁ ଗୋଟାଏ ଦୃଷ୍ଟିରୁ ଦେଖିଲେ ସେମାନେ ମାନବସମାଜର ବୈଶିଷ୍ଟ୍ୟର ପ୍ରତିନିଧିତ୍ୱ କରନ୍ତି । ସେହିପରି ଅନ୍ୟ ଦୃଷ୍ଟିରୁ ବିଚାର କଲେ ସେମାନେ ମାନବଜାତିର ଅତି ଖରାପ ଅବସ୍ଥାର ମଧ୍ୟ ପ୍ରତିନିଧିତ୍ୱ କରନ୍ତି । ଶ୍ରୀଅରବିନ୍ଦ କହିଛନ୍ତି ଯେ ଏହାର ଆବଶ୍ୟକତା ରହିଛି । କେତେକ ବ୍ୟକ୍ତିଙ୍କୁ ସେମାନଙ୍କ ବିରୋଧୀ ପ୍ରକୃତି ଯୋଗୁଁ ଏଠାକୁ ଆସିବାକୁ ବଛା ଯାଇଛି । କାରଣ କେବଳ ଯଦି ସାତ୍ତ୍ୱିକ ପ୍ରକୃତିର ଉତ୍ତମ ବ୍ୟକ୍ତି, ନମ୍ର ପ୍ରକୃତିର ବ୍ୟକ୍ତିଙ୍କ ଉପରେ ରୂପାନ୍ତର କାର୍ଯ୍ୟ କରାଯାଏ ତାହାହେଲେ ପ୍ରକୃତରେ ତାହା ଠିକ୍ କାର୍ଯ୍ୟକାରୀ ହୁଏ ନାହିଁ । ଏହା ସବୁଠାରୁ ଅବାଧ ଏବଂ ସମସ୍ୟା ଥିବା ପ୍ରକୃତିର ଲୋକଙ୍କ ଉପରେ ମଧ୍ୟ କାର୍ଯ୍ୟ କରିବାର କଥା । ଯଦି ତାଙ୍କରି ଉପରେ ଏହା କାର୍ଯ୍ୟ କରେ ଏବଂ ସଫଳ ହୁଏ, ତାହାହେଲେ ରୂପାନ୍ତରର ଶକ୍ତି ପ୍ରତିଷ୍ଠା ଲାଭ କରିବ । ଏହି କାରଣରୁ ବିଭିନ୍ନ ପ୍ରକୃତିର ବ୍ୟକ୍ତିମାନଙ୍କର

ଏହି କେନ୍ଦ୍ରସ୍ଥଳରେ ଉପସ୍ଥିତି କଥା ଶ୍ରୀଅରବିନ୍ଦ ବୁଝାଇଛନ୍ତି । ଏହା ସମସ୍ତ କଳ୍ପନା-ଜଳ୍ପନାକୁ ଦୋହଲାଇ ଦେଉଛି । ସେମାନେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନେଇ ଦୈବୀ ଇଚ୍ଛା ଯୋଗୁଁ ଏଠାରେ ଅଛନ୍ତି । ସେହି ବ୍ୟକ୍ତିମାନେ ନିଜେ ହୁଏତ ଜାଣି ନାହାନ୍ତି ଏବଂ ଭାବୁଛନ୍ତି ସେମାନେ କାହିଁକି ଏଠାରେ ଅଛନ୍ତି । କିନ୍ତୁ ପ୍ରକୃତ କଥା ହେଲା ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଏଠାକୁ ଅଣା ଯାଇଛି । ଏହି ପୃଷ୍ଠଭୂମି କଥା ମନେରଖି ଆମେ ଯଦି ଉକ୍ତ ବ୍ୟକ୍ତିମାନଙ୍କ ସଂପର୍କରେ ଆସିବା,– ସଂପର୍କ ଅର୍ଥ ସେମାନଙ୍କ ସଙ୍ଗେ ସଂଘର୍ଷ ଯାହାକୁ ଆମେ ଏଡ଼ାଇ ପାରିବା ନାହିଁ, ତେବେ ଯୋଗଦୃଷ୍ଟିରୁ ଆମ ପ୍ରକୃତିର ଏହା ଏକ ପରୀକ୍ଷା ବୋଲି ଗ୍ରହଣ କରି ଆମ୍ଭେମାନେ କେବଳ ପ୍ରଗତି କରି ପାରିବା । ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଅସୁବିଧା ଆସେ ଏବଂ ସେହିସବୁ ପରିସ୍ଥିତିର ସେ ସମ୍ମୁଖୀନ ହୋଇଥାଏ, ଯାହାକି ତାକୁ ସବୁଠାରୁ ଅଧିକ ସାହାଯ୍ୟ କରିବ – ଶ୍ରୀମା ସର୍ବଦା ଏହା କହିଛନ୍ତି । ବିଶେଷ କରି ଜଣେ ସାଧକ ସର୍ବଦା ନିଶ୍ଚିତ ଭାବେ ବୁଝିବା କଥା ଯେ ସେହି ପରିସ୍ଥିତିସବୁ ତା'ର ଚତୁଃପାର୍ଶ୍ୱରେ ଅଛନ୍ତି, ଯେଉଁମାନେ କି ତା'ର ପ୍ରଗତିରେ ସହାୟତା କରିବେ ।

ତେଣୁ ଏଠାରେ ଆମର ପରିବେଷ୍ଟନୀକୁ ଆମକୁ ଗ୍ରହଣ କରିବାକୁ ପଡ଼ିବ । ଆମର ଅଧିକାର ପାଇଁ ଆମର ଲଢ଼େଇ ବୋଲି ଯାହା ଆମେ କହିଥାଉ ତାହା ଆମକୁ ପରିତ୍ୟାଗ କରିବାକୁ ପଡ଼ିବ । ଅନ୍ୟମାନଙ୍କ ସଙ୍ଗେ ଆମକୁ ଖାପଖୁଆଇ ଚଳିବାକୁ ପଡ଼ିବ ଏବଂ ଆମର ଅହଂଭାବକୁ ଦମନ କରିବାକୁ ପଡ଼ିବ, ଏହାହିଁ ହେଲା ପ୍ରକୃତ କଥା । ଯଥାର୍ଥତା ବା ନ୍ୟାଯ୍ୟ କଥା ସଂପର୍କରେ ଆମର ଧାରଣା ପରିତ୍ୟାଗ କରିବାକୁ ପଡ଼ିବ – ଏହାହିଁ ଏକ ଶିକ୍ଷା । ବାହାର ଦୁନିଆ ଭଳି ଜଟିଳ କ୍ଷେତ୍ରରୁ ଆମେ ପଳାୟନ ନ କରି, ତା'ର ସମ୍ମୁଖୀନ ହେବାକୁ ପଡ଼ିବ । ଗତ ତିନି ଦଶନ୍ଧି ଭିତରେ ମୁଁ ମୋ ନିଜର ବ୍ୟକ୍ତିଗତ ଅନୁଭୂତିରୁ ଦେଖିଛି ଯେ କେବଳ ଅଳ୍ପ କେତେକ ଘଟଣା ବ୍ୟତୀତ ମୋର ଉଦ୍ୟମ କେବେ ହେଲେ ବିଫଳ ହୋଇ ନାହିଁ । ଦିନେ ନା ଦିନେ ସତ୍ୟ ଯେ ପ୍ରକାଶିତ ହେବ ଏବଂ ସଦିଚ୍ଛା ଯେ କୃତକାର୍ଯ୍ୟ ହେବ ଏହି ଦୃଢ଼ ବିଶ୍ୱାସ ବରାବର ରହିଛି । ଏକ ଦୃଢ଼ ସଦିଚ୍ଛା ଏବଂ ଭଗବାନଙ୍କ ଉପରେ ସର୍ବଦା ଲାଗି ରହିଥିବା ବିଶ୍ୱାସ କାର୍ଯ୍ୟକାରୀ ହେବାର ସମ୍ଭାବନାକୁ ନଷ୍ଟ କରିବା ଆଦୌ ଉଚିତ ନୁହେଁ । ଚୀନ ଦେଶରେ କଥିତ ଅଛି ଯେ ତୁମେ ସର୍ବଦା ତୁମର ବନ୍ଧୁଙ୍କ ସଙ୍ଗେ ଏପରି ବ୍ୟବହାର କରିବ ଯେପରିକି ଦିନେ ନା ଦିନେ ସେ ତୁମର ଶତ୍ରୁରେ ପରିଣତ ହୋଇ ପାରନ୍ତି ଏବଂ ତୁମର ଶତ୍ରୁ ସଙ୍ଗେ ଏପରି ବ୍ୟବହାର କରିବ ଯେପରିକି ସେ ତୁମର ବନ୍ଧୁରେ ପରିଣତ ହୋଇ ପାରନ୍ତି । ଅର୍ଥାତ୍ ସେହି ଅସାଧାରଣ ଦୂରଦୃଷ୍ଟିରୁ ଏହି ଶିକ୍ଷା ମିଳୁଛି ଯେ କାହାରି ବିରୋଧରେ ସ୍ଥାୟୀଭାବରେ ଦ୍ୱାର ବନ୍ଦ କରିବା ଉଚିତ ନୁହେଁ । ଆମ୍ଭେମାନେ ଆଦୌ ଜାଣୁ ନାହିଁ – ଲୋକମାନେ ପରିବର୍ତ୍ତିତ ହୁଅନ୍ତି, ଲୋକମାନେ ବାଧ୍ୟରେ ପରିବର୍ତ୍ତିତ ହୁଅନ୍ତି । ଏଠାରେ ଏକ ଶକ୍ତି କାର୍ଯ୍ୟ କରୁଛି; ଯାହାକି ଲୋକଙ୍କୁ ପରିବର୍ତ୍ତିତ ହେବାକୁ ବାଧ କରୁଛି ।

ଶ୍ରୀମା ଏପରି ମଧ କହିଛନ୍ତି ଯେ ଜଣେ ବ୍ୟକ୍ତି ଯେ କି ଗତକାଲି ତୁମ ପ୍ରତି ଅନ୍ୟାୟ ଆଚରଣ କରିଛି; ଯଦି ତୁମକୁ ଆଜି ସାକ୍ଷାତ୍ କରେ, ତେବେ ସେ ଗତକାଲି କ'ଣ କରିଛି ତୁମେ ତାହା ସ୍ମରଣ କରିବା ଉଚିତ ନୁହେଁ । ଏହା ସ୍ମରଣ କରିବା ଫଳରେ ତୁମେ ମନସ୍ତାତ୍ତ୍ୱିକ ସ୍ତରରେ ତାହାର ଆସିବା ପୂର୍ବରୁ ଏକପ୍ରକାର ପ୍ରତିରୋଧ ସୃଷ୍ଟି କରୁଛ ଓ ତୁମେ ସେହି କଥା ନେଇ ଘାରି ହେଉଛ । ତେଣୁ ସେ କ'ଣ କରିଛି ମନେ ପକାଉଛି, ସେ କଥା ମନେ ପକାଇବାକୁ ତା'ର ଅନ୍ତଃସତ୍ତା ତାକୁ ସାହାଯ୍ୟ କରୁଛି ଏବଂ ସଂଘର୍ଷ ହେଉଛି । ତାଙ୍କୁ ସ୍ୱଚ୍ଛନ୍ଦରେ ଦେଖାକର; କେବେ ଧରିନିଅ ନାହିଁ ଯେ ସେ ଗତକାଲି ଯେପରି ମନ୍ଦ ପ୍ରକୃତିର ଥିଲା, ଆଜି ସେହିପରି ଥିବ । ଯାହାହେଉ ପଛେ ଅଳ୍ପ କେତେକଙ୍କ ବ୍ୟତୀତ ଏଠାରେ ଥିବା ସବୁଠାରୁ ଖରାପ ବ୍ୟକ୍ତି ମଧ୍ୟରେ ବି କିଛି ଝଲକ ରହିଛି, ଶ୍ରୀମା'ଙ୍କ ପ୍ରତି ଓ ପରମ ପ୍ରଭୁଙ୍କ ପ୍ରତି କିଛି ପ୍ରେମ ରହିଛି । ତା' ନ ଥିଲେ ସେ ଏଠାରେ ରହି ନ ଥା'ନ୍ତା । ଏପରିକି ଆମ ଭିତରେ ଥିବା ସବୁଠାରୁ ଖରାପ ବ୍ୟକ୍ତିଙ୍କ ମଧ୍ୟରେ ବି ଏକ ଉଜ୍ଜ୍ୱଳ ଆଲୋକ ବିନ୍ଦୁ ରହିଛି । ଶ୍ରୀମା ପ୍ରତ୍ୟେକଙ୍କ ଭିତରେ ଥିବା ସେହି କ୍ଷୀଣ ଉଜ୍ଜ୍ୱଳ ଆଲୋକକୁ ନେଇ କାର୍ଯ୍ୟ କରୁଛନ୍ତି; ତାହାକୁ ପ୍ରସାରିତ କରୁଛନ୍ତି, ତାହା ପାଇଁ ବାଟ ଖୋଲି ଦେଉଛନ୍ତି ଏବଂ ଆମେ ଯାହା ଆଶା କରୁଛେ ତାହା ହେଉଛି – ଦିନେ ନା ଦିନେ ସେହି ଆଲୋକ ସାମନାକୁ ନିଶ୍ଚୟ ଆସିବ ଓ ତା'ର ଚତୁଃପାର୍ଶ୍ୱରେ ଜୀବନକୁ ସଂଗଠିତ କରିବ । ତାହାହେଲେ ଆମର ବ୍ୟକ୍ତିଗତ ଅସୁବିଧା ସବୁ ବହୁ ପରିମାଣରେ ଲାଘବ ହେବ । ଯଦି ଅନ୍ୟ ବ୍ୟକ୍ତି ପରିବର୍ତ୍ତିତ ନ ହୁଅନ୍ତି ତାହାହେଲେ ସେମାନଙ୍କର କ୍ଷତି, କିନ୍ତୁ ଏହି ସମସ୍ତ ପ୍ରକ୍ରିୟାରେ ତୁମେ ହିଁ ଲାଭବାନ୍ ହେବ । କିଛି ସମୟ ପରେ ଅନ୍ୟ ବ୍ୟକ୍ତିଙ୍କର

ବ୍ୟବହାର ତୁମକୁ ପ୍ରଭାବିତ କରିବ ନାହିଁ । ତୁମେ ଠିକ୍ ଜାଣି ପାରିବ ସେମାନଙ୍କ ଆଡୁ କ'ଣ ଆସୁଛି ଓ ତୁମେ ସେଥିପାଇଁ ପ୍ରସ୍ତୁତ ହୋଇ ଯାଇଥିବ । କିନ୍ତୁ ଏହା ଏକ ବଡ଼ ଶିକ୍ଷା । ଶ୍ରୀମା ଥରେ କହିଥିଲେ – ଯାହା ଶିଖିବାକୁ ଲୋକମାନଙ୍କୁ ସାଧାରଣତଃ ଆଠ କିଂବା ଦଶ ଜନ୍ମ ଲାଗିଥା'ନ୍ତା, ତାହା ସେମାନେ ଏଠାରେ ଗୋଟିଏ ଜନ୍ମରେ ଶିଖିଥା'ନ୍ତି । ଏହା ଅଭିବୃଦ୍ଧିର ଏକ କ୍ଷେତ୍ର, ଏହା ଏକ ଟେଲିସ୍କୋପିକ୍ ଅନୁଭୂତି ।

ସର୍ବୋପରି ମୁଁ ଅନୁଭବ କରୁଛି ଯେ ଜଣେ ଆଧ୍ୟାତ୍ମିକ ସାଧକଙ୍କ ପକ୍ଷରେ ଏଠାରେ ସେ ଭୋଗ କରୁଥିବା ସମସ୍ତ କଷ୍ଟ, ସମସ୍ତ ଅସୁବିଧା ତାଙ୍କ ପାଇଁ କଲ୍ୟାଣକର ।

(୧୯୯୯ ସେପ୍ଟେମ୍ବର ସଂଖ୍ୟା Service Letter ରେ ପ୍ରକାଶିତ *Responsibilities of a Sadhak* ର ଓଡ଼ିଆ ଅନୁବାଦ)

ଅନୁବାଦ : ପ୍ରୀତି ପଟ୍ଟନାୟକ

ଖାଲି କେନ୍ଦ୍ରଟିଏ ଖୋଲି ଦେଲେ ଯେ ଯଥେଷ୍ଟ ହେଲା, ତା' ନୁହେଁ । ଏହି କେନ୍ଦ୍ର ହେବା ଉଚିତ ଭଗବାନଙ୍କ ନିକଟରେ ପରିପୂର୍ଣ୍ଣ ଆତ୍ମୋତ୍ସର୍ଗ ସହ ଅଖଣ୍ଡ ଆନ୍ତରିକତାର ଏକ ବିଶୁଦ୍ଧ ଯଜ୍ଞକୁଣ୍ଡ ।
ଆନ୍ତରିକତାର ଏହି ଅଗ୍ନିଶିଖା ଜଗତର ସକଳ ମିଥ୍ୟା ଓ ପ୍ରବଞ୍ଚନାକୁ ଅତିକ୍ରମ କରି ଊର୍ଦ୍ଧ୍ୱକୁ ଉଠିଚାଲୁ ।
(୨୧ ଡିସେମ୍ବର ୧୯୬୨) – ଶ୍ରୀମା

Our constant prayer is to understand the Divine's will and to live accordingly.
(CWM Vol. 14, p. 110) – The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

ସାଧନା-ପରମ୍ପରା :

# ଅଶ୍ୱଘୋଷଙ୍କ ବୁଦ୍ଧଚରିତ

## (୫)

[ସଂସ୍କୃତ ଭାଷାରେ ରଚିତ ଅଶ୍ୱଘୋଷଙ୍କ କାବ୍ୟ **'ବୁଦ୍ଧ ଚରିତ'** ପୃଥିବୀର ବିଭିନ୍ନ ଭାଷାରେ ଅନୂଦିତ ହୋଇ ବହୁ ପ୍ରସିଦ୍ଧି ଲାଭ କରିଛି । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ ଅଶ୍ୱଘୋଷ ଜୀବିତ ଥିଲେ । ସେ ସାକେତର ଏକ ବ୍ରାହ୍ମଣ ବଂଶରେ ଜନ୍ମ ଗ୍ରହଣ କରି ବ୍ରାହ୍ମଣ୍ୟ ଶାସ୍ତ୍ରରେ ଅସାଧାରଣ ପାଣ୍ଡିତ୍ୟ ଲାଭ କରିଥିଲେ ଓ ପରେ ବୌଦ୍ଧ ହୋଇ ଯାଇଥିଲେ । ତାଙ୍କର ଏହି କାବ୍ୟ ୪୧୪-୪୨୧ ଖ୍ରୀଷ୍ଟାବ୍ଦରେ ଚୀନ୍ ଭାଷାରେ ଅନୂଦିତ ହୋଇଥିଲା । ପରେ ତିବ୍ବତ, ଜାପାନ ଓ ଇଉରୋପର ବିଭିନ୍ନ ଭାଷାରେ ଅନୂଦିତ ହୋଇ ଇଉରୋପୀୟ ପଣ୍ଡିତ-ସମାଜରେ ବହୁ ସମାଦର ଲାଭ କରିଥିଲା । ଏପରିକି ଅନେକେ ଏହି କାବ୍ୟକୁ କାଳିଦାସଙ୍କ କାବ୍ୟର ସମପର୍ଯ୍ୟାୟର ବୋଲି ମନେ କରନ୍ତି । ଏହି କାବ୍ୟର କେତେକ ନିର୍ବାଚିତ ଅଂଶ 'ନବଜ୍ୟୋତି'ର କେତୋଟି ସଂଖ୍ୟାରେ ଧାରାବାହିକ ଭାବେ ପ୍ରକାଶ କରାଯାଉଛି ।   – ସଂପାଦକ]

### ଷଷ୍ଠ ସର୍ଗ

ଜଗଜ୍ଜନଙ୍କ ନୟନ ସଦୃଶ ସୂର୍ଯ୍ୟ ଉଦିତ ହେଲେ ଓ କୁମାର ସିଦ୍ଧାର୍ଥ ଭାର୍ଗବ ମୁନିଙ୍କ ଆଶ୍ରମ ନିକଟରେ ଉପସ୍ଥିତ ହୋଇ ସେଠାରେ ପରମ ବିଶ୍ୱାସର ସହ ସୁପ୍ତ ମୃଗଯୂଥ ଓ ଶାନ୍ତିରେ ଅବସ୍ଥିତ ବିହଙ୍ଗକୁଳ ଦେଖି ବିଶ୍ରାମ ନିମନ୍ତେ ଅଶ୍ୱରୁ ଅବତରଣ କଲେ । 'ନିସ୍ତାର ପାଇଗଲି' ଏହି ବାକ୍ୟ ଉଚ୍ଚାରଣ ପୂର୍ବକ ଛନ୍ଦକଙ୍କୁ କହିଲେ, ''ହେ ସୌମ୍ୟ, ସୁପର୍ଣ୍ଣ ଭଳି ଦ୍ରୁତଗତି ଏହି ତୁରଙ୍ଗମକୁ ଅନୁଗମନ କରି ମୋ ପ୍ରତି ଭକ୍ତି ଓ ନିଜର ସାମର୍ଥ୍ୟ ପ୍ରଦର୍ଶନ କରିଛ । ତୁମର ପ୍ରଭୁପ୍ରୀତି ଓ ସାମର୍ଥ୍ୟ ମୋର ହୃଦୟ ହରଣ କରିଛି । ଅନେକଙ୍କର ସ୍ନେହ ନ ଥାଏ କିନ୍ତୁ ସାମର୍ଥ୍ୟ ଥାଏ, ଅନେକଙ୍କର ସ୍ନେହଭକ୍ତି ଥାଏ କିନ୍ତୁ ସାମର୍ଥ୍ୟ ନ ଥାଏ; ତୁମ ଭଳି ସ୍ନେହଭକ୍ତିମାନ୍ ଏବଂ ସମର୍ଥ ପୁରୁଷ ପୃଥିବୀରେ ଅତ୍ୟନ୍ତ ଦୁର୍ଲଭ । ତୁମେ ମୋର ଅତ୍ୟନ୍ତ ପ୍ରିୟ କାର୍ଯ୍ୟ କରିଛ, ମୁଁ ମୋର ଅଭିଳଷିତ ସ୍ଥାନ ପାଇଛି, ଅଶ୍ୱ ନେଇ ତୁମେ ପ୍ରତ୍ୟାବର୍ତ୍ତନ କର ।'' ଏହା କହି କୁମାର ନିଜର ଭୂଷଣ ସମୂହ ଛନ୍ଦକଙ୍କୁ ପ୍ରଦାନ କଲେ ଓ ମୁକୁଟରୁ ଉଜ୍ଜ୍ୱଳ ମଣିଟି କାଢ଼ି ଛନ୍ଦକଙ୍କ ହାତରେ ଦେଇ କହିଲେ, ''ଏହି ମଣି ସହ ନୃପତିଙ୍କୁ ବାରବାର ପ୍ରଣାମ କରି, ତାଙ୍କର ସନ୍ତାପନିବୃତ୍ତି ପାଇଁ ପରମ ବିଶ୍ୱାସର ସହ କହିବ ଯେ ମୁଁ ଜରାମରଣନାଶ ପାଇଁ ହିଁ ତପୋବନରେ ପ୍ରବେଶ କରୁଛି । ସ୍ୱର୍ଗଲାଭ-ତୃଷ୍ଣାରେ ବା ସ୍ନେହର ଅଭାବ ହେତୁ ବା କ୍ରୋଧବଶତଃ ନୁହେଁ । ବିଚ୍ଛେଦ ଧ୍ରୁବ ବୋଲି ଜାଣି ହିଁ ମୁଁ ମୋକ୍ଷର ପଥ ନେଇଛି ଯେଉଁଥିରେ ଆଉ ସ୍ୱଜନ ବିଚ୍ଛେଦ ହୁଏ ନାହିଁ । ଶୋକ ଦୂର କରିବା ଲାଗି ହିଁ ମୁଁ ନିଷ୍କ୍ରାନ୍ତ ହୋଇଛି, ମୋ ପାଇଁ ଶୋକ କରିବା ଉଚିତ ନୁହେଁ । ଶୋକର ମୂଳ – ବିଷୟ ଭୋଗରେ ଆସକ୍ତ ବ୍ୟକ୍ତିମାନଙ୍କ ପାଇଁ ହିଁ ଶୋକ କରିବା ଉଚିତ । ଆମ ପୂର୍ବପୁରୁଷଙ୍କ ଧର୍ମନିଷ୍ଠାର ଉତ୍ତରାଧିକାରୀ ରୂପେ ମୁଁ ଏହି ମାର୍ଗ ଗ୍ରହଣ କରିଛି । ମନୁଷ୍ୟମାନଙ୍କ ମୃତ୍ୟୁରେ ସେମାନଙ୍କ ଅର୍ଥର ଉତ୍ତରାଧିକାରୀ ଅନେକେ ମିଳିବେ, କିନ୍ତୁ ସେମାନଙ୍କ ଧର୍ମର ଉତ୍ତରାଧିକାରୀ ମିଳିବା ଦୁର୍ଲଭ । ଆଉ ଯଦି ତୁମେ କୁହ ଯେ ମୁଁ ଅସମୟରେ ବନଗମନ କରୁଛି, ତା'ର ଉତ୍ତର ହେଉଛି, 'ଏହି ଚଞ୍ଚଳ ଜୀବନରେ ଧର୍ମର ଅସମୟ କିଛି ନାହିଁ ।' ତେଣୁ ଆଜି ହିଁ ମୋତେ ପରମ କଲ୍ୟାଣ ଅର୍ଜନ କରିବାକୁ ହେବ, ମୋର ସିଦ୍ଧାନ୍ତର ଧରଣ ଏହା ହିଁ । ମୃତ୍ୟୁ ଯେତେବେଳେ ପ୍ରତିଦ୍ୱନ୍ଦ୍ୱୀ ରୂପେ ଦଣ୍ଡାୟମାନ ସେତେବେଳେ ଜୀବନ ଉପରେ କ'ଣ ଆସ୍ଥା ?

''ହେ ସୌମ୍ୟ, ତୁମେ ରାଜାଙ୍କୁ ଏହି ସମସ୍ତ ବିଷୟ ଜଣାଇବ, ସେ ଯେପରି ମୋତେ ସ୍ମରଣ ନ କରନ୍ତି ସେଥିପାଇଁ ଚେଷ୍ଟା କରିବ । ବରଂ ରାଜାଙ୍କୁ ମୋର ଗୁଣହୀନତା ବିଷୟ କହି ମୋ ଉପରୁ ତାଙ୍କର ସ୍ନେହ ତୁଟି ଯିବା ପାଇଁ ଚେଷ୍ଟା କରିବ, କାରଣ ସ୍ନେହ ଚାଲିଗଲେ ଆଉ ଶୋକ ରୁହେନା ।''

### ଛନ୍ଦକଙ୍କର ଅନୁଯୋଗ

କୁମାରଙ୍କର ଏହି ସମସ୍ତ ବାକ୍ୟ ଶ୍ରବଣ କରି ଛନ୍ଦକ ବାଷ୍ପରୁଦ୍ଧ କଣ୍ଠରେ କହିଲେ, ''ପ୍ରଭୁ, ବାନ୍ଧବମାନଙ୍କ ପାଇଁ

କ୍ଳେଶଦାୟକ ଆପଣଙ୍କର ଏହି ମନୋଭାବ ନଦୀ ପଙ୍କରେ ପତିତ ହସ୍ତୀ ପରି ମୋର ଚିତ୍ତକୁ ଅବସନ୍ନ କରୁଛି । ଆପଣଙ୍କର ଏହି ପ୍ରତିଜ୍ଞା ଶୁଣି ଯାହାର ହୃଦୟ ଲୌହ ପରି ତା'ର ଚକ୍ଷୁରୁ ମଧ୍ୟ ଅଶ୍ରୁ ନିର୍ଗତ ହେବ । ରାଜପ୍ରାସାଦରେ ଶୟନାଭ୍ୟସ୍ତ ଆପଣଙ୍କର ଏହି ସୁକୁମାର ଦେହ କିପରି ତୀକ୍ଷ୍ଣ ଦର୍ଭାଙ୍କୁରସଂକୁଳ ବନ-ଭୂମିରେ ଶୟନ କରିବ ? ହେ ମହାବାହୁ, ସଦ୍‌ଧର୍ମ ତ୍ୟାଗୀ ନାସ୍ତିକଙ୍କ ପରି ଆପଣଙ୍କର ପୁତ୍ରଲୋଭାତୁର ସ୍ନେହଶୀଳ ବୃଦ୍ଧ ରାଜାଙ୍କୁ ପରିତ୍ୟାଗ କରିବା ଉଚିତ ନୁହେଁ । କୃତଘ୍ନ ସତ୍‌କ୍ରିୟା ବିସ୍ମୃତ ହେଲା ପରି ହେ ଦେବ, ପାଳନ ପରିଶ୍ରାନ୍ତା ଦ୍ୱିତୀୟା ଜନନୀଙ୍କୁ ବିସ୍ମୃତ ହେବା ଆପଣଙ୍କର ଉଚିତ ନୁହେଁ । କ୍ଳୀବ ଯେପରି ଲବ୍ଧ ଲକ୍ଷ୍ମୀଙ୍କୁ ପରିତ୍ୟାଗ କରେ; ଶିଶୁ ପୁତ୍ରର ଜନନୀ, ଗୁଣବତୀ, କୁଳୋତ୍ତମା, ପତିବ୍ରତା ଦେବୀଙ୍କୁ ଆପଣ ତ୍ୟାଗ କରିବା ଉଚିତ ନୁହେଁ । ଯଶସ୍ୱୀ ଓ ଧାର୍ମିକମାନଙ୍କ ଭିତରେ ଶ୍ରେଷ୍ଠ ହୋଇ ମଧ୍ୟ ବାସନାରତ ଲୋକ ଯେପରି ତାହାର ଉତ୍କୃଷ୍ଟ ଯଶୋରାଶିକୁ ତ୍ୟାଗ କରେ, ସେହିପରି ଯଶୋଧାରାଙ୍କ ଗର୍ଭଜାତ ଶ୍ଳାଘ୍ୟ ଆପଣଙ୍କ ଶିଶୁପୁତ୍ରକୁ ତ୍ୟାଗ କରିବା ଆପଣଙ୍କର ଉଚିତ ନୁହେଁ । 'ପ୍ରଭୁ' ବନ୍ଧୁ ଓ ରାଜ୍ୟ ତ୍ୟାଗ ପାଇଁ କୃତ-ସଂକଳ୍ପ ହେଲେ ମଧ୍ୟ ଆପଣଙ୍କର ମୋତେ ତ୍ୟାଗ କରିବା ଉଚିତ ନୁହେଁ । ଆପଣଙ୍କ ଚରଣ ଯୁଗଳ ହିଁ ମୋର ଏକମାତ୍ର ଗତି । ରାଜା, ନଗରବାସୀ ଓ ଅନ୍ତଃପୁରବାସୀମାନେ ମୋତେ କ'ଣ କହିବେ ?

''ଆଉ ଆପଣଙ୍କ ଗୁଣହୀନତା ବିଷୟ ରାଜାଙ୍କୁ କହିବାକୁ କହିଲେ; କିନ୍ତୁ ନିର୍ଦ୍ଦୋଷ ମୁନି ସଦୃଶ ଆପଣଙ୍କ ସଂପର୍କରେ କ'ଣ ମୁଁ ମିଥ୍ୟା କହିବି ? ଯେ ଚନ୍ଦ୍ରମାର ଉତ୍ତାପ କଥା କହିବ, ତହିଁରେ କିଏ ବିଶ୍ୱାସ କରିବ ? ଆପଣ ସତତ ଅନୁକମ୍ପାନ୍ୱିତ ଓ ନିତ୍ୟ କରୁଣାର୍ଦ୍ର ହୃଦୟ । ସ୍ନେହଶୀଳ ଜନଗଣଙ୍କୁ ତ୍ୟାଗ କରିବା ଆପଣଙ୍କର ଉଚିତ ନୁହେଁ । ହେ ଧୀର, ପ୍ରସନ୍ନ ହୁଅନ୍ତୁ, ଗୃହକୁ ପ୍ରତ୍ୟାବର୍ତ୍ତନ କରନ୍ତୁ ।''

## କୁମାର ସିଦ୍ଧାର୍ଥଙ୍କ ପ୍ରତ୍ୟୁତ୍ତର

ହେ ଛନ୍ଦକ, ମୋର ବିଚ୍ଛେଦଜନିତ ଏହି ସନ୍ତାପ ପରିତ୍ୟାଗ କର । ମୁଁ ଯଦି ସ୍ନେହବଶତଃ ସ୍ୱଜନଗଣଙ୍କୁ ତ୍ୟାଗ ବି ନ କରେ, ତଥାପି ଶକ୍ତିହୀନ ଆମମାନଙ୍କୁ ମୃତ୍ୟୁ ବଳପୂର୍ବକ ବିଚ୍ଛିନ୍ନ କରାଇବ । ମହତୀ ତୃଷ୍ଣା ଓ ବହୁ ଦୁଃଖ ପାଇ ଯେ ମୋତେ ଗର୍ଭରେ ଧାରଣ କରିଥିଲେ, ମୋର ସେହି ଜନନୀ ଆଜି କେଉଁଠି ଆଉ ମୁଁ ବା କେଉଁଠି ? ପକ୍ଷୀମାନେ ଯେପରି ବାସ-ବୃକ୍ଷରେ ସମାଗତ ହୋଇ ପୁଣି ଅନ୍ୟତ୍ର ଚାଲି ଯାଆନ୍ତି, ଜୀବମାନଙ୍କର ସମାଗମ ମଧ୍ୟ ସେହିପରି ନିୟତ ବିୟୋଗାନ୍ତ । ମେଘସମୂହ ଯେପରି ସମାଗତ ହୋଇ ପୁନରାୟ ଅପଗତ ହୁଅନ୍ତି, ମନେ ହେଉଛି ପ୍ରାଣୀମାନଙ୍କର ମିଳନ ଓ ବିରହ ଠିକ୍ ସେହିପରି । ଯେତେବେଳେ ପରସ୍ପରକୁ ବିଚ୍ଛିନ୍ନ କରି ହିଁ ଏହି ଜଗତ୍ ଚାଲିଛି ସେତେବେଳେ ସ୍ୱପ୍ନସମ ସମାଗମର ସମୟରେ କାହାକୁ ମଧ୍ୟ ନିଜର ବୋଲି ମନେ କରିବା ଉଚିତ ନୁହେଁ । ବୃକ୍ଷମାନଙ୍କର ମଧ୍ୟ ଯେତେବେଳେ ନିଜ ପତ୍ରମାନଙ୍କ ସହ ବିଚ୍ଛେଦ ହେଉଛି ସେତେବେଳେ ପରସ୍ପର ଭିନ୍ନ ପ୍ରକୃତି ମାନବଗଣଙ୍କ ମଧ୍ୟରେ ବିଚ୍ଛେଦ ହେବ ନାହିଁ କାହିଁକି ? ହେ ସୌମ୍ୟ, ସାରା ଜଗତ୍ ଯେତେବେଳେ ଏହିପରି ସେତେବେଳେ ଆଉ ସନ୍ତାପ ନ କରି ଫେରିଯାଅ, ତୁମର ସ୍ନେହ ଯଦି ସ୍ଥାୟୀ ହୁଏ ତେବେ ବର୍ତ୍ତମାନ ଫେରିଯାଇ, ପୁଣି କେବେ ଆସ । କପିଳବସ୍ତୁରେ ମୋ ପାଇଁ ଯେଉଁମାନେ ପଥ ଚାହିଁ ବସିଥିବେ, ସେମାନଙ୍କୁ ମୋ ସଂପର୍କରେ କୁହ, ''ତାହାଙ୍କ ପ୍ରତି ସ୍ନେହ ପରିତ୍ୟାଗ କରନ୍ତୁ ଓ ତାହାଙ୍କର ପ୍ରତିଜ୍ଞା ଶୁଣନ୍ତୁ । ହୁଏତ ସେ ଜରା, ମରଣ କ୍ଷୟ କରି ଶୀଘ୍ର ଏଠାକୁ ଆଗମନ କରିବେ ନ ହେଲେ ବନ୍ଧୁହୀନ ଏକାକୀ ଅକୃତକାର୍ଯ୍ୟ ହୋଇ ବିନଷ୍ଟ ହେବେ ।''

କୁମାରଙ୍କର ଏହି ବାକ୍ୟ ଶ୍ରବଣ କରି ତୁରଗୋତ୍ତମ କନ୍ଥକ ଜିହ୍ୱା ଦ୍ୱାରା ତାଙ୍କ ପାଦ ଲେହନ କଲା ଓ ଉଷ୍ଣ ନିଃଶ୍ୱାସ ମୋଚନ କଲା । କୁମାର ତାହାକୁ ସ୍ପର୍ଶ କରି ବନ୍ଧୁ ପରି କହିଲେ, ''ତୁମେ ଅତି ଉତ୍କୃଷ୍ଟ ଅଶ୍ୱ । ତୁମ ଆଚରଣରେ ତାହା ପ୍ରକାଶ ପାଉଛି । ଉଷ୍ଣ ଶ୍ୱାସ ତ୍ୟାଗ ନ କରି ସହିଷ୍ଣୁତା ଅବଲମ୍ବନ କର । ତୁମର ଏହି ଶ୍ରମ ଶୀଘ୍ର ହିଁ ସଫଳ ହେବ ।''

ଏହାପରେ ସେହି ଧୀର କୁମାର ଛନ୍ଦକଙ୍କ ହସ୍ତରୁ ମଣିଭୂଷିତ ମୁଷ୍ଟି ଓ ସ୍ୱର୍ଣ୍ଣ ଖଚିତ, ଶାଣିତ ଅସି ଗ୍ରହଣ କରି, ନୀଳବର୍ଣ୍ଣ ସେହି ଅସିକୁ ବିଳରୁ ସର୍ପ ପରି କୋଷରୁ ବହିର୍ଗତ କଲେ ଓ ନିଜର ମନୋରମ କେଶ ଛେଦନପୂର୍ବକ ସେହି ଅଂଶୁ-ବିକିରଣକାରୀ ଅସିକୁ ଅନ୍ତରୀକ୍ଷରେ ନିକ୍ଷେପ କରିଲେ । ସ୍ୱର୍ଗବାସୀଗଣ ସେହି ନିକ୍ଷିପ୍ତ ଅସିକୁ ପୂଜାଭିଳାଷରେ ଭକ୍ତିର ସହ ଗ୍ରହଣ କରି ଯଥୋଚିତ ପୂଜା କଲେ । ଅଳଙ୍କାର ଓ ଶିରୋଦେଶରୁ କେଶ ତ୍ୟାଗ କରିବା ପରେ କୁମାର ନିଜର

କାଞ୍ଚନ ହଂସ ଚିତ୍ରିତ ବସନ ଲକ୍ଷ୍ୟ କରି ତା' ପରିବର୍ତ୍ତେ ତପୋବନ ବାସୋପଯୋଗୀ ବସ୍ତ୍ର କାମନା କଲେ । କୁମାରଙ୍କ ମନୋଭାବ ଜାଣି ଜଣେ ଦେବତା ବ୍ୟାଧର ଛଦ୍ମବେଶରେ ସେଠାରେ ଉପସ୍ଥିତ ହୋଇ ନିଜର କଷାୟ ବସ୍ତ୍ର ବିନିମୟରେ କୁମାରଙ୍କ ଶୁକ୍ଳ ବସ୍ତ୍ର ଗ୍ରହଣ କଲା ଓ କୁମାର ସେହି କଷାୟ ବସ୍ତ୍ର ପରିଧାନ କଲା ପରେ ସେହି ଦେବତା ସେହି ଶୁକ୍ଳ ବସ୍ତ୍ର ପରିଧାନ କରି ଦିବ୍ୟ ଶରୀର ଧାରଣପୂର୍ବକ ସ୍ୱର୍ଗକୁ ଗମନ କଲେ ।

ଏହାପରେ ଅଶ୍ୱରକ୍ଷକ ରୋଦନରତ ଛନ୍ଦକଙ୍କୁ ପରିତ୍ୟାଗ କରି କଷାୟଧାରୀ ଧୀର, କୀର୍ତ୍ତିମାନ୍, ମହାତ୍ମା, ସନ୍ଧ୍ୟାକାଳୀନ ମେଘାବୃତ ଚନ୍ଦ୍ରମା ପରି କୁମାର ମଧ୍ୟ ତପୋବନ ଅଭିମୁଖରେ ପ୍ରସ୍ଥାନ କଲେ । ଶୋକାର୍ତ୍ତ ଛନ୍ଦକ ନିଜ ପ୍ରଭୁଙ୍କ ପ୍ରତି ବାରବାର ଦୃଷ୍ଟିପାତ କରି ବାହୁ ଦ୍ୱାରା ଅଶ୍ୱ କନ୍ଥକକୁ ଆଲିଙ୍ଗନ କରି, ନିରାଶ ହୃଦୟରେ ବାରବାର ବିଳାପ କରି ନଗର ଅଭିମୁଖରେ ପ୍ରତ୍ୟାବର୍ତ୍ତନ କଲେ ।

## ସପ୍ତମ ସର୍ଗ

ଅନ୍ୟ ସକଳ ବିଷୟରେ ନିରାସକ୍ତ, ବନଗମନ ଆକାଙ୍‌କ୍ଷାରେ କୁମାର ନିଜ ଦେହକାନ୍ତି ଦ୍ୱାରା ଆଶ୍ରମକୁ ଅଭିଭୂତ କରି ସର୍ବାର୍ଥସିଦ୍ଧଙ୍କ ପରି ଭାର୍ଗବ ମୁନିଙ୍କ ଆଶ୍ରମରେ ପ୍ରବେଶ କଲେ । ମୃଗରାଜ-ଗତି ରାଜପୁତ୍ର ନିଜ ଦେହଶ୍ରୀ ଦ୍ୱାରା ଆଶ୍ରମବାସୀ ସକଳଙ୍କ ଚକ୍ଷୁ ହରଣ କରିଲେ ।

ସସ୍ତ୍ରୀକ ତପସ୍ୱୀ ଚକ୍ରଧରଗଣ ହସ୍ତରେ ଯୂପକାଷ୍ଠ ଧରି କୌତୂହଳରେ ଯେ ଯେଉଁ ଅବସ୍ଥାରେ ଥିଲେ ସେହି ଅବସ୍ଥାରେ ରହି, ଭାରବାହୀ ବୃଷ ପରି ଶିର ଅର୍ଦ୍ଧାବନତ କରି ଇନ୍ଦ୍ର ପ୍ରତିମ ରାଜକୁମାରଙ୍କୁ ଦେଖିବାକୁ ଲାଗିଲେ । କାଷ୍ଠ ସଂଗ୍ରହ ନିମିତ୍ତ ବହିର୍ଗତ ବିପ୍ରଗଣ ସମିତ୍, ପୁଷ୍ପ ଓ କୁଶ ହସ୍ତରେ ପ୍ରତ୍ୟାଗତ ହୋଇ, ତପଃପ୍ରଧାନ ଓ ବିଜ୍ଞ ହୋଇ ମଧ୍ୟ ତାହାଙ୍କୁ ଦେଖିବା ପାଇଁ ଗମନ କରିଲେ, ମଠକୁ ଫେରିଲେ ନାହିଁ । ମୟୂରମାନେ ଆନନ୍ଦରେ ନୃତ୍ୟ କରିବାକୁ ଲାଗିଲେ, ନୀଳମେଘ ଦେଖି କେକାଧ୍ୱନି କରିବା ପରି କୁମାରଙ୍କ ଦର୍ଶନରେ କେକାଧ୍ୱନି କରିବାକୁ ଲାଗିଲେ । ଚଞ୍ଚଳ ନୟନ ମୃଗଗଣ ଓ ମୃଗଚାରୀ ତପସ୍ୱୀମାନେ ତାହାଙ୍କ ଅଭିମୁଖରେ ଗମନ କରିଲେ ।

ଉଦୀୟମାନ ସୂର୍ଯ୍ୟ ପରି ଉଜ୍ଜ୍ୱଳ, ଇକ୍ଷ୍ୱାକୁ କୁଳ ପ୍ରଦୀପ ସେହି ରାଜପୁତ୍ରଙ୍କୁ ଦେଖି ପ୍ରମୁଦିତ ହୋଇ ଦୋହନ ସମାପ୍ତ ହେଲେ ମଧ୍ୟ ହୋମଧେନୁଗଣ ପୁନରାୟ ଦୁଗ୍ଧ କ୍ଷରଣ କରିବାକୁ ଲାଗିଲେ । ତାହାଙ୍କୁ ଦେଖି ବିସ୍ମୟାଭିଭୂତ ମୁନିଗଣ ଉଚ୍ଚ ସ୍ୱରରେ କହିଲେ ''ଏ କ'ଣ ଅଷ୍ଟବସୁମାନଙ୍କ ମଧ୍ୟରୁ କେହି ନା ଅଶ୍ୱିନୀ କୁମାର ସ୍ୱର୍ଗରୁ ଅବତରଣ କରିଛନ୍ତି ।'' ଦେବରାଜ ଇନ୍ଦ୍ରଙ୍କର ଦ୍ୱିତୀୟ ଦେହ ପରି ଚରାଚର ଲୋକଙ୍କ ଆଶ୍ରୟ ସ୍ୱରୂପ ସେ ଯଦୃଚ୍ଛା କ୍ରମେ ଭୂତଳେ ଅବତୀର୍ଣ୍ଣ ସୂର୍ଯ୍ୟଙ୍କ ପରି ସମୁଦାୟ ବନ ଦୀପ୍ତ କରିବାକୁ ଲାଗିଲେ । ଆଶ୍ରମବାସୀମାନଙ୍କ ଦ୍ୱାରା ଯଥୋଚିତ ଅଭ୍ୟର୍ଥନା ପାଇ ଓ ଉପନିମନ୍ତ୍ରିତ ହୋଇ ସେହି ଧୀର ମୋକ୍ଷାକାଙ୍‌କ୍ଷୀ କୁମାର, ସ୍ୱର୍ଗାକାଙ୍‌କ୍ଷୀ ପୁଣ୍ୟକୃତ୍ ଜନପୂର୍ଣ୍ଣ ସେହି ଆଶ୍ରମରେ ବିଚରଣ କରିବାକୁ ଲାଗିଲେ ।

ସୌମ୍ୟମୂର୍ତ୍ତି କୁମାର ତପୋବନରେ ତପୋଧନମାନଙ୍କର ନାନା ଧରଣର ତପସ୍ୟା ନିରୀକ୍ଷଣ କରି, ତତ୍ତ୍ୱ ଜିଜ୍ଞାସୁ ହୋଇ ଅନୁଗମନକାରୀ ଜଣେ ତପସ୍ୱୀଙ୍କୁ କହିଲେ, ''ଆଜି ହିଁ ମୋର ପ୍ରଥମ ଆଶ୍ରମ ଦର୍ଶନ, ମୁଁ ଏହି ଧର୍ମବିଧି ଜାଣି ନାହିଁ । ଅତଏବ ଆପଣମାନଙ୍କ ସଂକଳ୍ପ ମୋତେ କୁହନ୍ତୁ ।'' ଏହା ଶୁଣି ସେହି ଦ୍ୱିଜ – ତପୋବିଶେଷ ଓ ତପସ୍ୟାର ଫଳ, କ୍ରମେ କ୍ରମେ ତାଙ୍କୁ କହିଲେ, ''ଏଠାରେ, ଅକୃଷି ଉତ୍ପନ୍ନ ଅନ୍ନ, ଫଳମୂଳ, ପତ୍ର ଓ ଜଳ ହିଁ ମୁନିଗଣଙ୍କ ବୃତ୍ତି । ତପସ୍ୟା ବିଭେଦରେ ଏହା ଭିନ୍ନ ଭିନ୍ନ । କେହି ବିହଙ୍ଗମାନଙ୍କ ପରି ଉଞ୍ଛବୃତ୍ତି ଦ୍ୱାରା ଜୀବନ ଧାରଣ କରେ, କେହି ବା ମୃଗମାନଙ୍କ ପରି ତୃଣ ଭକ୍ଷଣ କରି, କେହି ବା ବଲ୍ମୀକରେ ପରିଣତ ହୋଇ ଭୁଜଙ୍ଗ ପରି ବାୟୁଭକ୍ଷୀ ହୋଇ ଅବସ୍ଥାନ କରନ୍ତି । କେହି ପ୍ରସ୍ତର ଦ୍ୱାରା ବହୁ ପ୍ରଯତ୍ନରେ ତାହା ଭଗ୍ନ ଓ ଚୂର୍ଣ୍ଣ କରି ଯାହା ଅର୍ଜନ କରନ୍ତି, ତାହା ଆହାର କରନ୍ତି । କେହି ନିଜ ଦନ୍ତ ଦ୍ୱାରା ତୁଷ ଅପସାରଣ କରି ଅନ୍ନ ଭକ୍ଷଣ କରନ୍ତି, କେହି ବା ଅନ୍ୟ ପାଇଁ ଅନ୍ନ ପାକ କରି ଯାହା ଅବଶିଷ୍ଟ ରହେ ତାହା ଆହାର କରନ୍ତି । କେହି ଦ୍ୱିଜ ଜଳସିକ୍ତ ଜଟା କଳାପ ଧାରଣ କରି ମନ୍ତ୍ର ସହ ଦୁଇବାର ଅଗ୍ନିରେ ଆହୁତି ପ୍ରଦାନ କରନ୍ତି, କେହି ବା ମୀନ ପରି ଜଳ ମଧ୍ୟରେ କୂର୍ମମାନଙ୍କ ଦ୍ୱାରା ବିକ୍ଷତ ଦେହରେ ବାସ କରନ୍ତି । ଏହି ଭାବରେ ଯଥାସମୟରେ ସଞ୍ଚିତ ଶ୍ରେଷ୍ଠ ତପସ୍ୟାର ଫଳ ଲାଭ କରି କେହି ସ୍ୱର୍ଗକୁ ଯାଏ, କେହି ବା ନିକୃଷ୍ଟ ତପସ୍ୟା ଫଳରେ ନରଲୋକକୁ ଯାଏ । କ୍ଳେଶଦାୟକ ତପସ୍ୟା ଦ୍ୱାରା ହିଁ ସୁଖ ଲାଭ ହୁଏ । ଦୁଃଖ ହିଁ ଧର୍ମର ମୂଳ ବୋଲି କଥିତ ହୋଇଛି ।''

ରାଜକୁମାର ତପୋଧନଙ୍କ ଏହିସବୁ ବାକ୍ୟ ଶୁଣି ସନ୍ତୁଷ୍ଟ ହୋଇ ପାରିଲେ ନାହିଁ । ସେ ଧୀରେ ଧୀରେ ଆତ୍ମଗତ ଭାବେ

କହିବାକୁ ଲାଗିଲେ, ‘‘ଏହି ବିବିଧ ପ୍ରକାରର ସମସ୍ତ ତପସ୍ୟା ହିଁ ଦୁଃଖାତ୍ମକ ଏବଂ ତପସ୍ୟାର ସର୍ବଶ୍ରେଷ୍ଠ ଫଳ ମଧ୍ୟ ମାତ୍ର ସ୍ୱର୍ଗ ଲାଭ । ସ୍ୱର୍ଗାଦି ସମସ୍ତ ଲୋକ କ୍ଷୟଶୀଳ । ସୁତରାଂ ଆଶ୍ରମବାସୀମାନଙ୍କର ଏହି ଯେଉଁ ଶ୍ରମ ତାହାର ଫଳ ଅତି ସାମାନ୍ୟ । ସ୍ତ୍ରୀ, ବନ୍ଧୁ, ବିଷୟ ପରିତ୍ୟାଗ କରି ଯେଉଁମାନେ ସ୍ୱର୍ଗଲାଭ ଆଶାରେ ଏହିସବୁ ନିୟମ ପାଳନ କରନ୍ତି ସେମାନେ ଏହିସବୁ ବନ୍ଧନରୁ ବିଚ୍ଛିନ୍ନ ହୋଇ ପୁନରାୟ ଅଧିକତର ବନ୍ଧନ ମଧ୍ୟକୁ ଯିବା ପାଇଁ ଇଚ୍ଛୁକ । ତପୋ ନାମକ ଏହି ଶରୀର-କ୍ଲେଶ ଦ୍ୱାରା ଯେ ବିଷୟ ଭୋଗ ପାଇଁ ଉତ୍ତମକୁଳ ବା ଉତ୍ତମ ଲୋକରେ ପୁନର୍ଜନ୍ମ ଆକାଙ୍‌କ୍ଷା କରେ, ସେ ସଂସାରର ଦୋଷ ପରୀକ୍ଷା ନ କରି ଦୁଃଖ ଦ୍ୱାରା ହିଁ ଦୁଃଖ ଅନ୍ୱେଷଣ କରେ ।

‘‘ମୃତ୍ୟୁକୁ ଜୀବଗଣ ସତତ ଭୟ କଲେ ମଧ୍ୟ ସତତ ପୁନର୍ଜନ୍ମ ଆକାଙ୍‌କ୍ଷା କରନ୍ତି । ଜନ୍ମ ହେଲେ ମୃତ୍ୟୁ ଯେତେବେଳେ ଧ୍ରୁବ ସେତେବେଳେ ଯାହାକୁ ସେମାନଙ୍କର ଭୟ, ତହିଁରେ ହିଁ ମଗ୍ନ ହୁଅନ୍ତି । କେହି ଇହଲୋକରେ ସୁଖ ପାଇଁ, କେହି ସ୍ୱର୍ଗଲୋକରେ ସୁଖ ପାଇଁ ପରିଶ୍ରମ କରେ । ଫଳରେ ଏହି ସୁଖର ଆଶାରେ ହିଁ ଦୁର୍ଭାଗ୍ୟ ଜୀବଗଣ ଅନର୍ଥରେ ପଡ଼ନ୍ତି । ବିଜ୍ଞ ଲୋକମାନେ ଏପରି କିଛି କରିବା ଉଚିତ ଯାହାପରେ ଆଉ କିଛି କରିବାର ପ୍ରୟୋଜନ ନ ଥିବ । ଶରୀର ଯେତେବେଳେ ଚିତ୍ତର ହିଁ ବଶୀଭୂତ ହୋଇ କାର୍ଯ୍ୟରେ ପ୍ରବୃତ୍ତ ବା ନିବୃତ୍ତ ହୁଏ, ସେତେବେଳେ ଚିତ୍ତକୁ ହିଁ ସଂଯତ କରିବା ଉଚିତ । ଚିତ୍ତ ବିନା ଶରୀର କାଷ୍ଠତୁଲ୍ୟ ।’’ କୁମାର ଏହି ଭଳି ନାନା ଯୁକ୍ତିଯୁକ୍ତ ବାକ୍ୟ କହିଲେ । ଏଣେ ସୂର୍ଯ୍ୟ ମଧ୍ୟ ଅସ୍ତ ହେଲେ । ସ୍ନାନ ସମାପନ କରି ଋଷିମାନେ ଚତୁର୍ଦ୍ଦିଗରେ ଅବସ୍ଥାନ କରୁଥିଲେ । ହୋମାଗ୍ନି ପ୍ରଜ୍ୱଳିତ ହେଉଥିଲା, ଦେବାଳୟସବୁରୁ ଜପ ଧ୍ୱନିତ ହେଉଥିଲା । ଆଶ୍ରମଟି ମନେ ହେଉଥିଲା ଧର୍ମର ଏକ କର୍ମଶାଳା । ସେହି ଆଶ୍ରମରେ କେତେକ ରାତ୍ରି ଯାପନ କରି କୁମାର ସେହି ତପୋକ୍ଷେତ୍ରରୁ ପ୍ରସ୍ଥାନ କରିବାକୁ ଚାହିଁଲେ ।

ମହର୍ଷିଗଣ କୁମାରଙ୍କ ରୂପ ଓ ମାହାତ୍ମ୍ୟରେ ଆକୃଷ୍ଟ ହୋଇ ତାଙ୍କୁ ଅନୁସରଣ କରିବାକୁ ଲାଗିଲେ ଓ ସେମାନଙ୍କ ମଧ୍ୟରୁ ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତି ତାଙ୍କୁ କହିଲେ, ‘‘ଆପଣଙ୍କ ଆଗମନରେ ଆଶ୍ରମ ଯେପରି ପୂର୍ଣ୍ଣ ହୋଇଥିଲା, ଆପଣ ପ୍ରସ୍ଥାନ କଲେ ପୁଣି ସେପରି ଏହା ଶୂନ୍ୟ ବୋଲି ପ୍ରତିଭାତ ହେବ । ବାଞ୍ଛିତ ଆୟୁ ଜୀବନାଭିଳାଷୀର ଦେହକୁ ତ୍ୟାଗ କଲା ଭଳି ଆପଣ ଆମମାନଙ୍କୁ ତ୍ୟାଗ କରିବା ଉଚିତ ନୁହେଁ । ସମସ୍ତ ଆଶ୍ରମବାସୀ, ସମସ୍ତ ତପର ଆଧାରସ୍ୱରୂପ ଆପଣଙ୍କୁ ସେମାନଙ୍କ ତପଃ ସହାୟ ରୂପେ କାମନା କରନ୍ତି । ଇନ୍ଦ୍ର ଭଳି ଆପଣଙ୍କ ସାନ୍ନିଧ୍ୟରେ ଆମ ଭିତରେ ବୃହସ୍ପତିଙ୍କ ଭଳି ଜ୍ଞାନର ଅଭ୍ୟୁଦୟ ହେବ ।’’

ଆଶ୍ରମର ତପସ୍ୱୀଶ୍ରେଷ୍ଠଙ୍କଠାରୁ ଏହି ଅନୁରୋଧ ଶ୍ରବଣ କରି ପୁନର୍ଜନ୍ମ ନାଶ ପାଇଁ ଦୃଢ଼ପ୍ରତିଜ୍ଞ କୁମାର ନିଜ ଅନ୍ତରର ଭାବ ପ୍ରକାଶ କରି କହିଲେ, ‘‘ମୋ ପ୍ରତି ଆପଣମାନଙ୍କର ଅନ୍ତରର ଏହି ଭାବ ଦେଖି ମୁଁ ଅତ୍ୟନ୍ତ ପ୍ରୀତ ଓ ସମ୍ମାନିତ ହୋଇଛି । ଏହି ଭଳି ସ୍ନିଗ୍ଧ, ହୃଦୟସ୍ପର୍ଶୀ ବାକ୍ୟରେ ମୁଁ ଯେପରି ସ୍ନାତ ହେଲି । ସଦ୍ୟ ଧର୍ମର ପଥିକ ମୁଁ, ଧର୍ମ ପ୍ରତି ପ୍ରୀତି ମୋର ବୃଦ୍ଧି ପାଇଲା । ଆପଣମାନଙ୍କୁ ତ୍ୟାଗ କରିବାରେ ମୁଁ ବନ୍ଧୁତ୍ୟାଗର ଦୁଃଖ ପାଉଛି । ସ୍ୱର୍ଗଲାଭ ପାଇଁ ହିଁ ଆପଣମାନଙ୍କର ଏହି ତପସ୍ୟା । କିନ୍ତୁ ମୋର ଲକ୍ଷ୍ୟ ହେଲା ପୁନର୍ଜନ୍ମର ବିନାଶ । ତେଣୁ ମୁଁ ଏହି ବନରେ ବାସ କରିବାକୁ ଇଚ୍ଛା କରୁ ନାହିଁ । କୌଣସି ଅସନ୍ତୋଷ ଯୋଗୁଁ ବା କାହାର ପୀଡ଼ନରେ ମୁଁ ଏହି ବନ ଛାଡ଼ି ଯାଉ ନାହିଁ । ଆପଣମାନେ ସମସ୍ତେ ପୂର୍ବଯୁଗାନୁରୂପ ଧର୍ମରେ ପ୍ରତିଷ୍ଠିତ, ସମସ୍ତେ ମହର୍ଷି ସଦୃଶ ।’’

କୁମାରଙ୍କର ଏହିପରି ସମୀଚୀନ, ଅର୍ଥପୂର୍ଣ୍ଣ ଓ ସୁସ୍ନିଗ୍ଧ, ଓଜସ୍ୱୀ ବାକ୍ୟ ଶ୍ରବଣ କରି ତପସ୍ୱୀଗଣ ତାଙ୍କୁ ବିଶେଷ ସମ୍ମାନ କଲେ । ସେମାନଙ୍କର ଭିତରୁ ଜଣେ ଦୀର୍ଘଦେହୀ, ଶିଖାଧାରୀ, ବଲ୍କଳ ବାସ ପରିହିତ, କୃଶ, ଈଷତ୍ ପିଙ୍ଗଳାକ୍ଷ ଓ ଦୀର୍ଘ ନାସିକା ବିଶିଷ୍ଟ ଦ୍ୱିଜ କହିଲେ, ‘‘ଆପଣଙ୍କର ଏହି ସଂକଳ୍ପ ପ୍ରକୃତରେ ବିରାଟ । ଯୁବା କାଳରୁ ହିଁ ଆପଣ ଜନ୍ମ ଗ୍ରହଣର ଦୋଷ ଦେଖି ପାରିଛନ୍ତି । ସ୍ୱର୍ଗ ଓ ମୋକ୍ଷ ସଂପର୍କରେ ବିଚାର କରି ମୁକ୍ତି ଲାଭରେ ହିଁ ମତି ବଳାଇଛନ୍ତି । କାମାସକ୍ତ ବ୍ୟକ୍ତି ହିଁ ଏହି ସମସ୍ତ ଯଜ୍ଞ, ତପସ୍ୟା ଓ ନିୟମ ଦ୍ୱାରା ସ୍ୱର୍ଗଲାଭର ଆକାଙ୍‌କ୍ଷା କରେ । କିନ୍ତୁ ସାତ୍ତ୍ୱିକ ବ୍ୟକ୍ତି ଆସକ୍ତି ଆଦି ରିପୁ ବିନାଶ କରି ମୋକ୍ଷ-ଲାଭର ଇଚ୍ଛା କରେ । ଏହାହିଁ ଯଦି ଆପଣଙ୍କର ସ୍ଥିର ସଂକଳ୍ପ ତେବେ ବିନ୍ଧ୍ୟକୋଷ୍ଠକୁ ଯାଇ ପରମ ଶ୍ରେୟରେ ଲବ୍ଧ ଦୃଷ୍ଟି ଅବାଡ଼ ମୁନିଙ୍କଠାରୁ ତତ୍ତ୍ୱମାର୍ଗ ଶ୍ରବଣ କରନ୍ତୁ ଓ ଅଭିରୁଚି ହେଲେ ତାହା ଗ୍ରହଣ କରିବେ ।

‘‘କିନ୍ତୁ ଆପଣଙ୍କର ଯେପରି ମତି ଦେଖୁଛି, ତାହା ସେଇ ମୁନିଙ୍କର ବୁଦ୍ଧିକୁ ମଧ୍ୟ ଅତିକ୍ରମ କରିଯିବ । ଆପଣଙ୍କର ଏହି ଋଜୁ ଉଚ୍ଚ ନାସିକା, ଦୀର୍ଘ ବୃହତ୍ ଚକ୍ଷୁ, ତାମ୍ରବର୍ଣ୍ଣ

ଅଧରୋଷ୍ଠ, ଶୁଭ୍ର ଦନ୍ତରାଜି, ତନୁ ଲୋହିତ ଜିହ୍ୱା ବିଶିଷ୍ଟ ଏହି ଆନନ୍ଦ ସମୁଦାୟ ଜ୍ଞାନର ସମୁଦ୍ରକୁ ପାନ କରିବ । ଆପଣଙ୍କର ଯେଉଁ ଅଗାଧ ଗାମ୍ଭୀର୍ଯ୍ୟ ଓ ଦୀପ୍ତି, ଏବଂ ଆପଣଙ୍କ ଭିତରେ ଯେଉଁସବୁ ଲକ୍ଷଣ ବିଦ୍ୟମାନ, ଆପଣ ସାରା ପୃଥିବୀରେ ଏପରି ଆଚାର୍ଯ୍ୟର ପଦ ପ୍ରାପ୍ତ ହେବେ ଯାହା ପୂର୍ବ ଯୁଗର ଋଷିଗଣ ମଧ୍ୟ ଲାଭ କରି ନାହାନ୍ତି ।'' 'ଉତ୍ତମ' ବୋଲି କହି କୁମାର ଋଷିଗଣଙ୍କୁ ଅଭିନନ୍ଦନ ଜଣାଇ ପ୍ରସ୍ଥାନ କଲେ ଓ ଆଶ୍ରମ-ବାସୀମାନେ ମଧ୍ୟ ଯଥାବିଧି ଶିଷ୍ଟାଚାର ପ୍ରଦର୍ଶନ କରି ତପୋବନରେ ପ୍ରବେଶ କଲେ ।

(କ୍ରମଶଃ)

## ଶାଶ୍ୱତର ଜ୍ଞାନ

**ଶ୍ରୀମା :** ଆତ୍ମାକୁ ଲାଭ କରିବାକୁ ହେଲେ ତୁମକୁ ଏହିଭାବେ ଯିବାକୁ ହେବ (ବୁଡ଼ିଯିବାର ଇଙ୍ଗିତ) ଏହିପରି, ଉପରିଭାଗରୁ ଓହରି ଯାଅ, ଗଭୀରତା ମଧ୍ୟରେ ବୁଡ଼ିଯାଅ ଓ ପ୍ରବେଶ କର, ପ୍ରବେଶ କର, ତଳକୁ ଯାଅ, ତଳକୁ, ଗଭୀର ଗର୍ତ୍ତ ମଧ୍ୟକୁ, ଖୁବ୍ ଗଭୀର, ନିସ୍ତବ୍ଧ, ସ୍ଥିର ଭିତରକୁ; ଏବଂ ସେଠାରେ, ସେଠାରେ ଏକ ପ୍ରକାର... କିଛି ସୌହାର୍ଦ୍ଦ୍ୟପୂର୍ଣ୍ଣ, ଶାନ୍ତ, ସାରଭାଗରେ ମୂଲ୍ୟବାନ୍ ଏବଂ ଖୁବ୍ ନିସ୍ତବ୍ଧ, ନିଶ୍ଚଳ, ସମ୍ପୂର୍ଣ୍ଣ ଏକ ମଧୁରତାର ଅନୁଭବ ସଦୃଶ କିଛି ରହିଛି — ତାହାହିଁ ଆତ୍ମା ।

ତୁମେ ଯଦି ଲାଗିରୁହ ଏବଂ ସଚେତନ ଥାଅ, ତା'ହେଲେ ଏକ ପ୍ରକାର ପ୍ରାଚୁର୍ଯ୍ୟ ଆସିବ ଯାହାକି ସମ୍ପୂର୍ଣ୍ଣ ଓ ଅତଳସ୍ପର୍ଶୀ ଗଭୀରତା ବିଶିଷ୍ଟ ଅନୁଭୂତି କିଛି ଆଣିଦେବ... ଏହା ମଧ୍ୟରେ ଯଦି ତୁମେ ପ୍ରବେଶ କର ତେବେ ମନେହେବ ଅନେକ ରହସ୍ୟ ନିଜକୁ ପ୍ରକାଶିତ କରି ଦେଉଛନ୍ତି... କିଛି ଶାଶ୍ୱତର ପ୍ରତିବିମ୍ବ ଯେପରି ପ୍ରଶାନ୍ତ ଜଳ ଉପରେ ପଡ଼ୁଛି । ଏବଂ ତୁମେ ଆଉ କାଳ ମଧ୍ୟରେ ସୀମିତ ହେବାର ଅନୁଭବ କରିବ ନାହିଁ ।

ତୁମର ଧାରଣା ହେବ ଯେ ତୁମେ ସର୍ବଦା ରହି ଆସିଛ ଏବଂ ଅନନ୍ତ କାଳ ପର୍ଯ୍ୟନ୍ତ ରହିଥିବ ।

ତୁମେ ଯେତେବେଳେ ଆତ୍ମାର ମର୍ମସ୍ଥଳକୁ ସ୍ପର୍ଶକର ସେତେବେଳେ ଏହା ହୁଏ ।

ଏବଂ ଏହି ସଂଯୋଗ ଯଦି ଯଥେଷ୍ଟ ଭାବେ ସଚେତନ ଓ ସମ୍ପୂର୍ଣ୍ଣ ହୋଇଥାଏ, ତେବେ ଏହା ତୁମକୁ ବାହ୍ୟ ଆକୃତିର ବନ୍ଧନରୁ ମୁକ୍ତ କରେ; ତୁମେ ଆଉ ଅନୁଭବ କର ନାହିଁ ଯେ ତୁମର କେବଳ ଏକ ଶରୀର ଅଛି ବୋଲି ତୁମେ ବଞ୍ଚି ରହିଛ । ସାଧାରଣତଃ ଏହାହିଁ ହେଉଛି ମନୁଷ୍ୟର ଇନ୍ଦ୍ରିୟାନୁଭୂତି, ବାହ୍ୟ ଆକୃତି ସହିତ ତାହା ଏତେ ବାନ୍ଧି ହୋଇଛି ଯେ ନିଜେ ଯେତେବେଳେ ''ମୁଁ'' ବୋଲି ଭାବେ, ଶରୀର କଥା ହିଁ ଭାବେ । ଏହା ସ୍ୱାଭାବିକ । ବ୍ୟକ୍ତିର ବାସ୍ତବତା ହେଉଛି ଶରୀରର ବାସ୍ତବତା । ଜଣେ ଯେତେବେଳେ କେବଳ ଆନ୍ତର ଉନ୍ନତି ପାଇଁ ଏବଂ ନିଜର ସତ୍ତା ମଧ୍ୟରେ ଏକ ସାମାନ୍ୟ ଅଧିକ ସ୍ଥାୟୀ କିଛି ପାଇବା ଲାଗି ଚେଷ୍ଟା କରେ, ସେ ଅନୁଭବ କରିବାକୁ ଆରମ୍ଭ କରିପାରିବ ଯେ ଏହି ''କିଛି'', ଯାହା ଯୁଗ ଯୁଗ ଧରି, ସମସ୍ତ ପରିବର୍ତ୍ତନ ମଧ୍ୟରେ ସ୍ଥାୟୀ ଭାବରେ ସଚେତନ ତାହାହିଁ ନିଶ୍ଚିତ ଭାବେ ''ମୁଁ'' ।

(CWM : Vol. 9, pp. 310)

অন্তরাল জগত্ :

# ମୃତ୍ୟୁର ଦେବତା ଓ ମୃତ୍ୟୁ ଦୂତମାନେ

## (ଶ୍ରୀମାଙ୍କ ସଙ୍ଗେ ଏକ କଥୋପକଥନ)

*ପ୍ରଶ୍ନ : କୁହାଯାଇଥାଏ ଯେ ମୃତ୍ୟୁର ଏକ ଦେବତା ଅଛନ୍ତି । ଏହା କେତେଦୂର ସତ୍ୟ ?*

ଶ୍ରୀମା : ହଁ, ମୁଁ ଏହାକୁ ମୃତ୍ୟୁର ସୂକ୍ଷ୍ମସତ୍ତା ବୋଲି କୁହେ । ମୁଁ ଏହାକୁ ଭଲଭାବେ ଜାଣେ । ଏବଂ ତାହା ଏକ ଅସାଧାରଣ ସଙ୍ଗଠନ । ଏହା କେତେଦୂର ସଙ୍ଗଠିତ ତୁମେ ତାହା ଧାରଣା କରିପାରିବ ନାହିଁ ।

ମୋର ବିଶ୍ୱାସ ମୃତ୍ୟୁର ଏହି ସୂକ୍ଷ୍ମସତ୍ତା ବହୁ ସଂଖ୍ୟାରେ ରହିଛନ୍ତି । ଶହ ଶହ ସଂଖ୍ୟାରେ ରହିଛନ୍ତି । ମୁଁ ଏମାନଙ୍କ ଭିତରୁ ଅନ୍ତତଃ ଦୁଇଟିକୁ ଭେଟିଛି । ଗୋଟିକୁ ଫ୍ରାନ୍ସରେ ଓ ଅନ୍ୟଟିକୁ ଜାପାନରେ ଏବଂ ଏମାନେ ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲେ । ଏଥିରୁ ଏହି ବିଶ୍ୱାସ ଉପୁଜେ ଯେ ବୋଧହୁଏ ମାନସିକ କୃଷ୍ଟି, ଶିକ୍ଷା, ଦେଶ ଓ ବିଶ୍ୱାସ ଅନୁସାରେ ଭିନ୍ନ ଭିନ୍ନ ସୂକ୍ଷ୍ମସତ୍ତାମାନେ ରହିଥାଆନ୍ତି । ବିଶ୍ୱ ପ୍ରକୃତିର ସମସ୍ତ ଅଭିବ୍ୟକ୍ତିରେ ଏହିପରି ସୂକ୍ଷ୍ମସତ୍ତାମାନେ ଥାଆନ୍ତି : ଅଗ୍ନିର ସୂକ୍ଷ୍ମସତ୍ତା, ବାୟୁର ସୂକ୍ଷ୍ମସତ୍ତା, ଜଳର, ବର୍ଷାର, ପବନର ସୂକ୍ଷ୍ମସତ୍ତା ସବୁ ଅଛନ୍ତି ଏବଂ ମୃତ୍ୟୁର ସୂକ୍ଷ୍ମସତ୍ତା ମଧ୍ୟ ରହିଛି ।

ମୃତ୍ୟୁର ପ୍ରତ୍ୟେକଟି ସୂକ୍ଷ୍ମସତ୍ତା, ସେ ଯାହା ବି ହେଉ ନା କାହିଁକି, ଗୋଟିଏ ଦିନ ପାଇଁ ନିର୍ଦ୍ଦିଷ୍ଟ ଏତେ ସଂଖ୍ୟାର ମୃତ୍ୟୁ ଉପରେ ତାହାର ଦାବି ରହିଛି । ବାସ୍ତବରେ ଏହା ଏକ ବିସ୍ମୟକର ସଙ୍ଗଠନ । ପ୍ରାଣିକ ଶକ୍ତି ଓ ବିଶ୍ୱ ପ୍ରକୃତିର ଶକ୍ତି ଭିତରେ ଏହା ଏକ ସହଯୋଗର ମେଣ୍ଟ ପରି । ଯଦି ମୃତ୍ୟୁର ସୂକ୍ଷ୍ମସତ୍ତା ନିଷ୍ପତ୍ତି ନେଲା, ''ମୁଁ ଏତେ ସଂଖ୍ୟକ ଲୋକଙ୍କର ମୃତ୍ୟୁ ପାଇଁ ହକଦାର, ଧର ଚାରିଜଣ ବା ପାଞ୍ଚଜଣ ବା ଛଅଜଣଙ୍କର ବା ଜଣେ ବା ଦୁଇଜଣଙ୍କ ମୃତ୍ୟୁ ଘଟାଇବାର ହକ୍ ମୋର ରହିଛି;'' ଏହା ନିର୍ଭର କରେ ସେହି ଦିନଟି ଉପରେ, ଏହା ନିଷ୍ପତ୍ତି ନେଲା ଏତେ ସଂଖ୍ୟାର ଲୋକଙ୍କର ମୃତ୍ୟୁ ଘଟିବ, ତେବେ ସେ ସିଧା ଯାଇ ମରିବାକୁ ଯାଉଥିବା ଲୋକ ପାଖରେ ପହଞ୍ଚି ସେଠାରେ ରହିବ । କିନ୍ତୁ ତୁମେ ଯଦି ସଚେତ ହୋଇଥିବ (ସେହି ଲୋକ ନୁହେଁ), ତୁମେ ଯଦି ଦେଖିପାରିବ ମୃତ୍ୟୁର ସୂକ୍ଷ୍ମସତ୍ତା ଅମୁକ ଲୋକ ପାଖରେ ପହଞ୍ଚିଛି ଓ ତୁମେ ଚାହଁ ଯେ ସେ ଲୋକର ମୃତ୍ୟୁ ନ ହେଉ ବୋଲି ତେବେ ତୁମର ଯଦି ସେହିପରି ଗୂଢ଼କ୍ରିୟାର ଶକ୍ତି ଥାଏ ତା'ହେଲେ ତୁମେ ମୃତ୍ୟୁର ସେହି ସତ୍ତାକୁ କହିପାର, ''ନା, ତାହାକୁ ନେବା ପାଇଁ ମୁଁ ତୁମକୁ ବାରଣ କରୁଛି'' । ଏପରି ଘଟଣା ଘଟିଛି, ଥରେ ନୁହେଁ ଅନେକ ବାର ଘଟିଛି, ଜାପାନରେ ଏବଂ ଏଠାରେ ମଧ୍ୟ । ମୃତ୍ୟୁର ସେହି ସତ୍ତା ଏକ ପ୍ରକାରର ବା ସମାନ ନୁହେଁ । ସେଇଥିପାଇଁ ମୁଁ କହିଥାଏ ଅନେକଗୁଡ଼ିଏ ମୃତ୍ୟୁ ସତ୍ତା ରହିଛନ୍ତି ।

— ମୁଁ ଚାହେଁ ନାହିଁ ତା'ର ମୃତ୍ୟୁ ହେଉ ।

— କିନ୍ତୁ ମୋର ଗୋଟିଏ ମୃତ୍ୟୁ ପାଇଁ ଦାବି ରହିଛି ।

— ଯାଅ, ଏବଂ ମରିବାକୁ ପ୍ରସ୍ତୁତ ଥିବା କୌଣସି ଲୋକକୁ ଖୋଜି ବାହାର କର ।

ଏହିପରି ଭାବରେ ମୁଁ ଅନେକ ଘଟଣା ଦେଖିଛି : କେତେକ ସମୟରେ ଜଣକ ସ୍ଥାନରେ ପାଖ ପଡ଼ୋଶୀ ଘରର (ବା ଅନ୍ୟ କେଉଁଠାରେ) କେହି ହଠାତ୍ ମୃତ୍ୟୁବରଣ କରେ, ଆଉ କେତେକ ସମୟରେ ପରିଚିତ କେହି ବା ଶତ୍ରୁତା ଆଚରଣ କରୁଥିବା କୌଣସି ବ୍ୟକ୍ତିର ମୃତ୍ୟୁ ହୁଏ । ବାହାରକୁ ଏହା ମନେହୁଏ ଆକସ୍ମିକ ବୋଲି । କିନ୍ତୁ ମୃତ୍ୟୁ ସତ୍ତା ତା'ର ହକ୍ ପାଇଯାଏ, ଗୋଟିଏ ମୃତ୍ୟୁ ପାଇଁ ତା'ର ହକ୍ ଥିଲା ଓ ସେ ଗୋଟିଏ ମୃତ୍ୟୁ ଘଟାଇବ । କିନ୍ତୁ ତୁମେ ତାକୁ କହିପାର, ''ମୁଁ ବାରଣ କରୁଛି ଅମୁକ ବ୍ୟକ୍ତିଙ୍କୁ ନେବା ପାଇଁ'' । ଏବଂ ସେହି ମୃତ୍ୟୁସତ୍ତାକୁ ଫେରାଇ ଦେବାର କ୍ଷମତା ତୁମର ରହିଛି, ଏବଂ ସେ କ୍ଷେତ୍ରରେ ତାହାର ଫେରିଯିବା ଛଡ଼ା ଅନ୍ୟ କିଛି ବାଟ ରହିବ ନାହିଁ । କିନ୍ତୁ ସେ ନିଜର ହକ୍ ବା ଦାବି ଛାଡ଼ିଦେବ ନାହିଁ, ଅନ୍ୟ ସ୍ଥାନକୁ ଯାଇ ଅନ୍ୟ କାହାର ମୃତ୍ୟୁ ଘଟାଇବ ।

ନିଆଁ ଲାଗିବା ସମ୍ପର୍କରେ ମଧ୍ୟ ଏହା ହିଁ ଘଟେ । ମୁଁ ଅଗ୍ନିର ସୂକ୍ଷ୍ମସତ୍ତାକୁ ଦେଖିଛି; ବିଶେଷ କରି ଜାପାନରେ, କାରଣ ସେଠାରେ ନିଆଁ ଲାଗିବା ଏକ ଉଲ୍ଲେଖଯୋଗ୍ୟ ଘଟଣା ପରି ଘଟେ । ଯେତେବେଳେ ନିଆଁ ଲାଗେ ପାଖାପାଖି ଅଶୀ, ନବେ ପର୍ଯ୍ୟନ୍ତ ଘର, ପୂରା ଗୋଟିଏ ମହଲା ପୋଡ଼ିଯାଏ । ଏହା ଅଦ୍ଭୁତ ଧରଣର କିଛି । ଘରଗୁଡ଼ିକ ତିଆରି ହୋଇଥାଏ କାଠରେ,

ଏବଂ ଦିଆଶିଲି ଖୋଳ ପରି ସେଗୁଡ଼ିକ ଜଳି ଯାଆନ୍ତି, ତୁମେ ଦେଖ ନିଆଁ ଲାଗିଲା ଏବଂ ହଠାତ୍ ମୁହୂର୍ତ୍ତକରେ ସବୁକିଛି ହୁତ୍ କରି ଜଳିଯିବ । ତୁମେ ଦିଆଶିଲି ଖୋଳ ଜଳିଯିବା ଦେଖିଥିବ, ସେହିପରି ହୁତ୍ କରି ଘରଗୁଡ଼ିକ ଜଳିଯାଏ, ମୋ ଆଖି ଆଗରେ ଗୋଟିଏ, ଦୁଇଟି, ତିନୋଟି, ଦଶ, କୋଡ଼ିଏଟି ଘର ଏହିପରି ଜଳି ଯିବାର ମୁଁ ଦେଖିଛି ।... ଅଗ୍ନିର ସୂକ୍ଷ୍ମସତ୍ତାମାନେ ଅଛନ୍ତି । ଥରେ ମୁଁ ମୋ ବିଛଣାରେ ଶୋଇଥିଲି । ଏକାଗ୍ର ରହିଥିଲି ଓ ଲୋକମାନଙ୍କୁ ଦେଖୁଥିଲି । ହଠାତ୍ ଦେଖିଲି ଅଗ୍ନିଶିଖାର ବାଦଲ ପରି କିଛି ଆସି ମୋ ଘର ପାଖରେ ପହଞ୍ଚିଲା, ମୁଁ ଚାହିଁ ଦେଖିଲି ଏହା ଗୋଟିଏ ସଚେତ ସତ୍ତା ।

— ତୁମେ ଏଠାକୁ କାହିଁକି ଆସିଛ ?

— ଏହି ଘରଟିକୁ ଜାଳି ଦେବାର ଏକ ହକ୍ ମୋର ଅଛି ।

— ତାହା ହୋଇପାରେ, କିନ୍ତୁ ଏହି ଘରଟି ନୁହେଁ । ଏବଂ ସେ ସେହି ଆଦେଶକୁ ପ୍ରତିରୋଧ କରିପାରିଲା ନାହିଁ ।

ଏହା ନିର୍ଭର କରେ କାହାର ଶକ୍ତି କେତେ ଅଧିକ । ମୁଁ କହିଲି, ''ନା, ତୁମେ ଏଠାରେ ନିଆଁ ଲଗାଇ ପାରିବ ନାହିଁ, ବାସ୍ ସେତିକି'' । ପାଞ୍ଚ ମିନିଟ ପରେ ମୁଁ କିଛି ଚିତ୍କାର ଓ କୋଳାହଳ ଶୁଣିବାକୁ ପାଇଲି । ଦୁଇ, ତିନିଟି ଘର ଛାଡ଼ି ଆଉ ଗୋଟିଏ ଘରେ ନିଆଁ ଲାଗିଛି । ଯେହେତୁ ମୋ ଘରେ ନିଆଁ ଲଗାଇବା ପାଇଁ ମୁଁ ତାକୁ ବାରଣ କଲି ସେ ଅନ୍ୟ ଏକ ଘରେ ନିଆଁ ଲଗାଇଲା । ତା'ର ହକ୍ ବା ଦାବି ହେଲା ଗୋଟିଏ ଘର ଜଳାଇବା, ବାସ୍ ସେ ତାହା ପୂରଣ କରିଦେଲା ।

## ମୃତ୍ୟୁସତ୍ତାକୁ ବାରଣ କରି ଫେରାଇ ଦେବା

*ପ୍ରଶ୍ନ : ସମୟ ସମୟରେ ଲୋକମାନେ ମୃତ୍ୟୁଶଯ୍ୟାରେ ଥାଇ ଜାଣି ପାରନ୍ତି ଯେ ଅଳ୍ପ ସମୟ ଭିତରେ ସେମାନଙ୍କ ମୃତ୍ୟୁ ଘଟିବାକୁ ଯାଉଛି । ସେମାନେ କାହିଁକି ସେମାନଙ୍କୁ ନେବାକୁ ଆସିଥିବା ମୃତ୍ୟୁର ସୂକ୍ଷ୍ମସତ୍ତାକୁ ବାରଣ କରି ଫେରାଇ ଦିଅନ୍ତି ନାହିଁ ?*

**ଶ୍ରୀମା** : ଆଃ ! ତାହା ନିର୍ଭର କରେ ସେହି ଲୋକମାନଙ୍କ ଉପରେ । ଦୁଇଟି ଜିନିଷ ଆବଶ୍ୟକ । ପ୍ରଥମେ ତୁମ ସତ୍ତାର କୌଣସି ଅଂଶ, ସାମାନ୍ୟ କିଛି ମଧ୍ୟ ଯେପରି ମରିବାକୁ ଚାହୁଁ ନଥାଏ । କିନ୍ତୁ ବେଶୀ ଭାଗ କ୍ଷେତ୍ରରେ ଏହା ଘଟେ ନାହିଁ । ତୁମ ଭିତରେ ବରାବର ଏକ ପରାଜୟବାଦୀ ମନୋଭାବ ରହିଥାଏ; ଏପରି କିଛି ରହିଥାଏ ଯାହା କ୍ଲାନ୍ତ, ଯାହାର ଜୀବନ ପ୍ରତି ଏକ ପ୍ରକାର ବିରକ୍ତି ଓ ବିତୃଷ୍ଣାର ଭାବ ରହିଥାଏ, ଏପରି କିଛି ଭାବ ରହିଥାଏ ଯେ ଯଥେଷ୍ଟ ହୋଇଗଲାଣି, ଆଉ ନୁହେଁ, ଏକ ପ୍ରକାର ଆଳସ୍ୟର ଭାବ ରହିଥାଏ, ଏପରି କିଛି ରହିଥାଏ ଯାହା ଆଉ ସଂଗ୍ରାମ କରିବାକୁ ଚାହେଁ ନାହିଁ ଏବଂ କୁହେ, ''ବାସ୍, ସବୁ ଶେଷ ହୋଇଯାଉ, ତାହା ହିଁ ଉତ୍ତମ ହେବ'' । ଏତିକି ହିଁ ଯଥେଷ୍ଟ, ତୁମେ ମୃତ୍ୟୁବରଣ କର ।

ପ୍ରକୃତରେ ଏହା ହିଁ ଘଟେ । ଯଦି ତୁମ ଭିତରେ କୌଣସି କିଛି, ଆଦୌ କିଛି ମଧ୍ୟ ମୃତ୍ୟୁ ପାଇଁ ସମ୍ମତି ନ ଦିଏ, ତୁମେ ମୃତ୍ୟୁ ବରଣ କରିବ ନାହିଁ । କାହାର ମୃତ୍ୟୁ ଘଟିବା ପୂର୍ବରୁ ଏପରି ଗୋଟିଏ ମୁହୂର୍ତ୍ତ ଆସିଥାଏ, ବୋଧହୁଏ ଏକ ସେକେଣ୍ଡର ଶହେ ଭାଗରୁ ଗୋଟିଏ ମୁହୂର୍ତ୍ତ, ଯେତେବେଳେ ସେ ମୃତ୍ୟୁ ପାଇଁ ନିଜର ସମ୍ମତି ଦେଇଥାଏ । ଯଦି ସମ୍ମତି ଦେବାର ଏହି ମୁହୂର୍ତ୍ତଟି ନ ଥା'ନ୍ତା ତେବେ ତାହାର ମୃତ୍ୟୁ ହୁଅନ୍ତା ନାହିଁ ।

ମୁଁ ଏପରି ଲୋକମାନଙ୍କୁ ଜାଣେ ଯେଉଁମାନେ ଶାରୀରିକ ଓ ପ୍ରାଣିକ ସମସ୍ତ ନିୟମ ଦୃଷ୍ଟିରୁ ଅନେକ ଦିନୁ ମରି ସାରନ୍ତେଣି, କିନ୍ତୁ ସେମାନେ ମୃତ୍ୟୁ ପାଇଁ ଅସମ୍ମତି ଜଣାଇ ଥିଲେ । ସେମାନେ କହିଥିଲେ, ''ନା, ମୁଁ ମରିବି ନାହିଁ'' । ଏବଂ ସେମାନେ ବଞ୍ଚି ରହିଥିଲେ । ଆଉ ମଧ୍ୟ ଏପରି ଲୋକମାନେ ଥାଆନ୍ତି ଯେଉଁମାନଙ୍କର ମୃତ୍ୟୁର ଆଦୌ କୌଣସି କାରଣ ନ ଥାଏ, କିନ୍ତୁ ସେମାନଙ୍କର ଧରଣ ଏପରି ଯେ ସେମାନେ କୁହନ୍ତି, ''ଆଃ ! ବାସ୍, ହଁ ଖୁବ୍ ଭଲ ହେବ, ସବୁକିଛି ଶେଷ ହୋଇଯାଉ'' । ଏବଂ ସବୁକିଛି ପ୍ରକୃତରେ ଶେଷ ହୋଇଯାଏ । ଏପରିକି ଏତିକି ହିଁ ଯଥେଷ୍ଟ, ଏପରିକି ଏହାଛଡ଼ା ଆଉ ଅଧିକ କିଛିର ଆବଶ୍ୟକତା ନାହିଁ : ଏଥିପାଇଁ ତୁମର ଏକ ଅବିରତ ଇଚ୍ଛାର କୌଣସି ଆବଶ୍ୟକତା ନାହିଁ, କେବଳ ଏତିକି କହିଲେ ହିଁ ଯଥେଷ୍ଟ, ''ହଁ, ବାସ୍, ଯଥେଷ୍ଟ ହୋଇ ଗଲାଣି !'' ଏବଂ ସେତେବେଳେ ମୃତ୍ୟୁ ଆସି ସବୁକୁ ଶେଷ କରିଦିଏ । ପ୍ରକୃତରେ ଏହିପରି ହିଁ ଘଟିଥାଏ । ତୁମେ ଯାହା କହୁଛ ଯେ ତୁମର ଶଯ୍ୟା ପାଖରେ ମୃତ୍ୟୁ ଆସି ଛିଡ଼ା ହୋଇ ପାରିଥାଏ, କିନ୍ତୁ ତୁମେ ଯଦି ତାହାକୁ କହିବ, ''ମୁଁ ତୁମକୁ ଚାହେଁ ନାହିଁ, ଏଠାରୁ ଚାଲିଯାଅ,'' ତା'ହେଲେ ସେ ସେଠାରୁ ଫେରି ଚାଲିଯିବାକୁ ବାଧ୍ୟ ହେବ । କିନ୍ତୁ ସାଧାରଣତଃ

ଲୋକମାନେ ହଟିଯାଇ, ମୃତ୍ୟୁକୁ ବାଟ ଛାଡ଼ି ଦିଅନ୍ତି । ତୁମକୁ ସଂଗ୍ରାମ କରିବାକୁ ହେବ, ତୁମକୁ ଦୃଢ଼ ହେବାକୁ ହେବ, ତୁମକୁ ସାହସୀ ଓ ନିର୍ଭୀକ ହେବାକୁ ହେବ ଓ ସହ୍ୟ କରିବାର ଶକ୍ତିକୁ ବଜାୟ ରଖିବାକୁ ହେବ, ଜୀବନର ଆବଶ୍ୟକତା ସମ୍ପର୍କରେ ବିପୁଳ ବିଶ୍ୱାସ ରଖିବାକୁ ହେବ । ଉଦାହରଣସ୍ୱରୂପ, ଯେପରି ଜଣେ ଅତି ଦୃଢ଼ଭାବରେ ଅନୁଭବ କରୁଥାଏ ଯେ ତାହାର ତଥାପି ଆଉ କିଛି କରିବାକୁ ବାକି ଅଛି ଏବଂ ସେ ତା' ନିଶ୍ଚୟ ସମ୍ପନ୍ନ କରିବ – ତୁମକୁ ଏହିପରି ମନୋଭାବ ହିଁ ରଖିବାକୁ ହେବ । କିନ୍ତୁ କିଏ ନିଶ୍ଚିତ ହୋଇପାରିବ ଯେ ତା' ଭିତରେ କେଉଁଠି ସାମାନ୍ୟ ଟିକେ ପରାଜୟବାଦୀ ମନୋଭାବ ନାହିଁ ବୋଲି; ଏହା କେଉଁଠି ହେଲେ ରହିଥାଏ ଏବଂ ସେ ବାଟ ଛାଡ଼ିଦିଏ ଓ କୁହେ ''ଠିକ୍ ଅଛି'' । ଏହିଠାରେ ହିଁ ଆସୁଛି ନିଜକୁ ଏକତ୍ରୀଭୂତ କରିବାର ପ୍ରୟୋଜନୀୟତା ।

## ସବୁଠାରୁ ଯାହା ଗୁରୁତ୍ୱପୂର୍ଣ୍ଣ

ଆମେ ଯେକୌଣସି ପଥ ଅନୁସରଣ କରୁନା କାହିଁକି, ଯେକୌଣସି ବିଷୟ ଅଧ୍ୟୟନ କରୁନା କାହିଁକି, ଆମେ ବରାବର ସେହି ଗୋଟିଏ ସିଦ୍ଧାନ୍ତରେ ପହଞ୍ଚୁ । ଜଣେ ବ୍ୟକ୍ତି ପାଇଁ ଯାହା ସବୁଠୁ ଗୁରୁତ୍ୱପୂର୍ଣ୍ଣ, ତା ହେଉଛି ତା'ର ସତ୍ତାର ଦିବ୍ୟକେନ୍ଦ୍ରକୁ ଆବେଷ୍ଟନ କରି ନିଜକୁ ଏକତ୍ରୀଭୂତ କରିବା । ସେହି ଭାବରେ ହିଁ ସେ ଜଣେ ଯଥାର୍ଥ ବ୍ୟକ୍ତିରେ ପରିଣତ ହେବ, ନିଜର ଏବଂ ନିଜ ନିୟତିର ପ୍ରଭୁ ହୋଇଉଠିବ । ତା' ନହେଲେ ସେ ରହିଥିବ ବିଭିନ୍ନ ଶକ୍ତିର ଖେଳନା ହୋଇ, ଯେଉଁ ଶକ୍ତିଗୁଡ଼ିକ ତାକୁ ନଦୀ ସୁଅରେ ଏକ ସୋଲ ଠିପି ଭାସିଲା ପରି ଭସାଇ ନିଅନ୍ତି । ସେ ଏପରି ସବୁ ସ୍ଥାନକୁ ଯାଏ, ଯେଉଁଠାକୁ ଯିବାକୁ ସେ ଚାହୁଁ ନ ଥାଏ; ଏପରି ସବୁ କାମ କରେ ଯାହା ସେ କରିବାକୁ ଚାହୁଁ ନ ଥାଏ, ଶେଷରେ ସେ ନିଜକୁ ଏପରି ଏକ ଗର୍ତ୍ତ ଭିତରେ ପଡ଼ିବାକୁ ଛାଡ଼ିଦିଏ ଯେଉଁଥିରୁ ଉଠି ବାହାରି ଆସିବା ପାଇଁ ତା'ର ଆଉ ଶକ୍ତି ନଥାଏ । କିନ୍ତୁ ତୁମେ ଯଦି ସଚେତ ଭାବରେ ନିଜକୁ ସଙ୍ଗଠିତ କରିଥାଅ, ଦିବ୍ୟକେନ୍ଦ୍ରକୁ ଘେରି ତା'ର ଚତୁର୍ଦିଗରେ ନିଜକୁ ଏକତ୍ରୀଭୂତ କରିଥାଅ, ତାହାରି ଦ୍ୱାରା ହିଁ ଶାସିତ ଓ ପରିଚାଳିତ ହେଉଥାଅ, ତା'ହେଲେ ତୁମେ ତୁମର ଭାଗ୍ୟ ଓ ନିୟତିର ପ୍ରଭୁ ହୋଇଉଠ । ଏହା ଯେତେ ଆୟାସସାଧ୍ୟ ହେଲେ ମଧ୍ୟ ପ୍ରଚେଷ୍ଟାର ସମସ୍ତ ମୂଲ୍ୟ ତୁମେ ପାଇଯିବ... ସେ ଯାହା ହେଉ, ମୁଁ ନିଶ୍ଚୟ ଏକ ଦାସ ହେବା ଅପେକ୍ଷା ପ୍ରଭୁ ହେବାକୁ ଅଧିକ ପସନ୍ଦ କରିବି । ଏହା ନିଶ୍ଚୟ ଏକ ଅପ୍ରୀତିକର ଅନୁଭୂତି ଯେତେବେଳେ ତୁମେ ଅନୁଭବ କର ଯେ ତୁମେ ଗୁଡ଼ିଏ ଦଉଡ଼ି ଦ୍ୱାରା ବନ୍ଧା ହୋଇ ଟଣା ହେଉଛ ଓ ତୁମେ ଚାହଁ ବା ନ ଚାହଁ ଗୁଡ଼ିଏ କାମ କରିବାକୁ ବାଧ୍ୟ ହେଉଛ – ଅବଶ୍ୟ ଚାହିଁବା ନ ଚାହିଁବା କଥାଟା ଏଠି ଅପ୍ରାସଙ୍ଗିକ – କିନ୍ତୁ ଯେତେବେଳେ ତୁମେ କୌଣସି ଦଉଡ଼ି ଦ୍ୱାରା ଟଣା ହୋଇ କିଛି କାମ କରିବାକୁ ବାଧ୍ୟ ହୁଅ, ଏପରିକି ଯେଉଁ ଦଉଡ଼ିକୁ ତୁମେ ଦେଖି ମଧ୍ୟ ପାରୁ ନାହଁ, ତାହା ଅତ୍ୟନ୍ତ ବିରକ୍ତିକର ଓ ପୀଡ଼ାଦାୟକ । ସେ ଯା ହେଉ, ମୁଁ ଜାଣେନା କିନ୍ତୁ ମୋତେ ଏହା ଖୁବ୍ ବିରକ୍ତିକର ଲାଗେ, ଏପରିକି ଯେତେବେଳେ ମୁଁ ଖୁବ୍ ପିଲା ଥିଲି ସେତେବେଳୁ ମଧ୍ୟ ମୋତେ ଏହା ଖୁବ୍ ବିରକ୍ତିକର ଲାଗି ଆସିଛି । ପାଞ୍ଚବର୍ଷ ବୟସରୁ ମଧ୍ୟ ମୋତେ ଏହା ଖୁବ୍ ଅସହ୍ୟ ଲାଗିଛି ଏବଂ ମୁଁ ବରାବର ଏକ ବାଟ ଖୋଜୁଥିଲି ଯେପରିକି ଏହା ଏପରି ନ ହେଉ – ଯେପରିକି ଲୋକମାନେ ମୋତେ ଗାଳି ଦେବା ପାଇଁ କୌଣସି ସୁଯୋଗ ନ ପାଇବେ । କାରଣ ମୁଁ ଜାଣିଥିଲି ମୋତେ କେହି ସାହାଯ୍ୟ କରିପାରିବେ ନାହିଁ । ତୁମର ଏଠାରେ ଯେଉଁ ସୁଯୋଗ ଅଛି ଯେ କେହି ଜଣେ ରହିଛି ତୁମକୁ କହିଦେଇ ପାରିବ ''ଏହି ଜିନିଷଟି ହିଁ ତୁମର କରିବା ଉଚିତ'' ସେହି ସୁଯୋଗ ମୋର ନ ଥିଲା । ଏପରି କହି ଦେବାକୁ ମୋ ପାଇଁ କେହି ନ ଥିଲେ, ମୋତେ ନିଜେ ହିଁ ତାହା ଖୋଜି ବାହାର କରିବାକୁ ପଡୁଥିଲା । ଏବଂ ମୁଁ ତାହା ପାଇ ଯାଇଥିଲି । ମୁଁ ଏହା ଆରମ୍ଭ କରିଥିଲି ପାଞ୍ଚବର୍ଷ ବୟସରେ । ଏବଂ ତୁମେମାନେ ତ ଅନେକ ଦିନୁ ପାଞ୍ଚବର୍ଷ ବୟସରେ ପହଞ୍ଚି ସାରିଛ... ।

ବାସ୍ ।

(MCW, Vol. V, pp. - 136-140) ✣

କାମନାଟିକୁ ତୁଷ୍ଟ କରିବା ଅପେକ୍ଷା ତା' ଉପରେ ବିଜୟ ଆଣିବା ଅଧିକ ଆନନ୍ଦଦାୟକ ।

– ଶ୍ରୀମା

ଶେଷ ପୃଷ୍ଠା :

# ଏକ ନୂତନ ଜଗତ୍ ଜନ୍ମ ନେଇଛି

## ଶ୍ରୀ ବିଶ୍ୱମ୍ବର ସାମନ୍ତ

ଅତିମାନସ ଦିବ୍ୟ ଚେତନାର ଅବତରଣ ପରେ ଏଠାରେ, ଏହି ପୃଥିବୀରେ ଏକ ନୂତନ ଜଗତ୍ ଜନ୍ମ ନେଇଛି ଏବଂ ତାହାର ବିକାଶ ଓ ଅଭିବୃଦ୍ଧି ଆରମ୍ଭ ହୋଇ ଯାଇଛି ବୋଲି ମା ଅତି ସ୍ପଷ୍ଟ ଭାବରେ କହିଛନ୍ତି । ନିଜର ସେହି ଅନୁଭୂତି ସମ୍ପର୍କରେ ମା'ଙ୍କର ଦୃଢ଼ ଉକ୍ତି ହେଲା, "I understood in the cells of the body – that a new world is born and is beginning to grow."

(MCW, Vol. 9, p. 148)

''ମୁଁ ମୋର ଦେହ କୋଷଗୁଡ଼ିକ ଭିତରେ ବୁଝି ପାରିଲି ଯେ ଏକ ନୂତନ ଜଗତ୍ ଜନ୍ମ ନେଇଛି ଓ ବଢ଼ି ଉଠିବାକୁ ଆରମ୍ଭ କରିଛି ।'' କେବଳ ଆଧାତ୍ମିକ ଚେତନାରେ ବା ମନରେ ନୁହେଁ, ପୂରା ଦୈହିକ ଭାବରେ ଦେହ କୋଷଗୁଡ଼ିକ ଭିତର ଦେଇ ମା ଏହି ନୂତନ ଜଗତର ଜନ୍ମଲାଭଟି ଅନୁଭବ କରିଛନ୍ତି ।

ବାହ୍ୟ ଜଗତରେ ସ୍ଥୂଳ ଭାବରେ ଯେପରି ପିଲାଟିଏ ଜନ୍ମନିଏ ଓ ଏହାକୁ ପ୍ରସବ ଦେଇଥିବା ତା'ର ଜନ୍ମଦାତ୍ରୀ ମା ହିଁ ଜାଣେ ଏକ ନୂତନ ସନ୍ତାନ ଜନ୍ମ ନେବାକୁ ଯାଉଛି ଏବଂ ପିଲାଟି ଜନ୍ମ ହୋଇଗଲା ପରେ ସମସ୍ତେ ଜାଣନ୍ତି ପିଲାଟି ଜନ୍ମ ନେଇଛି ଓ ତାହା କ୍ରମଶଃ ବଢ଼ି ଉଠିବାରେ ଲାଗିବ – ଏ କ୍ଷେତ୍ରରେ ମଧ୍ୟ ସେହିପରି ଏକ ଘଟଣା ଘଟିଛି । ଅବଶ୍ୟ ପାର୍ଥକ୍ୟଟି ହେଉଛି ସେହି ଦିବ୍ୟ ଜଗତକୁ ଜନ୍ମ ଦେଇଥିବା ଦିବ୍ୟଜନନୀ ସ୍ୱୟଂ ଶ୍ରୀମା ହିଁ ଏହା ଜାଣିଛନ୍ତି ଓ ଅନୁଭବ କରିଛନ୍ତି କିନ୍ତୁ ବାକି ଅନ୍ୟମାନେ ଆମେ ସମସ୍ତେ ସେ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ଓ ଅଚେତନ ହୋଇ ରହିଛୁ । କାରଣ ଆମେ ସିନା ଆମ ସ୍ଥୂଳ ଆଖିରେ ସ୍ଥୂଳ ବାହ୍ୟ ଜଗତର ଘଟଣାଗୁଡ଼ିକୁ ଦେଖି ପାରିବୁ, କିନ୍ତୁ ଯେପର୍ଯ୍ୟନ୍ତ ଆମର ଆନ୍ତର ଚେତନାର ସୂକ୍ଷ୍ମ ଦୃଷ୍ଟି ଖୋଲି ନାହିଁ ଆମେ ସୂକ୍ଷ୍ମ ଆନ୍ତର ଜଗତରେ ବା ଊର୍ଦ୍ଧ୍ୱ ଚେତନାରେ ଘଟୁଥିବା ଘଟଣାବଳୀକୁ ଦେଖିବୁ କିପରି ? ସେଇଥିପାଇଁ ଏକ ଦିବ୍ୟ ନୂତନ ଜଗତ୍ ଜନ୍ମ ନେଇ ସାରିଥିଲେ ମଧ୍ୟ ଆମେ ସେହି ପୂର୍ବପରି ହୋଇ ହିଁ ରହିଛୁ ।

ବର୍ତ୍ତମାନ ଆମେ ଯେଉଁ ଜୀବନ ଓ ଯେଉଁ ଚେତନା ନେଇ ଏହି ସଂସାରରେ ବାସ କରୁଛେ ତାହାର ବାହାର ସ୍ୱରୂପରେ ତ ବିଶେଷ କିଛି ପରିବର୍ତ୍ତନ ହେବା ଭଳି ଲାଗୁ ନାହିଁ । ବାହ୍ୟ ଦୃଷ୍ଟିରେ ଦେଖିଲେ ଏଠି ସେଠି ସାମାନ୍ୟ କିଛି ଅଦଳବଦଳ ହେବାର ଦେଖାଗଲେ ମଧ୍ୟ ଆମେ ଯୁଗ ଯୁଗ ଧରି ଯେଉଁସବୁ ବ୍ୟକ୍ତିଗତ ଓ ସାମୂହିକ କର୍ମ, ବିଚାର, ରୀତିନୀତି ଓ ଚାଲିଚଳଣ ଆଦିରେ ଅଭ୍ୟସ୍ତ, ଆଜି ବି ପ୍ରାୟ ସେଗୁଡ଼ିକ ସେହିପରି ରହିଛି ଓ ଆମେ ସେହି ପୁରୁଣା ଅଭ୍ୟାସ ଓ ଆଚରଣଗୁଡ଼ିକର ପୁନରାବୃତ୍ତି କରି ଚାଲିଛୁ, ପ୍ରାୟ ସେହି ସମାନ ଢଙ୍ଗରେ ।

ତେଣୁ ମା କହିଥିବା ନୂତନ ଜଗତର ଜନ୍ମ ବିଷୟଟି ଆମ ଅନୁଭୂତି ଭିତରେ ଧରା ନ ପଡ଼ିବା ସ୍ୱାଭାବିକ । ଆମର ବହିର୍ମୁଖୀ ଚେତନା ସାଧାରଣତଃ ବାହ୍ୟ ଜଗତର ବିଷୟଗୁଡ଼ିକ ନେଇ ହିଁ ଅଧିକ ଭାବରେ ଜଡ଼ିତ ଓ ବ୍ୟାପୃତ ଥାଏ । କିନ୍ତୁ ଆମେ ଯଦି ଜନ୍ମ ନେଇଥିବା ଏହି ନୂତନ ଜଗତ୍ ସମ୍ପର୍କରେ ସଚେତ ହେବାକୁ ଚାହୁଁ ତେବେ ଆମର ପ୍ରଥମ କାମଟି ହେଲା ଆମର ଦୃଷ୍ଟିକୁ ବାହାର ଆଡୁ ଫେରାଇ ନିଜ ଭିତର ଆଡ଼କୁ ନେବା, ଆନ୍ତର ଚେତନାର ରାଜ୍ୟରେ ପ୍ରବେଶ କରି ତହିଁରେ ଘଟୁଥିବା ଘଟଣାଗୁଡ଼ିକୁ ଜାଣିବା । ସେ ଦିଗରେ ଆମକୁ ସକ୍ରିୟ ପ୍ରଚେଷ୍ଟା ଚଳାଇ ରଖିବାକୁ ହେବ । ଆମର ସେ ସମ୍ପର୍କରେ କୌଣସି ଅନୁଭୂତି ଥାଉ ବା ନ ଥାଉ ପ୍ରଥମେ ଆମକୁ ମା କହିଥିବା କଥାଗୁଡ଼ିକ ଉପରେ ପୂର୍ଣ୍ଣ ବିଶ୍ୱାସ ରଖିବାକୁ ହେବ । ମା କହିଛନ୍ତି, "...but what has happened, the really new thing, is that a new world is born, born, born. It is not the old one transforming itself, it is a new world which is born. And we are right in the midst of this period of transition where the two are entangled – where the other still persists all-powerful and entirely dominating the ordinary consciousness, but where the new one is quietly slipping in, still very modest, unnoticed – unnoticed to the extent that outwardly it doesn't disturb

anything very much, for the time being, and that in the consciousness of most people it is even altogether imperceptible. And yet it is working, growing – until it is strong enough to assert itself visibly."

(MCW, Vol. 9, p. 150)

— ''... କିନ୍ତୁ ଯାହା ଘଟିଛି, ବାସ୍ତବରେ ଏକ ନୂତନ ଜିନିଷ, ଏକ ନୂତନ ଜଗତ୍ ଜନ୍ମ ନେଇଛି, ଜନ୍ମ ନେଇଛି, ଜନ୍ମ ନେଇଛି । ଏହା ନିଜକୁ ରୂପାନ୍ତରିତ କରୁଥିବା ସେହି ପୁରୁଣା ଜଗତ୍ ନୁହେଁ, ଏହା ଜନ୍ମ ନେଇଥିବା ଏକ ନୂତନ ଜଗତ୍ । ଏବଂ ଆମେ ପରିବର୍ତ୍ତନର ଏହି ଅବସ୍ଥାର ପୂରା ମଝିରେ ହିଁ ରହିଛୁ ଯେଉଁଠି ଦୁଇ ଜଗତ୍ ଏକତ୍ର ଜଡ଼ିତ — ପୁରୁଣା ଜଗତ୍ ତଥାପି ସର୍ବଶକ୍ତିମାନ୍ ହୋଇ ରହିଛି ଏବଂ ସାଧାରଣ ଚେତନା ଉପରେ ପୂରା ଆଧିପତ୍ୟ ବିସ୍ତାର କରି ରହିଛି, କିନ୍ତୁ ଯେଉଁଥିରେ ନୂତନ ଜଗତ୍ ନୀରବରେ ପ୍ରବେଶ କରି ଚାଲିଛି, ତାହା ଧୀର, ଶିଷ୍ଟ ଓ ଅନ୍ୟମାନଙ୍କ ଅଲକ୍ଷ୍ୟରେ ହିଁ ରହିଛି । ଏପରି ଅଲକ୍ଷ୍ୟରେ ରହିଛି ଯେ ବର୍ତ୍ତମାନ ପାଇଁ ଏହା କୌଣସି କିଛିରେ ବିଶେଷ ହଲଚଲ ସୃଷ୍ଟି କରୁ ନାହିଁ, ତେଣୁ ଅଧିକାଂଶ ଲୋକେ ଏହାକୁ ଆଦୌ ଦେଖି ପାରୁ ନାହାନ୍ତି । ତଥାପି ଏହା କ୍ରିୟା କରି ଚାଲିଛି, ବୃଦ୍ଧି ପାଉଛି ଓ ଶେଷରେ ଦିନେ ଏହା ଯଥେଷ୍ଟ ଶକ୍ତିଶାଳୀ ହୋଇ ଦୃଶ୍ୟତଃ ନିଜକୁ ସାବ୍ୟସ୍ତ କରିବ ।''

ତେଣୁ ମା ଆମ ଆଗରେ ଯେଉଁ କାମଟି ରଖିଛନ୍ତି ତା' ହେଉଛି ଜନ୍ମ ନେଇଥିବା ଏହି ନୂତନ ଜଗତଟି ସମ୍ପର୍କରେ ସଚେତ ହେବା ଓ ତା'ର ବଢ଼ି ଉଠିବା ଦିଗରେ ଆମର ସାଧ୍ୟମତେ ସମସ୍ତ ଶକ୍ତି ବିନିଯୋଗ କରିବା । ଆମକୁ ମନେ ରଖିବାକୁ ହେବ ଯେ ସ୍ଥୂଳ ଜଗତରେ ପ୍ରକାଶ ପାଇବା ପୂର୍ବରୁ ଏହା ଜନ୍ମ ନେଇଛି ଚେତନାର ଜଗତରେ ଏବଂ ଏହାର ଅଭିବୃଦ୍ଧିର ସମସ୍ତ ଆୟୋଜନ ହେବ ପ୍ରଥମତଃ ଚେତନାର ଜଗତରେ । ସୁତରାଂ ଆମ ଚେତନାକୁ ସେହି ଭାବରେ ପ୍ରସ୍ତୁତ ନ କଲେ, ନୂଆ କରି ନ ଗଢ଼ିଲେ ଆମେ ଏହି କାମଟିରେ ଭାଗ ନେଇ ପାରିବୁ କିପରି ? ଆମର ଚେତନା ସେ ଦିଗରେ କେତେଟା ପ୍ରସ୍ତୁତ ତାହା ବୁଝିବା ପାଇଁ ଗୋଟିଏ ମାପକାଠି ହେଲା ଆମକୁ ପୁରୁଣା ଜଗତର ଜିନିଷଗୁଡ଼ିକ ପୂରା ଅସାର, ଅର୍ଥହୀନ ଓ ଅଚଳନ୍ତି ଲାଗିବ । ମା'ଙ୍କ କଥାରେ, "...first one must feel very concretely the strangeness of the old things, their lack of relevance, if I may say so. One must have the feeling, even a material impression, that they are outdated, that they belong to a past which no longer has any purpose."

(MCW, Vol. 9, p. 146)

— '' ... ଅତି ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ଭାବରେ ଆମେ ପ୍ରଥମେ ଅନୁଭବ କରିବୁ ଯେ ପୁରୁଣା ଜିନିଷଗୁଡ଼ିକ ପୂରା ଉଦ୍ଭଟ ଓ ଅର୍ଥହୀନ ହୋଇ ପଡ଼ିଛନ୍ତି । ଆମର ଏପରି ଏକ ଅନୁଭବ, ଏପରିକି ଏକ ସ୍ପଷ୍ଟ ଧାରଣା ହେବ ଯେ ସେଗୁଡ଼ିକ ଅଚଳନ୍ତି ହୋଇ ପଡ଼ିଛନ୍ତି, ଏପରି ଏକ ଅତୀତର ଜିନିଷ ହୋଇ ପଡ଼ିଛନ୍ତି ଯାହାର କି ଆଉ କୌଣସି ମୂଲ୍ୟ ବା ଅର୍ଥ ନାହିଁ ।''

ଆମର ମନେହୁଏ ଆଜି ଧର୍ମଠାରୁ ଆରମ୍ଭ କରି ଅର୍ଥନୀତି, ରାଜନୀତି, ସାହିତ୍ୟ ଓ ସଂସ୍କୃତି ଆଦି ସମସ୍ତ କ୍ଷେତ୍ରରେ ଯେଉଁସବୁ ଆଚରଣ ସ୍ଥାନ ପାଉଛି ସେଗୁଡ଼ିକ ସମ୍ପର୍କରେ ମା'ଙ୍କର ଏହି କଥାଗୁଡ଼ିକ ପ୍ରଯୁଜ୍ୟ । ଏଗୁଡ଼ିକର ନାମ ନେଇ ଯେଉଁସବୁ ଧର୍ମସଭା, ପ୍ରବଚନ, ପାରାୟଣ, ପୂଜା, ଉତ୍ସବ ଆଦି ହୁଏ ବା ନିର୍ବାଚନ ପ୍ରଚାରଠାରୁ ଆରମ୍ଭ କରି କ୍ଷମତା କନ୍ଦଳ ବା ଉତ୍ପାଦନ ଓ ଯୋଗାଣ ବିଭ୍ରାଟ, କୃତ୍ରିମ ଦରବୃଦ୍ଧି, ମୁନାଫା, ମିଥ୍ୟା ବିଜ୍ଞାପନ ପ୍ରଚାର ବା ସମ୍ବାଦ ପତ୍ର, ସାହିତ୍ୟ ଓ ଚଳଚ୍ଚିତ୍ର ଆଦିରେ ଯେଉଁସବୁ ଅଶ୍ଳୀଳତା ଓ ଉତ୍ତେଜନାମୂଳକ ବିଷୟ ପ୍ରକାଶ ପାଏ ଓ ଆଦୃତ ହୁଏ — ସେଗୁଡ଼ିକ ଯେ କେଡ଼େ ପୁରୁଣା ଓ ଅର୍ଥହୀନ ହୋଇ ଗଲେଣି, ଏ ସମ୍ପର୍କରେ ଆମ ନିଜ ମନୋଭାବରୁ ଆମେ ବୁଝିପାରିବୁ ଆମେ ସେହି ପୁରୁଣା ଜଗତରେ ରହିଛୁ ନା ନୂତନ ଜଗତ୍ ଆମ ଚେତନାକୁ କିଛି ସ୍ପର୍ଶ କଲାଣି । ଆମେ ନିଜକୁ ପଚାରିବା ଉଚିତ ଆମେ ବାହ୍ୟ ଜଗତର ସାଫଲ୍ୟ ଓ କୃତିତ୍ୱକୁ ଅଧିକ ଗୁରୁତ୍ୱ ଦେଉଛୁ ନା ଆନ୍ତର ଚେତନାର ବିକାଶ ଉପରେ ଅଧିକ ଗୁରୁତ୍ୱ ଦେଉଛୁ ? ଆମେ ବା ଆମ ପରିବାରର କେହି ଯଦି ତଥାକଥିତ ଉଚ୍ଚ ଶିକ୍ଷା ଲାଭ, ଉଚ୍ଚ ପଦପଦବୀ, ବଡ଼ ଚାକିରି, ବିପୁଳ ଅର୍ଥ ସମ୍ପଦ ଓ କ୍ଷମତାର ଅଧିକାରୀ ହୁଏ ଆମେ ତହିଁରେ ଅଧିକ ଖୁସି ହେଉ ନା ଆମର ପରିବାରର କେହି ଯଦି ଆଧ୍ୟାତ୍ମିକ ଜୀବନ ଗ୍ରହଣ କରି ଆଶ୍ରମବାସୀ ହେବାକୁ ମନ ବଳାଇଲା ଆମେ ତହିଁରେ ଅଧିକ ଖୁସି ହେଉ ? ବାବାଜୀ ମହାରାଜ (ଶ୍ରୀ ରାମକୃଷ୍ଣ ଦାସ) କହୁଥିବା ଗୋଟିଏ କଥା ମନେ ପଡୁଛି ଯେ

ଆମ ଦେଶର ମା'ମାନେ ସନ୍ନ୍ୟାସୀମାନଙ୍କୁ ବହୁତ ସମ୍ମାନ କରନ୍ତି, କିନ୍ତୁ ସେମାନଙ୍କ ପିଲା ଯଦି ସନ୍ନ୍ୟାସ ନିଏ ତେବେ ବହୁତ ଦୁଃଖ ପାଆନ୍ତି ।

ତେଣୁ ଆଜି ଗଢ଼ି ଉଠୁଥିବା ନୂତନ ଜଗତ୍ ସମ୍ପର୍କରେ କେବଳ ଚର୍ଚ୍ଚା, ଆଲୋଚନା, ପୁସ୍ତକ ପାଠ ବା ଭାଷଣ ଆଦି ନୁହେଁ, ନିଜର ଚେତନାରେ ସେହି ଜଗତର ସ୍ୱରୂପ ଉପଲବ୍ଧି ପାଇଁ ଓ ବାସ୍ତବ ଜୀବନରେ ସକ୍ରିୟ ଭାବେ ତହିଁରେ ଅଂଶ ଗ୍ରହଣ ପାଇଁ ଆମର ନିରନ୍ତର ଅଭୀପ୍ସା ଓ ପ୍ରଚେଷ୍ଟା ରହିବା ଆବଶ୍ୟକ । ଏହା ନିଃସନ୍ଦେହ ଯେ ସେହି ନୂତନ ଜଗତକୁ ଯେଉଁ ଦିବ୍ୟଜନନୀ ଜନ୍ମ ଦେଇଛନ୍ତି ତାହାକୁ ଲାଳନପାଳନ କରି ବଢ଼ାଇବାର ଦାୟିତ୍ୱ ତାଙ୍କର । ସେଥିପାଇଁ ତାଙ୍କର ସର୍ବଜୟୀ ଅନନ୍ତ ଶକ୍ତି ରହିଛି । କିନ୍ତୁ ଆମରି ଚେତନା ଭିତର ଦେଇ ହିଁ ସେହି ଶକ୍ତି କ୍ରିୟା କରିବ, ଆମରି ଚେତନା ଭିତର ଦେଇ ହିଁ ଗଢ଼ି ଉଠିବ ସେହି ନୂତନ ଜଗତ୍ । ଆଧ୍ୟାତ୍ମିକ ସତ୍ୟ ଦୃଷ୍ଟିରୁ ପୁରୁଷ ଓ ନାରୀ ଚେତନା ଭିତରେ କୌଣସି ପାର୍ଥକ୍ୟ ନ ଥିଲେ ମଧ୍ୟ ଅଭିବ୍ୟକ୍ତିର କ୍ଷେତ୍ରରେ ନାରୀ ଭିତରେ ହିଁ ନବସୃଷ୍ଟିର ପ୍ରେରଣାଦାୟିନୀ ଶକ୍ତି ଓ ସେହି ସୃଷ୍ଟିକୁ ଲାଳନପାଳନ କରି ବଢ଼ାଇବାର ଶକ୍ତି ଅଧିକ ଭାବରେ କ୍ରିୟାଶୀଳ; ଯେଉଁଥିଯୋଗୁଁ ସ୍ଥୂଳ ଜଗତରେ ଆମେ ଦେଖୁ ପିଲାଟିଏ ଜନ୍ମ ହେବାଠାରୁ ବଡ଼ ହେବା ଯାଏ ତା'ର ଲାଳନପାଳନର ଦାୟିତ୍ୱ ନାରୀ ହିଁ ଗ୍ରହଣ କରିଥାଏ ।

ତେଣୁ ଆଜି ଯେତେବେଳେ ମା କହୁଛନ୍ତି, "Meanwhile we are in a very special situation, extremely special, without precedent. We are now witnessing the birth of a new world; it is very young, very weak – not in its essence but in its outer manifestation – not yet recognised, not even felt, denied by the majority. But it is here. It is here, making an effort to grow, absolutely *sure* of the result."

(MCW, Vol. 9, p. 151)

ଅର୍ଥାତ୍, ''ବର୍ତ୍ତମାନ ଆମେ ଏକ ଅତ୍ୟନ୍ତ ବିଶେଷ ପରିସ୍ଥିତି, ଚରମ ଭାବରେ ବିଶେଷ ପରିସ୍ଥିତି ଭିତରେ ରହିଛୁ । ଆମେ ବର୍ତ୍ତମାନ ଦେଖୁଛୁ ଏକ ନୂତନ ଜଗତର ଜନ୍ମ; ଖୁବ୍ ପିଲା, ଖୁବ୍ ଦୁର୍ବଳ – ନିଜର ସାରସତ୍ତାରେ ନୁହେଁ, କିନ୍ତୁ ନିଜର ଅଭିବ୍ୟକ୍ତିରେ ଦୁର୍ବଳ – ଏପର୍ଯ୍ୟନ୍ତ କେହି ତା'ର ପରିଚୟ ପାଇ ନାହାନ୍ତି, ଏପରିକି ଅନୁଭବ କରି ନାହାନ୍ତି, ସଂଖ୍ୟାଧିକ ଲୋକେ ତାହାକୁ ସ୍ୱୀକାର ମଧ୍ୟ କରି ନାହାନ୍ତି । କିନ୍ତୁ ତାହା ଏଠାରେ ରହିଛି । ଏଠାରେ ରହିଛି, ପରିଣତି ସମ୍ପର୍କରେ ପୂର୍ଣ୍ଣ **ନିଶ୍ଚିତ** ରହି ବଢ଼ି ଉଠିବା ପାଇଁ ଉଦ୍ୟମ କରୁଛି ।'' ଏବେ ଏହି ନୂତନ ଜଗତର ବଢ଼ି ଉଠିବା କାମରେ ଅଂଶ ଗ୍ରହଣ କରିବା ପାଇଁ ଆମ ଆଗରେ ଏକ ସ୍ୱତନ୍ତ୍ର ସୁଯୋଗ ଉପସ୍ଥିତ ହୋଇଛି ।

କାରଣ ଏହା ଏକ ବିଶେଷ ପରିସ୍ଥିତି ଓ ଏ ଦିଗରେ ମା'ଙ୍କର ଏକ ବିଶେଷ ଶକ୍ତି କ୍ରିୟାଶୀଳ ଓ ସେହି ଶକ୍ତି ସଙ୍ଗେ ଏକାତ୍ମ ହେବାର ଏହା ଏକ ନୂତନ ସୁଯୋଗ । ଏହି ସୁଯୋଗ ଗ୍ରହଣ କରିବାରେ ବାଧା କେଉଁଠି ? ପ୍ରଧାନ ବାଧାଟି ହେଲା ଆମେ ଯେ ଦିବ୍ୟଜନନୀଙ୍କର ଅଂଶ ବିଶେଷ, ଆମ ମୂଳ ସ୍ୱରୂପରେ ଆମେ ଯେ ତାଙ୍କ ସହ ଏକ ଓ ଅଭିନ୍ନ ହୋଇ ରହିଛୁ, ଆମେ ସେହି ସତ୍ୟଟି ଭୁଲିଯାଉଛୁ । ଏହି ବିସ୍ମରଣର ମୂଳରେ ରହିଛି ଆମର ଏକ ପୃଥକ୍ 'ମୁଁ' ଭାବ ବା ଅହଂ-ବୋଧ । ସେହି ଅହଂବୋଧ କଟାଇବା ପାଇଁ ମା'ଙ୍କର ଆହ୍ୱାନର ଉତ୍ତର ଦେବାରେ ହିଁ ରହିଛି ଆମ ଜୀବନର ସାର୍ଥକତା । ମା କହିଛନ୍ତି, "You must strive, you must conquer all weaknesses and limitations; above all you must tell your ego : 'Your hour is gone.' We want a race that has no ego, that has in place of the ego the Divine Consciousness. It is that which we want : the Divine Consciousness which will allow the race to develop itself and the supramental being to take birth."

(MCW, Vol. 11, p. 307)

ଅର୍ଥାତ୍, ''ତୁମକୁ ଚେଷ୍ଟା କରିବାକୁ ହେବ, ସମସ୍ତ ଦୁର୍ବଳତାକୁ ଜୟ କରିବାକୁ ଏବଂ ସର୍ବୋପରି ତୁମର ଅହଂକୁ କହି ଦେବାକୁ ହେବ ଯେ, 'ତୋର ସମୟ ପୂରିଗଲା' । ଆମେ ଏପରି ଏକ ଜାତି ଚାହୁଁ ଯାହାର ଅହଂ ନାହିଁ ଓ ସେହି ଅହଂ ସ୍ଥାନରେ ରହିଛି ଭଗବତ୍ ଚେତନା । ଏହା ହିଁ ଆମେ ଚାହୁଁ; ସେହି ଭଗବତ୍ ଦିବ୍ୟ ଚେତନା ଯାହା ସେହି ଜାତିକୁ ଛାଡ଼ି ଦେବ ଆପେ ବିକଶିତ ହେବା ପାଇଁ ଓ ଅତିମାନସ ସତ୍ତାର ଜନ୍ମଲାଭ ପାଇଁ ।'' ❖

1948

Forward, for ever forward!

At the end of the tunnel
is the light...

At the end of the fight
is the victory!

Vol. LXIII, No. 4, NAVAJYOTI – 24 November 2020, R. N. 8889/63

ନବଜ୍ୟୋତି ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ପୁସ୍ତକମାନ ତଥା ନବପ୍ରକାଶ, ନବଜ୍ୟୋତି ପତ୍ରିକା ପାଇବା ନିମନ୍ତେ Draft ପଠାଇଲେ **Navajyoti Publication** ନାମରେ Draft କରିବାକୁ ଅନୁରୋଧ ।



**ବିଶେଷ ସୂଚନା :**

ଦିବ୍ୟଜନନୀ ଶ୍ରୀମାଙ୍କ ପଣ୍ଡିଚେରୀ ଆଗମନ ଶତବାର୍ଷିକୀର (୧୯୨୦-୨୦୨୦) ଶୁଭ ଅବସରରେ ପ୍ରକାଶିତ ହୋଇଛି

**ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ**

**(ପ୍ରଥମ ଖଣ୍ଡ)**

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ ଓ ଶିକ୍ଷା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।




୫୬୮ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୬୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)



Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**